# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ସୋମବାର, ଅଗଷ୍ଟ ୪/୨୦୨୫ (୧୨ ପୃଷ୍ଠା) | Bhubaneswar, Monday, August 4/2025 | Page 12 | ₹ 7.00 | BERHAMPUR

୫୧ଶ ଭାଗ ୨୫୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 250 | ମୂଲ୍ୟ ₹୭/-




## ହ୍ୟାରି ବ୍ରୁକ୍‌ଙ୍କ ଶତକ

ଭାରତ ବିପକ୍ଷ ୫ମ କ୍ରିକେଟ ଟେଷ୍ଟର ଚତୁର୍ଥ ଦିବସ ଖେଳରେ ଶତକ ହାସଲ କରିଛନ୍ତି ଇଂଲଣ୍ଡ ବ୍ୟାଟର ହ୍ୟାରି ବ୍ରୁକ୍।

୧୨

୦୨

## କମ୍‌ବ୍ୟାକ୍ କରୁଛନ୍ତି ପ୍ରିୟଙ୍କା

୨୦୨୬ରେ ରିଲିଜ୍ ହେବାକୁ ଥିବା 'ଲଭ୍ ଆଣ୍ଡ ୱାର୍' ଫିଲ୍ମରେ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରାଙ୍କୁ ଦେଖିବାକୁ ମିଳିପାରେ ବୋଲି ଏକ ରିପୋର୍ଟ ପ୍ରକାଶ ପାଇଛି।



## ଆଜିଠୁ ୩ ବର୍ଷିଆ ଇଣ୍ଟିଗ୍ରେଟେଡ୍ ବି.ଏଡ୍, ଏମ୍.ଏଡ୍ ନାମଲେଖା ଆବେଦନ

**ଭୁବନେଶ୍ୱର,୩।୮ (ସୁଚିସ୍ମିତା ସାହୁ)**

ତିନିବର୍ଷିଆ ଇଣ୍ଟିଗ୍ରେଟେଡ୍ ବି. ଏଡ୍ ଏବଂ ଏମ୍.ଏଡ୍ ନାମଲେଖା ପାଇଁ ସୋମବାରଠାରୁ ଆବେଦନ ଆରମ୍ଭ ହେବ। ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ରେଗୁଲାର ମୋଡ୍‌ରେ ପାଠପଢ଼ା ସୁବିଧା ଥିବାବେଳେ ସମ୍ବଲପୁର ବିଶ୍ୱବିଦ୍ୟାଳୟ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଏବଂ ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ସେଲ୍ଫ ଫାଇନାନ୍ସ ମୋଡ୍‌ରେ ପାଠପଢ଼ିବାକୁ ନାମଲେଖା ହେବ। ଏଥିପାଇଁ କୌଣସି ପ୍ରବେଶିକା ପରୀକ୍ଷା ଦେବାକୁ ପଡିବ ନାହିଁ। କେବଳ ମାର୍କ ଓ ସଂରକ୍ଷଣ ମାଧ୍ୟରେ ପାଠପଢ଼ି ପାରିବେ। ସୋମବାର ପୂର୍ବାହ୍ନ ୧୧ଟାରୁ ଛାତ୍ରୀଛାତ୍ର ସାମ୍ସ ପୋର୍ଟାଲରେ କମନ ଆପ୍ଲିକେଶନ ଫର୍ମ ମାଧ୍ୟମରେ ଆବେଦନ କରିପାରିବେ। ଆବେଦନର ଶେଷ ତାରିଖ ଅଗଷ୍ଟ ୧୭ ରହିଥିବା ବେଳେ ୧୮ ତାରିଖରେ ଫର୍ମର ସଂଶୋଧନ କରିପାରିବେ। ଅଗଷ୍ଟ ୨୨ରେ ପ୍ରଥମ ରାଉଣ୍ଡ୍ ପିଲାଙ୍କୁ ସିଟ ପ୍ରଦାନ କରାଯିବ। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଶିକ୍ଷାରେ ଚୋର**



ପ୍ରୟାଗରାଜରେ ବନ୍ୟା: ଉତ୍ତରପ୍ରଦେଶ ପ୍ରୟାଗରାଜ ରାଜାପୁର ଅଞ୍ଚଳରେ ଜଳମଗ୍ନ ଲୋକେ ଡଙ୍ଗାରେ ଯାତ୍ରା କରୁଛନ୍ତି।

# ଆନ୍ଧ୍ର ପଥର ଖଣି ବିସ୍ଫୋରଣରେ ୬ ଓଡ଼ିଆ ମୃତ

**ବ୍ରହ୍ମପୁର/ ଦିଗପହଣ୍ଡି/ ମୋହନା, ୩।୮ (ସୁବାସଚନ୍ଦ୍ର ପାଢ଼ୀ /ଅଶେଷନାଥ ମିଶ୍ର /ମନ୍ମଥ ମିଶ୍ର)**

- ୪ ଲକ୍ଷ ଲେଖାଏ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ
- ହସ୍ପିଟାଲରେ ୧୦ ଗୁରୁତର, ମୃତ୍ୟୁ ସଂଖ୍ୟା ବଢ଼ିବା ଆଶଙ୍କା

ଆନ୍ଧ୍ରପ୍ରଦେଶରେ ଏକ ପଥର ଖଣିରେ ରବିବାର ପୂର୍ବାହ୍ନରେ ବିସ୍ଫୋରଣ ବେଳେ ୬ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ୧୦ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଗଞ୍ଜାମ ଜିଲାର ୪ ଜଣ ଓ ଗଜପତି ଜିଲା ମୋହନା ଅଞ୍ଚଳର ୨ଜଣ ଥିବା ଜଣାପଡ଼ିଛି। ମୃତକମାନେ ହେଲେ ଦିଗପହଣ୍ଡି ବ୍ଲକ ଫାସିଗୁଡା ପଞ୍ଚାୟତ ବାଙ୍ଗରଡ଼ା ଗ୍ରାମର ବନମାଳୀ ବେହେରା (୩୦), ଚଷା ନିମଖଣ୍ଡିର ଗାଁର ଦଣ୍ଡ ବାଡତ୍ୟା (୪୮) ଓରଫ ବୁଢା, ଧରାକୋଟ ବ୍ଲକ କାସିଆ ଗ୍ରାମର ସନ୍ତୋଷ ଗୌଡ଼ (୩୬), ଗଞ୍ଜାମ ଅଞ୍ଚଳର ମୁସା ଜାନ, ଗଜପତି ଜିଲା ମୋହନା ଥାନା ଢେପାଗୁଡା ପଞ୍ଚାୟତ ଅଲରା ଗାଁର ଭାସ୍କର ବିଷୋୟୀ (୪୦) ଏବଂ ଟୁକୁନା ଦଳାଇ (୩୭)। ଗୁରୁତରଙ୍କ ପରିଚୟ ମିଳିପାରି ନ ଥିବା ବେଳେ ସେମାନଙ୍କୁ ସ୍ଥାନୀୟ ☞ପୃଷ୍ଠା-୪

# ବୋର୍ଡ ଉପସଭାପତି ଗିରଫ

ଓଡ଼ିଶା ଟିଚର୍ସ ଏଲିଜିବିଲିଟି ଟେଷ୍ଟ(ଓଟିଇଟି) ପ୍ରଶ୍ନପତ୍ର ଲିକ୍ ଘଟଣାରେ କ୍ରାଇମ୍‌ବ୍ରାଞ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଉପସଭାପତି ନୀହାର ରଞ୍ଜନ ମହାନ୍ତିଙ୍କୁ ରବିବାର ଗିରଫ କରିଛି। ପୂର୍ବରୁ ଏହି ଘଟଣାରେ ୭ଜଣ ଗିରଫ ହୋଇଛନ୍ତି। ଜୁଲାଇ ୨୦ରେ ପରୀକ୍ଷା ଧାର୍ଯ୍ୟ ହୋଇଥିବାବେଳେ ଏହାର ପୂର୍ବଦିନ ରାତିରେ ନୀହାରଙ୍କ ଲାପ୍‌ଟପ୍‌ରୁ ପ୍ରଶ୍ନପତ୍ର ଲିକ୍ ହୋଇଥିଲା ବୋଲି କ୍ରାଇମ୍‌ବ୍ରାଞ୍ଚ ଜାଣିବାକୁ ପାଇଛି। ଓଟିଇଟି ପ୍ରଶ୍ନପତ୍ର ସମ୍ପର୍କିତ ପାସ୍‌ୱାର୍ଡ ନୀହାରଙ୍କ ପାଖରେ ଥିଲା। ତାଙ୍କ ନିକଟରେ ଥିବା ସରକାରୀ ଲାପ୍‌ଟପ୍‌ରୁ ପାସ୍‌ୱାର୍ଡ ଡିଲିଟ ନ କରି ଡାଟା ଏଣ୍ଟ୍ରି ଅପରେଟର ଜିତନ ମହାରଣାଙ୍କୁ ଲାପ୍‌ଟପ୍ ଦେଇଥିଲେ ବୋଲି କହିବା କେଉଁଠି ନା କେଉଁଠି ତାଙ୍କର ଦାୟିତ୍ୱହୀନତାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ବିଶେଷକରି ଜିତନ ଡାଟା ଏଣ୍ଟ୍ରି ଅପରେଟର ହୋଇଥିବାବେଳେ ତାଙ୍କର ଓଟିଇଟି ପରୀକ୍ଷା ପରିଚାଳନାରେ କୌଣସି ଭୂମିକା ନାହିଁ, ଏହାସତ୍ତ୍ୱେ ତାଙ୍କ ସହ ନୀହାର ଗତ ୩ମାସ ମଧ୍ୟରେ ଅଫିସ କାର୍ଯ୍ୟ ସମୟ ପରେ ୧୦୦ ଥର ଫୋନ୍‌ରେ କଥା ହେବା ଟ୍ରାକିଂରୁ ଜଣାପଡ଼ିଛି। ଏଥିରୁ ନୀହାରଙ୍କ ପ୍ରଶ୍ନପତ୍ର ଲିକ୍ ଘଟଣାରେ ସମ୍ପୃକ୍ତି ରହିଥିବା ଜଣାପଡ଼ିବା ପରେ ତାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି, ତାଙ୍କୁ ରିମାଣ୍ଡରେ ଆଣି ଅଧିକ ପଚରାଉଚରା କରାଯିବ ବୋଲି କ୍ରାଇମ୍‌ବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର କହିଛନ୍ତି।

## ଓଟିଇଟି ପ୍ରଶ୍ନପତ୍ର ଲିକ୍‌ରେ ବଡ଼ମୁଣ୍ଡ



ନୀହାର ରଞ୍ଜନ ମହାନ୍ତି

**କଟକ,୩।୮ (କାର୍ତ୍ତିକ ସାହୁ)**

ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ଘଟଣାର ମୁଖ୍ୟ ଅଭିଯୁକ୍ତ ତଥା ବୋର୍ଡର ଡାଟା ଏଣ୍ଟ୍ରି ଅପରେଟର ଜିତନ ମହାରଣାଙ୍କ ସହ ଉପସଭାପତି ନୀହାର ରଞ୍ଜନ ମହାନ୍ତିଙ୍କ କାର୍ଯ୍ୟାଳୟ ସମୟ ପରେ ନିବିଡ଼ ସମ୍ପର୍କ ରହିଛି। ସେ ଜାଣିଶୁଣି ସବୁ କରିଛନ୍ତି। ପ୍ରଶ୍ନପତ୍ର ପ୍ରଘଟ ପାଇଁ ସମସ୍ତ ନିୟମକାନୁନ, ପ୍ରୋଟୋକଲ ଉପସଭାପତି ଭଙ୍ଗ କରିଥିବା ନିଶ୍ଚିତ ହେବା ପରେ ତାଙ୍କୁ ଗିରଫ କରାଯାଇଛି ବୋଲି କ୍ରାଇମ୍‌ବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ମାମଲାରେ ପୂର୍ବରୁ ୭ଜଣ ଗିରଫ ହୋଇଥିବା ବେଳେ ଏବେ ଗିରଫଦାରି ସଂଖ୍ୟା ୮ରେ ପହଞ୍ଚିଛି। ଆଗକୁ ଗିରଫଦାରି ଆହୁରି ବଢ଼ିବ ବୋଲି ଡିଜି ମିଶ୍ର କହିଛନ୍ତି।

କ୍ରାଇମ୍‌ବ୍ରାଞ୍ଚ ଡିଜି ମିଶ୍ରଙ୍କ ସୂଚନାନୁସାରେ, ଗତ କିଛି ଦିନ ତଳେ ଓଟିଇଟି ପ୍ରଶ୍ନପତ୍ର ପ୍ରଘଟର କପି ପାଇଥିଲୁ। ମୋବାଇଲରୁ ମୋବାଇଲ୍‌କୁ ପ୍ରଶ୍ନପତ୍ର ଓ ଉତ୍ତର ଘୂରି ବୁଲୁଥିଲା। ଏହାର ତଦନ୍ତ କରି ମୁଖ୍ୟ ଅଭିଯୁକ୍ତ ଜିତନଙ୍କୁ କ୍ରାଇମ୍‌ବ୍ରାଞ୍ଚ ଧରିଥିଲା। ତଦନ୍ତରୁ ଜଣାପଡ଼ିଥିଲା ଯେ, ଡାଟା ଏଣ୍ଟ୍ରି ଅପରେଟର ଜିତନଙ୍କ ପ୍ରଶ୍ନପତ୍ର ସେଟିଂରେ କୌଣସି ପ୍ରକାର ସମ୍ପୃକ୍ତି ନ ଥିଲା। ବୋର୍ଡର ବିଭିନ୍ନ କର୍ମଚାରୀ, ଅଧିକାରୀଙ୍କୁ ପଚରାଉଚରା ସହ ପ୍ରୋଟୋକଲ ଆଦି ବାବଦରେ ଖୋଳତାଡ଼ କରିବା ପରେ ଜଣାପଡ଼ିଥିଲା ଯେ, ଭୋପାଳର ଏକ କମ୍ପାନୀ ପ୍ରେସ୍‌ରେ ପ୍ରଶ୍ନପତ୍ର ଛପା ହେଉଥିଲା। ସେହି ପ୍ରେସ୍ ସହ ବୋର୍ଡର ଉପସଭାପତି ☞ପୃଷ୍ଠା-୪


## Government of Odisha
### Higher Education Department

**Timeline for e-admission into 3 year Integrated B.Ed-M.Ed. courses in the Higher Education Institutions for the Academic Session 2025-26 under SAMS**

**No.N-142** : It is for information of all concerned that admission into 3 year integrated B.Ed.-M.Ed. course will be held at the below mentioned HEIs under SAMS for the Academic Session:- 2025-26. Accordingly, the candidates are hereby instructed to fill-up the Common Application Form by Visiting the SAMS Portal as per the timeline mentioned below. The Information Brochure for the said course is available on the SAMS portal. Please refer to the Information Brochure before filling up the CAF. The key points for admission into 3 Year Integrated B.Ed.-M.Ed. course for the current Academic Year 2025-26 are as follows.

1. The following HEIs are included under SAMS for admission into 3 Year Integrated B.Ed.-M.Ed. Courses for the academic session: - 2025-26.
   **a. Maharaja Sriram Chandra Bhanjadeo University, Baripada, Mayurbhanj 50 seats (Regular Mode)**
   **b. Sambalpur University, Sambalpur- 50 seats (Self-Financing Mode)**
   **c. Rajendra University, Bolangir- 50 seats (Self-Financing Mode)**
   **d. Fakir Mohan University, Balasore- 50 seats (Self-Financing Mode)**
2. Provisional allotment of seats will be prepared through centralized selection process (i.e. Freeze and slide) on the basis of the Career marks (%) and reservation. The detailed admission procedure is provided in the Information Brochure. No Entrance Examination will be held for admission into the said course.
3. The applicants who have passed the Post Graduate (P.G.) examination only in Science/ Social Science & Humanities subjects (Please refer the Information Brochure for eligible Subjects) from a recognized Institution shall be eligible for admission into this 3 years Integrated B.Ed.- M.Ed. courses.

Any Change in the timeline will be published on the website https://imed.samsodisha.gov.in/. The applicants are request to read the Information Brochure carefully.

| Sl# | Activities | Timeline |
|---|---|---|
| 1 | Student's Activity<br>Availability of online Common Application Form (CAF) on the website www.samsodisha.gov.in | 04-Aug-2025 (11:00 AM) (Monday) |
| 2 | Student's Activity<br>Last date for applying online CAF through www.samsodisha.gov.in | 17-Aug-2025 (11:45 PM) (Sunday) |
| 3 | Student's Activity<br>Editing of the CAF in Online Mode (If required) for the CAF submitted earlier (No fresh CAF will be allowed on this day) | 18-Aug-2025 (11.00 AM to 11.45 PM) (Monday) |
| 4 | 1st Round<br>Publication of Provisional Allotment of Seats (For First Round Selection) | 22-Aug-2025 (Friday) (02.00 PM) |
| 5 | Student's Activity<br>Selection of Slide/ Freeze Option and Online payment of admission fees by the selected students through SAMS [Student's Account] portal | 22-Aug-2025 (04.00 PM) (Friday) to 26-Aug-2025 (03.00 PM) (Tuesday) |
| 6 | Student's Activity<br>Reporting of applicants at allotted institutions for taking admission (for First Round Selection) (Applicants who have chosen the Freeze option (done payment) will only be required to report for admission) | 23-Aug-2025 (10.00 AM) (Saturday) to 26-Aug-2025 (05.00 PM) (Tuesday) (Except Holiday) |
| 7 | HEI's Activity<br>Data updation of admitted students in the e-space (for First Round Admission) by the respective Institutions | 23-Aug-2025 (10.00 AM) (Saturday) to 26-Aug-2025 (11.45 PM) (Tuesday) |
| 8 | 2nd / Final Round<br>Publication of Provisional Allotment of Seats (for Second Round Selection) | 01-Sep-2025 (Monday) (02.00 PM) |
| 9 | Student's Activity<br>(Selection of FREEZE OPTION) & Online payment of admission fees by the selected students through SAMS (Student's login) portal | 01-Sep-2025 (04.00 PM) (Monday) to 04-Sep-2025 (03.00 PM) (Thursday) |
| 10 | Student's Activity<br>Reporting of applicants at allotted institutions for taking admission (for Second/ Final Round Selection) | 02-Sep-2025 (10.00 AM) (Tuesday) to 04-Sep-2025 (05.00 PM) (Thursday) (Except Holiday) |
| 11 | HEIs Activity<br>Data updation of admitted students in the e-space (for Second / Final Round Admission) by the respective Institutions | 02-Sep-2025 (10.00 AM) (Tuesday) to 04-Sep-2025 (11.45 PM) (Thursday) |
| 12 | 3rd (Waiting List/Spot) Round<br>Student's Activity<br>Publication of merit wise waiting list at the HEIs e-space as well as the waiting Rank in the Student's login | 08-Sep-2025 (04:00 PM) (Monday) |
| 13 | Institution Activity:<br>Publication of selected and waitlisted applicant's list by the HEIs at their Notice Board/ Website and the HEIs will also communicate to the applicants via phone call/SMS /whatsapp /e-mail etc. (in 1:50 ratio as per vacancy) | 09-Sep-2025 (Tuesday) (03.00 PM) |
| 14 | Reporting of selected applicants of waitlisted round to take admission in one of the selected HEIs, where the total/differential admission fees will be deposited directly at the HEIs in online mode (Net Banking/ Bank Challan/NEFT/UPI etc.) | 10-Sep-2025 (Wednesday) & 11-Sep-2025 (Thursday) (10.00 AM to 05.00 PM) |
| 15 | Reporting of waiting applicants in waitlisted round to take admission in one of the selected HEIS, where the total/differential admission fees will be deposited directly at the HEIs in online mode (Net Banking/ Bank Challan/NEFT/UPI etc.) | 12-Sep-2025 (Friday) & 13-Sep-2025 (Saturday) (10.00 AM to 05.00 PM) |
| 16 | Admission Updation of the student's data by the HEIs in their e-Space | 10-Sep-2025 (Wednesday) & 13-Sep-2025 (Saturday) (11.45 PM) |
| 17 | Timeline for commencement of 1st year classes for B.Ed., B.H.Ed., M.Ed. for the AY 2025-26 | 08-Sep-2025 (Monday) |

**For more details please contact : e-Admission Helpline (Toll Free) Number 155335 / 1800-345-6770**

**Sd./- Deputy Director**
**PTC Section**

**OIPR-11001/11/0098/2526**


## ସରଯୁ କେନାଲକୁ ବୋଲେରୋ ଖସି ୧୧ ମୃତ

**ଲକ୍ଷ୍ନୌ,୩।୮**

ଉତ୍ତରପ୍ରଦେଶର ଗୋଣ୍ଡା ଜିଲା ଅନ୍ତର୍ଗତ ସରଯୁ କେନାଲରେ ରବିବାର ଏକ ବୋଲେରୋ ଖସିପଡ଼ିବାରୁ ଅନ୍ୟୂନ ୧୧ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ଘଟିବା ସହ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ସିହାଗାଁଓ ଗ୍ରାମରୁ ତୀର୍ଥଯାତ୍ରୀମାନେ ଖାର୍ଗୁପୁରର ପୃଥ୍ୱୀନାଥ ମନ୍ଦିରରେ ଜଳଲାଗି କରିବାକୁ ଯାଉଥିବାବେଳେ ବେଲୱା ବାହୁଟାଠାରେ ଦୁର୍ଘଟଣା ଘଟିଛି। ଉକ୍ତ ବୋଲେରୋରେ ଡ୍ରାଇଭର ସମେତ ୧୫ ଜଣ ଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାରକାରୀ ଟିମ୍ ବୁଡ଼ିରହିଥିବା ଗାଡ଼ି ଭିତରୁ ମୃତଦେହଗୁଡ଼ିକୁ ବାହାର କରିଛି। ଆହତ ୪ ଜଣଙ୍କୁ ଗୁରୁତର ଅବସ୍ଥାରେ ନିକଟବର୍ତ୍ତୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଓ ଆହତମାନଙ୍କୁ ୫୦ ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ କରିବାକୁ କହିଛନ୍ତି।

## ୩ ଜିଲାରେ ପ୍ରବଳ ବର୍ଷିବ, ୧୭ ଜିଲାକୁ ବଜ୍ରପାତ ସତର୍କତା

**ଭୁବନେଶ୍ୱର,୩।୮ (ଅନୁରାଧା ମହାରଣା)**

ରାଜ୍ୟରେ ମୌସୁମୀ ବର୍ଷା ଜାରି ରହିଛି। ରବିବାର ଚାନ୍ଦବାଲିରେ ସର୍ବାଧିକ ୫୨.୬ ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ ବାଲେଶ୍ୱରରେ ୧୪.୦ ମିମି, ଭଦ୍ରକରେ ୧୦.୦ ମିମି, କେନ୍ଦ୍ରପଡ଼ାରେ ୬.୪ ମିମି, ରାଉରକେଲାରେ ୩.୧ ମିମି, ଯାଜପୁରରେ ୧.୫ ମିମି, ଭୁବନେଶ୍ୱରରେ ୧.୪ ମିମି, ହୀରାକୁଦ ଓ ଝାରସୁଗୁଡ଼ାରେ ୦.୪ ମିମି ବର୍ଷା ହୋଇଛି। ସୋମବାର ଉତ୍ତର ଓଡ଼ିଶା ସମେତ ଦକ୍ଷିଣ ଓଡ଼ିଶାର କେତେକ ସ୍ଥାନରେ ବଜ୍ରପାତ ସହ ହାଲୁକାରୁ ମଧ୍ୟମ ଧରଣ ☞ପୃଷ୍ଠା-୪




## ସଂକ୍ଷେପରେ

### ଆମେରିକାରେ କାର୍ ଦୁର୍ଘଟଣାରେ ୪ ଭାରତୀୟ ବଂଶୋଦ୍ଭବଙ୍କ ମୃତ୍ୟୁ

ନୂଆଦିଲ୍ଲୀ,୩।୮

ଆମେରିକାରେ ଭ୍ରମଣ ପାଇଁ ଯାଇ ନିଖୋଜ ଥିବା ୪ ଜଣ ଭାରତୀୟ ବଂଶୋଦ୍ଭବ ବରିଷ୍ଠ ନାଗରିକଙ୍କର କାର୍ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଶନିବାର ରାତି ୯ଟା ୩୦ ମିନିଟ୍ ସମୟରେ ୱେଷ୍ଟ ଭର୍ଜିନିଆର ମାର୍ଶାଲ କାଉଣ୍ଟି ଅନ୍ତର୍ଗତ ବିଗ୍ ୱ୍ହିଲିଂ କ୍ରିକ୍ ରୋଡ୍‌ରେ ଏକ ଟୟୋଟା କାମ୍ରି କାର୍‌କୁ ଠାବ କରାଯାଇଛି। ମୃତକମାନେ ହେଲେ ଆଶା ଦିବାନ, କିଶୋର ଦିବାନ, ଶୈଳେଶ ଦିବାନ ଓ ଗୀତା ଦିବାନ। ପିଟ୍ସବର୍ଗ ଯିବା ବାଟରେ ସେମାନେ ନିଖୋଜ ହୋଇଯାଇଥିଲେ। ସେଠାରୁ ସେମାନେ ୱେଷ୍ଟ ଭର୍ଜିନିଆର ମାଉଣ୍ଡସ୍‌ଭିଲେ ଯିବାକୁ ଯୋଜନା କରିଥିଲେ ଓ ପ୍ରଭୁପାଦଙ୍କ ପ୍ୟାଲେସ୍ ଅଫ୍ ଗୋଲ୍ଡରେ ରହିବା ପାଇଁ ଆଗୁଆ ଅର୍ଥ ପୈଠ କରିଥିଲେ। ସେମାନଙ୍କୁ ଖୋଜି ବାହାର କରିବା ପାଇଁ ଶୁକ୍ରବାର ହେଲିକପ୍ଟର ନିୟୋଜିତ କରାଯାଥିଲେ ମଧ୍ୟ ସେମାନଙ୍କ ଗାଡ଼ିର ସନ୍ଧାନ ମିଳି ନ ଥିଲା।

### ତାମିଲନାଡୁ ଭୋଟର ତାଲିକାରେ ୬.୫ ଲକ୍ଷ ପ୍ରବାସୀ ଶ୍ରମିକଙ୍କୁ ସାମିଲ କରାଯାଇଛି: ଚିଦାମ୍ବରମ୍



ନୂଆଦିଲ୍ଲୀ,୩।୮

ତାମିଲନାଡୁ ଭୋଟର ତାଲିକାରେ ପ୍ରାୟ ୬.୫ ଲକ୍ଷ ପ୍ରବାସୀ ଶ୍ରମିକଙ୍କୁ ସାମିଲ କରାଯାଇଥିବା ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମ ଅଭିଯୋଗ ଆଣିବା ସହ ନିର୍ବାଚନ କମିଶନ (ଇସି)ଙ୍କୁ ସମାଲୋଚନା କରିଛନ୍ତି। ଅନ୍ୟ ପକ୍ଷରେ ବିହାର ଭୋଟର ତାଲିକାରୁ ପ୍ରାୟ ୬୫ ଲକ୍ଷ ଲୋକଙ୍କୁ ସ୍ଥାୟୀ ଭାବେ ସ୍ଥାନାନ୍ତର ହୋଇଥିବା ଦର୍ଶାଇ ବାଦ୍ ଦିଆଯାଇଥିବା ସେ କହିଛନ୍ତି। ଭୋଟର ତାଲିକାର ସ୍ପେଶାଲ ଇଣ୍ଟେନ୍‌ସିଭ୍ ରିଭିଜନ (ଏସ୍ଆଇଆର୍) ଚିନ୍ତାଜନକ ଏବଂ ସ୍ପଷ୍ଟ ଭାବରେ ଅବୈଧ ବୋଲି ଚିଦାମ୍ବରମ୍ କହିବା ସହ ନିର୍ବାଚନ କମିଶନଙ୍କ ଦ୍ୱାରା କ୍ଷମତାର ଦୁରୁପଯୋଗ ହେଉଥିବା ଅଭିଯୋଗ କରିଛନ୍ତି। ଏହା ବିରୋଧରେ ରାଜନୈତିକ ଓ ଆଇନଗତ ଭାବେ ଲଢ଼େଇ କରିବାକୁ ହେବ ବୋଲି କଂଗ୍ରେସ ନେତା କହିଛନ୍ତି। ବିହାରରୁ ଅନେକ ଲକ୍ଷ ଲୋକ ସ୍ଥାୟୀ ଭାବେ ସ୍ଥାନାନ୍ତର ହୋଇଥିବା ଦର୍ଶାଇ ସେମାନଙ୍କୁ ଚିଠା ଭୋଟର ତାଲିକାରୁ ବାଦ୍ ଦେବା ଆବଶ୍ୟକ ବୋଲି ଇସି ନିର୍ଦ୍ଧାରଣ କଲେ କିପରି। ଏଭଳି ସିଦ୍ଧାନ୍ତରେ ପହଞ୍ଚିବା ପୂର୍ବରୁ ପ୍ରତି ମାମଲା ଆଧାରରେ ଉପଯୁକ୍ତ ତଦନ୍ତ କରାଯିବା ଆବଶ୍ୟକ। ୩୦ ଦିନ ମଧ୍ୟରେ ୩୭ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ସମ୍ପର୍କରେ ଏଭଳି ଯାଞ୍ଚ କିପରି ହୋଇପାରିବ ବୋଲି ଚିଦାମ୍ବରମ୍ ପ୍ରଶ୍ନ କରିଛନ୍ତି।

# ରୁଷିଆରୁ ତୈଳ କିଣିବା ବନ୍ଦ କରିଥିଲେ ଭାରତୀୟ କମ୍ପାନୀ

## ଆମଦାନୀ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇ ନାହିଁ: ସୂତ୍ର

ନୂଆଦିଲ୍ଲୀ,୩।୮



ଚଳିତ ମାସରେ ରିହାତି ହ୍ରାସ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଚେତାବନୀ କାରଣରୁ ଭାରତୀୟ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ଗତ ସପ୍ତାହରେ ରୁଷିଆରୁ ତେଲ କିଣିବା ବନ୍ଦ କରିଥିବା ଏକ ସୂତ୍ରରୁ କୁହାଯାଇଛି। ଇଣ୍ଡିଆନ ଅଏଲ୍ କର୍ପୋରେଶନ, ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେଶନ, ଭାରତ ପେଟ୍ରୋଲିୟମ୍ କର୍ପୋରେଶନ ଏବଂ ମାଙ୍ଗାଲୋର ରିଫାଇନାରି ପେଟ୍ରୋକେମିକାଲ ଲିଃ ଗତ ସପ୍ତାହରେ ରୁଷିଆରୁ ଅଶୋଧିତ ତୈଳ ଆମଦାନୀ କରିନାହାନ୍ତି। ଏହି କମ୍ପାନୀଗୁଡ଼ିକର ତୈଳ କିଣା ଯୋଜନା ସମ୍ପର୍କରେ ଜାଣିଥିବା ୪ଟି ସୂତ୍ର ରଏଟର୍ସକୁ ଏହା ଜଣାଇଥିଲେ। ରଏଟର୍ସ ଏହା ଉପରେ ପ୍ରଶ୍ନ କରିବାରୁ ଭାରତର ପେଟ୍ରୋଲିୟମ୍ ମନ୍ତ୍ରଣାଳୟ ତୁରନ୍ତ କୌଣସି ପ୍ରତିକ୍ରିୟା ଦେଇ ନ ଥିଲା। ଭାରତ ବିଶ୍ୱର ତୃତୀୟ ସର୍ବାଧିକ ତୈଳ ଆମଦାନୀକାରୀ ହୋଇଥିବାବେଳେ ରୁଷିଆରୁ ସର୍ବାଧିକ ଅଶୋଧିତ ତେଲ କିଣିଥାଏ। ଉପରୋକ୍ତ କମ୍ପାନୀଗୁଡ଼ିକ ରୁଷିଆରୁ ତୈଳ ଦୈନନ୍ଦିନ ଆଧାରରେ କିଣିଥାନ୍ତି ଏବଂ ଯୋଗାଣରେ ପରିବର୍ତ୍ତନ ବିଶେଷ କରି ଆବୁଧାବିର ମର୍ବାନ କ୍ରୁଡ୍ ଓ ପଶ୍ଚିମ ଆଫ୍ରିକୀୟ ତୈଳ ପାଇଁ ସ୍ପଟ୍ ମାର୍କେଟକୁ ଯାଇଥାନ୍ତି। ଘରୋଇ ରିଫାଇନାରୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଏବଂ ନାୟାରା ଏନର୍ଜି ରୁଷିଆର ବଡ଼ ତୈଳ କ୍ରେତା ହୋଇଥିବାବେଳେ ରାଷ୍ଟ୍ରାୟତ୍ତ ରିଫାଇନାରୀଗୁଡ଼ିକ ଭାରତର ଦୈନିକ ବିଶୋଧନ ସାମର୍ଥ୍ୟ ୫.୨ ନିୟୁତ ବ୍ୟାରେଲ୍‌ର ୬୦ ପ୍ରତିଶତରୁ ଊର୍ଦ୍ଧ୍ୱ ନିୟନ୍ତ୍ରଣ କରିଥାନ୍ତି। ସୂଚନାଯୋଗ୍ୟ, ୟୁକ୍ରେନ୍ ସହ ମସ୍କୋ ଶାନ୍ତି ଚୁକ୍ତିରେ ନ ପହଞ୍ଚିବା ପର୍ଯ୍ୟନ୍ତ ରୁଷିଆରୁ ତୈଳ କିଣୁଥିବା ଦେଶଗୁଡ଼ିକ ଉପରେ ୧୦୦ ପ୍ରତିଶତ ଟାରିଫ୍ ଲଗାଇବାକୁ ଜୁଲାଇ ୧୪ରେ ଟ୍ରମ୍ପ ଧମକ ଦେଇଥିଲେ।

ଅନ୍ୟପକ୍ଷରେ ଆମେରିକାର ଚେତାବନୀ ସତ୍ତ୍ୱେ ରୁଷିଆରୁ ଅଶୋଧିତ ତୈଳ କିଣିବା ବନ୍ଦ କରିବାକୁ ତୈଳ କମ୍ପାନୀଗୁଡ଼ିକୁ ଭାରତ କୌଣସି ନିର୍ଦ୍ଦେଶନାମା ଜାରି କରି ନ ଥିବା ବ୍ଲୁମ୍‌ବର୍ଗରେ ରିପୋର୍ଟ ପ୍ରକାଶ ପାଇଛି। ଭାରତ ଏହାର ଇନ୍ଧନ ସୁରକ୍ଷା ନିମନ୍ତେ ମସ୍କୋ ସହିତ ସଫଳ କୂଟନୈତିକ ସମ୍ପର୍କ ବଜାୟ ରଖିଥିବାବେଳେ ଟ୍ରମ୍ପଙ୍କ ସହ ଉତ୍ତେଜନାରୁ ବର୍ତ୍ତିବା ପାଇଁ ଉଦ୍ୟମ କରୁଛି। ଏହି ଘଟଣା ସହ ଜଡ଼ିତ ବ୍ୟକ୍ତି ପ୍ରସଙ୍ଗର ସମ୍ବେଦନଶୀଳତା ଦୃଷ୍ଟିରୁ ନିଜ ନାମ ଗୋପନ ରଖିବା ସର୍ତ୍ତରେ ବ୍ଲୁମ୍‌ବର୍ଗକୁ ଉପରୋକ୍ତ ସୂଚନା ଦେଇଛନ୍ତି। ରୁଷିଆରୁ ତୈଳ ଆମଦାନୀ ବନ୍ଦ କରିବା ନେଇ ସରକାରୀ ଭାବେ କୌଣସି ନିଷ୍ପତ୍ତି ହୋଇ ନ ଥିବା ସେ କହିଛନ୍ତି। ରାଷ୍ଟ୍ରାୟତ୍ତ ଏବଂ ଘରୋଇ ରିଫାଇନରଗୁଡ଼ିକ ବାଣିଜ୍ୟିକ ବିଚାର ଆଧାରରେ ତୈଳ କିଣିବା ଜାରି ରଖିଛନ୍ତି ଓ ସେମାନଙ୍କୁ ନିଜ ପସନ୍ଦର ଯୋଗାଣକାରୀଙ୍କଠାରୁ କିଣିବା ପାଇଁ ଅନୁମତି ଦିଆଯାଇଛି।

# ତଦନ୍ତ ପାଇଁ ଇପିଆଇସି କାର୍ଡ ହସ୍ତାନ୍ତର କରିବାକୁ ତେଜସ୍ୱୀଙ୍କୁ ଇସି ନୋଟିସ



ତେଜସ୍ୱୀ ଯାଦବ

ପାଟନା,୩।୮(ପି.ଟି.)

ଆନୁଷ୍ଠାନିକ ଭାବେ ଇସ୍ୟୁ ହୋଇ ନ ଥିବା ସତ୍ତ୍ୱେ ଆର୍‌ଜେଡି ନେତା ତେଜସ୍ୱୀ ଯାଦବଙ୍କ ପାଖରେ ଦ୍ୱିତୀୟ ଭୋଟର ପରିଚୟପତ୍ର (ଇପିଆଇସି କାର୍ଡ) ରହିଥିବା ଅଭିଯୋଗ ହୋଇଛି। ଏହାର ତଦନ୍ତ ନିମନ୍ତେ ଉକ୍ତ କାର୍ଡକୁ ହସ୍ତାନ୍ତର କରିବାକୁ ନିର୍ବାଚନ କମିଶନ (ଇସି) ରବିବାର ତେଜସ୍ୱୀଙ୍କୁ ନୋଟିସ ଜାରି କରିଛନ୍ତି। ବିହାର ବିଧାନସଭାର ବିରୋଧୀ ଦଳ ନେତା ତେଜସ୍ୱୀ ଶନିବାର ଉକ୍ତ ଇପିଆଇସି ନମ୍ବରରେ ଅନ୍‌ଲାଇନ ତଲାସି କରିଥିଲେ ମଧ୍ୟ ତାଙ୍କ ନାମ ଚିଠା ଭୋଟର ତାଲିକାରେ ନ ଥିବା ଅଭିଯୋଗ କରିଥିଲେ। ଦୀଘା ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ନିର୍ବାଚନ ପଞ୍ଜୀକରଣ ଅଫିସର ଥିବା ପାଟନା ସଦର ଏସ୍‌ଡିଏମ୍ ତେଜସ୍ୱୀଙ୍କୁ ଲେଖିଥିବା ପତ୍ରରେ କହିଛନ୍ତି, ଶନିବାର ଖବରଦାତା ସମ୍ମିଳନୀରେ ଆପଣ ଦର୍ଶାଇଥିବା ଇପିଆଇସି ନମ୍ବର ଆନୁଷ୍ଠାନିକ ଭାବେ ଇସ୍ୟୁ ହୋଇ ନ ଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ତେଣୁ ସବିଶେଷ ତଦନ୍ତ ପାଇଁ ଉକ୍ତ ଇପିଆଇସି କାର୍ଡକୁ ହସ୍ତାନ୍ତର କରିବାକୁ ନିବେଦନ କରାଯାଉଛି। ଇପିଆଇସି ନମ୍ବର ବଦଳିଥିବା ଆର୍‌ଜେଡି ନେତା ଅଭିଯୋଗ କରିଥିବାବେଳେ ଜିଲାପାଳ ତାହାକୁ ଗ୍ରହଣ କରିନାହାନ୍ତି। ୨୦୨୦ ବିଧାନସଭା ନିର୍ବାଚନ ବେଳେ ତେଜସ୍ୱୀ ସତ୍ୟପାଠରେ ତାଙ୍କ ଇପିଆଇସି ନମ୍ବର ଦର୍ଶାଇଥିଲେ। ଯଦି ତାଙ୍କ ପାଖରେ ଅନ୍ୟ ନମ୍ବରରେ ଆଉ ଏକ ଇପିଆଇସି କାର୍ଡ ରହିଛି, ତେବେ ତାହା ତଦନ୍ତର ବିଷୟ ବୋଲି ଜିଲାପାଳ କହିଛନ୍ତି।

# ରେକର୍ଡରୁ ଅସ୍ୱାଭାବିକ ମୃତ୍ୟୁ ମାମଲା ହଟାଇଥିଲା ପୋଲିସ

## ଧର୍ମସ୍ଥଳ ଗଣକବର ମାମଲା

## ଆର୍‌ଟିଆଇ ଆବେଦନରୁ ମିଳିଲା ବଳିଷ୍ଠ ପ୍ରମାଣ

ବେଙ୍ଗାଲୁରୁ,୩।୮

କର୍ଣ୍ଣାଟକର ଧର୍ମସ୍ଥଳ ସହରସ୍ଥିତ ବେଲଥାଙ୍ଗଡ଼ିରେ ବହୁସଂଖ୍ୟାରେ ମହିଳା ଓ ଯୁବତୀଙ୍କୁ ବଳାତ୍କାର ଓ ହତ୍ୟା ପରେ ପୋତି ଦିଆଯାଇଥିବା ଅଭିଯୋଗକୁ ନେଇ ଉତ୍ତେଜନା ଜାରି ରହିଥିବାବେଳେ ସୂଚନା ଜାଣିବା ଅଧିକାର (ଆର୍‌ଟିଆଇ) ବଳରେ ମିଳିଥିବା ଏକ ଉତ୍ତରରୁ ଏହାର ବଳିଷ୍ଠ ପ୍ରମାଣ ସାମ୍ନାକୁ ଆସିଛି। ମିଳିଥିବା ସୂଚନା ଅନୁଯାୟୀ, ବେଲଥାଙ୍ଗଡ଼ି ପୋଲିସ ୨୦୦୦ରୁ ୨୦୧୫ ମଧ୍ୟରେ ଘଟିଥିବା ସମସ୍ତ ଅସ୍ୱାଭାବିକ ମୃତ୍ୟୁ ମାମଲାକୁ କୌଶଳକ୍ରମେ ରେକର୍ଡରୁ ହଟାଇ ଦେଇଥିଲା। ଉକ୍ତ ସମୟ ମଧ୍ୟରେ ଧର୍ମସ୍ଥଳରେ ସ୍ୱଳ୍ପବୟସ୍କା ଯୁବତୀ ଓ ମହିଳାମାନଙ୍କୁ ମାରି ପୋତି ଦିଆଯାଇଥିବା ଅଭିଯୋଗ ହୋଇଥିଲା। ଅନ୍ୟପକ୍ଷରେ ଏଭଳି ସମସ୍ତ ଦସ୍ତାବିଜ୍, ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ, ପୋଷ୍ଟର, ବିଜ୍ଞାପନ ଏବଂ ଅଜଣା ମୃତଦେହ ଚିହ୍ନଟ ପାଇଁ ବ୍ୟବହୃତ ଫଟୋଗୁଡ଼ିକୁ ନିୟମିତ ପ୍ରଶାସନିକ ନିର୍ଦ୍ଦେଶକ୍ରମେ ନଷ୍ଟ କରିଦିଆଯାଇଥିଲା ବୋଲି ପୋଲିସ କହିଛି।

ଉପରୋକ୍ତ ତଥ୍ୟ ଜଣାପଡ଼ିବା ପରେ ଆର୍‌ଟିଆଇ କର୍ମୀ ଜୟନ୍ତ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍ଆଇଟି)ରେ ଆନୁଷ୍ଠାନିକ ଭାବେ ଅଭିଯୋଗ ଦାଏର କରିଛନ୍ତି। ଜଣେ କମ୍ ବୟସ୍କାଙ୍କ ମୃତଦେହକୁ ବେଆଇନ ଭାବେ ପୋତି ଦିଆଯାଇଥିବାର ସେ ସାକ୍ଷୀ ବୋଲି ଦାବି କରିଛନ୍ତି। ତାଙ୍କ କହିବା ଅନୁଯାୟୀ, ଆଇନଗତ ପ୍ରୋଟୋକଲ୍‌କୁ ଖୋଲାଖୋଲି ଭାବେ ଉଲ୍ଲଂଘନ କରାଯାଇଥିଲା। ସେହି ସମୟରେ ବହୁ ଅଫିସର ଉପସ୍ଥିତ ଥିଲେ। ଜୟନ୍ତଙ୍କ ଆନୁଷ୍ଠାନିକ ଅଭିଯୋଗ ପରେ ଏସ୍ଆଇଟି ଏତଲା ଦାଏର କରି ତଦନ୍ତକୁ ଜୋର୍‌ଦାର କରିବା ଆଶା କରାଯାଉଛି। ସୂଚନାଯୋଗ୍ୟ, ଜୁଲାଇ ୪ରେ ଜଣେ ହ୍ୱିସିଲବ୍ଲୋୟର ଯୁବତୀମାନଙ୍କ ଗଣକବର ସମ୍ପର୍କରେ ଧର୍ମସ୍ଥଳ ଥାନାରେ ଅଭିଯୋଗ କରିବା ସହ ଏହାର ଉପଯୁକ୍ତ ତଦନ୍ତ ଦାବି କରିଥିଲେ। ହ୍ୱିସିଲବ୍ଲୋୟରଙ୍କୁ ପୂର୍ବରୁ ସେଠାରେ ୨୦ ବର୍ଷ ଧରି ସଫେଇ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା। ସେହି ସମୟ ମଧ୍ୟରେ ଯୁବତୀ ଓ ମହିଳାମାନଙ୍କୁ ବଳାତ୍କାର କରାଯିବା ପରେ ହତ୍ୟା କରି ସେମାନଙ୍କ ମୃତଦେହଗୁଡ଼ିକୁ ପୋତା ଯାଉଥିଲା। ଘଟଣା ସମ୍ପର୍କରେ ପ୍ରଘଟ ନ କରିବା ପାଇଁ ତାଙ୍କୁ ଧମକ ଦିଆଯାଇଥିଲା ବୋଲି ହ୍ୱିସିଲ୍‌ବ୍ଲୋୟର କହିବା ସହ ପୀଡ଼ିତାମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ ସେଠାରୁ ଅନେକ ଶହ ମୃତଦେହ ଖୋଳିବାକୁ ଦାବି କରିଥିଲେ।

# ଇସ୍ରାଏଲୀ ପଣବନ୍ଦୀ ନିଜ କବର ଖୋଳୁଥିବା ଭିଡିଓ ଜାରିକଲା ହମାସ୍

ଗାଜା ଷ୍ଟ୍ରିପ୍,୩।୮



ଗାଜାରେ ଇସ୍ରାଏଲୀ ପଣବନ୍ଦୀ ଏଭ୍ୟାଟାର ଡାଭିଡ୍ ନିଜ ପାଇଁ କବର ଖୋଳୁଥିବାର ଏକ ଭିଡିଓ ପାଲେଷ୍ଟିନୀୟ ଆତଙ୍କବାଦୀ ସଂଗଠନ ହମାସ୍ ପକ୍ଷରୁ ଶନିବାର ଜାରି କରାଯାଇଛି। ଉକ୍ତ ଭିଡିଓରେ ଡାଭିଡ୍ ଅତ୍ୟନ୍ତ ଦୁର୍ବଳ ଦେଖାଯିବା ସହ ଏକ ଗାତ ଖୋଳୁଥିବା ଦେଖିବାକୁ ମିଳିଛି। ଡାଭିଡ୍ ହିବ୍ରୁ ଭାଷାରେ କହିଛନ୍ତି, ଦିନକୁ ଦିନ ମୋ ଶରୀର କ୍ଷୀଣ ହେବାରେ ଲାଗିଛି। ମୁଁ ସିଧା ମୋ କବରକୁ ଯାଉଛି। ଏହା ହେଉଛି ସେହି କବର, ଯେଉଁଠି ମୋତେ ପୋତାଯିବ। ମୁକ୍ତ କରିବାର ସମୟ ଅତିବାହିତ ହୋଇଯାଇଛି ବୋଲି ଡାଭିଡ୍ କାନ୍ଦିକାନ୍ଦି କହୁଥିବା ଦେଖିବାକୁ ମିଳିଛି।

# ୪ ସ୍ପାଇସ୍‌ଜେଟ୍ କର୍ମଚାରୀଙ୍କୁ ସେନା ଅଧିକାରୀଙ୍କ ମରଣାନ୍ତକ ଆକ୍ରମଣ



ଶ୍ରୀନଗର, ୩।୮

ଶ୍ରୀନଗର ଏୟାରପୋର୍ଟରେ ଭାରତୀୟ ସେନାର ଜଣେ ଲ୍ୟୁଟ୍‌ନାଣ୍ଟ କଲୋନେଲ ରିତେଶ କୁମାର ସିଂଙ୍କ ମରଣାନ୍ତକ ଆକ୍ରମଣରେ ସ୍ପାଇସ୍‌ଜେଟ୍ ଏୟାରଲାଇନ୍ସର ୪ ଜଣ ଗ୍ରାଉଣ୍ଡ ଷ୍ଟାଫ୍ ଆହତ ହୋଇଛନ୍ତି। ଗତ ଜୁଲାଇ ୨୬ରେ ସ୍ପାଇସ୍‌ଜେଟ୍‌ର ବିମାନ ଏସ୍‌ଜି-୩୮୬ ଶ୍ରୀନଗରରୁ ଦିଲ୍ଲୀକୁ ଉଡ଼ାଣ ଭରିବାର କିଛି ମିନିଟ୍ ପୂର୍ବରୁ ଏୟାରପୋର୍ଟର ବୋର୍ଡିଂ ଗେଟ୍ ନିକଟରେ ଏହି ଘଟଣା ଘଟିଥିଲା। ରିତେଶଙ୍କ କ୍ୟାବିନ୍ ଲଗେଜ୍‌ର ଓଜନ ଅତ୍ୟଧିକ ଥିଲା। ଏଥିପାଇଁ ତାଙ୍କୁ ଅତିରିକ୍ତ ଶୁଳ୍କ ଦେବାକୁ ପଡ଼ିବ ବୋଲି ସ୍ପାଇସ୍‌ଜେଟ୍‌ର ଗ୍ରାଉଣ୍ଡ ଷ୍ଟାଫ୍ ରିତେଶଙ୍କୁ କହିଥିଲେ। ରିତେଶ ଏହାକୁ ବିରୋଧ କରିଥିଲେ। ପ୍ରବଳ ଯୁକ୍ତିତର୍କ ପରେ ରିତେଶ ସ୍ପାଇସ୍‌ଜେଟ୍‌ର କର୍ମଚାରୀମାନଙ୍କୁ ମୁଥ, ଲାତ ଆଦି ମାରି ଗୁରୁତର କରିଥିଲେ। ଆକ୍ରମଣରେ ଜଣେ କର୍ମଚାରୀ ବେହୋସ୍ ହୋଇଯାଇଥିଲାବେଳେ ଆଉଜଣେ କର୍ମଚାରୀଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ସେହିପରି ଅନ୍ୟଜଣେ କର୍ମଚାରୀଙ୍କ ନାକରୁ ରକ୍ତ ବୋହିଥିଲା। ତୁରନ୍ତ ସମସ୍ତ ଆହତଙ୍କୁ ହସ୍ପିଟାଲ ନିଆଯାଇଥିଲା। ସ୍ପାଇସ୍‌ଜେଟ୍‌ର ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସମ୍ପ୍ରତି ରିତେଶ ଗୁଲ୍‌ମାର୍ଗସ୍ଥିତ ଏକ ହାଇ ଅଲ୍ଟିଚ୍ୟୁଡ ୱାରଫେୟାର ସ୍କୁଲରେ ନିୟୋଜିତ ଅଛନ୍ତି।

# ଲଦାଖରେ ହୋପ୍ ଷ୍ଟେଶନ ସ୍ଥାପନ କଲା ଇସ୍ରୋ

## ଭବିଷ୍ୟତର ମହାକାଶ ମିଶନ ପାଇଁ ପ୍ରସ୍ତୁତି

ନୂଆଦିଲ୍ଲୀ, ୩।୮




ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ (ଇସ୍ରୋ) ଲଦାଖର ସୋ କର୍ ଉପତ୍ୟକାରେ ହିମାଲୟାନ ଆଉଟପୋଷ୍ଟ ଫର୍ ପ୍ଲାନେଟାରୀ ଏକ୍ସପ୍ଲୋରେଶନ (ହୋପ୍) ଷ୍ଟେଶନ ସ୍ଥାପନ କରିଛି। ଭାରତର ମହାକାଶ ଗବେଷଣା କ୍ଷେତ୍ରରେ ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିବେଚନା କରାଯାଉଛି। ସୋ କର୍ ଉପତ୍ୟକାର ୪,୫୩୦ ମିଟର ଉଚ୍ଚ, ଥଣ୍ଡା ମରୁଭୂମି, ନିମ୍ନ ବାୟୁଚାପ, ଉଚ୍ଚ ଅଲଟ୍ରା ଭାୟୋଲେଟ ବିକିରଣ ଆଦି ମଙ୍ଗଳ ଗ୍ରହ ପରି ପରିବେଶ ମଧ୍ୟରେ ହୋପ୍ ଷ୍ଟେଶନକୁ ସ୍ଥାପନ କରାଯାଇଛି। ଚନ୍ଦ୍ର ଏବଂ ମଙ୍ଗଳ ଗ୍ରହକୁ ନେଇ ଭବିଷ୍ୟତରେ ଭାରତର ବିଭିନ୍ନ ଅଭିଯାନର ପ୍ରସ୍ତୁତି ଦିଗରେ ଏହି ଷ୍ଟେଶନକୁ ସ୍ଥାପନ କରାଯାଇଛି। ମହାକାଶଚାରୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ପ୍ରତିକୂଳ ପରିସ୍ଥିତିର ପରୀକ୍ଷା ପାଇଁ ସୋ କର ଉପତ୍ୟକା ଏକ ଆଦର୍ଶ ସ୍ଥାନ ହୋଇଥିବା ଇସ୍ରୋ କହିଛି।

ଗତ ୩୧ ତାରିଖରେ ଇସ୍ରୋ ଅଧ୍ୟକ୍ଷ ଭି. ନାରାୟଣନ ହୋପ୍ ଷ୍ଟେଶନର ଉଦ୍‌ଘାଟନ କରିଛନ୍ତି। ଭବିଷ୍ୟତରେ ଦେଶର ବିଭିନ୍ନ ମହାକାଶ ମିଶନର ପ୍ରସ୍ତୁତିରେ ଏହି ଷ୍ଟେଶନ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସେ କହିଛନ୍ତି। ଅନେକ ଶ୍ରେଷ୍ଠ ଗବେଷଣା ପ୍ରତିଷ୍ଠାନଗୁଡ଼ିକର ସମର୍ଥନରେ ଇସ୍ରୋର ମାନବ ମହାକାଶ ଉଡ଼ାଣ କେନ୍ଦ୍ର ଦ୍ୱାରା ଏହି ଷ୍ଟେଶନ ପରିଚାଳିତ ହେବ। ଚନ୍ଦ୍ର ଏବଂ ମଙ୍ଗଳ ଗ୍ରହରେ ଜୀବସତ୍ତାର ସନ୍ଧାନ ସମ୍ପର୍କରେ ମଧ୍ୟ ହୋପ୍ ଷ୍ଟେଶନ ଅଧ୍ୟୟନ କରିବ।

ହୋପ୍ ଷ୍ଟେଶନ ୨ଟି ମଡ୍ୟୁଲକୁ ନେଇ ଗଠିତ। ଏଠାରେ କ୍ରିଉଙ୍କ ପାଇଁ ଏକ ୮ ମିଟର ଚଉଡ଼ାର ରହଣି ସ୍ଥାନ ରହିଥିବା ବେଳେ ଆବଶ୍ୟକ ଉପକରଣ ଏବଂ ସିଷ୍ଟମଗୁଡ଼ିକୁ ରଖିବା ପାଇଁ ୫ ମିଟର ଚଉଡ଼ାର ସ୍ଥାନ ରହିଛି। ରୋଷେଇ ଘର, ସାନିଟାରି ବ୍ୟବସ୍ଥା, ଆଲୋକୀକରଣ ପରି ସୁବିଧା ସହ ଭାରତର ପରବର୍ତ୍ତୀ ମହାକାଶ ମିଶନ ପାଇଁ ବିଭିନ୍ନ ପରୀକ୍ଷଣ କରିବାକୁ ଏହି ଷ୍ଟେଶନକୁ ଡିଜାଇନ କରାଯାଇଛି। ଅଗଷ୍ଟ ୧ରୁ ଅଗଷ୍ଟ ୧୦ ପର୍ଯ୍ୟନ୍ତ ହୋପ୍ ଷ୍ଟେଶନରେ ଏକ ୧୦ ଦିନିଆ ଟ୍ରାଏଲ ମିଶନ ଅନୁଷ୍ଠିତ ହେଉଛି, ଯେଉଁଥିରେ ୨ ଜଣ କ୍ରିଉ ସଦସ୍ୟ ଷ୍ଟେଶନ ଭିତରେ ରହି କମ୍ ଅମ୍ଳଜାନ, ପୃଥକୀକରଣ ଆଦି ବିଭିନ୍ନ ବିପରୀତ ପରିବେଶରେ ମଣିଷର ଶାରୀରିକ, ମାନସିକ ପ୍ରତିକ୍ରିୟାର ପରୀକ୍ଷଣ କରିବେ। ପ୍ରକାଶ ଯେ, ୨୦୪୦ ସୁଦ୍ଧା ଭାରତୀୟ ମହାକାଶଚାରୀ ଚନ୍ଦ୍ରରେ ଅବତରଣ କରିବା ନେଇ ଇସ୍ରୋ ଲକ୍ଷ୍ୟ ରଖିଛି।

## ଫୁର୍‌ସତ୍

# ବନ୍ଧୁଙ୍କ ଅନ୍ତିମଯାତ୍ରାରେ ନାଚି ଶେଷଇଚ୍ଛା ପୂରା କଲେ

ଭୋପାଳ



ମଧ୍ୟପ୍ରଦେଶର ମନ୍ଦସୌର ଜିଲାରେ ୨ ବ୍ୟକ୍ତିଙ୍କ ବନ୍ଧୁତାକୁ ନେଇ ଏକ ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଜଣେ ବ୍ୟକ୍ତି ନିଜର ସବୁଠାରୁ ପ୍ରିୟ ବନ୍ଧୁଙ୍କ ଅନ୍ତିମଯାତ୍ରାରେ ନାଚିଥିବାର ଏକ ଘଟଣା ସାମ୍ନାକୁ ଆସିଛି। ମନ୍ଦସୌର ଜିଲାର ଜୱାସିଆ ଗ୍ରାମରେ ଅମ୍ବାଲାଲ ପ୍ରଜାପତ୍ ଏବଂ ସୋହନଲାଲ ଜୈନ ଘନିଷ୍ଠ ବନ୍ଧୁ ଥିଲେ । ପ୍ରାୟ ୪ ବର୍ଷ ତଳେ ସୋହନଲାଲ କର୍କଟ ରୋଗରେ ପୀଡିତ ହୋଇଥିଲେ। ସେ ଏନେଇ ନିଜ ବନ୍ଧୁ ଅମ୍ବାଲାଲଙ୍କୁ ଏକ ଚିଠି ମାଧ୍ୟମରେ ଜଣାଇଥିଲେ। ଚିଠିରେ ସୋହନଲାଲ ଲେଖିଥିଲେ, ‘‘ମୁଁ କର୍କଟ ରୋଗରେ ପୀଡିତ ହୋଇଛି। ତେଣୁ ଆଉ ବେଶୀଦିନ ବଞ୍ଚି ପାରିବିନି। ଯେତେବେଳେ ମୋର ମୃତ୍ୟୁ ହେବ, ମୋ ଅନ୍ତିମଯାତ୍ରାରେ କନ୍ଦାକଟା କରି ଦୁଃଖପ୍ରକାଶ କରିବନି। ବରଂ ଢୋଲ ଏବଂ ଅନ୍ୟାନ୍ୟ ବାଦ୍ୟ ଯନ୍ତ୍ର ସହ ବିଭିନ୍ନ ଗୀତର ତାଳେ ତାଳେ ନାଚି ମୋତେ ବିଦାୟ ଦେବ। ଏହା ହିଁ ମୋର ଶେଷ ଇଚ୍ଛା।’’ ୨୦୨୧ ଜାନୁଆରୀ ୯ରେ ସୋହନଲାଲ ନିଜେ ଉକ୍ତ ଚିଠିକୁ ଲେଖିଥିଲେ ଏବଂ ସେଥିରେ ଦସ୍ତଖତ କରିଥିଲେ। ଗତ ସପ୍ତାହରେ ସୋହନଲାଲଙ୍କ ମୃତ୍ୟୁ ହୋଇଥିଲା। ସୋହନଲାଲଙ୍କ ଅନ୍ତିମଯାତ୍ରାରେ ତାଙ୍କ ଶେଷଇଚ୍ଛାକୁ ପୂରଣ କରିବାକୁ ଅମ୍ବାଲାଲ ନିଷ୍ପତ୍ତି ନେଇଥିଲେ। ଯେତେବେଳେ ଜୱାସିଆ ଗ୍ରାମରେ ସୋହନଲାଲଙ୍କ ମୃତଦେହକୁ ଅନ୍ତିମଯାତ୍ରାରେ ନିଆଗଲା, ସେତେବେଳେ ଢୋଲ ଏବଂ ଡିଜେରେ ବିଭିନ୍ନ ଗୀତର ତାଳେ ତାଳେ ଅମ୍ବାଲାଲ ନିଜ ଆଖିର ଲୁହକୁ ଲୁଚାଇ ଅନବରତ ନାଚିବାକୁ ଲାଗିଥିଲେ। ଅମ୍ବାଲାଲଙ୍କ ନାଚକୁ ଦେଖି ଅନ୍ତିମଯାତ୍ରାରେ ସାମିଲ ଥିବା ଅନ୍ୟାନ୍ୟ ଲୋକମାନେ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଥିଲେ। ଏବେ ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସେହିପରି ମୃତ୍ୟୁ ପୂର୍ବରୁ ନିଜ ଅନ୍ତିମ ଇଚ୍ଛା ନେଇ ସୋହନଲାଲ ଲେଖିଥିବା ଚିଠି ମଧ୍ୟ ଭାଇରାଲ ହେଉଛି। ଏହି ଘଟଣା ବନ୍ଧୁତ୍ୱର ସର୍ବୋତ୍ତମ ଉଦାହରଣ ବୋଲି ସୋସିଆଲ ମିଡିଆରେ ଅନେକ ୟୁଜର୍ସ କହିଛନ୍ତି।

# କମ୍‌ବ୍ୟାକ୍ କରୁଛନ୍ତି ପ୍ରିୟଙ୍କା

ମୁମ୍ବାଇ



ଗତ ୬ ବର୍ଷରୁ ଅଧିକ ସମୟ ଧରି ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା କୌଣସି ଭାରତୀୟ ଫିଲ୍ମରେ ନଜରକୁ ଆସିନାହାନ୍ତି। ତାଙ୍କୁ ଶେଷ ଥର ପାଇଁ ୨୦୧୯ରେ ରିଲିଜ୍ ହୋଇଥିବା ‘ସ୍କାଏ ଇଜ୍ ପିଙ୍କ୍’ରେ ଦେଖିବାକୁ ମିଳିଥିଲା। ଏହାପରଠାରୁ ପ୍ରିୟଙ୍କା ଅନେକ ହଲିଉଡ୍ ଫିଲ୍ମରେ ନଜରକୁ ଆସିଥିଲେ ମଧ୍ୟ ବଲିଉଡ୍ ଫିଲ୍ମରେ ତାଙ୍କୁ ଦେଖିବାକୁ ମିଳିନାହିଁ। କିଛିଦିନ ତଳେ ଫିଲ୍ମ ନିର୍ମାତା ଏସ୍.ଏସ୍.ରାଜାମୌଲୀଙ୍କ ଏକ ପ୍ରୋଜେକ୍ଟରେ ପ୍ରିୟଙ୍କା ସାଇନ କରିଥିଲେ। ଉକ୍ତ ଫିଲ୍ମରେ ପ୍ରିୟଙ୍କାଙ୍କ ସହ ଅଭିନେତା ମହେଶ ବାବୁ ମଧ୍ୟ ନଜରକୁ ଆସିବେ। ତେବେ ଉକ୍ତ ଫିଲ୍ମର ଟାଇଟଲ ଏବଂ ରିଲିଜ୍ ତାରିଖ ସମ୍ପର୍କରେ ବର୍ତ୍ତମାନ ସୁଦ୍ଧା ଘୋଷଣା କରାଯାଇନାହିଁ।

ତେବେ ଏକ ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଫିଲ୍ମ ନିର୍ମାତା ସଞ୍ଜୟ ଲୀଳା ଭନ୍‌ସାଲୀଙ୍କ ଆଗାମୀ ‘ଲଭ୍ ଆଣ୍ଡ୍ ୱାର୍’ ଫିଲ୍ମରେ ପ୍ରିୟଙ୍କା ନଜରକୁ ଆସିପାରନ୍ତି। ଏନେଇ ସଞ୍ଜୟଙ୍କ ସହ ପ୍ରିୟଙ୍କାଙ୍କର ଆଲୋଚନା ହୋଇଥିବା ନେଇ ରିପୋର୍ଟରେ କୁହାଯାଇଛି। ୨୦୧୫ରେ ରିଲିଜ୍ ହୋଇଥିବା ‘ବାଜିରାଓ ମସ୍ତାନୀ’ ଫିଲ୍ମର ପ୍ରାୟ ଦଶନ୍ଧି ପରେ ପୁଣିଥରେ ସଞ୍ଜୟ ଏବଂ ପ୍ରିୟଙ୍କାଙ୍କ ଯୋଡ଼ିକୁ ଏକସଙ୍ଗେ ଦେଖିବାକୁ ମିଳିବ ବୋଲି ରିପୋର୍ଟରେ କୁହାଯାଇଛି। ତେବେ ପ୍ରିୟଙ୍କା କିମ୍ବା ସଞ୍ଜୟଙ୍କ ପକ୍ଷରୁ ଏନେଇ ଆନୁଷ୍ଠାନିକ ଭାବେ କୌଣସି ଘୋଷଣା କରାଯାଇନାହିଁ। ପ୍ରକାଶ ଯେ, ଆସନ୍ତାବର୍ଷ ମାର୍ଚ୍ଚ ୨୦ରେ ରିଲିଜ୍ ହେବାକୁ ଥିବା ‘ଲଭ୍ ଆଣ୍ଡ୍ ୱାର୍’ ଫିଲ୍ମରେ ଅଭିନେତା ରଣବୀର କପୁର, ଭିକି କୌଶଲ, ଅଭିନେତ୍ରୀ ଆଲିଆ ଭଟ୍ଟ ପ୍ରମୁଖଙ୍କୁ ଦେଖିବାକୁ ମିଳିବ।



ବିଶିଷ୍ଟ ସାହିତ୍ୟ ସାଧିକା, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଧରିତ୍ରୀର ପ୍ରେରଣାଦାୟିନୀ ନନ୍ଦିନୀ ଶତପଥୀଙ୍କର ଊନବିଂଶ ଶ୍ରାଦ୍ଧ ବାର୍ଷିକୀରେ ଧରିତ୍ରୀ ପରିବାରର ବିନମ୍ର ଶ୍ରଦ୍ଧାଞ୍ଜଳି।

## ୩ ମାଓବାଦୀ ଗିରଫ, ବିସ୍ଫୋରକ ଜବତ

ମାଲକାନଗିରି,୩।୮ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ସୁକ୍ମା ଜିଲା ପୋଲିସ ୨ ଲକ୍ଷ ପୁରସ୍କାର ଘୋଷିତ ୩ ମାଓବାଦୀଙ୍କୁ ରବିବାର ଗିରଫ କରିଛି। ସେମାନେ ହେଲେ ପୋଡିୟମ ନନ୍ଦା, ହେମଲା ଜଗା ଓ ହେମଲା ଗଙ୍ଗା। ତାଙ୍କ ନିକଟରୁ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି। ଡିଆରଜି ଓ ସିଆରପିଏଫ୍ ବାହିନୀ ସୁକ୍ମା ଜିଲା କେର୍ଲାପାଲ ଗୋଗୁଣ୍ଡା ପାହାଡ ନିକଟ ଗୋଗୁଣ୍ଡା ସିମେଲ, ଖୁଣ୍ଟୁସପାରା, ପୋଗାଭେଜି ଓ ରବଡିପାରା ଅଞ୍ଚଳରେ ସର୍ଚ୍ଚ ସମୟରେ ପୋଙ୍ଗାଭେଜି ଓ ରବଡିପାରା ଜଙ୍ଗଲରୁ ୩ ମାଓବାଦୀଙ୍କୁ ଗିରଫ କରିବା ସହ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରିଛନ୍ତି। ଗିରଫମାନେ କେର୍ଲାପାଲ ଏରିଆ କମିଟି ଅନ୍ତର୍ଗତ ଗୋଗୁଣ୍ଡା ପଞ୍ଚାୟତ ମିଲିସିଆ ସଦସ୍ୟ ଭାବେ କାର୍ଯ୍ୟ କରୁଥିଲେ।

# ଜିଲାର ଭିତ୍ତିଭୂମି ସର୍ବଶ୍ରେଷ୍ଠ କରିବାକୁ ପରାମର୍ଶ

କେନ୍ଦୁଝର,୩।୮ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)




କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟର ଦରବାରହଲଠାରେ ରବିବାର ଅନୁଷ୍ଠିତ ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ୨ ଦିନିଆ କେନ୍ଦୁଝର ଗସ୍ତ କରିଛନ୍ତି। ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟର ଦରବାରହଲଠାରେ ଜିଲାର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବୈଠକରେ ଜଙ୍ଗଲ ସୁରକ୍ଷା, ପର୍ଯ୍ୟଟନ, ଗ୍ରାମ୍ୟ ଉନ୍ନୟନ, ସଡ଼କ ପରିବହନ, ସ୍ୱାସ୍ଥ୍ୟ, ଶିକ୍ଷା, ଜଳସେଚନ, ମହିଳା ସଶକ୍ତୀକରଣ, କୃଷି ସମେତ ଶିଳ୍ପ ସମ୍ବନ୍ଧରେ ବିଶଦ ଭାବେ ଜିଲାପାଳ ଓ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଜିଲାରେ ଉନ୍ନୟନ କାର୍ଯ୍ୟର ଉପଯୁକ୍ତ କାର୍ଯ୍ୟାନ୍ୱୟନ ଯୋଗୁ ମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିଲେ। ପ୍ରକଳ୍ପଗୁଡ଼ିକୁ ଆହୁରି ତ୍ୱରାନ୍ୱିତ କରି ଜିଲାରେ ଭିତ୍ତିଭୂମି ସର୍ବଶ୍ରେଷ୍ଠ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

ଏଥିସହ ମୁଖ୍ୟମନ୍ତ୍ରୀ ବୈଠକରେ ବିଭିନ୍ନ ସ୍ଥାନକୁ ଯୋଗାଯୋଗ ତଥା ଗମନାଗମନ ଉପରେ ଗୁରୁତ୍ୱ ଦେଇ ସମ୍ପୃକ୍ତ ପ୍ରକଳ୍ପଗୁଡ଼ିକର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ। ଏଥିରେ ରାଇସୁଆଁ ଏୟାର୍ ଷ୍ଟ୍ରିପ, କେନ୍ଦୁଝର ବାଇପାସ୍, ଆଇକନିକ ବ୍ରିଜ୍, ରେଲୱେ ଷ୍ଟେଶନ ରାସ୍ତା, ନୁଦୁରପଡ଼ାରୁ କାଳିଆହତା ରାସ୍ତା,

### ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଗସ୍ତ

### ଜିଲାରେ ସବୁଠାରୁ ବଡ଼ ଇସ୍ପାତ କାରଖାନା, ୯ଟି ପ୍ଲାଣ୍ଟ ପ୍ରତିଷ୍ଠା କରାଯିବ

ପିଠାଗୋଳା ରାସ୍ତା (ହରିଚନ୍ଦନପୁରରୁ ତେଲକୋଇ), ଶୁଆକଟି ଦୁଗୁନା ବ୍ରିଜ ବୈତରଣୀ ନଦୀ ଉପରେ, ମାଇନିଂ କରିଡ଼ର ଓ ଅନ୍ୟ ମୁଖ୍ୟ ରାସ୍ତା କାମର ସମୀକ୍ଷା କରି ଅଗ୍ରଗତି ଉପରେ ସନ୍ତୋଷ ପ୍ରକାଶ କରିଥିଲେ। ଏହାସହିତ ମନୋହରପୁରରୁ ପିଠାଗୋଳା ରାସ୍ତା, ଘଟଗାଁ-ହରିଚନ୍ଦନପୁର-ଦୈତାରି ରାସ୍ତା, ଡେଙ୍ଗିକୋଟରୁ ବାରହାଟିପୁରା ରାସ୍ତା, ଘଟଗାଁରୁ ଗୁଣ୍ଡିଚାଘାଗି ରାସ୍ତାର ଉନ୍ନତୀକରଣ ପ୍ରକଳ୍ପଗୁଡ଼ିକର ସମୀକ୍ଷା କରିବା ସହ ରାମଚନ୍ଦ୍ରପୁରରୁ ଦେଓଗାଁ ବ୍ରିଜ ଶୀଘ୍ର ଶେଷ କରିବା ସହ ନୂଆ ରାସ୍ତା ଓ ବ୍ରିଜଗୁଡ଼ିକର ନୂତନ ପ୍ରସ୍ତାବ ମଧ୍ୟ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମନ୍ଥର ଗତିରେ ହେଉଥିବା କାର୍ଯ୍ୟର ଯଥୋଚିତ ପଦକ୍ଷେପ ନେବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ସ୍ୱାସ୍ଥ୍ୟସେବା ଓ ଶିକ୍ଷା ସେବାକୁ ଆହୁରି ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଶିଳ୍ପ ସ୍ଥାପନ, ପର୍ଯ୍ୟଟନ ବିକାଶ ଓ ନବୀକରଣୀୟ ଶକ୍ତି ଉପରେ ଧ୍ୟାନ ଦେଇଥିଲେ। ସେହିଭଳି ଷ୍ଟିଲ୍ ପ୍ଲାଣ୍ଟ ନିର୍ମାଣ, ମା' ତାରିଣୀ ପୀଠର ଉନ୍ନତୀକରଣ, ବଡ଼ବିଲ ବାଇପାସ, କାଶିପୁର ଓ ପାୱାର ହାଉସ୍ ପୋଖରୀ କାର୍ଯ୍ୟ ବାବଦରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଡା. ଫକୀର ମୋହନ ନାଏକ, ଜିଲା ପରିଷଦର ଅଧ୍ୟକ୍ଷା ସାଗରିକା ସାହୁ, ପୋଲିସ ଡିଆଇଜି ବ୍ରିଜେଶ ରାଏ, ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ପି. ରାମାସାମୀ, ଜିଲାପାଳ ବିଶାଲ ସିଂହ, ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଳକର, ବନଖଣ୍ଡ ଅଧିକାରୀ ଏଚ୍ଡି ଧନରାଜ ଏବଂ କେନ୍ଦୁଝରଗଡ଼ ପୌରପାଳିକା ଅଧ୍ୟକ୍ଷା ନିକୁ ସାହୁ ଯୋଗ ଦେଇଥିଲେ। ଜିଲାର ସମସ୍ତ ପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ।

ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ କହିଥିଲେ, କେନ୍ଦୁଝରରେ ଏକ ଶିଳ୍ପ କେନ୍ଦ୍ର ହେବ। ସବୁଠାରୁ ବଡ଼ ଇସ୍ପାତ କାରଖାନା ଏବଂ ଅନ୍ୟ ୯ଟି ପ୍ଲାଣ୍ଟ ପ୍ରତିଷ୍ଠା କରାଯିବ। ଏ ନେଇ କାର୍ଯ୍ୟ ଜାରି ରହିଛି। ଏଥିସହ ଅବହେଳିତ କେନ୍ଦୁଝର ଜିଲାର ବିକାଶ ପାଇଁ ଏହା ଠିକ୍ ସମୟ, ସମସ୍ତଙ୍କ ସମର୍ଥନରେ ସେ ବିକାଶ ପାଇଁ ପ୍ରତିବଦ୍ଧ। ଆଗାମୀ ସମୟରେ ଜିଲାରେ ସୂଚନା ପ୍ରଯୁକ୍ତିବିଦ୍ୟା, ବୟନଶିଳ୍ପ ଏବଂ ବ୍ୟବସାୟ କ୍ଷେତ୍ରକୁ ପ୍ରାଥମିକତା ଦିଆଯିବ। ମା' ତାରିଣୀ ମନ୍ଦିରର ବିକାଶ ପାଇଁ ରାଜ୍ୟ ସରକାର ୩୧୬ କୋଟିଟଙ୍କା ଏବଂ ବାର୍ବିଲ ବାଇପାସକୁ ଯଥାଶୀଘ୍ର ସମାପ୍ତ କରିବା ପାଇଁ ୨୫୦୦ କୋଟିଟଙ୍କା ମଞ୍ଜୁର କରିଛନ୍ତି।

## ବଜ୍ରପାତରେ ବିଲରେ ଟଳିପଡ଼ିଲେ ଚାଷୀ

ବୈଶିଙ୍ଗା,୩।୮ (ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ତିଳଦା ନିକଟସ୍ଥ ବିସ୍ତିପୁର ଗ୍ରାମରେ ରବିବାର ଅପରାହ୍ନ ୨ଟା ୩୦ ବେଳେ ବିଲରେ ଥିବାବେଳେ ବଜ୍ରପାତରେ ଜଣେ ଯୁବ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ଉମେଶ ସିଂଙ୍କ ପୁଅ ଦେବାଶିଷ(୩୧)। ସୂଚନା ଅନୁଯାୟୀ, ସେ ନିଜ ଧାନବିଲରେ ଟଳିରୁଆ କାମ କରୁଥିବା ବେଳେ ବଜ୍ରପାତ ହେବାରୁ ସେଠାରେ ଟଳି ପଡ଼ିଥିଲେ। ବିଲରେ ଥିବା ଗ୍ରାମର ଅନ୍ୟ ଲୋକେ ତାଙ୍କୁ ପ୍ରଥମେ ବୈଶିଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ କୌଣସି ଡାକ୍ତର ନ ଥିବାରୁ ତାଙ୍କୁ ବେତନଟୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବୈଶିଙ୍ଗା ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୪୦/୨୫) ରୁଜୁ ହୋଇଛି। ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯିବ। ତେବେ ବେତନଟୀ ଡାକ୍ତରଖାନାରେ ବ୍ୟବଚ୍ଛେଦ ପାଇଁ ଡାକ୍ତର ଓ କର୍ମଚାରୀଙ୍କ ଅଭାବ ଯୋଗୁ ଦୀର୍ଘ ସମୟ ଧରି ମୃତଦେହ ସହ ପରିବାରବର୍ଗଙ୍କୁ ମେଡିକାଲ ବାରଣ୍ଡାରେ ବସି ରହିବାକୁ ପଡ଼ିଛି। ଏହାକୁ ନେଇ ମୃତକଙ୍କ ପରିବାର ଲୋକଙ୍କ ସମେତ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ଦିଗରେ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଲୋକେ ଦାବି କରିଛନ୍ତି।

ଇଂଜୀନିୟର୍ସ ଇଂଡିୟା ଲିମିଟେଡ (भारत सरकार का उपक्रम) EIL ENGINEERS INDIA LIMITED (A Govt. of India Undertaking)

**ଭୁବନେଶ୍ୱରଠାରେ ଏଣ୍ଟରପ୍ରାଇଜ୍ କମ୍ପ୍ୟୁଟିଂ ଆଣ୍ଡ ସାଇବର୍ ସିକ୍ୟୁରିଟି ଟ୍ରେନିଂ ଇନ୍ଷ୍ଟିଚ୍ୟୁଟ୍ କମ୍ପ୍ଲେକ୍ସ ନିମନ୍ତେ ଅଡିଓ-ଭିଜୁଆଲ ସିଷ୍ଟମ୍ ଓ ଇନ୍ଫର୍ମେଶନ୍ ସିଷ୍ଟମ୍ କାର୍ଯ୍ୟ**

ଇଆଇଏଲ, ଭାରତ ସରକାର (ଗ୍ରାହକ)ଙ୍କ ମାଲିକାନା ଅଧୀନରେ ଏକ ପ୍ରମୁଖ ସରକାରୀ ଆର୍ଥିକ ନିୟାମକ ନିମ୍ନଲିଖିତ କାର୍ଯ୍ୟ ପାଇଁ ଯୋଗ୍ୟ ବିଡରମାନଙ୍କଠାରୁ ଇ-ବିଡ୍ ଆହ୍ୱାନ କରୁଛନ୍ତି:

| ବର୍ଣ୍ଣନା | ୱେବ୍ସାଇଟରେ ବିଡିଂ ଦସ୍ତାବିଜ | ବିଡ୍ ଧାର୍ଯ୍ୟ ତାରିଖ ଓ ସମୟ |
|---|---|---|
| କାର୍ଯ୍ୟର ନାମ: ଭୁବନେଶ୍ୱରଠାରେ ଏଣ୍ଟରପ୍ରାଇଜ୍ କମ୍ପ୍ୟୁଟିଂ ଆଣ୍ଡ ସାଇବରସିକ୍ୟୁରିଟି ଟ୍ରେନିଂ ଇନ୍ଷ୍ଟିଚ୍ୟୁଟ୍ କମ୍ପ୍ଲେକ୍ସ ପାଇଁ ଅଡିଓ- ଭିଜୁଆଲ ସିଷ୍ଟମ୍ ଓ ଇନ୍ଫର୍ମେଶନ୍ ସିଷ୍ଟମ୍ କାର୍ଯ୍ୟ । ବିଡିଂ ଦସ୍ତାବିଜ ନଂ.: ଜେପି/ବି୫୭୧-୦୦୧-ଇଏଚ୍-ଟି-୮୯୦୦/୧୦୦୮ | ତା୦୪।୦୮।୨୦୨୫ରିଖ ଠାରୁ ତା୨୫।୦୮।୨୦୨୫ରିଖ ପର୍ଯ୍ୟନ୍ତ | ତା୨୫।୦୮।୨୦୨୫ରିଖ ୧୨.୦୦ ଘଟିକା ପର୍ଯ୍ୟନ୍ତ |

ସବିଶେଷ ଆଇଏଫ୍ବି ଏବଂ ବିଡିଂ ଦସ୍ତାବିଜ ସମେତ ଅଣ-ପ୍ରକାଶନ ରାଜିନାମା (ଏନ୍ଡିଏ) ୱେବ୍ସାଇଟ୍: http://eprocure.gov.in/eprocure/appରେ ଦେଖାଯାଇପାରିବ । ସବିଶେଷ ଆଇଏଫ୍ବି ଓ ବିଡିଂ ଦସ୍ତାବିଜ ଡାଉନ୍ଲୋଡିଂ କରିବା ପୂର୍ବରୁ ବିଡର ଏନ୍ଡିଏ କାର୍ଯ୍ୟକାରୀ କରିବା ଆବଶ୍ୟକ । ସମସ୍ତ ସଂଶୋଧନ, ସମୟ ବିସ୍ତାରଣ, ସ୍ପଷ୍ଟୀକରଣ ଆଦି କେବଳ ୱେବ୍ସାଇଟ୍ରେ ଅପଲୋଡ୍ କରାଯିବ ଓ ସେଗୁଡ଼ିକୁ ଖବରକାଗଜରେ ପ୍ରକାଶିତ କରାଯିବ ନାହିଁ । ନିଜକୁ ସୂଚିତ ରଖିବା ପାଇଁ ବିଡରମାନେ ଉପରୋକ୍ତ ୱେବ୍ସାଇଟ୍ଗୁଡ଼ିକୁ ନିୟମିତ ଭାବେ ପରିଦର୍ଶନ କରିବା ଆବଶ୍ୟକ ।

ଡିଜିଏମ୍ (ଏସ୍ସିଏମ୍-ସି ଆଣ୍ଡ ପି), ଇଆଇଏଲ୍

# ଉପମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିକଲା କଂଗ୍ରେସ



ଭୁବନେଶ୍ୱର,୩।୮ (ରବିନାରାୟଣ ଜେନା)

ଜୀବନ ଓ ମୃତ୍ୟୁ ସହ ୧୫ଦିନ ଧରି ସଂଗ୍ରାମ କରିବା ପରେ ବଲଙ୍ଗା ପୀଡ଼ିତା ଶେଷରେ ଆଖି ବୁଜିଛନ୍ତି। ଏହା ରାଜ୍ୟ ସରକାରଙ୍କ ବିଫଳତାକୁ କେବଳ ଯେ ଦର୍ଶାଉଛି ତାହା ନୁହେଁ, ରାଜ୍ୟରେ ମହିଳାମାନେ କେତେ ଯେ ଅସୁରକ୍ଷିତ ତାହା ସ୍ପଷ୍ଟ କରୁଛି ବୋଲି କଂଗ୍ରେସ କହିଛି।

ରବିବାର କଂଗ୍ରେସଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମୁଖପାତ୍ର ସୋନାଲି ସାହୁ ଏହି ଘଟଣାକୁ ନେଇ ରାଜ୍ୟ ସରକାରଙ୍କୁ ଦାୟୀ କରିବା ସହିତ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ବହିଷ୍କାର ଦାବି କରିଛନ୍ତି। ସେ କହିଛନ୍ତି ଯେ, ରାଜ୍ୟରେ ଏତେ ବଡ଼ ଘଟଣା ଘଟିଥିଲେ ବି ସରକାର, ପୋଲିସ ପ୍ରଶାସନ କେବଳ ଶୋକବାର୍ତ୍ତା ଦେଇ ନିଜର ଦାୟିତ୍ୱ ସାରିଦେଇଛନ୍ତି। ଚାରିଥର ବୟାନ ଦେଇଥିବା ପୀଡ଼ିତା ଜଣକ ମାନସିକସ୍ତରରେ ସକ୍ଷମ ଥିଲେ। ଧୀରେ ଧୀରେ ସୁସ୍ଥ ହୋଇ

### ବଲଙ୍ଗା ନାବାଳିକା ପୋଡ଼ି ମାମଲା

ଆସୁଥିବା ଉପମୁଖ୍ୟମନ୍ତ୍ରୀ ନିଜେ ଗଣମାଧ୍ୟମରେ କହିଥିଲେ। ହେଲେ ହଠାତ୍ ତାଙ୍କର ଏଭଳି ଆକସ୍ମିକ ମୃତ୍ୟୁ ରାଜ୍ୟବାସୀଙ୍କ ମନରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହା ସମ୍ପୂର୍ଣ୍ଣ ଭାବେ ସରକାରୀ ବ୍ୟବସ୍ଥାଗତ ହତ୍ୟା ବୋଲି ସୋନାଲି କହିଛନ୍ତି।

ସେହିପରି ମୁଖପାତ୍ର ମଧୁସ୍ମିତା ଆଚାର୍ଯ୍ୟ ଓ ଡ.ମନୀଷା ଦାସ ପଟ୍ଟନାୟକ କହିଥିଲେ, ବାଲେଶ୍ୱର ଛାତ୍ରୀଙ୍କ କ୍ଷେତ୍ରରେ ଯାହା ଘଟିଥିଲା, ସେହିସମାନ କଥା ବଲଙ୍ଗା ଘଟଣାରେ ଦେଖିବାକୁ ମିଳିବା ରାଜ୍ୟ ପୋଲିସର ପାରିବାପଣିଆକୁ ପଦାରେ ପକାଇଛି। ରାଜ୍ୟବାସୀଙ୍କ ଭାବାବେଗ ସହ ସରକାର ଯେଭଳି ଭାବେ ଖେଳୁଛନ୍ତି, ପୋଲିସକୁ ଆୟୁଧ କରି ଯେଉଁ ରାଜନୈତିକ ନାଟକ ରଚୁଛନ୍ତି, ତାକୁ ନେଇ କଂଗ୍ରେସ ଚୁପ୍ ରହିବ ନାହିଁ।

ମୁଖପାତ୍ର ଜୟଶ୍ରୀ ପାତ୍ର କହିଥିଲେ, ଉପମୁଖ୍ୟମନ୍ତ୍ରୀ ଯିଏ କି ଜଣେ ମହିଳା ଏବଂ ପୀଡ଼ିତା ତାଙ୍କ ନିଜ ଅଞ୍ଚଳର ହୋଇଥିଲେ ମଧ୍ୟ ତାଙ୍କ ଭୂମିକା ଅନେକ ସନ୍ଦେହଜନକ। ଉପମୁଖ୍ୟମନ୍ତ୍ରୀଙ୍କ ସାଙ୍ଗରେ ଦିଲ୍ଲୀ ଏମ୍ସ ଯାଇଥିବା ଏବଂ ସାମାଜିକ ଗଣମାଧ୍ୟମରେ ତାଙ୍କ ସହ ଘୂରି ବୁଲୁଥିବା ଫଟୋରେ ବାୟାବରର ଯୁବକ ଜଣକ କିଏ ଏବଂ ସିଏ କାହିଁକି ପୀଡ଼ିତାଙ୍କ ସମ୍ପର୍କୀୟଙ୍କୁ ଗଣମାଧ୍ୟମରେ ବିବୃତି ଦେବାକୁ ବାରଣ କରୁଥିଲେ? ଉପମୁଖ୍ୟମନ୍ତ୍ରୀଙ୍କୁ ତଦନ୍ତ ପରିସରଭୁକ୍ତ କରାଗଲେ ସବୁ ସ୍ପଷ୍ଟ ହୋଇଯିବ।

ବରିଷ୍ଠ ସଦସ୍ୟା ପ୍ରଣତି ମିଶ୍ର କହିଥିଲେ, ପୀଡ଼ିତାଙ୍କ ବାପା ପ୍ରଥମେ ଯେଉଁ ବୟାନ ଦେଇଥିଲେ, ଏବେ କାହିଁକି ବଦଳାଇଛନ୍ତି। ଏହାପଛରେ କ'ଣ ରହସ୍ୟ ରହିଛି ତାହା ଲୋକଲୋଚନକୁ ଆସିବା ଦରକାର। ନଚେତ୍ ଆଗାମୀ ଦିନରେ ମହିଳା କଂଗ୍ରେସ ରାଜରାସ୍ତାରେ ଏହାର ଉଚିତ ଜବାବ ଦେବ ବୋଲି ସେ ପ୍ରକାଶ କରିଥିଲେ।

# ରାତିରେ ମହିଳାଙ୍କୁ କାର୍ଯ୍ୟ ଅନୁମତି

ଭୁବନେଶ୍ୱର,୩।୮ (ରବିନାରାୟଣ ଜେନା)

ଦୀର୍ଘଦିନ ଧରି ଘରୋଇ ପ୍ରତିଷ୍ଠାନରେ ମହିଳାମାନେ ରାତିରେ କାର୍ଯ୍ୟ କରିବା ନେଇ ଥିବା ସରକାରୀ ବାଧ୍ୟବାଧକତାକୁ ଏବେ କୋହଳ କରାଯାଇଛି। ରାଜ୍ୟରେ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଏବଂ ସେମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଶ୍ରମ ବିଭାଗ ପକ୍ଷରୁ ଓଡ଼ିଶା ଦୋକାନ ଏବଂ ବ୍ୟବସାୟିକ ପ୍ରତିଷ୍ଠାନ ଆଇନ-୧୯୫୬ରେ କେତେକ ପରିବର୍ତ୍ତନ କରାଯାଇଛି। ଏଣିକି ମହିଳାମାନେ ରାତିରେ ବିଭିନ୍ନ ଘରୋଇ ପ୍ରତିଷ୍ଠାନ କିମ୍ବା ବ୍ୟବସାୟିକ କେନ୍ଦ୍ରରେ କାର୍ଯ୍ୟ କରିପାରିବେ। ମାତ୍ର ନାବାଳିକାମାନଙ୍କୁ ଏହି ଅନୁମତି ଦିଆଯିବ ନାହିଁ। ତେବେ ରାତିରେ ମହିଳାମାନେ କାର୍ଯ୍ୟସ୍ଥଳୀରେ କାମ କରିବା ସମୟରେ କି ପ୍ରକାର ସତର୍କତା ଅବଲମ୍ବନ କରାଯିବ ସେନେଇ ଶନିବାର ଶ୍ରମବିଭାଗ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ଜାରି କରାଯାଇଛି।

ବିଜ୍ଞପ୍ତିରେ ଶ୍ରମବିଭାଗ ପ୍ରମୁଖ ଶାସନ ସଚିବ ଚିତ୍ରା ଅରୁମୁଗମ୍ ଦର୍ଶାଇଛନ୍ତି, ରାଜ୍ୟ ସରକାର ସମସ୍ତ ଦୋକାନ ଏବଂ ବ୍ୟବସାୟିକ ପ୍ରତିଷ୍ଠାନକୁ ଲାଗୁ ହୋଇଥିବା ଧାରା-୨୩କୁ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଛନ୍ତି। ଯାହାଦ୍ୱାରା ଘରୋଇ ପ୍ରତିଷ୍ଠାନରେ ମହିଳାମାନଙ୍କ ପାଇଁ ରାତିରେ କାମ କରିବାର ସୁଯୋଗ ସୃଷ୍ଟି ହୋଇପାରିବ। ଏହାସହିତ 'ଇଜ୍

### ସୁରକ୍ଷା, ସ୍ୱାର୍ଥକୁ ଶ୍ରମ ବିଭାଗର ଗୁରୁତ୍ୱ

ଅଫ୍ ଡୁଇଂ ବିଜ୍ନେସ୍'କୁ ଆଧାର କରି ସେମାନଙ୍କ ନିରାପତ୍ତା ଓ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇପାରିବ।

ରାତିରେ ମହିଳାମାନେ କାର୍ଯ୍ୟ କରିବାକୁ ଚାହିଁଲେ ତାଙ୍କର ସ୍ୱୀକୃତି ଦେବାକୁ ପଡ଼ିବ। ମହିଳାମାନେ ଯେଉଁଠାରେ କାମ କରିବାକୁ ଚାହିଁବେ ସେଠାରେ ଅତି କମ୍ରେ ୩ ଜଣ ମହିଳା କର୍ମଚାରୀ କାର୍ଯ୍ୟ କରୁଥିବେ ଏବଂ କାର୍ଯ୍ୟସ୍ଥଳୀରେ ନାରୀ ନିଯୁକ୍ତି କର୍ତ୍ତା ରହୁଥିବେ। ରାତିରେ ମହିଳା କର୍ମଚାରୀଙ୍କୁ ତାଙ୍କ ଘରୁ ଆଣିବା କିମ୍ବା ଛାଡ଼ିବା ପାଇଁ ଜିପିଏସ୍ ଟ୍ରାକିଂ ବ୍ୟବସ୍ଥା ଥିବା ଗାଡ଼ି ବ୍ୟବହାର ହେବ, ନଚେତ୍ କାର୍ଯ୍ୟକ୍ଷେତ୍ର ନିକଟରେ ତାଙ୍କ ପାଇଁ ରହିବାର ସ୍ୱତନ୍ତ୍ର ବନ୍ଦୋବସ୍ତ କରାଯିବା ଆବଶ୍ୟକ। ରାତିରେ ଯେଉଁ ଗାଡ଼ି ମହିଳା କର୍ମଚାରୀଙ୍କୁ ନେବା ଆଣିବା କରିବ ସମ୍ପୃକ୍ତ ଯାନ ଚାଳକଙ୍କର (ଯେଉଁମାନେ ପ୍ରତିଷ୍ଠାନ ଦ୍ୱାରା ପ୍ରତ୍ୟକ୍ଷ କିମ୍ବା ଜଣେ ସେବା ପ୍ରଦାନକାରୀ ମାଧ୍ୟମରେ ନିଯୁକ୍ତ) ବ୍ୟକ୍ତିଗତ ତଥ୍ୟ ପୋଲିସ୍ ଯାଞ୍ଚ କରିବାର ଆବଶ୍ୟକତା ରହିଛି। ଯେଉଁ ଘରୋଇ ପ୍ରତିଷ୍ଠାନରେ ମହିଳା କର୍ମଚାରୀ ନିଯୁକ୍ତ ହୋଇଛନ୍ତି, ସେଠାରେ ଶୌଚାଳୟ,ପାନୀୟ ଜଳ ସୁବିଧା ସହିତ ଯଥେଷ୍ଟ ପରିମାଣର ଆଲୋକ ସୁବିଧା ସାଙ୍ଗକୁ ସମ୍ପୂର୍ଣ୍ଣ ପରିସରଟି ସିସିଟିଭି ନିୟନ୍ତ୍ରଣରେ ରହିବା ଆବଶ୍ୟକ। ଏହାସହିତ ସେମାନଙ୍କ ପାଇଁ ସମର୍ପିତ ଟେଲିଫୋନ୍ ନମ୍ବର, ରାଜ୍ୟ ସରକାରଙ୍କ ହେଲ୍ପ ଲାଇନ ନମ୍ବର-୧୮୧ ଏବଂ ଶ୍ରମ ବିଭାଗର ହେଲ୍ପ ଲାଇନ ନମ୍ବର-୧୮୦୦୩୪୫୬୭୦୩ ଭଲ ଭାବେ ପ୍ରଦର୍ଶିତ ହେବା ସହିତ ମହିଳା କର୍ମଚାରୀଙ୍କୁ ନେବା ଆଣିବା ଗାଡ଼ିରେ ମଧ୍ୟ ଲଗାଯିବା ଦରକାର। ସେହିପରି ମହିଳା କର୍ମଚାରୀଙ୍କ ଡ୍ୟୁଟି ସମୟ ଯେପରି ଲଗାତର ଭାବେ ନ ହୁଏ, ଦିନ ଓ ରାତି କାର୍ଯ୍ୟ ମଧ୍ୟରେ ଅତି କମ୍ରେ ୮ଘଣ୍ଟା ବ୍ୟବଧାନ ରହିବା ଆବଶ୍ୟକ।

ପ୍ରମୁଖ ସଚିବ ଅରୁମୁଗମ୍ ଆହୁରି ଦର୍ଶାଇଛନ୍ତି, କାର୍ଯ୍ୟକ୍ଷେତ୍ରରେ ଯେଭଳି ମହିଳାମାନେ ଯୌନ ନିର୍ଯ୍ୟାତନାର ଶିକାର ନ ହୁଅନ୍ତି ତାକୁ ଦୃଷ୍ଟିରେ ରଖି ମହିଳା ଯୌନ ନିର୍ଯ୍ୟାତନା ଆଇନ-୨୦୧୩କୁ କଡ଼ାକଡ଼ି ଭାବେ ପାଳନ କରିବାକୁ ହେବ। ଏହାବାଦ୍ କାର୍ଯ୍ୟକ୍ଷେତ୍ରରେ ମହିଳା କର୍ମଚାରୀମାନେ କାମ କରିବା ପୂର୍ବରୁ ନିର୍ଦ୍ଦିଷ୍ଟ ଫର୍ମାଟରେ ପ୍ରତିଷ୍ଠାନର କର୍ତ୍ତୃପକ୍ଷ ଏକ ସ୍ୱୀକାରପତ୍ର ଶ୍ରମବିଭାଗ ପୋର୍ଟାଲରେ ଅପଲୋଡ୍ କରିବାକୁ ପଡ଼ିବ। ଯଦି କୌଣସି ପରିସ୍ଥିତିରେ ଶ୍ରମ ଆଇନର ଉଲ୍ଲଂଘନ ହେବା ଦୃଷ୍ଟିକୁ ଆସେ ତେବେ ସେ କ୍ଷେତ୍ରରେ ଅନୁଚ୍ଛେଦ-୩୫ ଅନୁଯାୟୀ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରମୁଖ ସଚିବ ଦର୍ଶାଇଛନ୍ତି।

## ଚାଷୀଙ୍କୁ ଦଳିଦେଲା ଦନ୍ତା

କେନ୍ଦୁଝର,୩।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)

### ସ୍ୱାମୀଙ୍କ ମୃତ୍ୟୁ ଖବର ଶୁଣି ବିଷ ପିଇଦେଲେ ସ୍ତ୍ରୀ

କେନ୍ଦୁଝର ବନଖଣ୍ଡରେ ହାତୀ ଆକ୍ରମଣ ଜନିତ ମୃତ୍ୟୁ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ବିଶେଷ କରି ଚାଷୀ ନିଜ ଫସଲକୁ ରକ୍ଷା କରିବାକୁ ଯାଇ ଜୀବନ ହାରୁଥିବା ଦେଖାଯାଉଛି। ଏଭଳି ଏକ ଘଟଣାରେ ଶନିବାର ରାତିରେ ଭୂୟାଁ ଜୁଆଙ୍ଗପୀଢ଼ ରେଞ୍ଜ ସୁଆକାଟି ସେକ୍ସନ ଅନ୍ତର୍ଗତ ତରମାକାନ୍ତ ବିଟ୍ ନିକଟସ୍ଥ ଗୋବିନ୍ଦପୁର ଗାଁରେ ଜଣେ ଚାଷୀଙ୍କୁ ହାତୀ ଦଳିଦେଇଛି। ମୃତକ ହେଲେ ଦେବାଧି ବାରିକ (୪୮)। ଦେବାଧିଙ୍କ ମୃତ୍ୟୁ ଖବର ଶୁଣି ତାଙ୍କ ସ୍ତ୍ରୀ ରୁକ୍ମିଣୀ ବିଷ ପିଇ ଦେଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ପ୍ରକାଶ ଯେ, ଏକ ୬ ଟିକିଆ ହାତୀପଲ ଅଞ୍ଚଳରେ ଉପଦ୍ରବ କରୁଛନ୍ତି। ଧାନ କ୍ଷେତ ଓ ବାଡ଼ିରେ ପଶି ଫସଲ ନଷ୍ଟ କରୁଛନ୍ତି। ହାତୀପଲ ଶନିବାର ରାତିରେ ଗୋବିନ୍ଦପୁରରେ ପଶି ଫସଲ ନଷ୍ଟ କରୁଥିବା ବେଳେ ଗ୍ରାମବାସୀ ହାତୀଙ୍କୁ ଘଉଡ଼ାଉଥିଲେ। ହାତୀ ଘଉଡ଼ାଇବା ସମୟରେ ଏକ ହାତୀ ପଛକୁ ଫେରି ଲୋକଙ୍କୁ ଗୋଡ଼ାଇଥିଲା। ଏହି ସମୟରେ ଦେବାଧି ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ତାଙ୍କୁ ଶୁଣ୍ଢରେ ଧରି କଚାଡ଼ି ଦେଇଥିଲା। ପରେ ଦଳି ଦେବା ସହ ଦାନ୍ତରେ ଭୁସି ଦେଇଥିଲା। ଖବରପାଇ ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଗୁରୁତର ଅବସ୍ଥାରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ୱାମୀଙ୍କ ମୃତ୍ୟୁ ଖବର ପାଇବା ପରେ ଦେବାଧିଙ୍କ ସ୍ତ୍ରୀ ରୁକ୍ମିଣୀ ରବିବାର ସକାଳେ ବିଷ ପିଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ କେନ୍ଦୁଝର ମେଡିକାଲ କଲେଜରେ ଭର୍ତ୍ତି କରିଥିଲେ। ତାଙ୍କର ଅବସ୍ଥା ସଙ୍କଟାପନ୍ନ ଥିବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଡିଏଫ୍ଓ ଧନରାଜ ଏଚ୍ଡି କହିଛନ୍ତି, ଫ୍ଲାସ ଟର୍ଚ୍ଚ ମାରିବାରୁ ଏକ ମାଈ ହାତୀ ବୁଲି ଆସିଥିଲା। ଦେବାଧି ଦୌଡ଼ି ନ ପାରିବାରୁ ହାତୀ ଆକ୍ରମଣ କରିଥିଲା। ପରିବାର ସଦସ୍ୟଙ୍କୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯିବ। ଏବେ ଏକ ଲକ୍ଷ ଟଙ୍କା ଶୁଦ୍ଧିକ୍ରିୟା ପାଇଁ ପ୍ରଦାନ କରାଯିବ। ଘଟଣା ପରେ ଗୋବିନ୍ଦପୁରରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ଅପରାଧୀଙ୍କୁ କ୍ଲିନ୍‌ଚିଟ୍ ସରକାରଙ୍କୁ ମହାଙ୍ଗା ପଡ଼ିବ: ଅଳକା ଲାମ୍ବା

ଭୁବନେଶ୍ୱର,୩।୮ (ରବିନାରାୟଣ ଜେନା)

ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟର ଛାତ୍ରୀ ସରକାରଙ୍କୁ ଗୁହାରି କରି, ନ୍ୟାୟ ମାଗି ମାଗି ଶେଷରେ ନିରାଶ ହୋଇ ନିଜକୁ ନିଆଁ ଲଗାଇ ପୋଡ଼ିଦେଲେ। ସେହିପରି ବଲଙ୍ଗାର ନାବାଳିକା ଜଣକ ନିଆଁରେ ପୋଡ଼ି ହୋଇ ୧୫ଦିନ ପର୍ଯ୍ୟନ୍ତ ଛଟପଟ ହେବା ପରେ ମଧ୍ୟ ନ୍ୟାୟ ନ ପାଇ ହାରିଲେ। ଏଭଳି ସମ୍ବେଦନଶୀଳ ମାମଲାରେ ଅପରାଧୀଙ୍କ ପାଖରେ ପୋଲିସ ପହଞ୍ଚିପାରୁନାହିଁ ବୋଲି ଏଆଇସିସି ମହିଳା ସଭାନେତ୍ରୀ ଅଳକା ଲାମ୍ବା କହିଛନ୍ତି।

ରବିବାର ନୂଆଦିଲ୍ଲୀସ୍ଥିତ ଏଆଇସିସି ମୁଖ୍ୟ କାର୍ଯ୍ୟାଳୟ ଇନ୍ଦିରା ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ଓଡ଼ିଶା ଭଳି ଭାଜପା ଶାସିତ ରାଜ୍ୟରେ ମହିଳାମାନେ ସମ୍ପୂର୍ଣ୍ଣ ଅସୁରକ୍ଷିତ ରହିଛନ୍ତି। ବଲଙ୍ଗା ଛାତ୍ରୀ ପୋଡ଼ି ମାମଲାରେ ଏପର୍ଯ୍ୟନ୍ତ ପୋଲିସ

### ବଲଙ୍ଗା ନାବାଳିକା ପୋଡ଼ି ମାମଲା

ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାବେଳେ ଅପରାଧୀଙ୍କୁ ସରକାର କ୍ଲିନ୍‌ଚିଟ୍ ଦେବା ଅତ୍ୟନ୍ତ କ୍ଷୋଭର ବିଷୟ। ବାଲେଶ୍ୱର ଓ ବଲଙ୍ଗା ପୀଡ଼ିତାଙ୍କୁ ନ୍ୟାୟ ଓ ଦୋଷୀଙ୍କୁ ଫାଶୀ ଦଣ୍ଡ ଦେବା ଯାଏ କଂଗ୍ରେସ ଲଢ଼ିବ।

ଅଳକା କହିଥିଲେ, ଏହି ଘଟଣାରେ ପୋଲିସ ମତ ବଦଳାଉଥିବା ବେଳେ ମୁଖ୍ୟମନ୍ତ୍ରୀ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। କହୁଛନ୍ତି, ନାବାଳିକା ନିଜେ ନିଜକୁ ଜଳାଇ ଦେଲା। ମୁଖ୍ୟମନ୍ତ୍ରୀ ଏ କଥା କହି ତିନି ଅଭିଯୁକ୍ତଙ୍କୁ କ୍ଲିନ୍‌ଚିଟ୍ ଦେଇଦେଲେ। ପୀଡ଼ିତା ପରିବାରଙ୍କୁ ସୁରକ୍ଷା ସହ ଉଚିତ ସହାୟତା ତୁରନ୍ତ ପ୍ରଦାନ କରନ୍ତୁ। ସରକାର ଫାଷ୍ଟଟ୍ରାକ୍ କୋର୍ଟ ମାଧ୍ୟମରେ ଦୋଷୀଙ୍କୁ ଯଥାଶୀଘ୍ର ଦଣ୍ଡ ଦିଅନ୍ତୁ ବୋଲି ଅଳକା ଦାବି କରିଛନ୍ତି।

ସେ ଆହୁରି କହିଛନ୍ତି, ପୁରୀ ଜିଲା ବଲଙ୍ଗା ପୀଡ଼ିତାଙ୍କୁ ତିନି ଜଣ ଦୁର୍ବୃତ୍ତ ଅପହରଣ କରି ଜୀବନ୍ତ ପୋଡ଼ିଦେଲେ। ତାଙ୍କୁ ପ୍ରଥମେ ଭୁବନେଶ୍ୱର ଏମ୍ସ ଓ ପରେ ଦିଲ୍ଲୀ ଏମ୍ସ ଅଣାଯାଇଥିଲା ତା' ଜୀବନ ବଞ୍ଚାଇବା ପାଇଁ। କିନ୍ତୁ ଶନିବାର ରାତିରେ ଦିଲ୍ଲୀ ଏମ୍ସରେ ପୀଡ଼ିତା ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଜୁଲାଇ ୧୯ରୁ ଅଦ୍ୟାବଧି ପୋଲିସ ଅପରାଧୀଙ୍କୁ ଧରିବାରେ ସଫଳ ହୋଇପାରିନାହିଁ। ଏବେ କିନ୍ତୁ ୧୫ ବର୍ଷର ନାବାଳିକା ଉପରେ ଦୋଷ ଲଦୁଛନ୍ତି। ପରୋକ୍ଷରେ ଝିଅଟି ନିଜେ ନିଜକୁ ଜାଳିଦେଲା ବୋଲି କହୁଛନ୍ତି। ପୋଲିସ କହିଛି, ଏ ଘଟଣାରେ କୌଣସି ବ୍ୟକ୍ତି ସାମିଲ ନାହାନ୍ତି। ଆମେ ନାବାଳିକାକୁ ଭେଟିବା ପାଇଁ ଅନେକ ଉଦ୍ୟମ କଲୁ। କିନ୍ତୁ ଭେଟିବାକୁ ଦେଲେ ନାହିଁ। ଆମ ସ୍ୱରକୁ ଚାପିବାକୁ ଉଦ୍ୟମ କରାଯାଇଛି, ଯାହା କି ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ ବୋଲି ଅଳକା କହିଛନ୍ତି।

# ଟ୍ରାକ୍ ଉଡ଼ାଇଲେ ମାଓବାଦୀ, ରେଳ କର୍ମଚାରୀ ମୃତ

ବଣାଇଁ,୩।୮ (ପ୍ରଦୀପ ତ୍ରିପାଠୀ)

ଶହୀଦ ସପ୍ତାହର ଶେଷ ଦିନରେ ମାଓବାଦୀମାନେ ବଡ଼ଧରଣର ହିଂସା ଘଟାଇଛନ୍ତି। ଚକ୍ରଧରପୁର ରେଳ ଡିଭିଜନ ଅଧୀନ ବିମଳାଗଡ଼-କିରିବୁରୁ ସେକ୍ସନର ରାଞ୍ଜଡା ରେଳ ଷ୍ଟେଶନରୁ ୩ କିଲୋମିଟର ଦୂର ଏବଂ କେ. ବଲାଙ୍ଗ ଥାନାଠାରୁ ୨୭ କିଲୋମିଟର ଦୂରରେ ଥିବା ରେଳଧାରଣା ନିକଟରେ ଖଞ୍ଜାଯାଇଥିବା ଲ୍ୟାଣ୍ଡମାଇନ ବିସ୍ଫୋରଣରେ ଜଣେ ରେଲୱେ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏତୁଆ ଓରାମ। ଏହି ବିସ୍ଫୋରଣରେ ଆଉ ଜଣେ ରେଳ କର୍ମଚାରୀ ବୁଦ୍ଧୁରାମ ମୁଣ୍ଡା ଗୁରୁତର ହୋଇଛନ୍ତି। ତାଙ୍କୁ ରାଉରକେଲା ଆଇଜିଏଚ୍ରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ରାଉରକେଲା ରେଲୱେ ଏସ୍ପି, ସିଆର୍ପିଏଫ୍ ଯବାନ, କେ. ବଲାଙ୍ଗ ପୋଲିସ ଓ ରେଳ ବିଭାଗ କର୍ମଚାରୀ ଉପସ୍ଥିତ ରହି ତଦନ୍ତ ଆରମ୍ଭ କରିଛନ୍ତି। ବମ୍ ନିଷ୍କ୍ରିୟକାରୀ ଦଳ ଓ ବମ୍ ଠାବ ସ୍କ୍ୱାଡ୍ର ସହାୟତା ଲୋଡ଼ାଯାଇଛି।



- ଶହୀଦ ସପ୍ତାହର ଶେଷ ଦିନରେ ବଡ଼ଧରଣର ହିଂସା
- ଓଡ଼ିଆରେ ବ୍ୟାନର ଲଗାଇ ସତର୍କ ଚେତାବନୀ ଦେଇଥିଲେ
- ୧୨ ଘଣ୍ଟା ପରେ ରେଳ ଚଳାଚଳ ସ୍ୱାଭାବିକ: ରେଲୱେ ପୋଲିସ

ଅପରପକ୍ଷେ ଗ୍ୟାଙ୍ଗ ମ୍ୟାନ୍ ଓ ଟ୍ରାକ୍ ମରାମତି କର୍ମଚାରୀ ସୁରକ୍ଷା କ୍ଲିନ ଚିଟ୍ ନ ପାଇବା ପର୍ଯ୍ୟନ୍ତ ଟ୍ରାକ୍କୁ ଯିବେ ନାହିଁ ବୋଲି କହୁଥିବାରୁ ରେଳ ଚଳାଚଳ ସ୍ୱାଭାବିକ ହେବାକୁ ଆହୁରି ୧୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଲାଗିପାରେ ବୋଲି ରେଲୱେ ପୋଲିସ ପକ୍ଷରୁ ସୂଚନା ମିଳିଛି । ସମ୍ପୃକ୍ତ ଟ୍ରାକରେ ଟ୍ରେନ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଛି।

ସୂଚନା ଅନୁଯାୟୀ, ବିମଳାଗଡ଼-କିରିବୁରୁ ସେକ୍ସନର ରାଞ୍ଜଡା ରେଳ ଷ୍ଟେଶନରୁ ୩ କିଲୋମିଟର ଦୂରରେ ଥିବା ରେଳଧାରଣା ପିଲର ନଂ. ୪୭୮/୧ରେ ମାଓବାଦୀମାନେ ଲ୍ୟାଣ୍ଡମାଇନ ଖଞ୍ଜିଥିଲେ। ଶନିବାର ରାତିରେ ବୁଦ୍ଧୁରାମ ସେଠାରେ ଡ୍ୟୁଟି କରୁଥିଲେ। ରାତି ପ୍ରାୟ ୧୧ଟା ୩୩ରେ ହଠାତ୍ ବିସ୍ଫୋରଣ ଘଟିଥିଲା। ଫଳରେ ବୁଦ୍ଧୁରାମ ଗୁରୁତର ହୋଇଥିଲେ। ତାଙ୍କୁ ଉଦ୍ଧାର କରି ରେଲୱେ ପୋଲିସ ଚିକିତ୍ସା ପାଇଁ ଆଇଜିଏଚ୍ରେ ଭର୍ତ୍ତି କରିଛି। କିନ୍ତୁ ଆଶ୍ଚର୍ଯ୍ୟର କଥା, କେହି ସଜାଗ ନ ହେବା କାରଣରୁ ରବିବାର ସକାଳ ପ୍ରାୟ ୯ଟା ୧୧ରେ ପିଲର ନଂ.୪୭୭/୩୪-୩୫ ନିକଟରେ ପୁଣି ବିସ୍ଫୋରଣ ଘଟି କାର୍ଯ୍ୟରତ ରେଲୱେ କର୍ମଚାରୀ ଏତୁଆଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା।

ଉଲ୍ଲେଖଯୋଗ୍ୟ, ପ୍ରଥମେ ଜୁଲାଇ ୨୮ ତାରିଖରେ ଛୋଟନାଗପୁର ଡିଭିଜନାଲ କମିଟିର ପୂର୍ବ ରିଜିଓନାଲ ବ୍ୟୁରୋ ପକ୍ଷରୁ ବିଭିନ୍ନ ସ୍ଥାନରେ ପୋଷ୍ଟର ଲଗାଗଲା। ପୋଲିସ ଖବର ପ୍ରସାରଣକୁ ହେୟଜ୍ଞାନ କରି ସେମିତି ହୋଇ ନ ଥିବା କହିଥିଲା। ତଥ୍ୟ ପ୍ରମାଣ ମିଳିବା ପରେ ପୋଲିସ ଏହାକୁ ସ୍ୱୀକାର କରିଥିଲା। ଗତ ରାତିରେ ମଧ୍ୟ ମାଓବାଦୀମାନେ ରେଲୱେ ଟ୍ରାକର ନଂ. ୪୭୮/୧ ପିଲର ନିକଟରେ ଓଡ଼ିଆରେ ବ୍ୟାନର ଲଗାଇ ସତର୍କ ଚେତାବନୀ ଦେଇଥିଲେ। କେବଳ ସେତିକି ନୁହେଁ, ଟ୍ରେନକୁ ଉଡ଼ାଇବା ଯୋଜନା କରୁଥିବା ମାଓବାଦୀ ସଙ୍ଗଠନ ପକ୍ଷରୁ ଆଉ କେତେକ ସ୍ଥାନରେ ଲ୍ୟାଣ୍ଡମାଇନ ଖଞ୍ଜାଯାଇଛି ଓ ତାକୁ ଠାବ କରିବା ଦିଗରେ ଉଭୟ ରେଳ ଓ ସାଧାରଣ ପ୍ରଶାସନ ସଫଳତା ପାଉଛନ୍ତି ନା ଆହୁରି କ୍ଷୟକ୍ଷତି ଘଟୁଛି ତାହା ଦେଖିବାକୁ ବାକି ରହିଲା।

## ମୁଖ୍ୟମନ୍ତ୍ରୀଙ୍କ ଶୋକ: ଆତ୍ମୀୟଙ୍କୁ ୧୦ଲକ୍ଷ ଟଙ୍କାର ସହାୟତା ଘୋଷଣା

ଭୁବନେଶ୍ୱର,୩।୮ (ରବିନାରାୟଣ ଜେନା)

ଓଡ଼ିଶା ଝାଡ଼ଖଣ୍ଡ ସୀମାରେ ଏକ ଅପ୍ରତ୍ୟାଶିତ ଆଇଇଡି ବିସ୍ଫୋରଣରେ ଭାରତୀୟ ରେଳରେ କାର୍ଯ୍ୟରତ କି-ମ୍ୟାନ୍ ଏତୁଆ ଓରାମଙ୍କ ଦୁଃଖଦ ପ୍ରାଣହାନିକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ତାଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏହାସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ସୋଲୋ ଆର୍ଟ ଏକ୍ସିବିଶନ୍ 'ଦେଶ୍', ସ୍ଥାନ:ଭୁବନେଶ୍ୱର କ୍ଲବ୍, ସମୟ: ପୂର୍ବାହ୍ନ ୧୧ଟା।
- ଉତ୍କଳ ସମ୍ମିଳନୀ ପକ୍ଷରୁ ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଶ୍ରାଦ୍ଧ ଦିବସରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ରାଜଭବନ ନିକଟ ନନ୍ଦିନୀ ଶତପଥୀ ଛକ, ସମୟ: ସକାଳ ୯ଟା।

## ଖୋର୍ଦ୍ଧା
- ଜିଲାସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ସକାଳ ୯ଟା ୩୦।

## ବାଲେଶ୍ୱର
- ରକ୍ତଦାନ ଶିବିର, ସ୍ଥାନ: ଷ୍ଟେଶନ କ୍ଲବ, ବାଲେଶ୍ୱର, ସମୟ: ସକାଳ ୯ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠ, ବାଲେଶ୍ୱର, ସମୟ:ପୂର୍ବାହ୍ନ ୧୦ଟା।

## ଭଦ୍ରକ
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର
- ହଟକେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା, ଭଜନ କୀର୍ତ୍ତନ, ସ୍ଥାନ: ହାଟଡିହୀ, ଛେନାପଦି, ସମୟ:ସକାଳ ୬ଟା ଓ ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ହ୍ୟାଣ୍ଡଲୁମ୍ ଫେବ୍ ପ୍ରଦର୍ଶନୀ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଏବଂ ଆକାଂକ୍ଷା ହାଟ, ସ୍ଥାନ: କଲେଜ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।

## ଗଜପତି
- ଜନ ଅଭିଯୋଗ ଶୁଣାଣି, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ପାରଳାଖେମୁଣ୍ଡି,ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ
- ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ଷ୍ଟାଡିୟମ ପରିସର, ସମୟ: ସକାଳ ୮ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସଦର ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା।
- ବରିଷ୍ଠ ଖବରଦାତା ସଂଘ ଢେଙ୍କାନାଳ ଶାଖାର ସାଧାରଣ ବୈଠକ, ସ୍ଥାନ: ନନ୍ଦିନୀ ଦେବୀ ଅନ୍ଧ,ମୂକ,ବଧୀର ବିଦ୍ୟାଳୟ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା୩୦।

## ଜଗତ୍‌ସିଂହପୁର
- ଶ୍ରାବଣ ମାସର ଶେଷ ଜଳାଭିଷେକ, ସ୍ଥାନ: ପଞ୍ଚପଲ୍ଲୀ ଗ୍ରାମେଶ୍ୱର ପୀଠ, ଏରସମା, ସମୟ: ପ୍ରାତଃ ୪ଟା।
- ଜିଲାପାଳଙ୍କ ଜନ ଶୁଣାଣି ଶିବିର, ସ୍ଥାନ: ଏରସମା ବ୍ଲକ ସଭା ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ସୁଶ୍ରୀଶୁଭଶ୍ରୀ ସାହିତ୍ୟ ସଂସଦ ତରଫରୁ ପରିବେଶ ସଚେତନତା ଓ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ସାନମଠ, ଇଟ୍ରିସିଂ, ତିର୍ତ୍ତୋଲ, ସମୟ: ପୂର୍ବାହ୍ନ ୧୦ଟା।
- ଜଗତ୍‌ସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ନନ୍ଦିନୀ ଶତପଥୀଙ୍କ ୧୯ତମ ଶ୍ରାଦ୍ଧ ଦିବସ ଉପଲକ୍ଷେ ବକ୍ତୃତା, ପ୍ରବନ୍ଧ ପ୍ରତିଯୋଗିତା, ସ୍ଥାନ: ଗାଦିବ୍ରହ୍ମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କାଦୁଆପଡ଼ା, ଜଗତ୍‌ସିଂହପୁର, ସମୟ: ମଧ୍ୟାହ୍ନ ୧୨ଟା।

## କେନ୍ଦ୍ରାପଡ଼ା
- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଟାଉନ ହଲ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ଜିଲାପାଳ ଓ ଏସପିଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ଯାଜପୁର ଜିଲା ପରିଷଦ ସମ୍ମିଳନୀ ଗୃହ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ଶ୍ରାବଣ ଅଭିଷେକ, ସ୍ଥାନ: ଖଣ୍ଡପଡ଼ା ବ୍ଲକ୍ ଗୋକୁଳାନନ୍ଦ ପୀଠ ସିଦ୍ଧାମୂଳା, ସମୟ: ସକାଳ ୭ଟା।
- ବର ଅଶ୍ୱସ୍ତ ବିବାହ ଉତ୍ସବ, ସ୍ଥାନ: ଓଡ଼ଗାଁ ତହସିଲ କାର୍ଯ୍ୟାଳୟ, ସମୟ: ସକାଳ ୮ଟା ।
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି, ସ୍ଥାନ:ନୟାଗଡ଼ ଜିଲାପାଳଙ୍କ ସଦ୍‌ଭାବନା କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲାସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଓ ଆକାଂକ୍ଷା ହାଟର ଚତୁର୍ଥ ଦିବସ, ସ୍ଥାନ: ନୟାଗଡ଼ ଜିଲା ସଂସ୍କୃତି ଭବନ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଆ ସାମ୍ବାଦିକତା ଦିବସ, ସ୍ଥାନ: ନୟାଗଡ଼ ସହର ଖଣ୍ଡପଡ଼ା ରୋଡ଼ସ୍ଥ ରୋଟାରୀ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ୭୯ତମ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ଅବସରରେ ପ୍ରସ୍ତୁତି ବୈଠକ, ସ୍ଥାନ:ନୟାଗଡ଼ ଜିଲାପାଳଙ୍କ ସଦ୍‌ଭାବନା କକ୍ଷ, ସମୟ: ଅପରାହ୍ନ ୪ଟା।
- ଝୁଲଣ ଯାତ୍ରା ଆରମ୍ଭ, ସ୍ଥାନ: ଖଣ୍ଡପଡ଼ା ବ୍ଲକ୍ ଗୋକୁଳାନନ୍ଦ ପୀଠ ସିଦ୍ଧାମୂଳା, କଣ୍ଟିଲୋ ରାଧାମୋହନ ପୀଠ, ସମୟ: ସନ୍ଧ୍ୟା ୭ଟା।
- ଝୁଲଣ ଯାତ୍ରା ଆରମ୍ଭ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ରାତି ୯ଟା।

## ରାୟଗଡ଼ା
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ରାୟଗଡା ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଉପଖଣ୍ଡ ସ୍ତରୀୟ ସାଧୀନତା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ ର ସଦ୍‌ଭାବନା ଗୃହ, ଗୁଣପୁର, ସମୟ: ୧୧ଟା।

## ନବରଙ୍ଗପୁର
- ଜିଲାସ୍ତରୀୟ ବିଶ୍ୱ ଆଦିବାସୀ ଦିବସ ପାଳନ ସକାଶେ ପ୍ରସ୍ତୁତି ବୈଠକ, ସ୍ଥାନ: ଝରିଗାଁ ପଞ୍ଚାୟତ ସମିତି ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା ।

## କୋରାପୁଟ
- ଜିଲାସ୍ତରୀୟ ଜନଶୁଣାଣି, ସ୍ଥାନ: କୁନ୍ଦୁରା ବ୍ଲକ୍ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ଗିର୍ଲା ପଞ୍ଚାୟତ ସଭାଗୃହ, କୋଟପାଡ଼ ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ମସ୍ତିପୁଟ ପଞ୍ଚାୟତ କାର୍ଯ୍ୟାଳୟ, ମସ୍ତିପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: ପାଡୁଆ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ ରାଜପାଲମା, ସେମିଳିଗୁଡ଼ା ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାଧୀନତା ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ ସଭାଗୃହ, ସମୟ:୧୧ଟା ୩୦।
- ଆମ ପୋଲିସ ସମିତି ବୈଠକ, ସ୍ଥାନ: ପଟ୍ଟାଙ୍ଗି ଥାନା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଓ ଜନଶୁଣାଣି, ସ୍ଥାନ: ଜାମୁଣ୍ଡା, ଜୟପୁର, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର
- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା ।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ : ହାୱା ମଇଦାନସ୍ଥିତ ଗାନ୍ଧୀ ପାର୍କ, ସମୟ ସକାଳ ୬ଟା ।
- ଜିଲା ପ୍ରଶାସନର ମିଳିତ ଜନ ଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ: ମାନେଶ୍ୱର ବ୍ଲକ କାର୍ଯ୍ୟାଳୟସ୍ଥିତ ସଭାଗୃହ, ସମୟ : ପୂର୍ବାହ୍ନ ୧୦ଟା ।
- ସମ୍ବଲପୁରୀ ଏକତା ମଞ୍ଚର ସମ୍ବଲପୁରୀ ଦିନ୍ ସମୀକ୍ଷା ବୈଠକ, ସ୍ଥାନ : ଗଙ୍ଗାଧର ମୁକ୍ତ ମଣ୍ଡପ, ସମୟ : ମଧ୍ୟାହ୍ନ ୧୨ଟା ।
- ସାଓଲିନ କୁଙ୍ଗ୍ ଉସୁ ଆସୋସିଏଶନ ଆୟୋଜିତ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସନ୍ଧ୍ୟା ୬ଟା ।

## ବଲାଙ୍ଗୀର
- ଜିଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଗୁଡଭେଲା, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦
- ଅଖିଳ ଭାରତୀୟ ସାହିତ୍ୟ ପରିଷଦ ପକ୍ଷରୁ ବ୍ୟାସ ଜୟନ୍ତୀ ଓ ଭାଗବତ ଚର୍ଚ୍ଚା, ସ୍ଥାନ: ରାଧାକୃଷ୍ଣ ମନ୍ଦିର, ବ୍ରାହ୍ମଣପଡା, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା

## ରାଉରକେଲା
- ଶ୍ରାବଣ ମାସ ଶେଷ ସୋମବାର ପାଇଁ କାଉଡିଆ ଯାତ୍ରା, ସ୍ଥାନ: ସେକ୍ଟର-୨, ସମୟ: ଭୋର ୫ଟା।
- ରୋଟାରୀ ଲିଡରଶିପ୍, ସ୍ଥାନ: ବ୍ରାହ୍ମଣୀ କ୍ଲବ, ସମୟ: ସକାଳ ୯ଟା ୩୦।
- ଆର୍‌ଏସ୍‌ପି ୟୁନାଇଟେଡ୍ କଣ୍ଟ୍ରାକ୍ଟର୍ସ ଆସୋସିଏଶନ ବୈଠକ, ସ୍ଥାନ: ସେକ୍ଟର-୪ କମ୍ୟୁନିଟି ସେଣ୍ଟର, ସମୟ: ମଧ୍ୟାହ୍ନ ୧୨ଟା।

## ବରଗଡ଼
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଝାଡ଼େଶ୍ୱର ମନ୍ଦିର, ରେଙ୍ଗାଲପାଲି, ବରଗଡ଼, ସମୟ: ସକାଳ ୮ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ଭେଡେନ, ସମୟ:ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି
- ଇନ୍ଦ୍ରପୂଜା ଉଦ୍‌ଯାପିତ, ସ୍ଥାନ: କେସିଙ୍ଗା ବ୍ଲକ ବାଲସି ଶ୍ରୀଜଗନ୍ନାଥ ମନ୍ଦିର ପରିସର, ସମୟ: ସକାଳ ୭ଟା।
- ଜିଲାସ୍ତରୀୟ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: ଭବାନୀପାଟଣା ଜିଲାପାଳଙ୍କ ଅଫିସ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ସିଟିଜେନ କମିଟି (ଏନଏସି ) ପକ୍ଷରୁ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଆଲୋଚନା, ସ୍ଥାନ: ଏନ୍‌ଏସି ସଦଭାବନା ଗୃହ, ସମୟ: ଅପରାହ୍ନ ୪ଟା।

## ବୌଦ୍ଧ
- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ସୋନପୁର ବ୍ଲକ କିର୍ତ୍ତୀପୁର ଶିବ ମନ୍ଦିରରେ ଜଳଶାୟୀ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୭ଟା।
- ତରଭା ତେନ୍ତୁଳିଘାଟ କୁଶଳେଶ୍ୱର ମନ୍ଦିରରେ ଜଳାଭିଷେକ ଓ ଶିବ ପୁରାଣ ପଠନ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୭ଟା।
- ସୁବର୍ଣ୍ଣପୁର ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ସୋନପୁର ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ଦୁର୍ଜନତଏଲା ପଞ୍ଚାୟତ, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୦ଟା୩୦।
- ବୀରମହାରାଜପୁର ବରିଷ୍ଠ ନାଗରିକ ସଙ୍ଗଠନ ପକ୍ଷରୁ ଶେଷ ସୋମବାର ଶିବଙ୍କ ଉପରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ବରିଷ୍ଠ ନାଗରିକ ସଙ୍ଗଠନ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା
- ଉପନୟନ ଏବଂ ବେଦାରମ୍ଭ ସଂସ୍କାର ତଥା ୧୬ତମ ଚର୍ତୁବେଦ ଯଜ୍ଞ ଦ୍ୱିତୀୟ ଦିବସ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଗୋଡ଼ଫୁଲା ପଞ୍ଚାୟତ ଗୁରୁକୁଳ ହରିପୁର ଜୁନାନୀ, ସମୟ: ପ୍ରାତଃ ୫ ଟା ୪୦।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ସଦ୍‌ଭାବନା ସଭାଗୃହ, ନୂଆପଡ଼ା ସମୟ: ପୂର୍ବାହ୍ନ ୧୦ ଟା।
- ବାନର ସେନା ପକ୍ଷରୁ ଭଣ୍ଡାରେ କାର୍ଯ୍ୟକ୍ରମ, ସ୍ଥାନ: ପାତାଳେଶ୍ୱର ଶିବ ମନ୍ଦିର, ବୃନ୍ଦିକୋମନା, ସମୟ: ମଧ୍ୟାହ୍ନ ୧୨ଟା।
- ପାଣିଗ୍ରାହୀ ଓ ସାହୁ ସମାଜ ପକ୍ଷରୁ ଅନ୍ନଛତ୍ର, ସ୍ଥାନ: ଯୋଗେଶ୍ୱର ମନ୍ଦିର ପତୋରା, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ବୋଲବମ ସେବା ସମିତି ତରବୋଡ ପକ୍ଷରୁ ଅନ୍ନଭୋଜନ ଓ ଜଳଛତ୍ର, ସ୍ଥାନ: ନୂତନ ଗେରେଜ ବେମାଲ କମ୍ପ୍ଲେକ୍ସ ସମ୍ମୁଖ, ସମୟ: ମଧ୍ୟାହ୍ନ ୧୨ଟା।
- ଜିଲାପାଳଙ୍କ ବର୍ଦ୍ଧିତ ଅଭିଯୋଗ ଶୁଣାଣି, ସ୍ଥାନ: ନୂଆପଡା ସଦର ବ୍ଲକ ସାଲିହା ପଞ୍ଚାୟତ ଖାଲବାହାଲ ସାପ୍ତାହିକ ହାଟ ପଡ଼ିଆ, ସମୟ: ଅପରାହ୍ନ ୩ ଟା।
- ଜିଲାସ୍ତରୀୟ ସମ୍ପୂର୍ଣ୍ଣତା ହାଟ ତୃତୀୟ ଦିବସ, ସ୍ଥାନ: ମିନି ଷ୍ଟାଡିୟମ, ନୂଆପଡ଼ା, ସମୟ ଅପରାହ୍ନ ୫ ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପାରିବାରିକ ସମସ୍ୟା ସମାଧାନ କ୍ଷେତ୍ରରେ ଜଣେ ବନ୍ଧୁ ସାହାଯ୍ୟ କରିବେ। ପରିବାରର ଆବଶ୍ୟକତା ପୂରଣ ସକାଶେ ଧାର କରଜ କରିବାକୁ ବାଧ୍ୟ ହୋଇପାରନ୍ତି। ଯାନ୍ତ୍ରିକ ଶିଳ୍ପ, ପରିବହନ, ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହୋଇପାରେ। ଅଶ୍ୱିନୀ ନକ୍ଷତ୍ର ସକାଶେ ଜମିଜମା କିଣାବିକା କ୍ଷେତ୍ରରେ ମନସ୍ତାପ କରିବାକୁ ପଡ଼ିପାରେ।

**ବୃଷ** ରୋହିଣୀ ନକ୍ଷତ୍ର ଅନ୍ୟଦ୍ୱାରା ପ୍ରଭାବିତ ହୋଇ ବନ୍ଧୁଙ୍କ ଭରସା ଆପଣଙ୍କ ଉପରୁ ତୁଟିଯାଇପାରେ। ଶିଳ୍ପ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ପାରିବାରିକ ସମସ୍ୟା ଭିତରେ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବାପାଇଁ ସମର୍ଥ ହେବେ। ବନ୍ଧୁଙ୍କ ପରାମର୍ଶରେ ମୂଲ୍ୟବାନ୍ ଜିନିଷ କ୍ରୟ କରିବା ସକାଶେ ମନ ବଳାଇ ପାରନ୍ତି।

**ମିଥୁନ** ସମ୍ପର୍କୀୟଙ୍କ ବିବାଦୀୟ ପରିସ୍ଥିତିରେ ମଧ୍ୟସ୍ଥତା କରି ଅଯଥା ଶିରୋନାସ୍ତି ଶିରଃପୀଡ଼ା ଅନୁଭବ କରିବେ। ବ୍ୟବସାୟରେ ସମସ୍ୟା ବଡ଼ ଆକାର ଧାରଣ କରିବାର ଆଶଙ୍କା ରହିଛି। ସ୍ୱାସ୍ଥ୍ୟଗତ ସମସ୍ୟାର ସମାଧାନ ସକାଶେ ଅନ୍ୟର ପରାମର୍ଶକୁ ଗ୍ରହଣ କରିବେ। ପୁନର୍ବସୁ ନକ୍ଷତ୍ର ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି।

**କର୍କଟ** ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ଅଶ୍ଳେଷା ନକ୍ଷତ୍ର ପାରିବାରିକ କଳହକୁ କେନ୍ଦ୍ରକରି ଭାବପ୍ରବଣ ହୋଇପାରନ୍ତି। ବ୍ୟବସାୟରେ, ପରିବହନରେ କିମ୍ବା ମାଲିମକଦ୍ଦମାରେ ସଫଳତା ପାଇବେ। ଆଜିର ଯାତ୍ରା ସମୟରେ ଅତି ପ୍ରିୟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଖୁସି ହେବେ।

**ସିଂହ** ଅଟକି ରହିଥିବା କାମକୁ ଆଜି ସମ୍ପନ୍ନ କରିବାରେ ଅସୁବିଧା ହେବ ନାହିଁ। ପୂର୍ବାଫାଲଗୁନୀ ନକ୍ଷତ୍ର ସରକାରୀ କାମରେ ମାତ୍ରାଧିକ ଭ୍ରମଣ ଯୋଗୁ କ୍ଳାନ୍ତି ଅନୁଭବ କରିପାରନ୍ତି। ଆର୍ଥିକ ଅନଟନ ଦୂରେଇବାରେ ପଡ଼ୋଶୀଙ୍କ ଅବଦାନ ଅବିସ୍ମରଣୀୟ ରହିବ। ଯାନ ବାହନ, ହୋଟେଲ ଶିଳ୍ପ, କ୍ଷେତ୍ରନାରୀ ବ୍ୟବସାୟରେ ଉନ୍ନତି କରିବେ।

**କନ୍ୟା** ଆଜି ଚିତ୍ରା ନକ୍ଷତ୍ର ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ ଭୁଲ୍ କାମ କରିପାରନ୍ତି। ସାହିତ୍ୟ ଓ ସଭା ସମିତିରେ ସମସ୍ୟା ସମାଧାନର ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ଦୀର୍ଘଦିନରୁ ଅପେକ୍ଷା କରିଥିବା କୌଣସି ଖବର ପାଇ ଖୁସି ହୋଇପାରନ୍ତି । ଅଫିସରୁ ଆସିବା ବେଳକୁ ନିଜ ମନପସନ୍ଦର ଜିନିଷଟି କିଣିବାରେ ସମର୍ଥ ହେବେ।

**ତୁଳା** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିବା ସହ ପରିବାରରେ ସୁଖ ଶାନ୍ତି ଫେରାଇ ଆଣିବାରେ ସମର୍ଥ ହେବେ। ସ୍ୱାତୀ ନକ୍ଷତ୍ର ସକାଶେ ଶିଳ୍ପ, ବ୍ୟବସାୟ ଓ ପରିବହନରେ ସଫଳତା ମିଳିବ। ସୁଯୋଗ ହରାଇବା ସକାଶେ ବ୍ୟଥିତ ହୋଇପାରନ୍ତି। ସାଧାରଣ କଥାରେ ତର୍କ କାରଣରୁ ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖା ଦେଇପାରେ।

**ବିଛା** ଅନୁରାଧା ନକ୍ଷତ୍ର କର୍ମକ୍ଷେତ୍ରରେ ଅପୂର୍ବ ସାହସିକତା ପ୍ରଦର୍ଶନ କରି ପ୍ରଶଂସିତ ହେବେ। ସାମ୍ବାଦିକତା, ପ୍ରଶାସନ, ରାଜନୀତି , ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ। ଶତ୍ରୁ ପାଖେଇ ଆସିବେ ସିନା କୌଣସି କ୍ଷତି କରିପାରିବେ ନାହିଁ । ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ ଦେଖାସାକ୍ଷାତ୍‌ରୁ ଉପକୃତ ହେବେ।

**ଧନୁ** ପୂର୍ବାଷାଢ଼ା ନକ୍ଷତ୍ର ବନ୍ଧୁଙ୍କସହ ଆଲୋଚନା ପରିସରରେ ଅଥବା ସଭାସମିତିରେ ପ୍ରଶଂସିତ ହେବେ। ଗବେଷଣା, ଅନୁସନ୍ଧାନ, ରଚନାତ୍ମକ କାର୍ଯ୍ୟ ତଥା ଆଲୋଚନା କ୍ଷେତ୍ରରୁ ଶୁଭଫଳ ପାଇବେ। ଅସମର୍ଥିତ ସୂତ୍ରରୁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହେବେ। ବନ୍ଧୁ ପ୍ରତିଶ୍ରୁତି ରକ୍ଷାକରି କାମରେ ସାହାଯ୍ୟ କରିବେ।

**ମକର** ପୂର୍ବ ସ୍ଥିରୀକୃତ ଆଲୋଚନାକ୍ରମେ ଆଜି ନୂତନ କାର୍ଯ୍ୟରେ ହାତଦେବାକୁ ସ୍ଥିର କରିବେ । ଶ୍ରବଣା ନକ୍ଷତ୍ର ବିବାଦୀୟ ଘଟଣା ଅମୀମାଂସିତ ରହିବାରୁ ମାନସିକ ଯନ୍ତ୍ରଣା ପାଇବେ। ବନ୍ଧୁଙ୍କ ଆଗମନକୁ ଅପେକ୍ଷା କରିବା ହେତୁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ପରିବାରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ।

**କୁମ୍ଭ** କର୍ମକ୍ଷେତ୍ରରେ ସଫଳତାର ସହ କାର୍ଯ୍ୟକରି ଏକପ୍ରକାର ଆନନ୍ଦ ଅନୁଭବ କରିପାରିବେ। ଆଜିର ଫେରିବା ବାଟରେ ହଠାତ୍ ମୂଲ୍ୟବାନ ଦ୍ରବ୍ୟ ଲାଭ ହୋଇପାରେ। ଶତଭିଷା ନକ୍ଷତ୍ର କୌଣସି ଦୁଃଖାନ୍ତକ ବିଷୟରେ ପାଖ ପଡ଼ୋଶୀ ସହାନୁଭୂତି ପ୍ରଦର୍ଶନ କରିପାରନ୍ତି। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ।

**ମୀନ** ସହକର୍ମୀଙ୍କ ସହାନୁଭୂତି ଯୋଗୁ କାମଗୁଡ଼ିକ ସମ୍ପନ୍ନ କରିବାରେ ବିଶେଷ ଅସୁବିଧା ହେବ ନାହିଁ। ପାରିବାରିକ ଜୀବନରେ ଅନାଦର ପାଇବାରୁ ମାନସିକ ଅସ୍ଥିରତା ସୃଷ୍ଟି ହୋଇପାରେ । ରେବତୀ କଠୋର ପରିଶ୍ରମ କରି ସମସ୍ୟା ସମାଧାନ କରିବାରେ ଧ୍ୟାନ ଦେବେ। ଦୋକାନ, ନିର୍ମାଣ, ଯାତ୍ରା, ବିବାଦ, ସଭାସମିତିରୁ ଆଶ୍ୱସ୍ତି ଲାଭକରି ପାରନ୍ତି।

ଆଜି ଅଗଷ୍ଟ ୪ ତାରିଖ, ଶ୍ରୀମନ୍ଦିରରେ ଝୁଲଣଯାତ୍ରା ବା କୁଗ୍ରହ ମହୋତ୍ସବ ଆରମ୍ଭ, ଶ୍ରାବଣ ଶୁକ୍ଳ ଦଶମୀ ଯୁକ୍ତ ଏକାଦଶୀ ସୋମବାର। ଶ୍ରାବଣ ସୋମବାର ବ୍ରତ ଶେଷ, ରାଶିନକ୍ଷତ୍ର-ଦିବା ଘ. ୦୯.୧୧ ମି. ପର୍ଯ୍ୟନ୍ତ ଅନୁରାଧା/ବିଛା, ଏକାଦଶୀର ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୨୭ ଗତେ ଘ.୦୭.୦୩ ମଧ୍ୟେ, ଘ.୧୦.୩୫ ଗତେ ଘ.୦୧.୦୯ ମଧ୍ୟେ ଶୁଦ୍ଧ ଶୁଭ ବେଳା । ସକାଳ ଘ.୦୭.୦୩ ଗତେ ଘ.୦୮.୩୯ ମଧ୍ୟେ ରାହୁ କାଳ ।

## ପ୍ରଥମ ପୃଷ୍ଠାରୁ...

### ଆଜିଠୁ ୩ ବର୍ଷିଆ ...

ନାମଲେଖା ପାଇଁ ଚୟନ ହୋଇଥିବା ଛାତ୍ରୀଛାତ୍ର ୨୨ରୁ ୨୬ ତାରିଖ ପର୍ଯ୍ୟନ୍ତ ସ୍ଲାଇଡ୍ ବା ଫ୍ରିଜ୍ ଅପ୍‌ସନ ଦେଇପାରିବେ। ଏହାସହ ଅଗଷ୍ଟ ୨୩ରୁ ୨୬ତାରିଖ ମଧ୍ୟରେ ଚୟନ ହୋଇଥିବା ଶିକ୍ଷାନୁଷ୍ଠାନକୁ ଯାଇ ନାମଲେଖାଇ ପାରିବେ। ସେହିପରି ସେପ୍ଟେମ୍ବର ୧ରେ ଦ୍ୱିତୀୟ ରାଉଣ୍ଡ ସିଟ୍ ପ୍ରଦାନ କରାଯିବା ପରେ ୪ ତାରିଖ ମଧ୍ୟରେ ସ୍ଲାଇଡ୍ ବା ଫ୍ରିଜ୍ ଅପଶନ୍ ଦେବାସହ ନାମଲେଖାଇ ପାରିବେ। ଏହାପରେ ସ୍ପଟ୍ ନାମଲେଖା ପାଇଁ ମେଧା ତାଲିକା ସେପ୍ଟେମ୍ବର ୮ରେ ପ୍ରକାଶ ପାଇବାକୁ ଥିବାବେଳେ ୧୩ ତାରିଖ ମଧ୍ୟରେ ନାମଲେଖା ସରିବ। ସେପ୍ଟେମ୍ବର ୮ରୁ ଇଣ୍ଟିଗ୍ରେଟେଡ୍ ବି.ଏଡ୍ ଏବଂ ଏମ୍.ଏଡ ପାଠପଢ଼ା ଆରମ୍ଭ ହେବ ବୋଲି ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।



### ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ମାଙ୍କଡ଼ ହାତେ ଶାଳଗ୍ରାମ,**
**ନଚାଇ ନଚାଇ ନିଏ ପ୍ରାଣ ।**

ଅଯୋଗ୍ୟ ବ୍ୟକ୍ତି କୌଣସି କାର୍ଯ୍ୟକୁ ସୁଚାରୁ ରୂପେ ତୁଲାଇ ପାରି ନଥାନ୍ତି। ଗୁରୁଦାୟିତ୍ୱ ବହନ କରିବାରେ ଅକ୍ଷମତା ପ୍ରକାଶ କରିଥାନ୍ତି। ଅପାତ୍ରରେ ଦାନ ଦେଲା ଭଳି ଅଯୋଗ୍ୟ ତଥା ଅପାରଗ ବ୍ୟକ୍ତିଙ୍କ ହାତରେ କ୍ଷମତା ଦିଆଗଲେ ହୀନସ୍ତା ଭୋଗିବାକୁ ପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମୁଁ ଖାଉଥାଏ ମୋହର ଭାତ;**
**ତୋହର କିଆଁ ଗାଲରେ ହାତ ?**

କାହା ଉପରେ ନିର୍ଭର ନ କରି ନିଜ ଗୋଡ଼ରେ ନିଜେ ଠିଆ ହେବା ଶ୍ରେୟସ୍କର। ନିଜେ ପରିଶ୍ରମ କରି ପାଞ୍ଚ ଜଣରେ ଜଣେ ହେବା ଖୁସି ଓ ଆନନ୍ଦର ବିଷୟ ହୋଇଥାଏ। ଏଥିରେ ଯଶ ଓ ସମ୍ମାନ ମିଳିଥାଏ। ଯେତେବେଳେ ଜଣେ ନିଜ ଅର୍ଜନରେ ନିଜେ ପୋଷିହୁଏ, ସେତେବେଳେ ତା'ର ଭବିଷ୍ୟତ କଥା ନେଇ ଅନ୍ୟ କେହି ଚିନ୍ତା କରିବା ଅନାବଶ୍ୟକ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

### ବୋର୍ଡ ଉପସଭାପତି ...

ନୀହାର ଯୋଗସୂତ୍ର ରକ୍ଷା କରୁଥିଲେ। ପ୍ରଶ୍ନପତ୍ର ସେଟିଂ ଦାୟିତ୍ୱ ତାଙ୍କ ଉପରେ ଥିଲା। ସେ 'ଏନି ଡେସ୍କ' ଜରିଆରେ ଆଇଡି ଓ ପାସ୍‌ୱାର୍ଡ ବ୍ୟବହାର କରି ପ୍ରେସ୍ ସହ ପ୍ରଶ୍ନପତ୍ର ସଂକ୍ରାନ୍ତୀୟ ସମସ୍ୟାର ସମାଧାନ କରୁଥିଲେ। ପାସ୍‌ୱାର୍ଡ କେବଳ ଉପସଭାପତି ଜାଣିଥିଲେ। ପ୍ରେସ୍ ତାଙ୍କୁ ପ୍ରଶ୍ନପତ୍ର ପଠାଇବା ପରେ ସେ ତାହାକୁ ଡାଉନ୍‌ଲୋଡ୍ କରି ଆବଶ୍ୟକ ସଂଶୋଧନ କରୁଥିଲେ। ଏଥିସହିତ ସଂଶୋଧିତ ପ୍ରଶ୍ନପତ୍ର ପ୍ରେସ୍‌କୁ ପଠାଇବା ପରେ କମ୍ପ୍ୟୁଟରରୁ ଡିଲିଟ୍ କରିଦେବାର ନିୟମ ଥିଲା। କ୍ରାଇମ୍‌ବ୍ରାଞ୍ଚ ଜେରାବେଳେ ଉପସଭାପତି ପ୍ରଶ୍ନପତ୍ର ସଂଶୋଧନ କରିବା ପରେ ତାହାକୁ ଡିଲିଟ୍ କରିଦେଉଥିଲେ ବୋଲି ସ୍ୱୀକାର କରିଥିଲେ। ଡେସ୍କଟପ୍ ଅପେକ୍ଷା ଲାପଟପ୍ ଅପେକ୍ଷାକୃତ ନିରାପଦ, ବ୍ୟକ୍ତିଗତ ହେପାଜତରେ ରହିପାରିବ। ଏହାଦ୍ୱାରା ସେ ଯେକୌଣସି ସ୍ଥାନରେ ଥିଲେ ବି କାମ କରିପାରୁଥିଲେ ବୋଲି କହିଥିଲେ। ହେଲେ ଓଟିଇଟି ପ୍ରଶ୍ନପତ୍ର ସଂଶୋଧନ କରି ପଠାଇବା ପରେ ସେ ଲାପ୍‌ଟପ୍‌ରୁ ପାସ୍‌ୱାର୍ଡ ଡିଲିଟ କରି ନ ଥିଲେ ବୋଲି ତଦନ୍ତ ସମୟରେ ଜଣାପଡ଼ିଛି। ଦ୍ୱିତୀୟତଃ ଲାପ୍‌ଟପ୍ ଅଭିଯୁକ୍ତ ଜିତନଙ୍କୁ କାମ କରିବା ପାଇଁ ଦେଇଥିଲେ। ଜିତନଙ୍କ ପରୀକ୍ଷା ସଂକ୍ରାନ୍ତୀୟ କୌଣସି ଦାୟିତ୍ୱ ନ ଥିଲା। ପରୀକ୍ଷା ନିୟନ୍ତ୍ରକଙ୍କ ସହ ଉପସଭାପତିଙ୍କ ଯୋଗାଯୋଗ ଥିଲା। ପରୀକ୍ଷା ନିୟନ୍ତ୍ରକଙ୍କ ଅଧୀନ ଜିତନ ମହାରଣା କାମ କରୁଥିଲେ। ଅପରପକ୍ଷରେ ଜିତନଙ୍କ କାର୍ଯ୍ୟକଳାପ ପୂର୍ବରୁ ସନ୍ଦେହଜନକ ଥିଲା। ସେଥିପାଇଁ ତାଙ୍କୁ ପରୀକ୍ଷା କାର୍ଯ୍ୟରୁ ଦୂରେଇ ରଖାଯାଇଥିଲା। ବୋର୍ଡ ଅଫିସରେ କର୍ମଚାରୀମାନଙ୍କୁ ପଚରାଉଚରା ବେଳେ ଉପସଭାପତିଙ୍କ ସହ ଜିତନଙ୍କ ସମ୍ପର୍କ ଥିବା କେହି କହି ନ ଥିଲେ। କିନ୍ତୁ ବିଭିନ୍ନ ଦିଗକୁ ଖୋଳତାଡ଼ କରିବା ପରେ ମୋବାଇଲ ଫୋନ୍ କଲ୍ ରେକର୍ଡ ଯାଞ୍ଚ କରାଯାଇଥିଲା। ଗତ ୩ ମାସ ମଧ୍ୟରେ ୧୦୦ ଥର ଉପସଭାପତି ଜିତନଙ୍କ ସହ ଅଫିସ ସମୟ ବ୍ୟତୀତ ଅନ୍ୟ ସମୟରେ କଥାବାର୍ତ୍ତା ହୋଇଥିବା ଜଣାପଡ଼ିଥିଲା। ତେବେ ଜିତନଙ୍କ ସହ କୌଣସି ଅଫିସିଆଲ ଅଥବା ସୋସିଆଲ ସମ୍ପର୍କ ନ ଥିବା ବେଳେ ଏତେ ଥର କଥା ହେବାକୁ ନେଇ କ୍ରାଇମ୍‌ବ୍ରାଞ୍ଚ ବୋର୍ଡ ଉପସଭାପତିଙ୍କୁ ସନ୍ଦେହ ଘେରକୁ ଆଣିଥିଲେ। ଏଭଳି ସମ୍ପର୍କକୁ ନେଇ ଜିତନ କ୍ରାଇମବ୍ରାଞ୍ଚ ଜେରା ବେଳେ ସ୍ୱୀକାର କରିଛନ୍ତି। ପ୍ରଶ୍ନପତ୍ର ଛପା ଦାୟିତ୍ୱ ନେଇଥିବା ଭୋପାଳ ପ୍ରେସ୍ ସହ ପ୍ରଶ୍ନପତ୍ର ଛପା ପ୍ରୋଟୋକଲ ବିଷୟରେ ମଧ୍ୟ କ୍ରାଇମବ୍ରାଞ୍ଚ ତଦନ୍ତ କରିଥିଲା। ପରିଶେଷରେ କ୍ରାଇମବ୍ରାଞ୍ଚ ନିଶ୍ଚିତ ହୋଇଥିଲା ଯେ ଉପସଭାପତି ଜାଣିଶୁଣି ପ୍ରଶ୍ନପତ୍ର ଛପାର ସମସ୍ତ ସୁରକ୍ଷାଗତ ଦିଗ ଓ ପ୍ରୋଟୋକଲ ଉଲ୍ଲଂଘନ କରିଛନ୍ତି। ସେ ପ୍ରଶ୍ନପତ୍ର ସଂଶୋଧନ ପରେ ଲାପ୍‌ଟପ୍‌ରୁ ଡିଲିଟ୍ ନ କରି ଜାଣିଶୁଣି ରଖିଛନ୍ତି। ଏଥିସହ ଜିତନଙ୍କ ସହ ହାତ ମିଳାଇ ଉପସଭାପତି ନୀହାର ଏଭଳି କାଣ୍ଡ ଭିଆଇଛନ୍ତି। ନୀହାର ପୂର୍ବରୁ ପରୀକ୍ଷା ନିୟନ୍ତ୍ରକ ଥିଲେ, ତା'ପରେ ଉପସଭାପତି ହେଲେ। ପୂରା ପରୀକ୍ଷା ପରିଚାଳନା ସହ ସମ୍ପୃକ୍ତ ଅଛନ୍ତି। ଜିତନ ୧୧ ବର୍ଷ ହେବ ବୋର୍ଡ ମୁଖ୍ୟାଳୟରେ ଅଛନ୍ତି। ତାଙ୍କର ଚରିତ୍ର ସନ୍ଦେହଜନକ ବୋଲି ପୂର୍ବରୁ ପ୍ରମାଣିତ ହୋଇଛି। ସେଥିପାଇଁ ତାଙ୍କୁ ପରୀକ୍ଷା କାର୍ଯ୍ୟରୁ ଅଲଗା କରାଯାଇଥିଲା। ଉପସଭାପତି ଏସବୁ ଭଲ ଭାବେ ଜାଣିବା ପରେ ବି ତାଙ୍କୁ ପୁଣି ଆଣି ସାମିଲ କରିଥିଲେ। ତେବେ ଉପସଭାପତି ଓ ଜିତନଙ୍କ ମଧ୍ୟରେ ଶତପ୍ରତିଶତ ନିବିଡ଼ ସମ୍ପର୍କ ଓ ସହଯୋଗ ରହିଥିବା ତଦନ୍ତରୁ ସ୍ପଷ୍ଟ ହେବା ପରେ ତାଙ୍କୁ ଗିରଫ କରିଥିବା କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

#### ଲେଡି ଡାଟା ଅପରେଟରଙ୍କ ଉପରେ ନଜର

ବୋର୍ଡର ଲେଡି ଡାଟା ଏଣ୍ଟ୍ରି ଅପରେଟରଙ୍କ ଉପରେ କ୍ରାଇମବ୍ରାଞ୍ଚ ନଜର ରଖିଛି। ତାଙ୍କ ବିଷୟରେ ଠୋସ୍ ପ୍ରମାଣ ମିଳିବା ପର୍ଯ୍ୟନ୍ତ କ୍ରାଇମବ୍ରାଞ୍ଚ ଅପେକ୍ଷା କରିଛି।

#### ଆରମ୍ଭ ହେବ ଆର୍ଥିକ ତଦନ୍ତ

କ୍ରାଇମବ୍ରାଞ୍ଚ ଏବେ ଆର୍ଥିକ ଦିଗ ଉପରେ ତଦନ୍ତ କରିବ। ବ୍ୟାଙ୍କକୁ ଆର୍ଥିକ କାରବାର ସଂକ୍ରାନ୍ତରେ ତଦନ୍ତ ପାଇଁ ଚିଠି କରାଯିବ। ସେସବୁ ସମୟସାପେକ୍ଷ।

#### ମାଲକାନଗିରିରେ ଆନ୍ସର କି' ଲିକ୍ ହୋଇଥିଲା

ପୂର୍ବରୁ ମାଲକାନଗିରିରେ ଆନ୍ସର କି' ଲିକ୍ ହୋଇଥିଲା। ପ୍ରତି ସେଟ୍‌ର ଆନ୍ସର କି' ପରୀକ୍ଷାର୍ଥୀମାନେ ପରୀକ୍ଷା କେନ୍ଦ୍ର ଯିବା ବେଳେ ସାଙ୍ଗରେ ନେଇ ଯାଇଥିଲେ। ଏ କଥା ଜଣାଯିବା ପରେ ପରୀକ୍ଷା ବାତିଲ କରାଯାଇଥିଲା। ସେତେବେଳେ ଯଦି ଏଫ୍‌ଆଇଆର୍ ଦିଆଯାଇଥାନ୍ତା ଏସବୁ କାରନାମା ବାହାରି ଥାନ୍ତା। ପ୍ରଥମ ଥର ପୋଲିସକୁ ମାମଲା ଆସିଛି। ପୂର୍ବରୁ ଯାହାସବୁ ହେଉଥିଲା ତାହାକୁ ସେମାନେ ସମାଧାନ କରିଦେଉଥିଲେ ବୋଲି ଡିଜି ମିଶ୍ର କହିଛନ୍ତି।

### ଆନ୍ଧ୍ର ପଥର ଖଣି ...

ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୃତ୍ୟୁ ସଂଖ୍ୟା ଆହୁରି ବଢ଼ିବା ଆଶଙ୍କା କରାଯାଉଛି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏ ସହାୟତା ଘୋଷଣା କରିଛନ୍ତି। ସେହିପରି ଶ୍ରମିକଙ୍କ ମୃତଦେହ ଜନ୍ମମାଟିକୁ ଅଣାଯିବାକୁ ସବୁ ପ୍ରକାର ବ୍ୟବସ୍ଥା କରାଯିବ ବୋଲି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି। ଗଞ୍ଜାମ ଜିଲାପାଳ ଭି. କୀର୍ତ୍ତି ଭାସନଙ୍କ ନିର୍ଦ୍ଦେଶକ୍ରମେ ସନ୍ଧ୍ୟାରେ ଦିଗପହଣ୍ଡି ଅତିରିକ୍ତ ତହସିଲଦାର ଆଶିଷ କୁମାର ନାଏକ, ସହକାରୀ ଶ୍ରମ ଅଧିକାରୀ ପ୍ରକାଶ କୁମାର ପରିଡ଼ା ଓ ଦିଗପହଣ୍ଡି ରାଜସ୍ୱ ନିରୀକ୍ଷକ ଉପେନ୍ଦ୍ର ବେହେରା ଆନ୍ଧ୍ରର ବାଲିକୁରାଭା ଯାଇଥିବା ସୂଚନା ମିଳିଛି।

ଆନ୍ଧ୍ରପ୍ରଦେଶର ବାପତଲା ଜିଲାର ବାଲିକୁରାଭା ନିକଟରେ ଏକ ଘରୋଇ ଗ୍ରାନାଇଟ ଖଣିରେ ସବୁଦିନ ଭଳି ରବିବାର ମଧ୍ୟ କାର୍ଯ୍ୟ ଚାଲିଥିଲା। ସକାଳ ୯ଟାରେ ଶ୍ରମିକମାନେ କାମକୁ ଆସିଥିଲେ। ମାତ୍ର କିଛି ମିନିଟ ପରେ ପଥର ଫୁଟାଇବା ଆରମ୍ଭ ହୋଇଥିଲା । ଖଣିର କଡ଼ ଭୁଶୁଡ଼ି ପଡ଼ିବା ସମୟରେ ସେଠାରେ ୧୫ରୁ ୨୦ଜଣ ଶ୍ରମିକ ଥିଲେ। ସେମାନଙ୍କ ଉପରେ ବଡ଼ ବଡ଼ ପଥର ସବୁ ପଡ଼ିଥିଲା। ସେଠାକାର ପୋଲିସ ଘଟଣାସ୍ଥଳକୁ ଯାଇ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। ଗୁରୁତରମାନଙ୍କୁ ନନରସରାଓପେଟାର ଏକ ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଖବରପାଇ ବାପତଲା ଏସ୍‌ପି ତୁଷାର ଡୁଡ଼ି ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ତଦାରଖ କରିଥିଲେ। ସେହିପରି ଜିଲାପାଳ ଜେ. ଭେଙ୍କଟ ମୁରଲୀ ରାଜସ୍ୱ ବିଭାଗର କର୍ମଚାରୀମାନଙ୍କୁ ଉଦ୍ଧାର କାର୍ଯ୍ୟରେ ପୋଲିସକୁ ସହାୟତା କରିବାକୁ କହିଥିଲେ। ସାଇଣ୍ଟିଫିକ ଟିମ ମଧ୍ୟ ସେଠାରେ ତନାଘନା କରୁଛନ୍ତି। ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଏହି ଦୁର୍ଘଟଣା ନେଇ ମର୍ମାହତ ବୋଲି ପ୍ରକାଶ କରିଛନ୍ତି। ସେ ବରିଷ୍ଠ ଅଧିକାରୀଙ୍କ ସହ କଥା ହୋଇ ତୁରନ୍ତ ଉଦ୍ଧାର ଏବଂ ରିଲିଫ କାର୍ଯ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ମୋହନା ଥାନା ଅଲରା ଗାଁର ଭାସ୍କର, ଟୁକୁନା ଓ ଅନ୍ୟ ଜଣେ ଯୁବକ ମାସକ ତଳେ ଦାଦନ ଖଟିବା ପାଇଁ ଆନ୍ଧ୍ରପ୍ରଦେଶ ଯାଇଥିଲେ। ପଥର ଖଣିରେ କାମ କରୁଥିବା ବେଳେ ଟୁକୁନା ଓ ଭାସ୍କରଙ୍କ ମୃତ୍ୟୁ ହୋଇଛି। ଟୁକୁନାଙ୍କ ଗୋଟିଏ ପୁଅ ଏବଂ ଗୋଟିଏ ଝିଅ ଥିବାବେଳେ ଭାସ୍କରଙ୍କ ୩ ମାସର ଏକ ଝିଅ ଅଛି। ମୃତକଙ୍କ ଗାଁ କାନ୍ଦ ବୋବାଳିରେ ଫାଟିପଡୁଛି।

### ୩ ଜିଲାରେ ପ୍ରବଳ ...

ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଅନ୍ୟପଟେ ଢେଙ୍କାନାଳ, ସୁନ୍ଦରଗଡ଼ ଓ ମୟୂରଭଞ୍ଜରେ ବଜ୍ରପାତ ସହ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏଥିପାଇଁ ଏହି ୩ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହା ସହ ଘଣ୍ଟାପ୍ରତି ୩୦ରୁ ୪୦ କିମି ବେଗରେ ଝଟକା ପବନର ଆଶଙ୍କା ରହିଛି। ଅନ୍ୟପଟେ ବଜ୍ରପାତ ଭୟ ଥିବା ୧୭ ଜିଲାକୁ ମଧ୍ୟ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହିସବୁ ଜିଲାଗୁଡ଼ିକ ହେଉଛି - ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, କେନ୍ଦୁଝର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି।



# 'କୁଜିବର ପତ୍ର'ରୁ ଓଡ଼ିଆ ସାମ୍ବାଦିକତାର ଯାତ୍ରା

'କୁଜିବର ପତ୍ର'ରୁ ଆରମ୍ଭ ହୋଇଥିଲା ଓଡ଼ିଆ ସାମ୍ବାଦିକତାର ଯାତ୍ରା। କଟକ ଚୌଦ୍ୱାର ନିକଟ କୁଜିବର ମଠର ମହନ୍ତ ସାଧୁସୁନ୍ଦର ଦାସ ୧୭୬୯ରେ 'କୁଜିବର ପତ୍ର' ନାମରେ ଏକ ହାତଲେଖା ପତ୍ରିକା ଆରମ୍ଭ କରିଥିଲେ। ସେତେବେଳେ ସାଧାରଣ ଲୋକଙ୍କୁ ସାମ୍ପ୍ରତିକ ସାମାଜିକ ଅବସ୍ଥା ଏବଂ ଓଡ଼ିଆ ଭାଷା ସମ୍ପର୍କରେ ଅବଗତ କରିବା ଥିଲା ମୁଖ୍ୟ ଉଦ୍ଦେଶ୍ୟ। ସମୟ ସହିତ ତାଳଦେଇ ସାମ୍ବାଦିକତା ଧାରା ଏବେ ଡିଜିଟାଲରେ ପହଞ୍ଚିଛି ସତ, ମାତ୍ର କୁଜିବର ପତ୍ର ତା'ର ସ୍ୱର୍ଣ୍ଣିମ ଇତିହାସ ବହନ କରି ଚାଲିଛି। ତେବେ କୁଜିବର ପତ୍ର ପରେ ପ୍ରଥମ ଛାପା ପତ୍ରିକା ଭାବେ ୧୮୪୯ରେ 'ଜ୍ଞାନାରୁଣ' ପତ୍ରିକା ପ୍ରକାଶ ପାଇଥିଲା। ପରବର୍ତ୍ତୀ ସମୟରେ ୧୮୫୬ରେ 'ପ୍ରବୋଧ ଚନ୍ଦ୍ରିକା' ଏବଂ ୧୮୬୧ରେ 'ଅରୁଣୋଦୟ' ନାମରେ ଆଉଏକ ପତ୍ରିକା ପ୍ରକାଶିତ ହୋଇଥିଲା। ହେଲେ ମାତ୍ର ୩ବର୍ଷ ମଧ୍ୟରେ ବିଭିନ୍ନ କାରଣରୁ ଉକ୍ତ ୩ଟି ପତ୍ରିକା ପ୍ରକାଶନ ବନ୍ଦ ହୋଇଯାଇଥିଲା। ତା'ପରେ ୧୮୭୩ରେ 'ଉତ୍କଳ ଦର୍ପଣ' ନାମରେ ମାସିକ ପତ୍ରିକା ବାଲେଶ୍ୱରରୁ ପ୍ରକାଶିତ ହୋଇଥିଲା। ଓଡ଼ିଆ ଭାଷାରେ ଏହା ହେଉଛି ପ୍ରଥମ ସାହିତ୍ୟ ମାଗାଜିନ୍। ଏହାପରେ ୧୮୭୮ରେ 'ଉତ୍କଳ ମଧୁପ', ୧୮୮୫ରେ 'ପ୍ରଦୀପ' ପତ୍ରିକା ଖୁବ୍ କମ୍ ଦିନ ପାଇଁ ପ୍ରକାଶ ପାଇଥିଲା। ତେବେ ୧୮୯୭ରେ ପ୍ରକାଶିତ 'ଉତ୍କଳ ସାହିତ୍ୟ ପତ୍ରିକା' ଓଡ଼ିଆ ସାହିତ୍ୟରେ ଏକ ନୂଆ ଯୁଗ ଆରମ୍ଭ କରିଥିଲା। ପରବର୍ତ୍ତୀ ସମୟରେ ପ୍ରକାଶ ପାଇଥିବା ଏକାଧିକ ପତ୍ରିକା ୧୯୦୬ରେ 'ମୁକୁର', ୧୯୧୫ରେ 'ସତ୍ୟବାଦୀ', ୧୯୨୦ରେ 'ଆହାକାର', ୧୯୩୪ରେ 'ନବଭାରତ' ଆଦି ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ସହ ସାମ୍ବାଦିକତା କ୍ଷେତ୍ରକୁ ଋଦ୍ଧିମନ୍ତ କରିବାରେ ବେଶ୍ ସହାୟକ ହୋଇଥିଲା।

### ପ୍ରଥମ ଓଡ଼ିଆ ଖବର କାଗଜ

୧୮୬୬ ଅଗଷ୍ଟ ୪ ଓଡ଼ିଆ ସାମ୍ବାଦିକତା ପାଇଁ ଗୌରବର ଦିନ ଭାବେ ଉଭା ହୋଇଥିଲା। ଏହିଦିନ ଓଡ଼ିଶାର ପ୍ରଥମ ଓଡ଼ିଆ ଖବରକାଗଜ ଭାବେ 'ଉତ୍କଳ ଦୀପିକା' ଆତ୍ମପ୍ରକାଶ କରିଥିଲା। ଗୌରୀଶଙ୍କର ରାୟ ଏହାର ପ୍ରଥମ ସମ୍ପାଦକ ଥିଲେ। ପ୍ରଥମେ ଏହା ସାପ୍ତାହିକ ଏବଂ ପରେ ଦୈନିକ ଭାବେ ପ୍ରକାଶିତ ହୋଇଥିଲା, ଯାହା ଓଡ଼ିଆ ସାମ୍ବାଦିକତା ଓ ଖବରକାଗଜ ପ୍ରକାଶନର ନୂଆ ଯୁଗ ଆରମ୍ଭ କରିଥିଲା। ତେଣୁ ପ୍ରତିବର୍ଷ ଅଗଷ୍ଟ ୪କୁ ଓଡ଼ିଆ ସାମ୍ବାଦିକତା ଦିବସ ଭାବେ ପାଳନ କରାଯାଉଛି।

– ପ୍ରସ୍ତୁତି: ବନ୍ଦନା ସେଠୀ, ଭୁବନେଶ୍ୱର

### ସତ୍ୟ, ନିରପେକ୍ଷ, ସମାଜ କଲ୍ୟାଣ ପାଇଁ ସାମ୍ବାଦିକ କଲମ ଚାଳନା କରନ୍ତୁ



ପୂର୍ବରୁ ଓଡ଼ିଆ ସାମ୍ବାଦିକତା ସମାଜର ଦର୍ପଣ ସାଜିବା ସହିତ ଶିକ୍ଷା, ସଂସ୍କାର ଓ ଜାଗରଣର ବାହକ ଥିଲା। ମାତ୍ର ଏବେ ସୋସିଆଲ ମିଡିଆ ଯୁଗରେ ଅନେକ ସମୟରେ ଖବର ଶସ୍ତା ମନୋରଞ୍ଜନ ଓ ନାଟକୀୟତାରେ ସୀମିତ ହୋଇପଡୁଛି। ଗଣମାଧ୍ୟମ ଅନେକ ସମୟରେ ଦର୍ଶକ ଓ ପାଠକଙ୍କ ସଂଖ୍ୟା ଏବଂ ବ୍ୟବସାୟ ଚାପରେ ଭାଷାର ଶାଳୀନତା ତଥା ନୈତିକତା ହରାଉଛି। ରାଜନୈତିକ ଖବରକୁ ପ୍ରାଧାନ୍ୟ ଦିଆଯାଉଥିବାବେଳେ ଓଡ଼ିଶାର ଗାଁ, କ୍ଷେତ, ସ୍କୁଲ ଆଦି ସମସ୍ୟାଗୁଡ଼ିକର ଖବର କେଉଁଠି ହଜିଯାଉଛି। ସେହିପରି ଓଡ଼ିଆ ସାମ୍ବାଦିକତା ଏବେ ସଙ୍କଟ ମୁଖରେ। କିନ୍ତୁ ଏହା ହେଉଛି ଏକ ନୂଆ ଆରମ୍ଭର ସମୟ। ସାମ୍ବାଦିକଙ୍କ କଲମରେ ସମାଜକୁ ଆଲୋକିତ କରିବାର ଶକ୍ତି ଅଛି। ତେଣୁ ସତ୍ୟ, ନିରପେକ୍ଷ ଓ ସାମାଜିକ କଲ୍ୟାଣ ପାଇଁ ଏହାକୁ ଚାଳନା କରିବା ଦରକାର।

- ସୁରଜ କୁମାର ବେହେରା, ସାମ୍ବାଦିକତା ଛାତ୍ର, ମାଲକାନଗିରି

### ସୋସିଆଲ ମିଡିଆ ପାଇଁ ସାମ୍ବାଦିକଙ୍କ ବିଶ୍ୱସନୀୟତା ପ୍ରତି ପ୍ରଶ୍ନ ଉଠୁଛି



ପ୍ରଥମ ଭାଷାଭିତ୍ତିକ ରାଜ୍ୟ ହେଉ ବା ଭାରତର ସ୍ୱାଧୀନତା ପାଇଁ ଲୋକଙ୍କୁ ଜାଗ୍ରତ କରିବା ଆଦି ସବୁ କ୍ଷେତ୍ରରେ ଓଡ଼ିଶାର ସାମ୍ବାଦିକଙ୍କ ପ୍ରମୁଖ ଭୂମିକା ରହିଛି। ଭାରତର ମହାନ ସ୍ୱାଧୀନତା ସଂଗ୍ରାମୀ ନିଜ ଲେଖନୀ ମାଧ୍ୟମରେ ଲୋକଙ୍କ ମନରେ ସ୍ୱାଭିମାନ ଚିନ୍ତାଧାରା ପାଇଁ ଆନ୍ଦୋଳନ ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ନେଉଥିଲେ। ସମୟକ୍ରମେ ତାହା ପେସା ଅର୍ଥାତ୍ ସାମ୍ବାଦିକତାରେ ପରିଣତ ହେଲା। ମାତ୍ର ଏବେ ସୋସିଆଲ ମିଡିଆ ପାଇଁ ସାଧାରଣ ଲୋକଟିଏ ନିଜକୁ ଜଣେ ଜଣେ ସାମ୍ବାଦିକ ଭଳି ମନେ କରୁଛନ୍ତି। ଏହାଦ୍ୱାରା ଧୀରେ ଧୀରେ ସାମ୍ବାଦିକଙ୍କ ବିଶ୍ୱାସନୀୟତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହେଲାଣି।

- ଭୁବନେଶ୍ୱରୀ ତ୍ରିପାଠୀ, ସାମ୍ବାଦିକତା ଛାତ୍ରୀ, ଭୁବନେଶ୍ୱର

### ଓଡ଼ିଆ ସାମ୍ବାଦିକତା ବିଶ୍ୱ ମଞ୍ଚରେ ଓଡ଼ିଆ ଭାଷାକୁ ପ୍ରତିନିଧିତ୍ୱ କରାଉଛି



ଓଡ଼ିଆ ସାମ୍ବାଦିକତା ଦିବସ ଆମକୁ ଗର୍ବିତ କରିବା ସହ ସାମ୍ବାଦିକତା ପ୍ରତି ଦାୟିତ୍ୱବୋଧ ବୃଦ୍ଧି କରାଏ। ଓଡ଼ିଆ ସାମ୍ବାଦିକତାର ଇତିହାସ ବହୁତ ପ୍ରାଚୀନ ଏବଂ ଗୌରବମୟ। ଓଡ଼ିଆ ସାମ୍ବାଦିକତା ବର୍ତ୍ତମାନ ବିଶ୍ୱ ମଞ୍ଚରେ ଓଡ଼ିଆ ଭାଷାକୁ ପ୍ରତିନିଧିତ୍ୱ କରାଉଛି। ଆଧୁନିକ ଯୁଗରେ ଯେଉଁଠି ତଥ୍ୟ ଓ ଖବର ଅଗଣିତ ଭାବରେ ଚାଲୁଛି, ସେଠାରେ ଠିକ୍, ନିରପେକ୍ଷ ଓ ସତ୍ୟ ଖବର ପ୍ରଦାନ କରିବା ଜଣେ ସାମ୍ବାଦିକର ଦାୟିତ୍ୱ ହୋଇଯାଇଛି। ଏବେ ଓଡ଼ିଆ ସାମ୍ବାଦିକତାର ମୂଲ୍ୟ ବୁଝିବା ଏବଂ ସେଥିରେ ସହଭାଗୀ ହେବା ପାଇଁ ନୂଆ ପିଢ଼ିଙ୍କୁ ପ୍ରେରିତ କରାଯିବା ଆବଶ୍ୟକ।

- ମେଘା ରାଣୀ ଦେବତା, ସାମ୍ବାଦିକତା ଛାତ୍ରୀ, ଭୁବନେଶ୍ୱର

### ଓଡ଼ିଆ ସାମ୍ବାଦିକତାର ଭବିଷ୍ୟତ ଉଜ୍ଜ୍ୱଳମୟ



ଦିନକୁ ଦିନ ଖବରକାଗଜର ପାଠକ ସଂଖ୍ୟା ବଢ଼ିବା ସହ ସାମ୍ବାଦିକତା ପାଇଁ ଯୁବପିଢ଼ିଙ୍କ ମଧ୍ୟରେ ଆଗ୍ରହ ବଢ଼ୁଛି। ଓଡ଼ିଆ ସାମ୍ବାଦିକତାର ପରିସୀମା ବଢ଼ୁଥିବାରୁ ଏହାର ଭବିଷ୍ୟତ ଉଜ୍ଜ୍ୱଳମୟ ରହିଛି। ସାମ୍ବାଦିକତା ଏକ ପେସା ନୁହେଁ, ଏହା ଏକ ନିଶା। ଏହା ଅନେକ ଲୋକଙ୍କୁ ପ୍ରେରଣା ଯୋଗାଏ ଏବଂ ସମାଜରେ କିଛି ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିଥାଏ। କମ୍ ଶବ୍ଦରେ ଅଧିକ କଥା କୁହାଯିବା ସାମ୍ବାଦିକଙ୍କ ଲକ୍ଷ୍ୟ ହେବା ଜରୁରୀ।

- ଦୀପ୍ତିମୟୀ ନାୟକ, ସାମ୍ବାଦିକତା ଛାତ୍ରୀ, ଭୁବନେଶ୍ୱର

### ସାମ୍ବାଦିକତାରେ କ୍ୟାରିୟର ପାଇଁ ଭଲ ସୁଯୋଗ ରହିଛି



୧୮୬୬ ଅଗଷ୍ଟ ୪ରେ 'ଉତ୍କଳ ଦୀପିକା'ର ପ୍ରକାଶନ ଓଡ଼ିଆ ଅସ୍ମିତାର ଏକ ନୂଆ ଅଧ୍ୟାୟ ରଚିଥିଲା। ଏହା ଓଡ଼ିଆ ଭାଷା ଓ ଜାତି ଚେତନାକୁ ଉଜ୍ଜୀବିତ କରିଛି। ସାମ୍ବାଦିକତା କେବଳ ଖବର ନୁହେଁ, ଓଡ଼ିଆ ଅସ୍ମିତାକୁ ସମୃଦ୍ଧ କରି ଜନସ୍ୱରକୁ ଶକ୍ତି ଦେବାର ଦାୟିତ୍ୱ। ପୂର୍ବରୁ ଓଡ଼ିଆ ସାମ୍ବାଦିକତାରେ ଏତେ ସୁଯୋଗ ନ ଥିଲା। ମାତ୍ର ଏବେ ଖବରକାଗଜଠାରୁ ଆରମ୍ଭ କରି ଇଲେକ୍ଟ୍ରୋନିକ୍, ୱେବ୍ ମିଡିଆ ରହିଛି। ସେହିପରି ଏ କ୍ଷେତ୍ରରେ ଚାକିରିର ମଧ ଭଲ ସୁଯୋଗ ରହିଛି। କେବଳ ତାହାର ସଦୁପଯୋଗ କରିବାର କୌଶଳ ଆବଶ୍ୟକ।

- ଆଲିୟା ବଗର୍ତ୍ତି, ସାମ୍ବାଦିକତା ଛାତ୍ରୀ, କୋରାପୁଟ

### ରାଜ୍ୟ ସରକାର ସ୍ୱତନ୍ତ୍ର ପରିଚୟ ଦିଅନ୍ତୁ



ସାମ୍ବାଦିକତା କରିବା ବହୁତ ସହଜ, ମାତ୍ର ଠିକ୍ ଦାୟିତ୍ୱ ତୁଲାଇବା ଚ୍ୟାଲେଞ୍ଜପୂର୍ଣ୍ଣ। ସାମ୍ବାଦିକତା କରି ନିଜ ଭବିଷ୍ୟତ ଗଢ଼ିବା ପାଇଁ ଯୁବପିଢ଼ିଙ୍କ ମଧ୍ୟରେ ସ୍ୱତନ୍ତ୍ର ରୁଚି ରହୁଛି। ଓଡ଼ିଶାର ଗାଁଠାରୁ ସହର ସବୁଠି ସାମ୍ବାଦିକମାନେ ବେଶ୍ ସକ୍ରିୟ ରହୁଛନ୍ତି। ହେଲେ ସମାଜ ପାଇଁ କାମ କରୁଥିବା ସାମ୍ବାଦିକଙ୍କୁ ସ୍ୱତନ୍ତ୍ର ସମ୍ମାନ ମିଳିବା ଦରକାର। ଓଡ଼ିଆ ସାମ୍ବାଦିକତାକୁ ସ୍ୱତନ୍ତ୍ର ପରିଚୟ ମିଳିବାର ଆବଶ୍ୟକତା ରହିଛି। ରାଜ୍ୟ ସରକାର ଏହି କ୍ଷେତ୍ର ପ୍ରତି ଗୁରୁତ୍ୱ ଦେଇ ନୂଆ ଯୋଜନା କରିବା ଦରକାର।

- ସରୋଜ କୁମାର ବାରିକ, ସାମ୍ବାଦିକତା ଛାତ୍ର, ଯାଜପୁର

# ପ୍ରଥମ ଓଡ଼ିଆ ସମ୍ବାଦପତ୍ର ଉତ୍କଳ ଦୀପିକା ଓ ଓଡ଼ିଆ ସାମ୍ବାଦିକତାର ଐତିହ୍ୟ

**କେଦାର ମିଶ୍ର**





ସମ୍ବାଦପତ୍ର ଓ ଗଣମାଧ୍ୟମ ଶିଳ୍ପର ଚରମ ପ୍ରଗତି ସମୟରେ ଏହାର ଇତିହାସ ଯଦି ପଢ଼ାଯାଏ, ଆମକୁ ଚକିତ ହେବାକୁ ପଡ଼ିବ। ବିକାଶର କୌଣସି ସମ୍ଭାବନା ନ ଥିବା ସମୟରେ ନୂଆ ଇତିହାସ ତିଆରି କରିବାର ସାହସ ମଣିଷ ଜାତି ସଞ୍ଚୟ କରିଥାଏ, ସେଥିଲାଗି ସବୁ ବଡ଼ ସଫଳତାର ଆରମ୍ଭ ସବୁଠୁ ଭୟଙ୍କର ବିଫଳତାରୁ ହିଁ ହୋଇଥାଏ। ଯେଉଁ ସମୟରେ ଓଡ଼ିଶାର ରାଜନୈତିକ ଅସ୍ତିତ୍ୱ ନାହିଁ, ଭାଷା ଓ ସଂସ୍କୃତିରେ ସ୍ୱୀକୃତି ନାହିଁ ଓ ଅର୍ଥନୈତିକ ମେରୁଦଣ୍ଡ ଏକପ୍ରକାର ଶକ୍ତିହୀନ, ସେତେବେଳେ ଓଡ଼ିଆମାନେ ପ୍ରଥମ କରି ଗୋଟେ ସମ୍ବାଦପତ୍ର ପ୍ରତିଷ୍ଠା କରିବାର ସ୍ୱପ୍ନ ଦେଖୁଛନ୍ତି ଓ ସଫଳ ହେଉଛନ୍ତି। ୧୮୬୬ ମସିହାର କରାଳ ନଅଙ୍କ ଦୁର୍ଭିକ୍ଷର ହାହାକାର ଭିତରୁ ଓଡ଼ିଶାର ପ୍ରଥମ ସମ୍ବାଦ ଓ ସମ୍ବାଦପତ୍ର ଜନ୍ମ ନେଇଛି। ଯଦିଓ ୧୮୫୬ ମସିହାରେ ଖ୍ରୀଷ୍ଟିଆନ ପାଦ୍ରୀ ଉଇଲିୟମ୍ ଲେସୀ ସାହେବଙ୍କ ସମ୍ପାଦନାରେ ପ୍ରଥମ ଓଡ଼ିଆ ସମାଚାର ପତ୍ର ପ୍ରବୋଧ ଚନ୍ଦ୍ରିକା ପ୍ରକାଶିତ ହୋଇଛି, ତଥାପି ତାକୁ ପୂର୍ଣ୍ଣାଙ୍ଗ ଓଡ଼ିଆ ସମ୍ବାଦପତ୍ର ବୋଲି କୁହାଯାଇପାରିବ ନାହିଁ। ପ୍ରଥମ ପୂର୍ଣ୍ଣାଙ୍ଗ ଓଡ଼ିଆ ସମ୍ବାଦପତ୍ର ରୂପେ ୦୪-୧୧, ଅଗଷ୍ଟ ୧୮୬୬ ଦିନ ପ୍ରଥମ ସାପ୍ତାହିକ ଓଡ଼ିଆ ସମ୍ବାଦପତ୍ର 'ଉତ୍କଳ ଦୀପିକା' ପ୍ରକାଶ ପାଇଥିଲା। ଓଡ଼ିଶାର ପରିଚୟ ଓ ଓଡ଼ିଆ ଜାତିର ଅସ୍ତିତ୍ୱରେ ଦୀପିକା ନୂଆ ପ୍ରାଣ ସଞ୍ଚାର କରିଥିଲା। ୧୮୬୬ ରୁ ୨୦୧୮, ଶହେ ବାବନ ବର୍ଷ ଭିତରେ ଦୀପିକା ଆଜି କେବଳ ସ୍ମୃତି। ଓଡ଼ିଆ ଗଣମାଧ୍ୟମର ପ୍ରଥମ ସମ୍ପତ୍ତିକୁ ଆମେ ସାଇତି ରଖିଲୁ ନାହିଁ କି ତାକୁ ବଞ୍ଚେଇ ରଖିବାର ସାହସ ଆମର ଆସିଲା ନାହିଁ। ଓଡ଼ିଶାର ଏହି ଐତିହାସିକ ଖବରକାଗଜ ସମ୍ପର୍କରେ କେତୋଟି ପ୍ରମୁଖ ତଥ୍ୟର ଆଲୋଚନା କରାଯାଉ–

❖ କଟକସ୍ଥ ସାହାଯ୍ୟ କୁମେଟୀ ଶୀର୍ଷକରେ ୧୧, ଅଗଷ୍ଟ ୧୮୬୬ ଦିନ ଉତ୍କଳ ଦୀପିକା ନାମକ ଖବରକାଗଜର ପ୍ରଥମ ପୃଷ୍ଠାର ପ୍ରଥମ ସମ୍ବାଦ ପ୍ରକାଶ ପାଇଲା। ଛାପା ଅକ୍ଷରରେ ଓଡ଼ିଆ ସମ୍ବାଦ ପଢ଼ିବାର ସେ ଥିଲା ଐତିହାସିକ ଦିନ। ଖବରଟି ଥିଲା ଏମିତି– 'ସହର ମଝିରେ ଯେତେ ଅରକ୍ଷିତ ପିଲା ସରକାରୀ ସଡ଼କ ଉପରେ ବୁଲୁଥିବାର ଦେଖାଯିବେ ସେମାନଙ୍କୁ ସାହାଯ୍ୟ ମହକୁମାରୁ ନିଯୁକ୍ତ ଥିବା ଓଭରସିୟର ଆପଣା ଜିମା ନେଇ ତାହାଙ୍କର ଭରଣପୋଷଣ ଆଦି କରିବେ।..........

❖ ଦୁର୍ଭିକ୍ଷ, ଅନ୍ନର ଅଭାବ ଓ ଏ ପ୍ରକାର ମାନବୀୟ ସଙ୍କଟକୁ ମୁକାବିଲା କରିବାରେ ସରକାର ତଥା ଧନୀ ଓଡ଼ିଆମାନେ ବିଫଳ ହେଉଥିବାର ସ୍ପଷ୍ଟ ଚିତ୍ର ଦୀପିକାରେ ପ୍ରକାଶ ପାଇଛି। ଦୀପିକାର ପ୍ରଥମ ପ୍ରକାଶକ ଓ ସମ୍ପାଦକ ଗୌରୀଶଙ୍କର ରାୟ ବୃତ୍ତିରେ ବ୍ରିଟିଶ୍ ସରକାରର କର୍ମଚାରୀ ହୋଇଥିଲେ ମଧ ତାଙ୍କ କାଗଜରେ ସରକାରକୁ କଟୁ ସମାଲୋଚନା କରାଯାଇଛି।

❖ ନୂଆ କରି ଓଡ଼ିଶାରେ ଗଢ଼ି ଉଠୁଥିବା ମୁଦ୍ରଣ ଶିଳ୍ପର ବିକାଶ ପାଇଁ ୧୮୬୪ରେ କଟକର ଦରଘା ବଜାରରେ କଟକ ପ୍ରିଣ୍ଟିଂ କମ୍ପାନୀ ନାମକ ଏକ କମ୍ପାନୀ ଗଠିତ ହୋଇଛି। ଏହାର ନିର୍ଦ୍ଦେଶକ ଭାବରେ ବିଚିତ୍ରାନନ୍ଦ ଦାସ, ଲକ୍ଷ୍ମୀ ନାରାୟଣ ଚୌଧୁରୀ, ମଧୁସୂଦନ ଦାସ, ବିହାରିଲାଲ ପଣ୍ଡିତ, ଗୋପୀମୋହନ ସେନ, ବନମାଳୀ ସିଂ ପ୍ରମୁଖ ରହିଥିବା ବେଳେ ଏହାର ସମ୍ପାଦକ ଭାବରେ ଗୌରୀଶଙ୍କର ରାୟ ଦାୟିତ୍ୱ ନିର୍ବାହ କରିଛନ୍ତି।

❖ ଗୌରୀଶଙ୍କର ରାୟ (୧୩।୦୭।୧୮୩୮–୦୭।୦୩।୧୯୧୭), ଉତ୍କଳ ଦୀପିକାର ପ୍ରତିଷ୍ଠାତା ସମ୍ପାଦକ। ତାଙ୍କ ନେତୃତ୍ୱରେ ଦୀପିକା ନିରନ୍ତର ପ୍ରକାଶ ପାଇଛି। ୧୮୬୬ ରୁ ୧୯୧୫, ଦୀର୍ଘ ୪୯ ବର୍ଷ ଧରି ଦୀପିକାର ପରିଚାଳନା ଓ ସମ୍ପାଦନା ଦାୟିତ୍ୱ ସେ ତୁଲାଇଥିଲେ।

❖ ମୃତ୍ୟୁର ଦୁଇ ବର୍ଷ ଆଗରୁ ଗୌରୀଶଙ୍କର ତାଙ୍କର ଉତ୍ତରାଧିକାରୀ ଭାବରେ ସୁଦାମ ଚରଣ ନାୟକଙ୍କୁ ସମ୍ପାଦକ ଦାୟିତ୍ୱ ସମର୍ପି ଦେଇଥିଲେ। ଗୌରୀଶଙ୍କର ଜୀବିତ ଥିବାବେଳେ ଦୀପିକା ବନ୍ଦ ହୋଇନାହିଁ, ବରଂ ଏହା ଓଡ଼ିଆ ଭାଷା, ସଂସ୍କୃତି, ରାଜନୀତି, ଅର୍ଥନୀତି ଓ ସାମାଜିକ ଜୀବନକୁ ଗଭୀର ଭାବରେ ପ୍ରଭାବିତ କରୁଛି।

❖ ଗୌରୀଶଙ୍କର ମୃତ୍ୟୁବରଣ କରିବାର ମାତ୍ର ୧୭ ବର୍ଷ ପରେ କଟକ ପ୍ରିଣ୍ଟିଂ କମ୍ପାନୀ ଭାଙ୍ଗିଗଲା ଓ ସବୁଦିନ ପାଇଁ ଓଡ଼ିଶାର ଗୌରବମୟ ଇତିହାସ ନିର୍ମାଣ କରିଥିବା ସମ୍ବାଦପତ୍ର ଦୀପିକା ବନ୍ଦ ହୋଇଗଲା। ସ୍ୱତନ୍ତ୍ର ଓଡ଼ିଶା ଗଠନରେ ଅଗ୍ରଣୀ ଭୂମିକା ନେଇଥିବା ଦୀପିକାରେ ସ୍ୱତନ୍ତ୍ର ଓଡ଼ିଶା ଗଠନର ଖବର ପ୍ରକାଶ ପାଇପାରିଲା ନାହିଁ।

❖ ଦୀପିକାର ସମ୍ପାଦକୀୟ ମାନଦଣ୍ଡ ଓଡ଼ିଶାର ଗଣମାଧ୍ୟମର ଇତିହାସରେ ବିରଳ। ସବୁ ପ୍ରକାର ପକ୍ଷ ରଖିବାର ସୁଯୋଗ ଓ ସବୁ ମତକୁ ସମାନ ଭାବରେ ସମ୍ମାନ ଦେବାର ନୀତି ଦୀପିକାର ରହିଥିଲା। ଏହାର ସମ୍ପାଦକ ଭାବରେ ଗୌରୀଶଙ୍କର ଥିଲେ ଯୋଗଜନ୍ମା ତାଙ୍କ ପରେ ସୁଦାମ ଚରଣ ନାୟକ, ଭିକାରୀ ପଟ୍ଟନାୟକ ଓ ନୀଳମଣି ବିଦ୍ୟାରତ୍ନ ପ୍ରମୁଖ ସମ୍ପାଦକ ଭାବରେ ନିଜ ସିଦ୍ଧିର ସ୍ୱାକ୍ଷର ଛାଡ଼ି ଯାଇଛନ୍ତି।

ସମୟକ୍ରମେ ଦୀପିକାର ସମ୍ବାଦ ପରିବେଷଣ ଶୈଳୀରେ ବ୍ୟାପକ ପରିବର୍ତ୍ତନ ଆସିଛି। ୧୮୬୬ ବେଳର ଦୀପିକାର ଭାଷାରେ ଯେଉଁ ଜଟିଳତା ଓ ପୁରୁଣାକାଳିଆ ଢଙ୍ଗ ଥିଲା ତାହା ସମୟକ୍ରମେ ଯୁକ୍ତିନିଷ୍ଠ, ସରଳ, ସୁଗମ ଓ ପ୍ରାସଙ୍ଗିକ ହୋଇଛି। ତେବେ ପ୍ରତ୍ୟେକ ସମ୍ବାଦ ସହିତ ଟେରଛା ସମାଲୋଚନା କରିବାର ଏକ ସୁନ୍ଦର ଶୈଳୀ ଦୀପିକାରେ ରହିଥିଲା, ଯାହା କି ଆଜିର ସମ୍ବାଦପତ୍ରଗୁଡ଼ିକରେ ଏକ ପ୍ରକାର ଦେଖିବାକୁ ମିଳିନାହିଁ।

❖ ସମାଜ ସଂସ୍କାର ଓ ଲୋକ ବିକାଶର କଥା ଦୀପିକାରେ ପ୍ରମୁଖ ସ୍ଥାନ ପାଉଥିଲା। ସ୍ୱାଧୀନତା ଆନ୍ଦୋଳନ ପ୍ରତି ଦୀପିକାର ଆଗ୍ରହ ବିଶେଷ ନ ଥିବା ଏହାର ଏକ ବଡ଼ ଦୁର୍ବଳତା। ଓଡ଼ିଆ ଜାତୀୟତା ଉପରେ ସର୍ବାଧିକ ଗୁରୁତ୍ୱ ଦେଉଥିବା ଦୀପିକା ସ୍ୱାଧୀନତା ଆନ୍ଦୋଳନ ପ୍ରତି ପ୍ରାୟ ଉଦାସୀନ ରହି ଆସିଥିଲା।

❖ ଦୀପିକାର ବିଜ୍ଞାପନ ନୀତି ଥିଲା ବେଶ୍ ରୋଚକ। ବିଭିନ୍ନ ଆୟୁର୍ବେଦିକ ଔଷଧର ବିଜ୍ଞାପନ ସହିତ ନୂଆ ବହିର ବିଜ୍ଞାପନ ଓ ସୂଚନା ଏଥିରେ ନିୟମିତ ପ୍ରକାଶ ପାଉଥିଲା। ୬ ଜାନୁଆରୀ ୧୯୦୬ରେ ପ୍ରକାଶିତ w Major & Co ର Electro Salsa ଏକ ଅଧ ପୃଷ୍ଠାର ବିଜ୍ଞାପନ ବାହାରିଥିଲା ; ଯାହାକୁ ଦେବଗଡ଼, ରେଢ଼ାଖୋଲ ଓ ଖଲ୍ଲିକୋଟ ରାଜା ପ୍ରୋତ୍ସାହିତ କରିଥିଲେ।

ଆମ ସମ୍ବାଦପତ୍ର ଇତିହାସର ଏହି ସର୍ବଶ୍ରେଷ୍ଠ ଐତିହ୍ୟକୁ ଆମେ ବଞ୍ଚାଇ ରଖିପାରିଲେ ନାହିଁ, ତାହା ଆମର ଦୁର୍ଭାଗ୍ୟ।

## ଅପରାଧ

# ଏମ୍‌ଭିଆଇଙ୍କ ୪୪ ପ୍ଲଟ୍, ଘରୁ ମିଳିଲା କେଜିଏ ସୁନା, ୨କେଜି ରୁପା

ଭୁବନେଶ୍ୱର/ବୌଦ୍ଧ/ବାରିପଦା,୩।୮
ସତ୍ୟଜିତ୍ ରାଉତ/ ଅଜିତ କୁମାର ବାରିକ/ ନୀଳାଦ୍ରି ବିହାରୀ ଦଣ୍ଡପାଟ



ଗୋଲାପ ଚନ୍ଦ୍ର ହାଂସଦା



ଠାବ ଟଙ୍କା, ଅଳଙ୍କାର ଓ ଅନ୍ୟାନ୍ୟ ସାମଗ୍ରୀ।

### ଭିଜିଲାନ୍ସ ଜାଲରେ ଆଉ ଜଣେ କୋଟିପତି ଅଧିକାରୀ

ଭିଜିଲାନ୍ସ ଜାଲରେ ଫସିଛନ୍ତି ଆଉ ଜଣେ କୋଟିପତି ଅଧିକାରୀ। ସେ ହେଲେ ବୌଦ୍ଧ ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍‌ଟିଓ)ର ମୋଟର ଭେଇକିଲ୍ ଇନ୍ସପେକ୍ଟର (ଏମ୍‌ଭିଆଇ) ଗୋଲାପ ଚନ୍ଦ୍ର ହାଂସଦା। ରବିବାର ଗୋଟିଏ ଦିନର ଯାଞ୍ଚରେ ଗୋଲାପଚନ୍ଦ୍ରଙ୍କର ୪୪ ପ୍ଲଟ୍ ଥିବା ଜଣାପଡ଼ିଥିବାବେଳେ ଘରୁ କେଜିଏ ସୁନା ଓ ୨ କେଜି ରୁପା ଅଳଙ୍କାର ମିଳିଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ଗୋଲାପଚନ୍ଦ୍ରଙ୍କ ବାରିପଦା, ବୌଦ୍ଧ ଓ ଭୁବନେଶ୍ୱରର ୬ ସ୍ଥାନରେ ଚଢ଼ାଉ କରାଯାଇ ଯାଞ୍ଚ ଚାଲିଛି। ଯାଞ୍ଚ ଚାଲିଥିବା ସ୍ଥାନ ବୌଦ୍ଧରେ ଥିବା ଭଡ଼ାଘର, ବୌଦ୍ଧ ଆର୍‌ଟିଓ ଅଫିସସ୍ଥିତ ଚାମ୍ବର, ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅନ୍ତର୍ଗତ ଗୁଡିଡିହ ଗ୍ରାମସ୍ଥିତ ପୈତୃକ ଘର, ଭୁବନେଶ୍ୱର ପାଣ୍ଡରାସ୍ଥିତ ଝିଅ ରହୁଥିବା ଭଡ଼ା ଫ୍ଲାଟ୍, ବାରିପଦା ୱାର୍ଡ ନଂ.୨୮ ଅନ୍ତର୍ଗତ ବାଘଡ଼ିହସ୍ଥିତ ଘନିଷ୍ଠ ସହଯୋଗୀଙ୍କ ଘର ଆଦି ରହିଛି।

ଭିଜିଲାନ୍ସ ରିପୋର୍ଟ ଅନୁଯାୟୀ, ଗୋଲାପଚନ୍ଦ୍ରଙ୍କ ବାରିପଦା ପ୍ରଫୁଲ୍ଲ ନଗରସ୍ଥିତ ପ୍ଲଟ୍ ନଂ.୪୫୭, ଖାତା ନଂ.୨୦୫/୭୩୦ରେ ୩୩୦୦ ବର୍ଗଫୁଟରେ ନିର୍ମିତ ଦୁଇମହଲା କୋଠା ରହିଛି। ବାରିପଦାରେ ୪୩ ପ୍ଲଟ୍ ଓ ବାଲେଶ୍ୱର ଟାଉନ ଉପକଣ୍ଠରେ ଗୋଟିଏ ପ୍ଲଟ୍ ଠାବ ହୋଇଛି। ସେଲ୍ ଡିଡ୍ ଅନୁଯାୟୀ ପ୍ଲଟଗୁଡ଼ିକର ମୂଲ୍ୟ ୧.୪୯ କୋଟି ଥିବାବେଳେ ପ୍ରକୃତ ମୂଲ୍ୟ ଏହାଠାରୁ ଢେର୍ ଅଧିକ ହେବ ବୋଲି ଭିଜିଲାନ୍ସ ଅନୁମାନ କରୁଛି। କୋଠା ଓ ପ୍ଲଟଗୁଡ଼ିକର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସ ଟେକ୍ନିକାଲ୍ ୱିଙ୍ଗ୍ ଛାନ୍‌ଭିନ୍ ଚଳାଇଛି। ଏହାବ୍ୟତୀତ ଗୋଲାପଚନ୍ଦ୍ରଙ୍କ ଘରୁ ନଗଦ ୨ ଲକ୍ଷ ୩୮ ହଜାର ୭୨୫ ଟଙ୍କା ମିଳିଥିବା ବେଳେ ଏକ କେଜି ସୁନା ଓ ୨.୧୨୬ କେଜି ରୁପା ଅଳଙ୍କାର ମିଳିଛି। ସୁନା ମଧ୍ୟରେ ୫୦ ଗ୍ରାମ୍ ଲେଖାଏ ଦୁଇଟି ସୁନା ବିସ୍କୁଟ୍ ରହିଛି। ସେହିପରି ଗୋଲାପଚନ୍ଦ୍ର ବ୍ୟାଙ୍କ, ପୋଷ୍ଟାଲ ଓ ଜୀବନବୀମାରେ ୧ କୋଟି ୩୪ ଲକ୍ଷ ୯ ହଜାର ୧୯୩ ଟଙ୍କା ରଖିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ସେ ତାଙ୍କ ଝିଅର ଡାକ୍ତରୀ ପଢ଼ା ବାବଦକୁ ୪୦ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିବା ଭିଜିଲାନ୍ସ ପ୍ରମାଣ ପାଇଛି। ଏଥିସହ ଗୋଲାପଚନ୍ଦ୍ରଙ୍କ ଘରୁ ଏକ ଡାଏରୀ ଜବତ ହୋଇଛି, ଯେଉଁଥିରେ ବେନାମୀ ଟଙ୍କା କାରବାର ତଥ୍ୟ ରହିଥିବା ବେଳେ ଏହାକୁ ଯାଞ୍ଚ କରାଯାଉଛି। ଏମ୍‌ଭିଆଇଙ୍କଠାରୁ ଗୋଟିଏ କାର୍ (ହୁଣ୍ଡାଇ କ୍ରେଟା), ୩ଟି ଦୁଇଚକିଆ ଯାନ ଓ ୧୬.୬ ଲକ୍ଷ ଟଙ୍କାର ଘରୋଇ ଉପକରଣ ଠାବ ହୋଇଛି। ଚଢ଼ାଉ ଜାରି ରହିଥିବାରୁ ଗୋଲାପଚନ୍ଦ୍ରଙ୍କ ସମ୍ପତ୍ତି ପରିମାଣ ଆହୁରି ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି। ତେଣେ ତାଙ୍କୁ ଭିଜିଲାନ୍ସ ଅଟକ ରଖି ବେଆଇନ ସମ୍ପତ୍ତି ବିଷୟରେ ପଚରାଉଚରା କରୁଛି। ସୂଚନାଯୋଗ୍ୟ, ବାରିପଦା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ଏହି ଯାଞ୍ଚ ଚାଲିଥିବାବେଳେ ଏଥିରେ ଭିଜିଲାନ୍ସର ୪ ଜଣ ଡିଏସ୍‌ପି, ୭ ଜଣ ଇନ୍ସପେକ୍ଟର ଓ ଅନ୍ୟାନ୍ୟ ସହାୟକ କର୍ମଚାରୀ ନିୟୋଜିତ ହୋଇଛନ୍ତି।

### ୩ ଦଶନ୍ଧିର ଚାକିରି, ଆଇପିଓରୁ ଏମ୍‌ଭିଆଇ

୩୪ ବର୍ଷ ୩ ମାସର ଚାକିରି କାଳ ମଧ୍ୟରେ ଗୋଲାପଚନ୍ଦ୍ର ଇଣ୍ଡଷ୍ଟ୍ରିଜ୍ ପ୍ରମୋଶନ ଅଫିସର (ଆଇପିଓ)ରୁ ଏମ୍‌ଭିଆଇ ହୋଇଥିଲେ। ୧୯୯୧ ଏପ୍ରିଲ ୮ରେ ସେ ଆଇପିଓ ଭାବେ ସରକାରୀ ଚାକିରିରେ ଯୋଗଦେଇ ସମ୍ବଲପୁର ଓ ଦେବଗଡ଼ର ଜିଲା ଶିଳ୍ପ କେନ୍ଦ୍ର (ଡିଆଇସି)ରେ କାମ କରିଥିଲେ। ୨୦୦୩ରେ ସେ ଜୁନିଅର୍ ଏମ୍‌ଭିଆଇ ଭାବେ ପଦୋନ୍ନତି ପାଇ ସୁନ୍ଦରଗଡର ତାପରିଆ ଚେକ୍ ଗେଟ୍, ସମ୍ବଲପୁରର ଲକ୍ଷ୍ମୀଡୁଙ୍ଗୁରି ଚେକ୍ ଗେଟ୍ ଏବଂ ମୟୂରଭଞ୍ଜ ଓ ବାରିପଦାର ଆର୍‌ଟିଓ ଅଫିସରେ କାମ କରିଥିଲେ। ୨୦୨୦ରେ ଗୋଲାପଚନ୍ଦ୍ର ଏମ୍‌ଭିଆଇ ଭାବେ ପଦୋନ୍ନତି ପାଇ ବୌଦ୍ଧ ଆର୍‌ଟିଓ ଅଫିସରେ ଅବସ୍ଥାପିତ ହୋଇଥିଲେ। ତାଙ୍କର ବର୍ତ୍ତମାନ ଦରମା ୧ ଲକ୍ଷ ୮ ହଜାର ଟଙ୍କା ରହିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

# ଯୁବତୀଙ୍କ ମୃତଦେହ ଜବତ

## ହତ୍ୟା ଅଭିଯୋଗ ଆଣିଲେ ପରିବାର, ୨ ଯୁବକ ଅଟକ

କୋଷାଗୁମୁଡା,୩।୮ (ପ୍ରସାଦ ବିଶୋୟୀ)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ସଦର ମହକୁମାର କୁମ୍ଭାର ସାହି ନିକଟରେ ଥିବା ଏକ ଆମ୍ବଗଛ ମୂଳରୁ ଜଣେ ଯୁବତୀଙ୍କ ମୃତଦେହକୁ ପୋଲିସ ରବିବାର ସକାଳୁ ଜବତ କରିଛି। ସେ ହେଲେ କୁମ୍ଭାର ସାହିର ପର୍ଶୁ ଗୌଡ଼ଙ୍କ ଝିଅ ଅସ୍ତମା ଗୌଡ଼ (୨୩)। ଅସ୍ତମାଙ୍କୁ ଜବରଦସ୍ତି ବିଷ ପିଆଇ ହତ୍ୟା କରାଯାଇଥିବା ତାଙ୍କ ପରିବାର ଲୋକେ କୋଷାଗୁମୁଡ଼ା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଉକ୍ତ ସ୍ଥାନକୁ ସିଲ୍ କରିବା ସହ ସାଇଣ୍ଟିଫିକ୍ ଟିମ୍ ଏବଂ ସନ୍ଧାନୀ କୁକୁର ସହାୟତାରେ ଯାଞ୍ଚ କରିଛି। ଏ ନେଇ ଥାନାରେ ୧୫୪/୨୫ ନମ୍ବର ରେ ମାମଲା ରୁଜୁ କରାଯାଇଛି। ୨ ଜଣ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରାଯାଉଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ ଉମେଶ ଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଅସ୍ତମା ଶୌଚ ହେବା ପାଇଁ ଶନିବାର ରାତିରେ ଗାଁ ନିକଟସ୍ଥ ପଡ଼ିଆକୁ ଯାଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ଘର ଲୋକେ ବହୁ ଖୋଜାଖୋଜି କରିଥିଲେ। କିଛି ସମୟ ପରେ ପଡ଼ୋଶୀ ଘରର ଝିଅ ଆସି ଏକ ଆମ୍ବ ଗଛମୂଳେ ଅସ୍ତମା ପଡ଼ିଥିବା ନେଇ ତାଙ୍କ ଘର ଲୋକଙ୍କୁ ସୂଚନା ଦେଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷେ ବିଜେଡି ନେତା ପ୍ରଦୀପ ମାଝୀ ମେଡିକାଲରେ ପହଞ୍ଚି ଯୁବତୀଙ୍କୁ ଜୋର ଜବରଦସ୍ତି ବିଷ ପିଆଇ ତଣ୍ଟି ଚିପି ହତ୍ୟା କରାଯାଇଥିବା ଅଭିଯୋଗ ଆଣିଛନ୍ତି। ସରକାର ଓ ଶାସନ ବ୍ୟବସ୍ଥା ପ୍ରତି ଅପରାଧୀଙ୍କ ଭୟ ନ ଥିବା ଏବଂ ସରକାର ନାରୀଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଥିବା ମାଝୀ ଅଭିଯୋଗ କରିଛନ୍ତି। ଯୁବତୀଙ୍କୁ ଉପଯୁକ୍ତ ନ୍ୟାୟ ନ ମିଳିବା ଯାଏ ଲଢ଼େଇ ଜାରି ରହିବ ବୋଲି ସେ କହିଛନ୍ତି। ପୀଡ଼ିତାଙ୍କ ମୃତ୍ୟୁ ପାଇଁ ଦାୟୀ ଥିବା ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରି କଠୋର ଦଣ୍ଡ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ଧାର ଟଙ୍କାକୁ ନେଇ ଯୁବକଙ୍କୁ ହତ୍ୟା, ୨ ଗିରଫ

କାଲିମେଳା, ୩।୮ (ଜୀବନ କୃଷ୍ଣ ଦାସ)

ମାଲକାନଗିରି ଜିଲା କାଲିମେଳା ବ୍ଲକ ଅନ୍ତର୍ଗତ ଗୁମୁକା ପଞ୍ଚାୟତ ଏମ୍‌ପିଭି ୧୦ ଗ୍ରାମର ଜଣେ ଯୁବକ ଧାର ଟଙ୍କା ନ ଫେରାଇବାରୁ ତାଙ୍କୁ ପ୍ରଥମେ ଅପହରଣ କରାଯିବା ସହିତ ମୋଟୁ ଥାନା ଅନ୍ତର୍ଗତ ଏମ୍‌ପିଭି– ୮୧ ଗ୍ରାମରେ ହତ୍ୟା କରାଯାଇଛି। ମୃତକ ଏମ୍‌ପିଭି ୧୦ ଗ୍ରାମର ବାପି ମଣ୍ଡଳ (୨୨)। ଏଥିରେ ଏମ୍‌ପିଭି ୮୧ ଗ୍ରାମର ଠିକାଦାର ଅନନ୍ତ ହାଲଦାର ଏବଂ ତାଙ୍କର ଅନ୍ୟ ଜଣେ ବନ୍ଧୁ ସୁଜିତ ରୟଙ୍କୁ ପୋଲିସ ଗିରଫ କରିଛି। ଏ ନେଇ ମୋଟୁ ଥାନାରେ ନଂ.୮୬/୨୫ରେ ଏକ ମାମଲା ରୁଜୁ କରାଯାଇଛି।

ସୂଚନାଯୋଗ୍ୟ, ଗତ ଶୁକ୍ରବାର ଅପରାହ୍ନ ପ୍ରାୟ ସାଢ଼େ ୪ ଟାରେ ଠିକାଦାର ଅନନ୍ତ ଏବଂ ସେହି ଗ୍ରାମର ସୁଜିତ ଏମ୍‌ପିଭି ୧୦ ଗ୍ରାମରେ ପହଞ୍ଚି ବାପିଙ୍କ ହାତକୁ ଏକ ଗାମୁଛାରେ ବାନ୍ଧି ଉଠାଇ ନେବାକୁ ଚେଷ୍ଟା କରୁଥିବାବେଳେ ପରିବାର ଲୋକେ ପ୍ରତିବାଦ କରିଥିଲେ। ଏ ନେଇ ଠିକାଦାର ଜଣକ କହିଥିଲେ, ବାପି କାମ କରିବାକୁ କହି ତାଙ୍କ ପାଖରୁ ୩୦ ହଜାର ଟଙ୍କା ନେଇଛନ୍ତି, ମାଗିଲେ ଫେରାଉ ନାହାନ୍ତି। ତେଣୁ ତାଙ୍କୁ ସାଙ୍ଗରେ ନେଇଯାଉଛି, ଟଙ୍କା ଶୁଝିବା ପରେ ଛାଡିଦେବି କହି ବାଇକ୍‌ରେ ବସାଇ ନେଇ ଯାଇଥିବା ବାପିଙ୍କ ଜେଜେବାପା ଚାଣକ୍ୟ ମଣ୍ଡଳ କହିଛନ୍ତି।

ଶନିବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଠିକାଦାର ଅନନ୍ତ ପୁଣି ଥରେ ଏମ୍‌ପିଭି ୧୦ ଗ୍ରାମକୁ ଆସି ଗାଁ ସଭାପତି ବିକାଶ ମଣ୍ଡଳଙ୍କୁ ସାକ୍ଷାତ କରି ବାପିଙ୍କ ଦେହ ବହୁତ ଅସୁସ୍ଥ ଅଛି, ସେ ଗୁରୁତର ହୋଇପଡିଛନ୍ତି, ତାଙ୍କ ଘର ଲୋକଙ୍କୁ ଜଣାଇ ଦେବାପାଇଁ କହିଥିଲେ। ଏହାର ପ୍ରାୟ ୧ ଘଣ୍ଟା ପରେ ବାପିଙ୍କର ମୃତ୍ୟୁ ହୋଇଥିବା ଅନନ୍ତ ଫୋନ କରି ସଭାପତିଙ୍କୁ ଜଣାଇବା ପରେ ଘଟଣା ପଦାକୁ ଆସିଥିଲା। ଠିକାଦାର ଏବଂ ତାଙ୍କ ସହଯୋଗୀ ବାପିଙ୍କୁ ମାଡ଼ମାରି ହତ୍ୟା କରିଥିବା ପରିବାର ଲୋକେ ମୋଟୁ ଥାନାରେ ଅଭିଯୋଗ କରିଛନ୍ତି। ରବିବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିଥିବା ବେଳେ ବାପିଙ୍କର କିଭଳି ମୃତ୍ୟୁ ହୋଇଛି ତାହା ଜଣାପଡ଼ିନାହିଁ। ଏମ୍‌ପିଭି – ୮୧ ଅଞ୍ଚଳର ଜଣେ କ୍ୱାକ୍ ବାପିଙ୍କର ଚିକିତ୍ସା କରିଥିବା ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ବାପି ଦେଢ଼ ବର୍ଷ ତଳେ ବିବାହ କରିଥିବା ବେଳେ ତାଙ୍କ ସ୍ତ୍ରୀ ବର୍ତ୍ତମାନ ଗର୍ଭବତୀ ଅଛନ୍ତି।

# ଜିଏସ୍‌ଟି ଅଧିକାରୀଙ୍କ ଘରୁ ଚୋରି ଘଟଣା: ଦୁଇ ଆନ୍ତଃରାଜ୍ୟ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୩।୮ (ସତ୍ୟଜିତ୍ ରାଉତ)

କଟକ ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବାକର (ସିଟି ଆଣ୍ଡ ଜିଏସ୍‌ଟି) ଆସିଷ୍ଟାଣ୍ଟ କମିଶନର ଭାବଶ୍ରୀ ଭବେଶ ବଳଙ୍କ ଘରୁ ଚୋରି ଘଟଣାରେ ଶହୀଦନଗର ଥାନା ପୋଲିସ ଦୁଇ ଆନ୍ତଃରାଜ୍ୟ ଚୋରଙ୍କୁ ଗିରଫ କରିଛି। ସେମାନେ ହେଲେ ଦିଲ୍ଲୀ ସୁନ୍ଦରନଗରୀ ଅଞ୍ଚଳରେ ରହୁଥିବା ହରିୟାଣା ଫରିଦାବାଦର ଖୁର୍ସିଦ୍ ଖାନ୍ (୪୮) ଓ ଦିଲ୍ଲୀ ସୀମାପୁରିରେ ରହୁଥିବା ଉତ୍ତରପ୍ରଦେଶ ମୁଜାଫରନଗରର ମହମ୍ମଦ ଆରିଫ୍ (୨୮)। ଉଭୟଙ୍କୁ ରବିବାର କୋର୍ଟଚାଲାଣ ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେମାନେ ଚୋରି ସୁନାକୁ ବିକ୍ରି କରି ରଖିଥିବା ୧୮ ଲକ୍ଷ ଟଙ୍କା ସମେତ ତାଲା ଭଙ୍ଗା ଯନ୍ତ୍ରାଂଶ ଆଦି ଜବତ ହୋଇଛି। ସୂଚନା ଅନୁଯାୟୀ, ଶହୀଦନଗର ଥାନା ଅନ୍ତର୍ଗତ ୟୁନିଟ–୯ସ୍ଥିତ ଭାବଶ୍ରୀଙ୍କ କ୍ୱାର୍ଟର ନଂ. ଡି୭/୨କୁ ଅଭିଯୁକ୍ତଦ୍ୱୟ ଟାର୍ଗେଟ୍ କରିଥିଲେ। ଭାବଶ୍ରୀ ତାଙ୍କ ପରିବାର ସଦସ୍ୟଙ୍କ ସହ ଜୁଲାଇ ୨୧ ପୂର୍ବାହ୍ନ ୧୦ଟା ୩୦ରେ ମେଡିକାଲ ଯାଇଥିଲେ। ୧୧ଟା ୩୦ରେ ସେ ଘରକୁ ଫେରିବା ପରେ ତାଙ୍କ ଗ୍ରିଲ୍ ତାଲା ଭଙ୍ଗା ହୋଇଥିବା ଦେଖିବାକୁ ପାଇଥିଲେ।

ଭଗବାନ ବଳବାନ ମଣିଷ ଚାହାନ୍ତି- ଭାବପ୍ରବଣ ଶିଶୁମାନଙ୍କୁ ନୁହଁ। ପ୍ରଭୁ ଚାହାନ୍ତି ଆମଠାରୁ ଅଟଳ ସହିଷ୍ଣୁତା- ଦୃଢ଼ତା ଓ ବୀରତ୍ୱ- ଯଥାର୍ଥ ଆଧ୍ୟାତ୍ମିକ ବୀରତ୍ୱ। ସେ ମଧ୍ୟ ଆମଠାରୁ ଚାହାନ୍ତି ପୌରୁଷ ଏବଂ ଦିବ୍ୟ ପୌରୁଷ। -ଶ୍ରୀଅରବିନ୍ଦ

# ଶିକ୍ଷାରେ ଚୋର

ଓଡ଼ିଶାରେ ପ୍ରଶ୍ନପତ୍ର ପ୍ରଘଟ ଓ ଖାତା ମୂଲ୍ୟାୟନରେ ହେରଫେର ନେଇ ଅତୀତରୁ ଅନେକ ଘଟଣା ଦେଖିଆସୁଛୁ। ଏହା ଦେହସୁହା ହୋଇଗଲା ଭଳି ମନେହେଉଛି। ଅଥଚ ଏହିଭଳି କାର୍ଯ୍ୟ ଘଟାଉଥିବା ବ୍ୟକ୍ତିବିଶେଷମାନେ ନିଜେ ପ୍ରବଳ ମାତ୍ରାର ଅର୍ଥ ଅର୍ଜନ କରିବା ସହିତ ଏହି ରାଜ୍ୟର ଯୁବପିଢ଼ିର ଭବିଷ୍ୟତକୁ ଜାଣିଶୁଣି ଅନ୍ଧକାର ମଧ୍ୟକୁ ଠେଲି ଦେଉଛନ୍ତି। ମାଟ୍ରିକ୍ ବୋର୍ଡଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପରୀକ୍ଷା, ଚାକିରି ପାଇଁ ହେଉଥିବା ଟେଷ୍ଟ ଅନେକ ସମୟରେ ଏଭଳି ପ୍ରଶ୍ନପତ୍ର ଲିକ୍ ଯୋଗୁ ବାରମ୍ବାର ବାତିଲ ମଧ୍ୟ କରାଯାଇଛି। ଯଦି ନଗଦ ଘଟଣାକୁ ଦେଖିବା ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ଲାଗି ସ୍ୱତନ୍ତ୍ର ଭାବେ କରାଯିବାକୁ ଥିବା ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ବିଷୟ ସପ୍ତାହେ ହେବ ରାଜ୍ୟବ୍ୟାପୀ ହଇଚଇ ସୃଷ୍ଟି କରିଛି। ଉଲ୍ଲେଖଯୋଗ୍ୟ ଯେ, ଓଡ଼ିଶାରେ ଶିକ୍ଷକ ବୃତ୍ତିରେ ପ୍ରବେଶ କରିବା ଲାଗି ଓଟିଇଟି ୨୦୧୨ରେ ବାଧ୍ୟତାମୂଳକ କରାଯାଇଥିଲା। ହେଲେ ତା' ପୂର୍ବରୁ ଯେଉଁମାନେ ଶିକ୍ଷୟିତ୍ରୀଶିକ୍ଷକ ହୋଇଛନ୍ତି, ଯେହେତୁ ସେମାନେ ଏହି ଯୋଗ୍ୟତା ପରୀକ୍ଷାରେ ଉନ୍ନୀତ ହୋଇ ନ ଥିଲେ ସେମାନଙ୍କ ପଦୋନ୍ନତି ଲାଗି ଚଳିତ ବର୍ଷ ସ୍ୱତନ୍ତ୍ର ଓଟିଇଟି ପାଇଁ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍ଇ) ନିଷ୍ପତ୍ତି ନେଇଛି। ନିଶ୍ଚିତ ଭାବେ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ସେହି ଅନୁଯାୟୀ ଜୁଲାଇ ୨୦ରେ ଏହି ପରୀକ୍ଷା ହେବାର ଥିଲା। ପ୍ରଶ୍ନପତ୍ର ପ୍ରଘଟ ହେବା ଯୋଗୁ ତାହା ଆସନ୍ତା ୩୧ରେ ଅନୁଷ୍ଠିତ ହେବ ବୋଲି ବୋର୍ଡ ଘୋଷଣା କରିଛି।

ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ପ୍ରଘଟ ହେବାରୁ ରାଜ୍ୟର ପ୍ରାୟ ୭୫ ହଜାର ଶିକ୍ଷୟିତ୍ରୀଶିକ୍ଷକଙ୍କ ପଦୋନ୍ନତି ବାଧାପ୍ରାପ୍ତ ହୋଇଛି। ଏହି ଘଟଣାକୁ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ କରୁଥିବା ବେଳେ ଦିନକୁ ଦିନ ନୂଆ ବିଷୟ ପଦାକୁ ଆସିବାରେ ଲାଗିଛି। ଏ ନେଇ ବହୁ ଖୋଲତାଡ଼ ଓ ସବୁଆଡୁ ସମାଲୋଚନା ହେବା ପରେ ବୋର୍ଡ ଉପସଭାପତି ନୀହାର ରଞ୍ଜନ ମହାନ୍ତିଙ୍କୁ ୩ ଅଗଷ୍ଟରେ ଗିରଫ କରାଯାଇଛି। ଅନ୍ୟତମ ବଡ଼ ମାଛ ଭାବେ ଉପସଭାପତିଙ୍କୁ ଧରାଯାଇଥିବା ବେଳେ ସୁପରମାଛଙ୍କୁ ଧରାଯିବା ଦରକାର ବୋଲି ସୋସିଆଲ ମିଡିଆରେ ହୁରିପଡ଼ିଛି। ଅଦ୍ୟାବଧି ଏହି ଘଟଣାରେ ଗିରଫ ବ୍ୟକ୍ତିଙ୍କ ସଂଖ୍ୟା ୮ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରେ ଡେଟା ଏଣ୍ଟ୍ରି ଅପରେଟର ଓ କେତେ ଜଣ ଶିକ୍ଷକ ରହିଛନ୍ତି। ଯେମିତି କୌଣସି ଅଘଟଣ, ଦୁର୍ଘଟଣା ବା ଦୁର୍ନୀତି ଭଳି ଅସ୍ୱାଭାବିକ ସ୍ଥିତି ଉପୁଜିଲେ ଦେଶରେ ପ୍ରଥମେ ତଳିଆ କର୍ମଚାରୀଙ୍କୁ ଧରାଯାଇ ସେମାନଙ୍କୁ ନିଲମ୍ବିତ କିମ୍ବା ସ୍ଥଳବିଶେଷରେ ଗିରଫ କରାଯାଏ, ତାହାର ପ୍ରତିଫଳନ ଓଡ଼ିଶାରେ ଦେଖିବାକୁ ମିଳିଥାଏ। ଗଣମାଧ୍ୟମ କିମ୍ବା କୌଣସି ଚାପ ଗୋଷ୍ଠୀର ପ୍ରଭାବ ନ ପଡ଼ିବା ଯାଏ ଦୁର୍ନୀତିକୁ ଚାପି ଦେବାର ଗୋଟେ ବିଭାଗୀୟ ଷଡ଼ଯନ୍ତ୍ର ସବୁବେଳେ ରହିଆସିଛି। ଏଭଳି କ୍ଷେତ୍ରରେ ଭାଇ ବିରାଦରି କାମ ଦେଖାଇଥାଏ। ଯଦି ଉପରୋକ୍ତ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ବିଭ୍ରାଟକୁ ଦେଖିବା, ତେବେ ପ୍ରଥମେ ଡେଟା ଏଣ୍ଟ୍ରି ଅପରେଟରଙ୍କୁ ନେଇ ଘମାଘୋଟ ଆଲୋଚନା ହେଲା। ଉପସଭାପତିଙ୍କ ଲାପ୍‌ଟପ୍‌ରୁ ପ୍ରଶ୍ନପତ୍ରକୁ ହାତେଇ ସେ ଅନ୍ୟ ଶିକ୍ଷକମାନଙ୍କୁ ତାହା ବିକ୍ରି କରିଥିଲେ ବୋଲି କୁହାଗଲା। ହେଲେ ସବୁଆଡ଼େ ଗୋଟେ କଥା ଗୁଞ୍ଜରିତ ହେଉଛି ଯେ, ଉପସଭାପତିଙ୍କ ଲାପ୍‌ଟପ୍‌କୁ ପ୍ରଶ୍ନପତ୍ର କିଭଳି ଆସିଲା ଓ ସେହି ଲାପ୍‌ଟପ୍‌ର ପାସ୍‌ୱାର୍ଡ ଡେଟା ଏଣ୍ଟ୍ରି ଅପରେଟର ପାଇଲେ କେମିତି। କିନ୍ତୁ ତା' ଠାରୁ ଗର୍ହିତ ବ୍ୟାପାରଟିକୁ ଅନିଶା କଲେ ବୋର୍ଡର ନିୟମ ଉପରକୁ ଦୃଷ୍ଟି ପକାଇବାକୁ ହେବ। ବାସ୍ତବରେ ପ୍ରଶ୍ନପତ୍ର ପ୍ରସ୍ତୁତି, ଗୋପନୀୟ ମୁଦ୍ରଣ ଓ ପ୍ରଶ୍ନପତ୍ର ବିତରଣ ବୋର୍ଡ ସମ୍ପାଦକ ଓ ପରୀକ୍ଷା ନିୟନ୍ତ୍ରକଙ୍କ ଦାୟିତ୍ୱ। ହେଲେ କେଉଁ ଆଧାରରେ ଉପସଭାପତିଙ୍କ ଲାପ୍‌ଟପ୍‌ରେ ପ୍ରଶ୍ନପତ୍ରର ସଫ୍ଟ କପି ରହିଥିଲା, ତାହା ବହୁ ଅସମାହିତ ପ୍ରଶ୍ନ ସୃଷ୍ଟି କରିବା ସ୍ୱାଭାବିକ।

**ଉଚ୍ଚପଦାଧିକାରୀଙ୍କଠାରୁ ଆରମ୍ଭ କରି କିରାଣିଙ୍କ ପର୍ଯ୍ୟନ୍ତ ଫାଇଲ ଗତି କରୁଥିବାରୁ ସବୁ ସ୍ତରରେ ଅର୍ଥ କାରବାରର ପର୍ଯ୍ୟାପ୍ତ ସୁଯୋଗ ରହିଛି। ତେଣୁ ସବୁକିଛି ସମ୍ପାଦନ କରୁଥିବା ବ୍ୟକ୍ତିଙ୍କ କାର୍ଯ୍ୟକଳାପ ସନ୍ଦେହର ଊର୍ଦ୍ଧ୍ୱରେ ରହିବା ଦରକାର। ତାହା ହୋଇପାରୁ ନ ଥିବାରୁ ଦୁର୍ନୀତି, ସ୍କାମ୍, ପ୍ରଶ୍ନପତ୍ର ପ୍ରଘଟ ଭଳି ଯାବତୀୟ ଧରଣର ଅସଙ୍ଗତି ବଢ଼ିଚାଲିଛି। ଫଳରେ ଦେଶର ମୌଳିକ ଭିତ୍ତିଭୂମିର ସର୍ବାଗ୍ରେ ଥିବା ଶିକ୍ଷା ବ୍ୟବସ୍ଥା ଆଜି ବିପର୍ଯ୍ୟସ୍ତ। ଯେଉଁ ଜାତିର ଶିକ୍ଷା ଅଧୋଗତି ଦେଇ ଗତିକରିବ ସେହି ଜାତି ଧ୍ୱଂସ ପାଇଯିବ।**

ଆନୁଆଲ ଷ୍ଟାଟସ ଅଫ୍ ଏଜୁକେଶନ ରିପୋର୍ଟ (ଅସର) ପ୍ରତିବର୍ଷ ପ୍ରାଥମିକ ଶିକ୍ଷା ଉପରେ ସର୍ଭେ କରିଥାଏ। କେଉଁବର୍ଷ ଏହା କହିଥାଏ ଯେ ସପ୍ତମ ଶ୍ରେଣୀର କେତେକ ପିଲା ତୃତୀୟ ଶ୍ରେଣୀର ଗଣିତ କରିବାରେ ଅକ୍ଷମ କିମ୍ବା ୫ମ ଶ୍ରେଣୀ ପିଲା ନିଜ ମାତୃଭାଷାର ବର୍ଣ୍ଣମାଳା ମଧ୍ୟ ଠିକ୍ ଭାବେ ଜାଣି ନ ଥାଆନ୍ତି। ଅର୍ଥାତ୍ ପ୍ରାଥମିକ ଶିକ୍ଷା କେଉଁ ଅବସ୍ଥାରେ ରହିଛି ସେହି ବିଷୟରେ ଏଠାରେ ବେଶି ଆଲୋଚନା କରିବା ଦରକାର ନାହିଁ। କାରଣ ଯେଉଁ ଶିକ୍ଷକ ପଦୋନ୍ନତି ପାଇବା ପାଇଁ ଯୋଗ୍ୟତା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ଅସଦ୍‌ଉପାୟ ଅବଲମ୍ବନ କରିବାକୁ ଇଚ୍ଛୁକ ଓ ବୋର୍ଡର ଅଧିକାରୀ ଓ କର୍ମଚାରୀ ସେଥିରେ ପୂର୍ଣ୍ଣ ସହଯୋଗ କରିବାକୁ ଆଗେଇ ଆସୁଛନ୍ତି, ତାହାଠାରୁ ନିନ୍ଦନୀୟ କଥା କିଛି ହୋଇ ନ ପାରେ। ଖବର ମିଳିଛି ଯେ ବୋର୍ଡ ଉପସଭାପତି ଓ ଡେଟା ଏଣ୍ଟ୍ରି ଅପରେଟରଙ୍କ ମଧ୍ୟରେ ଦୁଇ ତିନି ମାସ ମଧ୍ୟରେ ଫୋନ୍ ଯୋଗେ ୧୦୦ ଥର କଥାବାର୍ତ୍ତା ହୋଇଛି। ଏହି ସଂଖ୍ୟା ଆଶ୍ଚର୍ଯ୍ୟଜନକ ନୁହେଁ। କିନ୍ତୁ ଉଚ୍ଚପଦସ୍ଥ ଉପସଭାପତିଙ୍କ ସହିତ ଜଣେ ତଳତଳିଆ ଡେଟା ଏଣ୍ଟ୍ରି ଅପରେଟରଙ୍କ ବାରମ୍ବାର କଥା ହେବାର କୌଣସି ସ୍ୱାଭାବିକ କାରଣ ନ ଥାଏ। ଅର୍ଥାତ୍ ଏତେ ଥର କଥା ହେବା ଏକ ଅସ୍ୱାଭାବିକ କାର୍ଯ୍ୟ ବୋଲି ଚିନ୍ତା କରାଯାଉଛି। ତେଣୁ ଏଥିରୁ ଦୁର୍ନୀତିର ଗନ୍ଧ ବାରି ହୋଇପଡୁଛି। ଗୋଟେ ଧାରଣା ରହିଆସିଛି ଯେ, ରାଜନୈତିକ ବ୍ୟକ୍ତିମାନେ ଅଧିକ ଦୁର୍ନୀତିଗ୍ରସ୍ତ। କିନ୍ତୁ ସବୁ କ୍ଷେତ୍ରରେ ବାସ୍ତବ ଶାସନ ଅମଲାଙ୍କ ହାତରେ ଥାଏ। ଉଚ୍ଚପଦାଧିକାରୀଙ୍କଠାରୁ ଆରମ୍ଭ କରି କିରାଣିଙ୍କ ପର୍ଯ୍ୟନ୍ତ ଫାଇଲ ଗତି କରୁଥିବାରୁ ସବୁ ସ୍ତରରେ ଅର୍ଥ କାରବାରର ପର୍ଯ୍ୟାପ୍ତ ସୁଯୋଗ ରହିଛି। ତେଣୁ ସବୁକିଛି ସମ୍ପାଦନ କରୁଥିବା ବ୍ୟକ୍ତିଙ୍କ କାର୍ଯ୍ୟକଳାପ ସନ୍ଦେହର ଊର୍ଦ୍ଧ୍ୱରେ ରହିବା ଦରକାର। ତାହା ହୋଇପାରୁ ନ ଥିବାରୁ ଦୁର୍ନୀତି, ସ୍କାମ୍, ପ୍ରଶ୍ନପତ୍ର ପ୍ରଘଟ ଭଳି ଯାବତୀୟ ଧରଣର ଅସଙ୍ଗତି ବଢ଼ିଚାଲିଛି। ଫଳରେ ଦେଶର ମୌଳିକ ଭିତ୍ତିଭୂମିର ସର୍ବାଗ୍ରେ ଥିବା ଶିକ୍ଷା ବ୍ୟବସ୍ଥା ଆଜି ବିପର୍ଯ୍ୟସ୍ତ। ଯେଉଁ ଜାତିର ଶିକ୍ଷା ଅଧୋଗତି ଦେଇ ଗତିକରିବ ସେହି ଜାତି ଧ୍ୱଂସ ପାଇଯିବ।

# ନନ୍ଦିନୀଙ୍କ ଓଡ଼ିଶା



ଡ. ପ୍ରଫୁଲ୍ଲ କୁମାର ସାହୁ

ନାରୀ ଅସ୍ମିତାର ତେଜୋଦୀପ୍ତ ସ୍ୱର ନନ୍ଦିନୀ ଶତପଥୀ। ସମାଜର ଅବହେଳିତ ଓ ନିଷ୍ପେଷିତ ମଣିଷର ବ୍ୟଥା ଓ ବେଦନାକୁ ଦୂର କରିବାର ସଙ୍କଳ୍ପ ନେଇ ସେ ରାଜନୀତିରେ ପ୍ରବେଶ କରିଥିଲେ ଏବଂ ସ୍କୁଲ ଜୀବନରୁ ତାଙ୍କ ଭିତରେ ଚମକୁଥିଲା ଅନ୍ୟାୟ ଅନୀତି ବିରୋଧରେ ଲଢ଼େଇ କରି ଆଗକୁ ବଢ଼ିବାର ଆଗ୍ନେୟ ଆଭା। ୧୯୬୨ ମସିହାରେ ନନ୍ଦିନୀଦେବୀ ରାଜ୍ୟ ସଭାକୁ ନିର୍ବାଚିତ ହେଲେ ଏବଂ ଏଇଠୁ ବିଧିବଦ୍ଧ ଭାବରେ ଆରମ୍ଭ ହେଲା ତାଙ୍କର ରାଜନୈତିକ ଜୀବନ। ୧୯୬୬ରେ ସେ କେନ୍ଦ୍ର ତଥ୍ୟ ଓ ବେତାର ମନ୍ତ୍ରୀ ହେବା ପରେ ନିଜର ରାଜନୈତିକ ପାରଦର୍ଶିତା ବଳରେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କର ଖୁବ୍ ଘନିଷ୍ଠ ହୋଇଗଲେ ଏବଂ ମିନିଷ୍ଟର ଆଟାଚ ଟୁ ପ୍ରାଇମିନିଷ୍ଟର ଭାବରେ ନିର୍ବାହ କଲେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ। ୧୯୭୨ ମସିହାର ରାଜନୈତିକ ଘଟଣାଚକ୍ର ତାଙ୍କୁ ବାଧ୍ୟ କରିଥିଲା ଓଡ଼ିଶା ରାଜନୀତିର ମଞ୍ଚ ଧରିବା ପାଇଁ। ବିଶ୍ୱନାଥ ଦାସଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ କ୍ଷମତା କନ୍ଦଳ ଏକ ରୋଚକ ମୋଡ଼ ନେଉଥିବା ବେଳେ ଶାସକ କଂଗ୍ରେସ ସହିତ ମିଶିଗଲା ଉତ୍କଳ କଂଗ୍ରେସ। ଏହା ଦ୍ୱାରା ବିଶ୍ୱନାଥ ଦାସଙ୍କ ସରକାର ଭାଙ୍ଗିଲା ଏବଂ ଶାସକ କଂଗ୍ରେସ ନେତୃତ୍ୱରେ ଗଠନ ହେଲା ସରକାର। ଦଳର ନିଷ୍ପତ୍ତି କ୍ରମେ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ନେଲେ (୧୪।୬।୧୯୭୨) ନନ୍ଦିନୀଦେବୀ। ଶପଥ ନେବାର ୬ ମାସ ମଧ୍ୟରେ ବିଧାନସଭାକୁ ନିର୍ବାଚିତ ହେବାର ସାମ୍ବିଧାନିକ ବ୍ୟବସ୍ଥା ଥିବାରୁ ଆରମ୍ଭ ହେଲା ଉପନିର୍ବାଚନ ପ୍ରକ୍ରିୟା। କଟକ ବିଧାନସଭା ଆସନରେ ସେ ପ୍ରାର୍ଥୀ ହେଲେ ଏବଂ ତାଙ୍କ ବିରୋଧରେ ଲଢ଼ିଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ ମିତ୍ର। ୧୧ ହଜାରରୁ ଅଧିକ ଭୋଟ ବ୍ୟବଧାନରେ ଜୟଯୁକ୍ତ ହେଲେ ନନ୍ଦିନୀ ଦେବୀ। ଉପନିର୍ବାଚନ ଜିତିବା ପରେ ତାଙ୍କର ପ୍ରଥମ ପଦକ୍ଷେପ ଥିଲା ନବକୃଷ୍ଣ ଚୌଧୁରୀଙ୍କ ମୁଖ୍ୟମନ୍ତ୍ରିତ୍ୱ କାଳରୁ ଅଟକିଥିବା ଭୂସଂସ୍କାର ଆଇନର ସଂଶୋଧନ ଓ ତା'ର ବ୍ୟାପକ ଓ ସଘନ କାର୍ଯ୍ୟାନ୍ୱୟନ। ତତ୍କାଳ ଆରମ୍ଭ ହେଲା ଚିଠା ପ୍ରସ୍ତାବ ପ୍ରସ୍ତୁତି। ପୂର୍ଣ୍ଣ ସହଯୋଗ କଲେ ରାଜସ୍ୱ ମନ୍ତ୍ରୀ ବ୍ରଜମୋହନ ମହାନ୍ତି, ଅର୍ଥମନ୍ତ୍ରୀ ବାଙ୍କବିହାରୀ ଦାସ, ଲୋକନାଥ ଚୌଧୁରୀ ଓ ଭାଗବତ ପ୍ରସାଦ ମହାନ୍ତି ପ୍ରମୁଖ ସମାଜବାଦୀ ଚିନ୍ତାଧାରାର ନେତୃମଣ୍ଡଳୀ। ୧୯୭୩ ଫେବୃଆରୀ ଶେଷ ସପ୍ତାହରେ ଚିଠା ପ୍ରସ୍ତାବ ଉପରେ ଆଲୋଚନା ପାଇଁ ଧାର୍ଯ୍ୟ ହେଲା ସମୟ। ଅନ୍ୟପକ୍ଷରେ ଏହାକୁ ଭଣ୍ଡୁର କରିବା ପାଇଁ ଚାଲିଲା ଷଡ଼ଯନ୍ତ୍ର। ସରକାରରୁ ସମର୍ଥନ ପ୍ରତ୍ୟାହାର ପାଇଁ ନୀଳମଣି ରାଉତରାୟଙ୍କ ଉପରେ ପଡ଼ିଲା ଚାପ। ସରକାର ଭାଙ୍ଗିଗଲେ ସେ ହେବେ ଓଡ଼ିଶାର ନୂଆ ମୁଖ୍ୟମନ୍ତ୍ରୀ-ଏଭଳି ଏକ ଲୋଭନୀୟ ପ୍ରସ୍ତାବକୁ ଏଡି ନ ପାରି ନିଜ ସମର୍ଥକଙ୍କ ସହ ସରକାରରୁ ଓହରିଗଲେ ନୀଳମଣି ରାଉତରାୟ। ଏତିକିବେଳେ ତାଙ୍କୁ ଧୋକା ଦେଇ ନିଜେ ମୁଖ୍ୟମନ୍ତ୍ରୀ ହେବା ପାଇଁ ସମର୍ଥନ ଯୋଗାଡ଼ କଲେ ବିଜୁ ପଟ୍ଟନାୟକ। ବିରୋଧୀଙ୍କ ଚକ୍ରାନ୍ତର ମୁକାବିଲା କରିବାକୁ ଯାଇ ନନ୍ଦିନୀ ଦେବୀ ତୁରନ୍ତ ମନ୍ତ୍ରିମଣ୍ଡଳ ବୈଠକ ଡାକିଲେ ଏବଂ ମନ୍ତ୍ରିମଣ୍ଡଳର ପ୍ରସ୍ତାବ କ୍ରମେ ରାଜ୍ୟରେ ଜାରି ହେଲା (୩।୩।୧୯୭୩) ରାଷ୍ଟ୍ରପତି ଶାସନ। ୧୯୭୪ ଫେବୃଆରୀରେ ମଧ୍ୟବର୍ତ୍ତିକାଳୀନ ନିର୍ବାଚନ ହେଲା, ଏଥିରେ ୬୯ଟି ଆସନ ପାଇଥିବା ଶାସକ କଂଗ୍ରେସ ଦଳ କମ୍ୟୁନିଷ୍ଟ ଦଳ ସମର୍ଥନରେ ସରକାର ଗଠନ କଲା ଏବଂ ଦ୍ୱିତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ନେଲେ (୬।୩।୧୯୭୪) ନନ୍ଦିନୀ ଶତପଥୀ। ଦ୍ୱିତୀୟ ପାଳି ଶପଥ ନେବାର ମାସକ ମଧ୍ୟରେ କାର୍ଯ୍ୟକାରୀ କଲେ ଭୂମିହୀନ ଲୋକଙ୍କୁ ସରକାରୀ ଜମି ବଣ୍ଟନ ଯୋଜନା। ସାମାଜିକ ନ୍ୟାୟ ପ୍ରତିଷ୍ଠା ନିମନ୍ତେ ଉଦ୍ଦିଷ୍ଟ ଏହି ଯୋଜନାରେ ୨ ଲକ୍ଷ ୨୩ ହଜାର ଏକର ଜମି ବଣ୍ଟନ ହେଲା ଏବଂ ଏଥିରେ ଉପକୃତ ହେଲେ ୧ଲକ୍ଷ ୩୯ ହଜାର ୨୯୪ ଜଣ ଭୂମିହୀନ ବ୍ୟକ୍ତି। ନନ୍ଦିନୀଦେବୀଙ୍କର ଅଧିକାଂଶ କାର୍ଯ୍ୟକ୍ରମ ଥିଲା ଗ୍ରାମାଭିମୁଖୀ ଓ ଆର୍ଥିକ ଦୃଷ୍ଟିରୁ ପଛୁଆ ବର୍ଗଙ୍କ ନିମନ୍ତେ ଉଦ୍ଦିଷ୍ଟ। ଲଙ୍ଗଳ ଯାହାର ଜମି ତାହାର- ଏହାକୁ ଦୃଷ୍ଟିରେ ରଖି ସେ ସଂଶୋଧିତ ଭୂସଂସ୍କାର ଆଇନ କାର୍ଯ୍ୟକାରୀ କଲେ, ଯାହା ଫଳରେ ନିର୍ଦ୍ଧାରଣ ହେଲା ପରିବାର ପିଛା ସର୍ବୋଚ୍ଚ ଜମି ରଖିବାର ସୀମା। ଏହି ଆଇନ ବଳରେ ପ୍ରଚୁର ଭୂସମ୍ପତ୍ତି ରଖିଥିବା ଲୋକଙ୍କ ପାଖରୁ ସିଲିଂ ବହିର୍ଭୂତ ଜମି କାଢ଼ିଆଣି ବାଣ୍ଟି ଦିଆଗଲା ଭୂମିହୀନ, କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଭିତରେ। ତାଙ୍କ ସାହସିକ ପଦକ୍ଷେପ ଯୋଗୁ ରାଜ୍ୟର ୧୩ ହଜାର ମଠ ଓ ମନ୍ଦିରର ଟ୍ରଷ୍ଟ ଇଷ୍ଟେଟକୁ ଉଚ୍ଛେଦ କରାଗଲା ଏବଂ ସମସ୍ତ ଟ୍ରଷ୍ଟବୋର୍ଡ ରହିଲା ସରକାରଙ୍କ ହାତରେ। ବାସହୀନ ଲୋକଙ୍କ ପାଇଁ ସେ ଆରମ୍ଭ କରିଥିଲେ କଳିଙ୍ଗ କୁଟିର ଯୋଜନା। ବିଶେଷକରି ଯେଉଁ ଦୁଇଟି କ୍ଷେତ୍ର ଉପରେ ସେ ସର୍ବାଧିକ ଗୁରୁତ୍ୱ ଦେଇଥିଲେ ତାହା ହେଲା କୃଷି ଓ ଶିକ୍ଷା। ଜମିରେ ଜଳସେଚନ ପାଇଁ ତାଙ୍କ ସମୟରେ ଆରମ୍ଭ ହୋଇଥିଲା ଅପର କୋଲାବ ଓ ରେଙ୍ଗାଲି ଆଦି ଜଳସେଚନ ପ୍ରକଳ୍ପ ଓ ଉଠା ଜଳସେଚନ ଯୋଜନା। ପ୍ରାଥମିକ ଶିକ୍ଷକଙ୍କ ପାଇଁ ସେ ହିଁ ପ୍ରଥମେ ବିଧିବଦ୍ଧ ଭାବରେ ଦରମା ବ୍ୟବସ୍ଥା କଲେ ଏବଂ ବେସରକାରୀ ସ୍କୁଲ ଓ କଲେଜର ଶିକ୍ଷକ ଓ କର୍ମଚାରୀଙ୍କ ପାଇଁ ପ୍ରଣୟନ କଲେ ପ୍ରତ୍ୟକ୍ଷ ଅନୁଦାନ ନୀତି। ଦୃଷ୍ଟିହୀନ, ମୂକ ଓ ବଧିର ପିଲାମାନଙ୍କୁ ମୁଖ୍ୟ ସ୍ରୋତକୁ ଆଣିବା ଲକ୍ଷ୍ୟରେ ସେମାନଙ୍କ ପାଇଁ ପ୍ରତି ଜିଲାରେ ଖୋଲିଲେ ସ୍ୱତନ୍ତ୍ର ବିଦ୍ୟାଳୟ। ବୟସ୍କମାନଙ୍କ ପାଇଁ ରହିଲା ବାର୍ଦ୍ଧକ୍ୟ ବ୍ୟବସ୍ଥା। ନାରୀ ନିର୍ଯାତନା ରୋକିବା ପାଇଁ ଆଣିଲେ ଯୌତୁକ ନିରୋଧ ଆଇନ। ନାରୀଙ୍କ ପ୍ରତି ଅସଦାଚରଣ କ୍ଷେତ୍ରରେ ସେ ଖୁବ୍ କଠୋର ଆଭିମୁଖ୍ୟ ପୋଷଣ କରିଛନ୍ତି, ଯା'ର ଦୃଷ୍ଟାନ୍ତ ଅନେକ। ଏକଦା କଲିକତାର ଏକ ଖବରକାଗଜରେ ଓଡ଼ିଆଙ୍କ ସମ୍ପର୍କରେ ପ୍ରକାଶ ପାଇଥିବା କିଛି ଅରୁଚିକର ମନ୍ତବ୍ୟକୁ ନେଇ ସେଠାରେ ଓଡ଼ିଆ ଓ ବଙ୍ଗାଳୀଙ୍କ ଭିତରେ ଆରମ୍ଭ ହେଲା ବିବାଦ। ତା'ର ପ୍ରତିକ୍ରିୟା ସ୍ୱରୂପ ଖୋର୍ଦ୍ଧା ଷ୍ଟେଶନରେ କିଛି ଲୋକ ରେଳ ଭିତରେ ପଶି ବଙ୍ଗୀୟ ମହିଳାମାନଙ୍କୁ ଆକ୍ରମଣ କଲେ, ଯାହାକୁ ପ୍ରତିରୋଧ କରିବାକୁ ଯାଇ ନାକେଦମ୍ ହେଲା ପୋଲିସ। ଘଟଣା ଏତେ ଉଗ୍ରରୂପ ନେଲା ଯେ ପୋଲିସକୁ ଗୁଳି ଚାଳନା କରିବାକୁ ପଡ଼ିଲା ଏବଂ ପୋଲିସ ଗୁଳିରେ ଚାଲିଗଲା ତିନିଜଣ ଓଡ଼ିଆଙ୍କ ପ୍ରାଣ। ପ୍ରତିବାଦ ସ୍ୱରୂପ ଉତ୍ତ୍ୟକ୍ତ ଲୋକେ ମୁଖ୍ୟମନ୍ତ୍ରୀଙ୍କ ଘର ଆଗରେ ରୁଣ୍ଡ ହେଲେ ଏବଂ ଚାଲିଲା ବିକ୍ଷୋଭ ଓ ନାରାବାଜି। ସେମାନଙ୍କୁ ସାମ୍ନା କରିବା ପାଇଁ ଏକା ଏକା ଘରୁ ବାହାରି ଆସିଲେ ମୁଖ୍ୟମନ୍ତ୍ରୀ। ଲୋକେ ତାଙ୍କୁ ଘେରିଯାଇ ପଚାରିଲେ ଯେଉଁ ତିନିଜଣ ଲୋକ ମଲେ ସେଥିପାଇଁ ଦାୟୀ କିଏ ? ମୁଖ୍ୟମନ୍ତ୍ରୀଙ୍କ ଉତ୍ତର ଥିଲା- ସେହି ତିନିଜଣ ଲୋକଙ୍କ ଜୀବନଠାରୁ ଜଣେ ମହିଳାର ଇଜ୍ଜତ୍ ରକ୍ଷା ମୋ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ। ବିକ୍ଷୋଭକାରୀଙ୍କ ପରବର୍ତ୍ତୀ ପ୍ରଶ୍ନ ଥିଲା- ତେବେ ପଡ଼ୋଶୀ ରାଜ୍ୟରେ ଓଡ଼ିଆଙ୍କ ଉପରେ ହେଉଥିବା ଆକ୍ରମଣ କ'ଣ ଯଥାର୍ଥ ? ତାଙ୍କର ଉତ୍ତର ଥିଲା- ପଡ଼ୋଶୀ ରାଜ୍ୟର ଶାସନ ବ୍ୟବସ୍ଥା ବିଗିଡି ଯିବାର ଅର୍ଥ ନୁହେଁ ଯେ ତା'ର ପ୍ରତିବାଦରେ ନିଜ ରାଜ୍ୟରେ ଅରାଜକତା ସୃଷ୍ଟି କରିବା। ଏଭଳି ଉତ୍ତର ଶୁଣି ଚୁପ ହୋଇଗଲେ ଲୋକେ। ତାଙ୍କ ନିର୍ଭୀକତା, ସାହସିକତା ଓ ବେସାଲିସପଣକୁ ନେଇ ଏମିତି ଅନେକ ଘଟଣା ଅଛି। ସପ୍ତମ ଦଶକରେ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଜିଲା ଓ ଓଡ଼ିଶାର କୋରାପୁଟ ଜିଲାରେ ବଢ଼ି ଚାଲିଥାଏ ମାଓବାଦୀଙ୍କ ପ୍ରାଦୁର୍ଭାବ। ଦୃଢ଼ ହସ୍ତରେ ମାଓବାଦୀ ଦମନ ପାଇଁ ସବୁଆଡୁ ଉଠୁଥାଏ ଦାବି। ମାଓବାଦୀ ସମସ୍ୟାର ସମାଧାନ ନିମନ୍ତେ ଏମିତି ଏକ ସକାରାତ୍ମକ ଦୃଷ୍ଟିଭଙ୍ଗୀ ନେଇ ସେ ଚାହିଁଥିଲେ ସେମାନଙ୍କ ସହିତ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା। ସେ ଜାଣିଥିଲେ ମାଓବାଦୀ ନେତାମାନଙ୍କୁ ଡାକିଲେ ବି ସେମାନେ ସରକାରଙ୍କ ଉପରେ ଆସ୍ଥା ସ୍ଥାପନ କରି ଆସିବେନି କି ପୋଲିସ ଫୋର୍ସ ନେଇ ତାଙ୍କ ପାଖକୁ ଗଲେ ସେମାନେ କେବେ ରାଜି ହେବେନି ଆଲୋଚନା ପାଇଁ। ସେଥିପାଇଁ ବିନା ପୋଲିସ ଫୋର୍ସରେ ସେ ଏକୁଟିଆ ମାଓବାଦୀଙ୍କ ଆଡ୍ଡାକୁ ଯିବା ପାଇଁ ସ୍ଥିର କଲେ, ଯାହା ଶୁଣି ପୋଲିସ ପ୍ରଶାସନ ଓ ସୁରକ୍ଷା ଅଧିକାରୀଙ୍କ ଆଖିରୁ ହଜିଗଲା ନିଦ। ଏଭଳି ବିପଜ୍ଜନକ ନିଷ୍ପତ୍ତିରୁ ଓହରି ଆସିବା ପାଇଁ ସୁରକ୍ଷା ଅଧିକାରୀମାନେ ଯେତେ ଅନୁରୋଧ କଲେ ବି ପାହାଡ଼ ଭଳି ଦୃଢ଼ ଓ ତୁଙ୍ଗ ମନୋବଳକୁ ଟଳାଇବା କ'ଣ ସହଜ। ଶେଷରେ ସେ ସୁରକ୍ଷା ବାହିନୀକୁ ଅନତି ଦୂରରେ ଛାଡ଼ି ଏକା ଏକା ମାଓବାଦୀ ଆଡ୍ଡାରେ ପ୍ରବେଶ କରିଥିଲେ ସେମାନଙ୍କୁ ବସେଇ ସଭା କରିଥିଲେ ସେହି ଘଞ୍ଚ ଜଙ୍ଗଲ ଭିତରେ। ବେଠିପ୍ରଥା ଓ ମହାଜନି କାରବାର ଉଚ୍ଛେଦ ଆଦି ଥିଲା ସେମାନଙ୍କ ଦାବି। ସେମାନଙ୍କୁ ଦେଇଥିବା ପ୍ରତିଶ୍ରୁତି ମୁତାବକ ବେଠି ପ୍ରଥା ଉଚ୍ଛେଦ ଓ ମହାଜନି କାରବାର ଉପରେ ଅଙ୍କୁଶ ଥିଲା ତାଙ୍କର ଆଉ ଏକ ସାହସିକ ପଦକ୍ଷେପ। ସେତେବେଳେ ଗ୍ରାମାଞ୍ଚଳରେ ସୁଧଖୋର ମହାଜନମାନେ ଗରିବ ଲୋକଙ୍କୁ ଟଙ୍କା ଲଗାଣ କରି ଉଚ୍ଚ ହାରରେ ସୁଧ ଆଦାୟ କରୁଥିଲେ ଏବଂ କେହି ଋଣ ଶୁଝି ନ ପାରିଲେ ନିଲାମ ଆକାରରେ ନେଇଯାଉଥିଲେ ଗୋରୁ, ଜମିବାଡ଼ି ଓ ଘରର ଆସବାବପତ୍ର। ମହାଜନଙ୍କ ଶୋଷଣରୁ ଗରିବ ଲୋକଙ୍କୁ ରକ୍ଷା କରିବା ପାଇଁ ସେ ଦୃଢ଼ ପଦକ୍ଷେପ ନେଲେ, ଯାହା ଫଳରେ ତାଙ୍କ ଉପରେ କ୍ଷୁବ୍ଧ ହେଲେ ସମାଜର ଧନୀ ଶ୍ରେଣୀର ଲୋକେ। କେନ୍ଦୁପତ୍ର ଜାତୀୟକରଣଠାରୁ 'ଓଡ଼ିଶା ଦିବସ'କୁ ସରକାରୀ ସ୍ତରରେ ପାଳନ କରିବା ନିମନ୍ତେ ପ୍ରଥମେ ପଦକ୍ଷେପ ନେବା ପର୍ଯ୍ୟନ୍ତ ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ଭାବରେ ସେ ଯେଉଁ ଲୋକାଭିମୁଖୀ କାର୍ଯ୍ୟ କରିଯାଇଛନ୍ତି, ତାହା ତାଙ୍କୁ ଜନମାନସରେ ଅମରକରି ରଖିବ କାଳକାଳ ପାଇଁ।

ଅବସରପ୍ରାପ୍ତଅଧ୍ୟକ୍ଷ, ବିଜୁପଟ୍ଟନାୟକନଗର, ଭଦ୍ରକ
ମୋ: ୬୩୭୧୬୪୨୪୬୪

### ପୁଣ୍ୟତିଥି ଅବସରରେ



# ବୁଢ଼ା ବରଗଛ ଛାଇ



ପ୍ରଣତି ଆଚାର୍ଯ୍ୟ ମିଶ୍ର

କିଛି ଦିନ ତଳେ ଜଣେ ହ୍ୱାଟ୍ସଆପ୍‌ରେ ଏକ ରିଲ୍ (ଭିଡିଓ) ପଠାଇଥିଲେ। ଏଥିରେ ଗ୍ରୀଷ୍ମଋତୁର ପ୍ରାତଃକାଳରେ ଜଣେ ବୃଦ୍ଧ ଜେଜେବାପା ଗାଁର କଚ୍ଚା ରାସ୍ତାରେ ସାଇକେଲରେ ନାତୁଣୀକୁ ସ୍କୁଲକୁ ଛାଡ଼ିବାକୁ ଯାଉଥିଲେ। ନାତୁଣୀ ସାଇକେଲ ପଛ କ୍ୟାରିଅରରେ ବସି ଜେଜେଙ୍କୁ ଜାବୁଡ଼ି ଧରିଥିଲା। ଏହା ଦେଖି ଅନୁଭବ କରିହୁଏ ନାତି ନାତୁଣୀଙ୍କ ପାଇଁ ଜେଜେବାପା ସୁପର ହିରୋ। ଏହା ବି ଅନୁମେୟ ପରବର୍ତ୍ତୀ ପିଢ଼ିପାଇଁ ବୃଦ୍ଧଙ୍କ ସାନିଧ୍ୟ କେତେ ମୂଲ୍ୟବାନ୍। କୁହାଯାଏ ଦୁଇଟି ଜିନିଷ ଜଣେ ବ୍ୟକ୍ତିକୁ ଜ୍ଞାନୀ କରିଥାଏ। ଗୋଟିଏ ହେଲା ପୁସ୍ତକ, ଦ୍ୱିତୀୟଟି ବୃଦ୍ଧ ବ୍ୟକ୍ତିଙ୍କ ସାନିଧ୍ୟ। ପ୍ରତ୍ୟେକ ବୃଦ୍ଧ ବ୍ୟକ୍ତି ତାଙ୍କ ନାତିନାତୁଣୀଙ୍କ ଯତ୍ନ ନେଇ, ସ୍ନେହ ଦେଇ, ସେମାନଙ୍କୁ ଜୀବନ କୌଶଳ ଶିଖାଇବାରେ ଅପାର ଆନନ୍ଦ ପାଆନ୍ତି। ଘରେ ବୃଦ୍ଧ ବ୍ୟକ୍ତି ଥିଲେ ଅନେକ ସମସ୍ୟାର ସମାଧାନ ଆପେ ଆପେ ହୋଇଯାଏ। ମନସ୍ତତ୍ତ୍ୱବିତ୍ ଆଡ୍‌ଲର କୁହନ୍ତି, ବୟସ୍କଙ୍କ ଆଲୋଚନାରେ ଔଷଧୀୟ ଗୁଣ ରହିଛି, ଯାହା ଅନେକ ମାନସିକ ଏବଂ ଶାରୀରିକ ରୋଗରୁ ଉପଶମ ଦେଇପାରେ। ବେଳେବେଳେ ବୃଦ୍ଧମାନେ ପାଖରେ ଥାଆନ୍ତି, ହେଲେ ସେମାନଙ୍କର ଗୁରୁତ୍ୱକୁ ଅଣଦେଖା କରାଯାଏ। ପରେ ଅନେକ ଛୋଟ ବଡ଼ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼େ। ହିନ୍ଦୀ ଚଳଚ୍ଚିତ୍ର 'ଅତିଥି ତୁମ କବ ଜାଓଗେ'ରେ ଏହା ବହୁତ ଭଲ ଭାବରେ ଦର୍ଶାଯାଇଛି।

ଥରେ ଏକ ଟ୍ରେନର କମ୍ପାର୍ଟମେଣ୍ଟରେ କେବଳ ଜଣେ ବୃଦ୍ଧ ବସିଥିଲେ। ପରବର୍ତ୍ତୀ ଷ୍ଟେଶନରେ ସାତ-ଆଠ ଜଣ ଯୁବକ ସେଥିରେ ଚଢ଼ିଲେ। ସମାନ ବୟସର ପୁଅମାନଙ୍କ ମଧ୍ୟରେ ଝଗଡ଼ା ଏବଂ ଦୁଷ୍ଟାମି ଏକ ଅଭ୍ୟାସ ବୋଲି ଧରାଯାଏ। ସେମାନଙ୍କ ମଧ୍ୟରୁ ଜଣେ କହିଲା, ବସି ବସି ବିରକ୍ତ ଲାଗିଲାଣି ; କିଛି ଗୋଟେ ମଜା ମସ୍ତି କରିବା। ଚାଲ ସମସ୍ତେ ମିଶି ଏଇ ଟ୍ରେନ୍ ଚେନ୍ ଟାଣିବା। ସେ ତାଙ୍କ କଥା କହିବା ମଝିରେ ଅନ୍ୟ ଜଣେ ତାଙ୍କୁ ବାଧା ଦେଇ କହିଲା, ଚେନ୍ ଟାଣିଲେ ଟ୍ରେନ ବନ୍ଦ ହୋଇଯିବ। ଟିଟି ଆସିବାମାତ୍ରେ ଆମେ ଅସୁବିଧାରେ ପଡ଼ିବା। ଅଯଥାରେ ଜରିମାନା ହେବ ନଚେତ୍ ଜେଲ୍ ଯିବା। ତୃତୀୟ ପୁଅଟି କହିଲା, ଏପରି କରିବା ପୂର୍ବରୁ ଆମ ପକେଟରେ କେତେ ଟଙ୍କା ଅଛି ତାହା ଆଗ ଦେଖ ପରେ ମସ୍ତି କରିବା। ସମସ୍ତେ ନିଜ ନିଜ ପକେଟ ଖୋଜିବା ଆରମ୍ଭ କଲେ। କାହା ପକେଟରେ ଶହେ ଟଙ୍କା ଥିଲା ତ କାହା ପାଖରେ ଦୁଇଶହ। ସର୍ବମୋଟ ପନ୍ଦର ଶହ ଟଙ୍କା ହେବ। ନିରବରେ ବସିଥିବା ବୃଦ୍ଧ ବ୍ୟକ୍ତି ପୁଅମାନଙ୍କ କଥାବାର୍ତ୍ତା ଧ୍ୟାନର ସହିତ ଶୁଣୁଥିଲେ। ଏହି ସମୟରେ ପୁଅମାନଙ୍କ ମଧ୍ୟରୁ ଜଣଙ୍କ ମୁଣ୍ଡରେ ଏକ ଧାରଣା ଆସିଲା। ସେ କହିଲା, ଆମେ ଚେନ୍ ଟାଣିଦେବା, ଟିଟି ଆସିଲେ ଏହି ବୃଦ୍ଧଙ୍କ ନାମ ଦେବା। ଏଥିରେ ମସ୍ତିକୁ ମସ୍ତି, ଆମର ଟଙ୍କା ମଧ୍ୟ ରହିଯିବ। ସମସ୍ତେ ରାଜି ହୋଇ ହସି ହସି ଚେନ୍ ଟାଣିଲେ। ବ୍ରେକ ଶବ୍ଦ ସହିତ ଟ୍ରେନ୍ ଚକ ବନ୍ଦ ହୋଇଗଲା। ଦୁଇ-ଚାରି ମିନିଟ ପରେ ଟିଟି ଆସି ପଚାରିଲେ- ଭାଇ, ଚେନ୍ କିଏ ଟାଣିଛି? ପୁଅମାନେ ବୃଦ୍ଧଙ୍କ ଆଡ଼କୁ ଇଙ୍ଗିତ କରି କହିଲେ ସେ...! ଟିଟି ବୃଦ୍ଧଙ୍କୁ ପଚାରିଲେ ତୁମେ ଏହାକୁ ଟାଣିଲ କି? ବୃଦ୍ଧଙ୍କ ପାଖରେ ଖସିଯିବାର କୌଣସି ଉପାୟ ନଥିଲା। ତେଣୁ ସେ ସ୍ୱୀକାର କରି କହିଲେ ହଁ, ମୁଁ ଚେନ୍ ଟାଣିଥିଲି।



ଆଉ କ'ଣ କରିଥାନ୍ତି? ମୋ ପାଖରେ ପନ୍ଦର ଶହ ଟଙ୍କା ଥିଲା। ଏହି ପିଲାମାନେ ବଳପୂର୍ବକ ମୋ'ଠାରୁ ଛଡ଼ାଇ ନେଇଗଲେ। ଦୟାକରି ମୋ ଟଙ୍କା ଫେରାଇ ଆଣନ୍ତୁ। ତୁମର ବଡ଼ ଉପକାର ହେବ। ଟିଟି ରେଳବାଇ ପୋଲିସକୁ ଫୋନ୍ କଲେ। ପୁଅମାନଙ୍କ ପକେଟ ଖୋଜିବା ପରେ ପନ୍ଦର ଶହ ଟଙ୍କା ମିଳିଲା। ପୋଲିସ ବୃଦ୍ଧଙ୍କୁ ଟଙ୍କା ଦେଇ ପୁଅମାନଙ୍କୁ ନେଇଗଲେ। ବୃଦ୍ଧ ଜଣକ ଧୀର ସ୍ୱରରେ କହିଲେ, ମୋର ଚୁଟି ଏମିତି ଧଳା ହୋଇନି। ବୟସ୍କମାନେ ସମୟ ଆଧାରରେ ସମସ୍ୟାର ଉପଯୁକ୍ତ ସମାଧାନ ପରିପ୍ରେକ୍ଷୀରେ ବୁଝାଯାଇପାରିବ। ଆଚରଣ ଦୃଷ୍ଟିରୁ ଯୁବପିଢ଼ିଙ୍କ ମଧ୍ୟରେ ପ୍ରାୟତଃ ଦେଖାଯାଉଥିବା ଅପରିପକ୍ୱତାରେ ଏହାକୁ ଏକ ଶିକ୍ଷା ଭାବରେ ଦେଖାଯାଇପାରେ। ସତ୍ୟ ହେଉଛି ବୟସ୍କମାନେ ସେମାନଙ୍କ ଅଭିଜ୍ଞତା ମାଧ୍ୟମରେ ଯୁବପିଢ଼ିକୁ ଠିକ୍ ଏବଂ ଭୁଲ୍ ମଧ୍ୟରେ ପାର୍ଥକ୍ୟ ବୁଝାଇ ପାରନ୍ତି ଏବଂ କଷ୍ଟକର ପରିସ୍ଥିତିରେ ମୁକାବିଲା କରିବାର ଉପାୟ କହିପାରନ୍ତି। ବୁଢ଼ା ହୋଇଥିବା ବୃକ୍ଷ ଫଳ ନଦେଲେ ବି ସେମାନଙ୍କର ଛାଇ ବହୁତ ସାନ୍ତ୍ୱନାଦାୟକ। ସେଥିପାଇଁ ପରିବାରର ବୟସ୍କମାନଙ୍କ ସେବା କରିବା ସର୍ବଦା ଈଶ୍ୱରଙ୍କ ପୂଜା ବୋଲି ବିବେଚନା କରାଯାଏ। ଏହା ନିଶ୍ଚିତ ଯେ ବୃଦ୍ଧମାନେ ସେମାନଙ୍କର ଅଭିଜ୍ଞତା, ଜ୍ଞାନ ଏବଂ ମାର୍ଗଦର୍ଶନ ଦ୍ୱାରା ପରବର୍ତ୍ତୀ ପିଢ଼ିକୁ ଶିକ୍ଷା ଦେଇପାରିବେ। ପରିବାରକୁ ମଜଭୁତ କରିପାରିବେ। ଘରର ଚାରିକାନ୍ଥ ମଧ୍ୟରେ ପାରିବାରିକ ବିବାଦର ସମାଧାନ କରିବାର ଶକ୍ତି ତାଙ୍କ ପାଖରେ ଅଛି।

ବୃଦ୍ଧମାନେ ପରିବାରର ସଦସ୍ୟମାନଙ୍କୁ ଏକାଠି କରନ୍ତି। ସାମାଜିକ ମୂଲ୍ୟବୋଧ ବୃଦ୍ଧି ଏବଂ ସୁଦୃଢ଼ କରିବାରେ ସାହାଯ୍ୟ କରନ୍ତି। ସେମାନେ ପରିବାରର ରୀତିକୁ ପରବର୍ତ୍ତୀ ପିଢ଼ିକୁ ହସ୍ତାନ୍ତର କରନ୍ତି। ଘରେ ନିଜ ମାତୃଭାଷାରେ କଥା ହେବା ଦ୍ୱାରା ପରବର୍ତ୍ତୀ ପିଢ଼ି ସେମାନଙ୍କଠାରୁ ବହୁତ କିଛି ଶିଖନ୍ତି। କଥାରେ ପ୍ରବାଦ ମିଶ୍ରଣ କରି ପିଲାମାନଙ୍କ ହୃଦୟ ଏବଂ ମନ ଉପରେ ଏପରି ପ୍ରଭାବ ପକାଇଥାନ୍ତି, ଯାହାକୁ ପିଲାମାନେ ସାରାଜୀବନ ମନେରଖନ୍ତି। ସେମାନଙ୍କ ଉପସ୍ଥିତି ଘରେ ସୁରକ୍ଷାର ଭାବନା ପ୍ରଦାନ କରେ। ପ୍ରତ୍ୟେକ ବୃଦ୍ଧ ହେଉଛନ୍ତି ସମାଜର ସେହି ପ୍ରଦୀପ, ଯେଉଁମାନେ ଅନ୍ଧାରରେ ମଧ୍ୟ ଆଲୋକ ବିସ୍ତାର କରନ୍ତି। ସେମାନଙ୍କ ଆଖିରେ ଲୁଚି ରହିଥିବା କାହାଣୀ, ସେମାନଙ୍କ କଥାରେ ଥିବା ଜ୍ଞାନ ଆମକୁ ଶିକ୍ଷାଦିଏ ଯେ ଜୀବନର ପ୍ରକୃତ ଅର୍ଥ ବଞ୍ଚିବାରେ ନୁହେଁ ବରଂ ଏହାକୁ ବୁଝିବାରେ ନିହିତ। ସେମାନଙ୍କ କାହାଣୀଗୁଡ଼ିକ କୁହେ ଜୀବନର ପ୍ରତ୍ୟେକ ଭୁଲ୍ ପ୍ରତ୍ୟେକ ଦୁଃଖ ଏକ ଶିକ୍ଷା। ଏହା ଏକ ଐତିହ୍ୟ, ଯାହା ପିଢ଼ି ପିଢ଼ିକୁ ସଂଯୋଗ କରେ। ବୃଦ୍ଧ ହେଉଛନ୍ତି ସେହି ପୁସ୍ତକ, ଯାହାର ପୃଷ୍ଠାରେ ଜୀବନର ପ୍ରତ୍ୟେକ ରଙ୍ଗ ଲେଖା ହୋଇଥାଏ। ସେଗୁଡ଼ିକୁ ପାଠ କଲେ, ସେମାନଙ୍କ ଅଭିଜ୍ଞତାକୁ ବୁଝିଲେ, ଜୀବନର ପ୍ରକୃତ ଅର୍ଥମିଳେ। ବୃଦ୍ଧଙ୍କ ମଧ୍ୟରେ ଲୁଚି ରହିଥିବା ଶକ୍ତି ଶିଖାଏ ଯେ ପ୍ରେମ, କରୁଣା ଏବଂ କ୍ଷମା ହେଉଛି ଜୀବନର ମୂଳ। ସମୟର ଜ୍ଞାନ ସେମାନଙ୍କ କୁଞ୍ଚନରେ ଲୁଚି ରହିଛି। ଏପରି କୁହାଯାଇପାରେ ଯେତେବେଳେ ପାଚିଲା ଅଙ୍ଗୁର କିସମିସରେ ପରିଣତ ହୁଏ ତାର ମୂଲ୍ୟ ଚାରିଗୁଣ ବଢ଼ିଯାଏ। ଜୀବନର ସୁଖ ଏବଂ ଦୁଃଖର ସୂର୍ଯ୍ୟ କିରଣରେ ସେକିହୋଇଥିବା ବୟସ୍କ ଲୋକଙ୍କ ଜ୍ଞାନ, ବୁଝାମଣା ଏବଂ ଅଭିଜ୍ଞତା ଠିକ୍ ଏହି କିସମିସ ପରି।

ନୟାଗଡ଼, ମୋ: ୯୪୩୭୬୪୨୯୪୭

## ଏଇ ଭାରତରେ

ଜଳ ପ୍ରଦୂଷଣ ଓ ସଙ୍କଟ ଏବେଠୁ ବିଷମ ସ୍ଥିତି ଉପୁଜାଇଲାଣି। ଦେଶର ଅନେକ ଭାଗରେ ପାନୀୟ ଜଳ ଅଭାବ ମଧ୍ୟ ଦେଖାଗଲାଣି। ତେବେ ଏସବୁକୁ ଲକ୍ଷ୍ୟକରି ଉତ୍ତରପ୍ରଦେଶ ବୁନ୍ଦେଲଖଣ୍ଡର ୩୦ ବର୍ଷୀୟ ରାମବାବୁ ତିୱାରୀ ନିଜ ଅଞ୍ଚଳରେ ପୋଖରୀ ପୁନରୁଦ୍ଧାର କରିବାରେ ଲାଗିଛନ୍ତି। ସେ ରହୁଛନ୍ତି ନିଜ ଅଧୱାନ ଗାଁରେ। ଗ୍ରାମବାସୀଙ୍କୁ ଏକାଠି କରି ଲୋକଙ୍କ ସହାୟତାରେ ପୋଖରୀ ପୁନରୁଦ୍ଧାର କରୁଛନ୍ତି। ପୋଖରୀରୁ ପଙ୍କ ଓ ଦଳ ବାହାରକରି ତାହାର ପାଣିକୁ ବ୍ୟବହାର ଉପଯୋଗୀ କରିପାରିଛନ୍ତି। ଏବେ ସୁଦ୍ଧା ସେମାନେ ବୁନ୍ଦେଲଖଣ୍ଡର ୭୫ଟି ପୋଖରୀର ପୁନରୁଦ୍ଧାର କରିସାରିଲେଣି। ବଡ଼ କଥା ହେଉଛି ରାମବାବଙ୍କୁ ଯେତେବେଳେ ୧୭ ବର୍ଷ ହୋଇଥିଲା ସେ ଦଶମ ଶ୍ରେଣୀରେ ପଢୁଥିଲେ ଓ ସେତେବେଳେ ସେ ଏହି କାମ ଆରମ୍ଭ କରିଥିଲେ। ସେ ପ୍ରଥମେ ନିଜ ଗାଁ ପୋଖରୀ ପୁନରୁଦ୍ଧାରରୁ କାର୍ଯ୍ୟ ଆରମ୍ଭ କରିଥିଲେ। ତା' ପରଠାରୁ ସେ କେବେ ବି ଅଟକି ନାହାନ୍ତି, ଗୋଟିଏ ପରେ ଗୋଟିଏ ପୁଷ୍କରିଣୀ ପୁନରୁଦ୍ଧାର କରି ନିଜ ଅଞ୍ଚଳରେ ଜଳସଙ୍କଟ ଦୂର କରିପାରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୪ ଅଗଷ୍ଟ ୧୯୭୬

- ତ୍ରିନିଦାଦ ଏବଂ ଟୋବାଗୋର କରିବେଆନ ରାଜ୍ୟ ଦୀର୍ଘ ୧୭୯ ବର୍ଷର ବ୍ରିଟିଶ ରାଜତନ୍ତ୍ର ଶାସନରୁ ମୁକ୍ତ ହୋଇ ଏକ ସାଧାରଣତନ୍ତ୍ର ରାଷ୍ଟ୍ରରେ ପରିଣତ ହୋଇଛି।
- ବମ୍ବେହାଇ ଓ ବାସେଇନ୍ ମଧ୍ୟରେ ଏକ ନୂତନ କୂପରୁ ତୈଳର ସନ୍ଧାନ ମିଳିଥିବା ପେଟ୍ରୋଲିୟମ ବିଭାଗ ମନ୍ତ୍ରୀ ଶ୍ରୀ କେ.ଡି. ମାଳବୀୟଙ୍କ ଘୋଷଣା।

## ଚିରନ୍ତନୀ

କାକଳି ତୋଳି କରଇ କେଳି
ସରସୀ ଜଳେ ହଂସ
ପକ୍ଷେ ତାର ଲାକ୍ଷା ଲାଗେ
ତୁମରି ରାଗ ଅଂଶ
ମୁଗ୍ଧ ଲୀଟ କୁସୁମେ କରେ
ଗୁଞ୍ଜନ ହେ ଗୁଞ୍ଜନ
ପଉଷ-ଶେଷ ସନ୍ଧ୍ୟା ଘେନ
ବନ୍ଦନ!

-(ପଉଷ ସନ୍ଧ୍ୟା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku  ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | | | | | | 3 | |
| 9 | 4 | | | | | 8 | | |
| | | 8 | | 2 | 3 | | 1 | |
| 1 | | | | | | 9 | | |
| | | | | 3 | | | | |
| | | 5 | 6 | | 9 | 7 | | |
| | 5 | | 4 | | | | | |
| | | | | 5 | | | 8 | |
| 3 | | | 2 | | 8 | 5 | | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 3 | 9 | 4 | 5 | 6 | 8 | 1 | 2 |
| 4 | 8 | 1 | 3 | 2 | 7 | 6 | 5 | 9 |
| 2 | 6 | 5 | 1 | 8 | 9 | 7 | 4 | 3 |
| 1 | 5 | 3 | 7 | 4 | 8 | 9 | 2 | 6 |
| 8 | 9 | 4 | 2 | 6 | 3 | 5 | 7 | 1 |
| 6 | 7 | 2 | 9 | 1 | 5 | 3 | 8 | 4 |
| 9 | 4 | 7 | 5 | 3 | 1 | 2 | 6 | 8 |
| 5 | 2 | 8 | 6 | 9 | 4 | 1 | 3 | 7 |
| 3 | 1 | 6 | 8 | 7 | 2 | 4 | 9 | 5 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଟ୍ରାଫିକ୍ ସମସ୍ୟା...

ମହାଶୟ,

ପ୍ରଥମ କରୋନା ସମୟରେ ବାଲେଶ୍ୱର ମୋତିଗଞ୍ଜ ମାଛ ବଜାରରୁ କିଛି ମାଛ ବ୍ୟବସାୟୀ ଆସି ହେମକାପଡା ଛକରେ ବ୍ୟବସାୟ ଆରମ୍ଭ କରିଥିଲେ। ମାତ୍ର କରୋନା ଛାଡ଼ିଯିବା ପରେ ସେମାନେ ଏଠାରୁ ଆଉ ଗଲେନାହିଁ। ଏବେ ଏହି ଛକରେ ପ୍ରବଳ ଭିଡ଼ ହେଉଥିବାରୁ ଟ୍ରାଫିକ ସମସ୍ୟା ଉପୁଜୁଛି। ଛୋଟ ଛୋଟ ଦୁର୍ଘଟଣା ଘଟୁଛି। ସକାଳଠାରୁ ଦିନ ୧୨ଟା ପର୍ଯ୍ୟନ୍ତ ପ୍ରବଳ ଗହଳି ହେତୁ ଚାରିଚକିଆ ଯାନ ମଧ୍ୟ ଯିବାରେ ଅସୁବିଧା ସୃଷ୍ଟି ହେଉଛି। ଏଣୁ ଅନୁରୋଧ, ନିକଟରେ ଥିବା କୈବର୍ତ୍ତମାନଙ୍କର ଠାକୁରବାଡ଼ି ଭାବେ ପରିଚିତ ଜାଗାରେ ସେମାନଙ୍କ ବସିବାର ସୁବିଧା କରିଦେଲେ କାହାର କିଛି ଅଭିଯୋଗ ହୁଅନ୍ତା ନାହିଁ। ଏଥିପ୍ରତି ବାଲେଶ୍ୱର ପୌର କର୍ତ୍ତୃପକ୍ଷ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ।

**- ସୁରଜ କୁମାର ଦାସ, ମୋତିଗଞ୍ଜ, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଗୁଣିଗାରେଡ଼ି ସନ୍ଦେହରେ ଯୁବକଙ୍କୁ ହତ୍ୟା

## ପୋଲିସର ତନାଘନା, ୧୪ ଗିରଫ

ପାରଳାଖେମୁଣ୍ଡି/ମୋହନା, ୩।୮
(ଗିରିଧାରୀ ପରିଛା/ମନ୍ମଥ ମିଶ୍ର)



ଗିରଫ ଅଭିଯୁକ୍ତମାନେ ।

ଗଜପତି ଜିଲାରେ ଗୁଣିଗାରେଡି ସନ୍ଦେହରେ ଶନିବାର ରାତିରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ଜିଲାର ମୋହନା ଥାନା ରାଚାଗୁଡ଼ା ଗାଁରେ ଏପରି ଘଟିଛି। ଏନେଇ ମୋହନା ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ କରି ଏଥିରେ ସମ୍ପୃକ୍ତ ୧୪ଜଣଙ୍କୁ ଗିରଫ କରିଛି। ସେମାନେ ରଚାଗୁଡ଼ା ଗ୍ରାମର ସୁବାଷ ମଲିକ(୪୦), ଅଜୟ ମଲିକ(୨୨), ସୀମାଞ୍ଚଳ ମଲିକ(୩୫),କୁମାର ମଲିକ(୨୮), ଗୌର ମଲିକ(୨୫), ପ୍ରଫୁଲ୍ଲ ମଲିକ(୨୪) , ପ୍ରଶାନ୍ତ ମଲିକ(୨୦), ଶିବାନନ୍ଦ ମଲିକ(୨୬), ଚନ୍ଦ୍ର ମଲିକ (୧୭) ଓ ଗୁଣ୍ଡିମା ଗାଁର ଘାସିରାମ ମଲିକ(୨୬), ସୁଣ୍ଡିଆ ମଲିକ (୨୧), ଶିବ ମଲିକ(୧୮), ରମାକାନ୍ତ ମଲିକ (୩୦) ଓ ମରା ମଲିକ(୫୮) ବୋଲି ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ଯତୀନ୍ଦ୍ର କୁମାର ପଣ୍ଡା ସୂଚନା ଦେଇଛନ୍ତି।

ଖବରରୁ ଜଣାପଡ଼ିଛି ରାଚାଗୁଡ଼ା ଗାଁର ସୁବାସ ମଲ୍ଲିକଙ୍କ ସ୍ତ୍ରୀ ଝୁନୁଙ୍କ ଗତ ୧୫ ଦିନ ତଳେ କୌଣସି କାରଣରୁ ମୃତ୍ୟୁ ଘଟିଥିଲା। ଏନେଇ ଗ୍ରାମବାସୀ ଗାଁର ଗୋପାଳ ମଲ୍ଲିକ(୪୦)ଙ୍କୁ ଗୁଣି ଗାରେଡି କରିଥିବା ସନ୍ଦେହ କରିଥିଲେ। ତାଙ୍କୁ ମାରିବା ପାଇଁ ଗ୍ରାମର ସୁବାସ ଓ ତାଙ୍କ ସହଯୋଗୀମାନେ ଯୋଜନା କରିଥିଲେ। ଏହା ଜାଣିବା ପରେ ଗୋପାଳ ଭୟରେ ଗାଁ ଛାଡ଼ି ତାଙ୍କ ଶ୍ୱଶୁର ଘର ଗଞ୍ଜାମ ଜିଲା ବଡ଼ଗଡ଼ ଥାନା ଅନ୍ତର୍ଗତ ଖଣ୍ଡି ଗାଁକୁ ଚାଲି ଯାଇଥିଲେ। ତେବେ ଶନିବାର ଅପରାହ୍ନରେ ଗୋପାଳ ନିଜ ଜୀବନଜୀବିକା ପାଇଁ ପାଳିଥିବା ଗୋରୁ, ମେଣ୍ଢା, ଛେଳି ନେବାକୁ ଗାଁକୁ ଆସିଥିଲେ। ଏହା ପୂର୍ବରୁ ସେ ତାଙ୍କ ଗୋରୁ, ଛେଳି, ମେଣ୍ଢା ଗାଁଠାରୁ ଟିକେ ଦୂରକୁ ନେଇ ଆସିବା ପାଇଁ ତାଙ୍କ ଭାଉଜ ସୀତା ମଲ୍ଲିକଙ୍କୁ କହିଥିଲେ। ସେହି ଅନୁସାରେ ଗୋପାଳ ଓ ତାଙ୍କ ଶଳା ଗାଁଠାରୁ କିଛି ଦୂର ପଳାଶପଦର ନିକଟରେ ଅପେକ୍ଷା କରିଥିଲେ। ଭାଉଜ ଗୋରୁ, ମେଣ୍ଢା, ଛେଳି ଅଡ଼ାଇ ପଳାଶପଦର ଯାଇ ତାଙ୍କୁ ଦେଇଥିଲେ। ଏସବୁ ଧରି ଗୋପାଳ ସେଠାରୁ ଚାଲିଯିବାକୁ ଉଦ୍ୟମ କରୁଥିବା ବେଳେ ଖବର ପାଇ ଗୁଣ୍ଡିମା ଓ ରାଚାଗୁଡ଼ା ଗାଁର କେତେ ଜଣ ଲୋକ ସେଠାରେ ପହଞ୍ଚି ଗୋପାଳଙ୍କୁ କାବୁକରି ଗାଁକୁ ଟାଣିଟାଣି ନେଇଥିଲେ। ତାଙ୍କୁ କୋଠ ଘରେ ରଖି ମାର୍‌ପିଟ କରି ନିର୍ଯାତନା ଦେଇଥିଲେ। ପରେ ଗୋପାଳଙ୍କୁ ହରଭଙ୍ଗୀ ଡ୍ୟାମ୍ ନିକଟକୁ ନେଇ ସେଠାରେ ହାତଗୋଡ଼ ବାନ୍ଧି ଯୌନାଙ୍ଗ କାଟି ହତ୍ୟାକରି ଡ୍ୟାମରେ ଫିଙ୍ଗି ଦେଇଥିଲେ।

ଏହି ଖବର ପାଇ ଗୋପାଳଙ୍କ ଭାଉଜ ସୀତା ରାତିରେ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ମୋହନା ପୋଲିସ ନଂ. ୧୧୩/୨୫ରେ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ ଧରିବାକୁ ୨ଟି ଟିମ୍ ଗଠନ କରିଥିଲା। ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିଲା। ଅଭିଯୁକ୍ତମାନେ ୩ଟି ଅଟୋ (ଓଡ଼ି୦୭ଏକ୍ସ-୭୦୩୬, ଓଡ଼ି୦୨ସି-୫୧୮୮ ଏବଂ ଓଡ଼ି୦୭କେ-୫୯୯୨)ରେ ଫେରାର ହୋଇଯାଇଥିଲେ। ସମସ୍ତେ କର୍ଚ୍ଚୋଡ଼ି ପଞ୍ଚାୟତର ଶୁଖିଲାଆମ୍ବ ଛକ ଦେଇ କୌଣସି ଏକ ଅଜ୍ଞାତ ସ୍ଥାନକୁ ଚାଲିଯାଉଥିବା ବେଳେ ଏନେଇ ସୂଚନା ପାଇ ପୋଲିସ ସେମାନଙ୍କ ପିଛାକରି ଚନ୍ଦ୍ରଗିରି ନିକଟରେ ସମସ୍ତଙ୍କୁ କାବୁ କରି ଥାନାକୁ ଆଣିଥିଲା। ଥାନାରେ ସେମାନଙ୍କୁ ଅଟକ ରଖି ପଚରାଉରା କରି ଗିରଫ କରିଥିଲା। ମୃତଦେହ, ହତ୍ୟାରେ ବ୍ୟବହୃତ ପଥର, ଦଉଡି ଓ ୩ଟି ଅଟୋକୁ ଜବତ କରାଯାଇଛି। ଅଭିଯୁକ୍ତମାନେ ପଚରାଉଚରା ବେଳେ ଗୋପାଳଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଛନ୍ତି। ଗିରଫ ସମସ୍ତ ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରାଯିବ ବୋଲି ଏସ୍‌ପି ପଣ୍ଡା କହିଛନ୍ତି।

ଅନ୍ୟପକ୍ଷରେ ଗୋପାଳଙ୍କ ପରିବାର ଲୋକେ କହିଛନ୍ତି ଯେ, ଆମର ପ୍ରାୟ ୩୦ଟି ତେନ୍ତୁଳି ଗଛ ଥିଲା। ଗାଁ ଲୋକେ ସେହି ତେନ୍ତୁଳିଗଛଗୁଡିକୁ ଗାଁ କୋଠକୁ ଦେବାକୁ ଦାବି କରିଥିଲେ। ମାତ୍ର ସେହି ଗଛଗୁଡିକୁ ଦେବାକୁ ଆମେମାନେ ମନା କରିବାରୁ ଗାଁ ଲୋକଙ୍କ ସହିତ ଗୋପାଳଙ୍କ ଶତ୍ରୁତା ବଢ଼ିଥିଲା। କୌଣସି କାରଣରୁ ଗାଁର ଝୁନୁ ମଲ୍ଲିକଙ୍କ ମୃତ୍ୟୁ ହେବାରୁ ଏହାକୁ ଆଳ କରି ଗ୍ରାମର ସମ୍ପୃକ୍ତ ବ୍ୟକ୍ତିମାନେ ଏପରି ଘଟାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଆର. ଉଦୟଗିରି ଏସ୍‌ଡିପିଓ ଶୁରେଶ କୁମାର ତ୍ରିପାଠୀ କହିଛନ୍ତି, ରବିବାର ସକାଳୁ ମୋହନା, ଅଡ଼ବା ପୋଲିସ ଏବଂ ଅଗ୍ନିଶମବାହିନୀ ସହାୟତାରେ ହତ୍ୟାକାରୀମାନଙ୍କୁ ଡ୍ୟାମ ନିକଟକୁ ନେଇ ସ୍ଥାନ ଚିହ୍ନଟ କରି ଡ୍ୟାମ ଭିତରୁ ଗୋପାଳଙ୍କ ମୃତଦେହ ଉଦ୍ଧାର ହୋଇଛି। ଘଟଣା ସ୍ଥଳରେ ସାଇଣ୍ଟିଫିକ ଟିମ୍ ପହଞ୍ଚି ଅନୁଧ୍ୟାନ କରିଛନ୍ତି। ଘଟଣାରେ ଆଉ କେଉଁମାନେ ସଂପୃକ୍ତ ଅଛନ୍ତି ସେମାନଙ୍କୁ ଖୁବ୍ ଶୀଘ୍ର ଧରାଯିବ ବୋଲି ତ୍ରିପାଠୀ ପ୍ରକାଶ କରିଛନ୍ତି।

# ବସ୍ ଆଗକୁ ଆସିଲା ହାତୀ



## ପୁଣି ଗୋଟିଏ ଗାଈ ମାରିଲା

ଜି.ଉଦୟଗିରି,୩।୮
(ଶିଶିର ପଟ୍ଟନାୟକ/ଚିନ୍ମୟ ସେଠୀ)

ଜି.ଉଦୟଗିରି ଅଞ୍ଚଳରେ କିଛି ବର୍ଷ ହେଲାଣି ହାତୀ ଘରଦ୍ୱାର, ଫସଲ ନଷ୍ଟ କରିବା ସହ ୨ଟି ଗାଈ ଓ ୨ଜଣ ମଣିଷଙ୍କୁ ମାରିଥିବା ନେଇ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ରବିବାର ସହରଠାରୁ ମାତ୍ର ୨ କିମି ଦୂର ନନ୍ଦଗିରିଠାରେ ସକାଳେ ହଠାତ ହାତୀ ରାସ୍ତା ଉପରକୁ ଚାଲିଆସିଥିଲା। ସେହି ସମୟରେ ରାଇକିଆଠାରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ଯାତ୍ରୀବାହି ବସ୍ ଆଗକୁ ମାଡ଼ି ଆସିଥିଲା। ଜୀବନ ସୁରକ୍ଷିତ ପାଇଁ ବସ୍ ଡ୍ରାଇଭର ଗାଡ଼ି ଟିକୁ ପଛକୁ ପଛକୁ ନେଇ ଥିଲେ। କିଛି ସମୟ ପରେ ହାତୀ ଜଙ୍ଗଲରେ ପଶି ଯାଇଥିଲା। ଖବର ପାଇ ବନବିଭାଗ ତରଫରୁ ହାତୀକୁ ଜନବସତି ଠାରୁ ଦୂର ଜଙ୍ଗଲକୁ ଘଉଡାଇବା ସହ ତୀକ୍ଷ୍ଣ ଦୃଷ୍ଟି ରଖିଥିବା ସ୍ଥାନୀୟ ବନ ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଥିଲେ। ସନ୍ଧ୍ୟା ସମୟରେ ପୁଣି ଥରେ ହାତୀ ରାଇପଦା ନିକଟରେ ରାଜ୍ୟ ରାଜପଥ ଅତିକ୍ରମ କରି କୁର୍ମିଙ୍ଗିଆ ଜଙ୍ଗଲ ଆଡ଼କୁ ବନ ବିଭାଗ କର୍ମଚାରୀ ଘୋଉଡ଼ାଉଥିବା ବେଳେ ରାଇପଦା ବାବୁ ପ୍ରଧାନଙ୍କ ଗୁହାଳରେ ବନ୍ଧା ହୋଇଥିବା ଗାଈକୁ ମାରିଛି। ହାତୀ ଉପଦ୍ରବ ଯୋଗୁ ସ୍ଥାନୀୟ ଅଞ୍ଚଳବାସୀ ଭୟଭୀତ ହୋଇ ରହୁଥିବା ବେଳେ ବନବିଭାଗ କର୍ମଚାରୀଙ୍କ ନିଦ ହଜାଇ ଦେଇଛି। ସ୍ୱତନ୍ତ୍ର ଡ୍ରୋନ ସାହାଯ୍ୟରେ ହାତୀର ଗତିବିଧି ଉପରେ ନଜର ରଖିବା ସହ ରକ୍ଷକ ଗାଡ଼ି ହାତୀ ଘଉଡାଇବବା ପାଇଁ ବିଭିନ୍ନ ପ୍ରକାରର ସାଇରନ ମାରି ଜଙ୍ଗଲ ନିକଟବର୍ତ୍ତୀ ଗାଁମାନଙ୍କରେ ବୁଲୁଥିବା ଦେଖିବାକୁ ମିଳିଛି।

# ବିଦ୍ୟୁତ୍ ଆଘାତରେ ଶ୍ରମିକଙ୍କ ମୃତ୍ୟୁ

ହିଞ୍ଜିଳିକାଟୁ,୩।୮ (ଦ୍ୱିତୀକୃଷ୍ଣ ପଣ୍ଡା)

ହିଞ୍ଜିଳି ଥାନା ସିକିରି ଗ୍ରାମରେ ରବିବାର ଅପରାହ୍ନରେ ବିଦ୍ୟୁତ୍ ଆଘାତରେ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ସେ ହେଲେ ହିଞ୍ଜିଳି ଥାନା ସିକିରି ଗ୍ରାମର ବୁଦ୍ଧିଆ ଦାସ (୩୫)। ବୁଦ୍ଧିଆ ସେହି ଗ୍ରାମର ଜଣେ ବ୍ୟକ୍ତିଙ୍କ ଘର କାର୍ଯ୍ୟରେ ନିୟୋଜିତ ଥିଲେ। କାମ କରୁଥିବା ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ତଳେ ପଡ଼ି ଯାଇଥିଲେ। ଅନ୍ୟ ଶ୍ରମିକମାନେ ଉଦ୍ଧାର କରି ଚିକିତ୍ସା ପାଇଁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ବୁଦ୍ଧିଆଙ୍କୁ ଭର୍ତ୍ତି କରିଥିଲେ। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ହିଞ୍ଜିଳି ପୋଲିସ୍ ଡ଼ାକ୍ତରଖାନାରେ ପହଞ୍ଚି ମୃତଦେହକୁ ଜବତ କରିଛି। ଏନେଇ ହିଞ୍ଜିଳି ଥାନାରେ କେଶ୍ ନଂ. ୧୮/୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୋମବାର ମୃତଦେହ ବ୍ୟବଛେଦ ପାଇଁ ବ୍ରହ୍ମପୁର ବଡ ଡ଼ାକ୍ତରଖାନାକୁ ପଠାଯିବ ବୋଲି ପୋଲିସ୍ କହିଛି।

# ଆକଳନ ଅନୁଯାୟୀ ଗଞ୍ଜାମ ଜିଲାକୁ ଆସୁନି ବିହନ

## ଘରୋଇ ଡିଲରଙ୍କ ଉପରେ ନିର୍ଭର କରୁଛନ୍ତି ଚାଷୀ

ଛତ୍ରପୁର,୩।୮ (ସନ୍ତୋଷ ପାଢ଼ୀ )

ଗଞ୍ଜାମ ଜିଲାକୁ ଆବଶ୍ୟକତା ଅନୁସାରେ ବିହନ ଆସୁନି। ଫଳରେ ଚାଷୀମାନେ ଚାଷକାର୍ଯ୍ୟରେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜିଲାକୁ କୃଷି ବିଭାଗର ଟାର୍ଗେଟଠାରୁ ଅଧା (୫୦ ପ୍ରତିଶତ) ମଧ ବିହନ ଆସୁନି, ଯଦ୍ୱାରା ଚାଷୀ ସରକାରୀ ସବ୍‌ସିଡି ବିହନ ପାଇପାରୁନାହାନ୍ତି। ଏହାର ସୁଯୋଗ ନେଇ ଘରୋଇ ବିହନ ଡିଲରମାନେ ବିହନ ପାଇଁ ଚାଷୀଙ୍କୁ ଶୋଷଣ କରୁଥିବା ଅଭିଯୋଗ ହେଉଛି। ୨ ବର୍ଷ ହେଲା ଗଞ୍ଜାମ ଜିଲାକୁ ସରକାରୀ ବିହନ କମ୍ ଆସୁଥିବାରୁ ଏହା ନିଅଣ୍ଟ ପଡୁଛି। ଅନ୍ୟପକ୍ଷରେ କୃଷି ବିଭାଗ ମଧ ସବସିଡି ବିହନ ବିକ୍ରିରେ ପାତରଅନ୍ତର କରୁଥିବା ଚାଷୀ ଅଭିଯୋଗ କରିଛନ୍ତି। ଯେତିକି ବିହନ ଜିଲାକୁ ଆସୁଛି ତାକୁ ବଡ଼ ଚାଷୀମାନେ ନେଇଯାଉଛନ୍ତି। ଛୋଟ ଓ ମଧ୍ୟମ ବର୍ଗର ଚାଷୀ ଖୋଲା ବଜାରରୁ ଡିଲରମାନଙ୍କଠାରୁ ଚଢ଼ା ଦରରେ ବିହନ କିଣିବାକୁ ବାଧ ହେଉଛନ୍ତି। ଗଞ୍ଜାମ ଜିଲାରେ ଖରିଫ ଧାନଚାଷ ପାଇଁ ପୂର୍ବରୁ ଆବଶ୍ୟକ ବିହନ ଗଞ୍ଜାମ ଜିଲାକୁ ଆସୁଥିଲା। ସରକାରୀ ବିହନ କେନ୍ଦ୍ରରେ ଏହାକୁ ସୁଲଭ ଦରରେ ଚାଷୀଙ୍କୁ ବିକ୍ରି କରାଯାଉଥିଲା। ୨୦୨୪-୨୫ ଖରିଫ ଫସଲ ପାଇଁ ଗଞ୍ଜାମ ଜିଲା ଲାଗି ୪୬୬୯୩.୮ କୁଇଣ୍ଟାଲ ବିହନ ବିଭିନ୍ନ ଫସଲ ଉଦ୍ଦେଶ୍ୟରେ ଦେବାକୁ ରାଜ୍ୟ ବିହନ ନିଗମକୁ କୃଷି ବିଭାଗ ମାଗିଥିଲା। ସେଥିରୁ ୨୨୯୯୦.୫ କୁଇଣ୍ଟାଲ ବିହନ ଆସି ଚାଷୀଙ୍କୁ ପ୍ରଦାନ କରାଯାଇଥିଲା, ଯାହା କି ନିଅଣ୍ଟ ପଡିଥିଲା। ଧାନ ପାଇଁ ୪୩୬୩୬ କୁଇଣ୍ଟାଲ ବିହନ ଆବଶ୍ୟକତା ରହୁଥିବା ବେଳେ ମାତ୍ର ୧୦୪୫୫.୬ କୁଇଣ୍ଟାଲ ଆସିଥିଲା। ୨୦୨୫ ଖରିଫ ପାଇଁ ୨୭୬୦୪ କୁଇଣ୍ଟାଲ ଧାନ ବିହନ, ବିରି ୨୭ କୁଇଣ୍ଟାଲ, ଚିନାବାଦାମ ୧୫୦ କୁଇଣ୍ଟାଲ, ସୋରିଷ ବିହନ ୫୯ କୁଇଣ୍ଟାଲ, ଧନିଚା ୨୨୨୫ କୁଇଣ୍ଟାଲ ବିହନ ମଗାଯାଇଛି। ତେବେ ଆଖୁ, ମାଣ୍ଡିଆ, ମକା ବିହନ ବଣ୍ଟନ କାର୍ଯ୍ୟକ୍ରମ ବିଭାଗ ପକ୍ଷରୁ ନ ଥିବା ଏକ ବୈଠକରେ ଜିଲା କୃଷି ଅଧିକାରୀ ଅଜୟ କୁମାର କର ସୂଚନା ଦେଇଛନ୍ତି।

# ୩୯ ୟୁନିଟ୍ ରକ୍ତ ସଂଗ୍ରହ

ଆସିକା,୩।୮ (ସୁରେନ୍ଦ୍ର ନାଥ ସାହୁ)

ବିଶ୍ୱ ବନ୍ଧୁତ୍ୱ ଦିବସରେ ଆସିକା ସୁଗାର ଟାଉନ ଜେସିସ୍ ପକ୍ଷରୁ ରବିବାର ସ୍ଥାନୀୟ କନ୍ୟକା ପରମେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି।

ଏଥିରେ ୩୯ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜ ରକ୍ତଭଣ୍ଡାରର କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ । ଅନୁଷ୍ଠାନର ସଭାପତି ବି. ଶିବ ଶଙ୍କର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଆସିକା ଥାନା ଏସ୍‌ଆଇ ହିମାଂଶୁ ଶେଖର ପାତ୍ର ଉଦଘାଟନ କରିବା ସହ ନିଜେ ରକ୍ତଦାନ କରି ଅନ୍ୟମାନଙ୍କୁ ଏହି କାର୍ଯ୍ୟରେ ସାମିଲ ହେବା ଲାଗି ନିବେଦନ କରିଥିଲେ । ସଂପାଦକ ଜଗନ୍ନାଥ ପଢିଆରୀ, ପୂର୍ବତନ ସଭାପତି କିରଣ କୁମାର ପାଢୀ, ଶିବ ଶଙ୍କର ପାତ୍ର, ପ୍ରକଳ୍ପ ନିର୍ଦ୍ଦେଶକ ସତ୍ୟନାରାୟଣ ପାତ୍ରଙ୍କ ସମେତ କ୍ଲବର ସଦସ୍ୟମାନେ କାର୍ଯ୍ୟକ୍ରମରେ ସାମିଲ ଥିଲେ । ମହିଳା ଜେସିସ ପକ୍ଷରୁ ବନ୍ଦିତା ପାତ୍ର, ଜୟିତା ପାତ୍ର, ମୌସୁମୀ ସାହୁ, ସୁଚିତ୍ରା ପାତ୍ର, ସୋନାଲି ପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

# ପୋଷ୍ୟ ଗ୍ରାମ ରୂପେ ଗ୍ରହଣ କଲେ, କିଛି କାମ କଲେନି ପୂର୍ବତନ ଏସ୍‌ପି



ଜଣେ ଗର୍ଭବତୀଙ୍କୁ ବୋହି ଡାକ୍ତରଖାନା ନେଉଛନ୍ତି ଗ୍ରାମବାସୀ। (ଫାଇଲ ଫଟୋ)

ଗୁମ୍ମା,୩।୮ (ପ୍ରବୀଣ କୁମାର ଲିମା)

ଗଜପତି ଜିଲା ଗୁମ୍ମା ବ୍ଲକ ଅନ୍ତର୍ଗତ ଭୁବନି ପଞ୍ଚାୟତ ସିଣ୍ଡିବୁର ଗ୍ରାମର ବହୁ ସମସ୍ୟା ଦୀର୍ଘବର୍ଷ ହେଲା ରହିଥିଲେ ମଧ ଏସବୁ ଏଯାଏ ଦୂର ହୋଇପାରିନି। ଫଳରେ ପାହାଡିଆ ଅଞ୍ଚଳରେ ବସବାସ କରୁଥିବା ଏହି ଗ୍ରାମର ଆଦିବାସୀଙ୍କ ଉନ୍ନତି ହୋଇ ପାରିନାହିଁ। ଗର୍ଭବତୀ ଅବା ଗୁରୁତର ରୋଗୀଙ୍କୁ ଖଟିଆରେ ବୋହି ୩ କ.ମି. ନେଲା ପରେ ସେଠାରୁ ଗାଡ଼ି ଅବା ଆମ୍ବୁଲାନ୍ସ ଦ୍ୱାରା ମେଡିକାଲ ନିଆଯାଏ। ରାଶନ ଚାଉଳ କିମ୍ୱା ଭତ୍ତା ଆଣିବାକୁ ହେଲେ ଗ୍ରାମବାସୀଙ୍କୁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡେ। ଗାଡି କରି ଗଲେ ମିଳିଥିବା ଭତ୍ତା ଟଙ୍କାରୁ ଅଧା ଖର୍ଚ୍ଚ ହୋଇଯାଏ।

ଗଜପତିର ତତ୍କାଳୀନ ଏସ୍‌ପି ସାରା ଶର୍ମା ୨୦୨୦ରେ ସିଣ୍ଡିବୁର ଗ୍ରାମକୁ ଆସି ଗ୍ରାମବାସୀଙ୍କ ସମସ୍ୟା ବୁଝି ଗ୍ରାମର ଉନ୍ନତି କରିବାକୁ ଚିନ୍ତା କରି ଏହି ଗ୍ରାମକୁ ପୋଷ୍ୟ ଗ୍ରାମ ଭାବେ ଗ୍ରହଣ କରିଥିଲେ। ଏଥିରେ ଗ୍ରାମବାସୀ ବହୁତ ଖୁସି ହୋଇଯାଇଥିଲେ। ଏହି ନିଷ୍ପତ୍ତି ଓ ଘୋଷଣା ପାଇଁ ସେତେବେଳେ ଶର୍ମା ଜିଲା ଓ ରାଜ୍ୟରେ ବେଶ୍ ଚର୍ଚ୍ଚାରେ ରହିଥିଲେ। ପରବର୍ତ୍ତୀ ସମୟରେ ତାଙ୍କର ଅନ୍ୟତ୍ର ବଦଳି ହୋଇଯାଇଥିଲା। ଏବେ ୩ ବର୍ଷ ବିତିଯାଇଥିଲେ ମଧ ସିଣ୍ଡିବୁର ଗ୍ରାମ ସମସ୍ୟାରୁ ମୁକୁଳିପାରିନି। ଗ୍ରାମବାସୀ ପୂର୍ବରୁ ଯେଉଁ ଅବସ୍ଥାରେ ଥିଲେ ଏବେ ସୁଦ୍ଧା ସେପରି ଅଛନ୍ତି। ସେତେବେଳର ଏସ୍‌ପି ଆମ ଗ୍ରାମକୁ ପୋଷ୍ୟ ଗ୍ରାମ ଭାବେ ଗ୍ରହଣ କରି କିଛି କାମ କଲେନି, ଠକିଦେଲେ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଗ୍ରାମକୁ ଏପର୍ଯ୍ୟନ୍ତ ରାସ୍ତା ହୋଇନି। ପାନୀୟ ଜଳ ମିଳୁନି। ପାଠ ପଢିବାକୁ ବିଦ୍ୟାଳୟ, ସ୍ୱାସ୍ଥ୍ୟସେବା ପାଇଁ ଡାକ୍ତରଖାନା ସୁବିଧା ନାହିଁ। ଗ୍ରାମର ପିଲାମାନେ ଅନ୍ୟ ଗ୍ରାମରେ ଥିବା ବିଦ୍ୟାଳୟରେ ପଢ଼ିବାକୁ ଯାଉଛନ୍ତି ବୋଲି କହିଛନ୍ତି ଗ୍ରାମବାସୀ। ଏ ସମ୍ପର୍କରେ ସରପଞ୍ଚ ପ୍ରଦୀପ ମଣ୍ଡଳ କହନ୍ତି, ପାରଳାଖେମୁଣ୍ଡି ବିଧାୟକ ଇଂ.ରୁପେଶ କୁମାର ପାଣିଗ୍ରାହୀଙ୍କୁ ସେ ଗ୍ରାମର ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି। ଭୁବନି ପଞ୍ଚାୟତକୁ ଦୁଇ ଭାଗ କରି ସିଣ୍ଡିବୁର ଓ ଅନ୍ୟ ଗ୍ରାମଗୁଡ଼ିକରେ ଉନ୍ନତିମୂଳକ କାର୍ଯ୍ୟ କରିବାକୁ ବିଧାୟକଙ୍କୁ ପ୍ରସ୍ତାବ ଦେଇଛନ୍ତି।

# ଜାମିନ ବିହୀନ ଗିରଫ ପରୱାନା, ଯୁବକ ଗିରଫ

ଗୋପାଳପୁର,୩।୮ (ନବୀନ ରାଜ ଆଚାରୀ)

ଗୋପାଳପୁର ପୋଲିସ ଜାମିନବିହୀନ ଗିରଫ ପରୱାନା ବଳରେ ଫେରାର ଥିବା ଜଣେ ଯୁବକଙ୍କୁ ରବିବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ବଡ଼ଗୁମୁଲା ଗ୍ରାମର ବାଦଲ ନାୟକ (୩୮)। ବାଦଲଙ୍କୁ ଏକ ହତ୍ୟା ଉଦ୍ୟମ ମାମଲାରେ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ସେ ଜାମିନରେ ଆସିବା ପରେ କୋର୍ଟରେ ବିଚାର ସମୟରେ ବାରମ୍ବାର ଅନୁପସ୍ଥିତ ରହୁଥିଲେ। ଏ ନେଇ କୋର୍ଟ ଏସ୍‌ଟି କେସ୍ ନଂ ୮/୨୪ ପ୍ରକାରେ ଜାମିନବିହୀନ ଗିରଫ ପରୱାନା ଜାରି କରିଥିଲେ। ରବିବାସ୍ୱାଦଲ ବଡ଼ଗୁମୁଲା ଗ୍ରାମରେ ଥିବାର ଖବର ପାଇ ପୋଲିସ ସେଠାରେ ଚଢ଼ାଉ କରି ତାଙ୍କୁ ଧରିଥିଲା।

# ହଜିଗଲା ବରିଷ୍ଠ ନାଗରିକଙ୍କ ଆବେଦନପତ୍ର

## ମାସିକ ବୈଠକରେ କ୍ଷୋଭ ପ୍ରକାଶ କଲେ କର୍ମକର୍ତ୍ତା

ଭଞ୍ଜନଗର,୩।୮ (ବାବୁଲା ପ୍ରଧାନ):ଘୁମୁସର ବରିଷ୍ଠ ନାଗରିକ ମଞ୍ଚର ଅଗଷ୍ଟ ମାସ ବୈଠକ ରବିବାର ସ୍ଥାନୀୟ ବନ ବିଭାଗ ବଙ୍ଗଳାରେ ଅନୁଷ୍ଠିତ ହୋଇଛି। ବୈଠକରେ ସଙ୍ଘ ପାଇଁ ଜମି ଯୋଗାଇ ଦେବାକୁ ବିଧାୟକଙ୍କୁ ଅନୁରୋଧ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏଥିସହ ବରିଷ୍ଠ ନାଗରିକଙ୍କୁ ପ୍ରମାଣପତ୍ର ଦେବାପାଇଁ ବହୁଦିନ ପୂର୍ବରୁ ଥାନାରେ ଆବେଦନ ହୋଇଥିଲ। ଉକ୍ତ ଆବେଦନପତ୍ର ଏସ୍‌ପିଙ୍କ ଅନୁମୋଦନ ପରେ ବରିଷ୍ଠ ନାଗରିକ ପ୍ରମାଣପତ୍ର ମିଳିଥାନ୍ତା। କିନ୍ତୁ ଆବେଦନ ପତ୍ର ଗୁଡ଼ିକ କେଉଁଠି ହଜିଯାଇଛି। ଯାହାକୁ ନେଇ ବରିଷ୍ଠ ନାଗରିକ କର୍ମକର୍ତ୍ତା ମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଏନେଇ ଆଗାମୀ ଦିନରେ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ନିଷ୍ପତ୍ତି ହୋଇଛି। ସଭାପତି ସୋମନାଥ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ରବିନାରାୟଣ ସାମନ୍ତ ଗତ ବୈଠକର ବିବରଣୀ ପାଠ କରିଥିଲେ। ବୈଠକ ଆରମ୍ଭରେ ପ୍ରାକ୍ତନ ଅଧକ୍ଷ ଶିବରାମ ପଣ୍ଡାଙ୍କ ଧର୍ମ ପତ୍ନୀ ରେଣୁ ପ୍ରଭାଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ନୂତନ ସଭ୍ୟ ଆବାସ ଅଲ୍ଲୀ ଖାଁ, ଏମଡି ଉସମାନ, ଜନାର୍ଦ୍ଦନ ପଣ୍ଡା, ବଂଶୀଧର ବିଷୋୟୀଙ୍କୁ ସ୍ୱାଗତ କରାଯାଇଥିଲା। ଗୋବିନ୍ଦ ଚନ୍ଦ୍ର ଲେଙ୍କା, ଲଡ୍ଡୁ କିଶୋର ପ୍ରଧାନ, ଅଧାପକ ତପନ ମିଶ୍ର, ମଧୁସୂଦନ ସ୍ୱାଇଁ, ଏମ୍ ରବୀନ୍ଦ୍ର ପାତ୍ର, ମାଗୁଣି ମିଶ୍ର, ଆଦିକନ୍ଦ ଗୌଡ଼, ସୁରେନ୍ଦ୍ର ବେହେରା, ପ୍ରତାପ ଚନ୍ଦ୍ର ସାହୁ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।


**OFFICE OF THE PRINCIPAL**
**SCIENCE COLLEGE (AUTONOMOUS), HINJILICUT, GANJAM**
Estd-1963
NAAC ACCREDITED B+ COLLEGE
Pin-761 102
e-mail : principalsch@gmail.com, Tel. No. 06811 280024 (O)

Order No.459/2025 Date : 02.08.2025

**WALK-IN-INTERVIEW**

A Walk-in-Interview will be held at 11.00 A.M. on 08.08.2025 for purely temporary engagement of the following posts.

| Lab Assistant-01 (Purely Temporary) | | | |
|---|---|---|---|
| SL No. | Name of the Department | No. of Post | Minimum Qualification |
| 01 | Botany | 01 | B.Sc. in Botany Hons. |
| Matron only for Female Candidate (Purely Temporary) | | | |
| SL No. | Name of the Department | No. of Post | Minimum Qualification |
| 01 | Gyan Pattanaik Girls Hostel | 01 | 10th Pass in recognized Board |
| Night Watchman (Purely Temporary) | | | |
| SL No. | Name of the Department | No. of Post | Minimum Qualification |
| 01 | College Main Gate | 01 | 08th Pass in recognized Board |

Interested candidates for the above posts are required to come with original certificates (as applicable) and mark sheets from class 10th onwards along with a set of self-attested photocopy of all documents including Aadhar Card, two coloured passport size photographs and Demand Draft of Rs.300/- (for the post of Lab. Assistant) & Rs. 200/- for the post of Matron & Night Watchman respectively.

The demand draft should be made in favour of the Principal, Science College (Autonomous) Hinjilicut and payable at State Bank of India.

The undersigned reserves the right to cancel or modify the interview in case of exigencies.

Note:
1. Monthly consolidated remuneration basis.
2. Visit website: www.sch.edu.in.

Sd./- Principal,
Science College (Autonomous), Hinjilicut, Ganjam



OHPC
**ODISHA HYDRO POWER CORPORATION LTD.**
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT
AT/PO : BARINIPUT, DIST. : KORAPUT - 764006 (ODISHA)
PHONE : (06854)242001, Fax : (06854)242093, e-mail : sgmel.ukhep@gmail.com
CIN : U40101OR1995SGC003963
**TENDER CALL NOTICE NO UKHEP - 20/2025-26, DATED. 30/07/2025**

**No.CAD-1373** : Sealed tenders are invited in TWO PART i.e (i) Techno Commercial Bid & (ii) Price Bid in separate sealed envelopes from Registered Manufacturers/Authorized dealers / Reputed Channel Partners for **"Supply of Fully finished Thordon SXL Bushes for UKHEP, Bariniput"**.

| Sl. No. | Description of works | Cost of tender paper in Rs. (Non-Refundable) | EMD in Rs. (Refundable) |
|---|---|---|---|
| 1 | Supply of Fully finished Thordon SXL Bushes for UKHEP, Bariniput. | 7080/- (Rs.6000/- + 18% GST) | 1% of quoted value |

The sale of Tender Paper will be from : **From Dt.07.08.2025 to 11:00 Hrs of Dt.25.08.2025.**
The last date & time of receipt of Tender : **Up to 12:00 Hrs of Dt.25.08.2025**
The date and time of opening of Tender : **At 12:30 Hrs of Dt.25.08.2025**
For details of tender documents, Terms & conditions, Eligibility criteria and downloading, please refer our website www.ohpcltd.com.

OIPR-04002/11/0111/2526

Sd./- C & P Head,
Upper Kolab H.E. Project, Bariniput



**PANCHAYAT SAMITI,CHHENDIPADA**
**INVITATION FOR BIDS (IFB)**
**IDENTIFICATION No: - CHHB- 01/2025-26**
E-mail address: - ori-chendipada@nic.in

The Block Development Officer, Chhendipada on behalf of the Governor of Orissa invites Percentage rate bid in single cover system for the Const. of Govt. Upper Primary School at Para GP,. "C" & "D" contractors accordingly, registered with the State Government and contractors of equivalent grade / Class registered with Central Government/ MES / Railway, to be eventually drawn up in PWD P-I form, for execution of Building .The proof of registration from the appropriate authority shall be enclosed along with the bid. If successful, the bidder who has not registered under State Government has to register under the State PWD in appropriate class of eligibility before signing the agreement. Bidders may submit bids for any or all the Buildings. The details of the Eligibility criteria, enclosures etc. along with the project and date and time of receipt and opening of bid documents can be viewed & downloaded from the District website i.e www.angul.odisha.gov.in.

Sd./- Block Development Officer,
Chhendipada



**ODISHA CONSTRUCTION CORPORATION LIMITED**
**BHUBANESWAR, ODISHA**
PIN : 751012, Tel No.(0674) 2562020, e-Mail : theoccltd@odishaconstruction.com
GSTIN-21AAACO2571K2ZM
No.CAD-1361
**"e-Procurement Notice No-32/OCCL/2025-26 (On-line)**

On-line percentage rate tenders are invited for the following works ;

| Sl. No. | Name of Work | Name of Division | Bid Identification No. | Approx value of work | Bid Security (through on-line transfer / as per DTCN) (in Rs.) | Period of Completion | Availability & Submission of tender (on-line) |
|---|---|---|---|---|---|---|---|
| 01 | Improvement to Canal Service Road from RD 1500 M to RD 4000 M of Lastala Distributary for the year 2024-25 | Burla Irrigation Division | OCCL-SMP /05/2025-26 | Rs.2.23 Crore | Rs.2,23,000/- | 6 (Six) calendar Months | From 08.08.2025. 3.30 P.M. to 28.08.2025 5.30 P.M. |
| 02 | Improvement to Canal Service Road of Left bank of Larasara Minor in between RD 00 M to RD 3800 M for the year 2024-25 | | OCCL-SMP /06/2025-26 | Rs.2.30 Crore | Rs.2,30,000/- | 6 (Six) calendar Months | |
| 03 | Improvement to Canal Service Road of Right bank of Lahanda Minor in between RD 3600 M to RD 7300 M for the year 2024-25 | | OCCL-SMP /07/2025-26 | Rs.2.30 Crore | Rs.2,30,000/- | 6 (Six) calendar Months | |
| 04 | Improvement to C.S.R. Of Behera Distributary from RD 1 KM to RD 1.10 KM & RD 3.50 KM to RD 5.50 KM 1600.00+B17M of Pattamundai Canal | Baragarh Irrigation Division | OCCL-SMP /08/2025-26 | Rs.2.28 Crore | Rs.2,28,000/- | 6 (Six) calendar Months | |
| 05 | Improvement to C.S.R. of Pradhanpali Minor from RD 2.36 KM to RD 4.51 KM | | OCCL-SMP /09/2025-26 | Rs.2.28 Crore | Rs.2,28,000/- | 6 (Six) calendar Months | |
| 06 | Improvement to Canal Service Road in between RD 54.70 KM to RD 58.45 KM of Huma Tail Distributary for 2024-25 | Sambalpur Irrigation Division | OCCL-SMP /10/2025-26 | Rs.2.27 Crore | Rs.2,27,000/- | 6 (Six) calendar Months | |
| 07 | Improvement to Canal Service Road in between RD 43.84 KM to RD 47.14 KM of Huma Tail Distributary for 2024-25 | | OCCL-SMP /11/2025-26 | Rs.2.27 Crore | Rs.2,27,000/- | 6 (Six) calendar Months | |

Procurement Officer : Managing Director, OCCL
Date of Opening of the Tender : **29.08.2025, 12.00 Noon onwards**
Further details can be seen from the e-Procurement portal : https://www.tendersodisha.gov.in

OIPR-34120/11/0054/2526 Sd./- MANAGING DIRECTOR

## ସାପ କାମୁଡ଼ାରେ ନାବାଳିକା ମୃତ

ବାଲିଗୁଡ଼ା,(ସଞ୍ଜୟ କୁମାର ପାଣିଗ୍ରାହୀ): ବାଲିଗୁଡ଼ା ଅଞ୍ଚଳରେ ସାପ କାମୁଡ଼ାରେ ଲୋକଙ୍କ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ପୁଣି ବିଷଧର ସାପ କାମୁଡ଼ାରେ ଜଣେ ନାବାଳିକାଙ୍କର ମୃତ୍ୟୁ ହୋଇଛି। ସେ ହେଲେ ରେଡ୍‌କ୍ରସ୍ ଦୃଷ୍ଟିହୀନ ବିଦ୍ୟାଳୟ ନିକଟସ୍ଥ ସାହିର ଲିଙ୍ଗରାଜ ବିନ୍ଧାଣୀଙ୍କ ଝିଅ ଗାୟତ୍ରୀ (୧୪)। ସୂଚନା ପ୍ରକାରେ ଶନିବାର ରାତିରେ ସପରିବାର ଘରେ ଶୋଇଥିବା ବେଳେ ଏକ ବିଷଧର ସାପ ଗାୟତ୍ରୀଙ୍କୁ କାମୁଡ଼ିଥିବା ବେଳେ ପରିବାର ଲୋକେ ତୁରନ୍ତ ତାଙ୍କୁ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।

**ସଂକ୍ଷେପରେ**

## ୩ ନଂ. ୱାର୍ଡରେ ପାନୀୟ ଜଳ ସମସ୍ୟା

ଗଞ୍ଜାମ,୩।୮ (ବିଦ୍ୟାଧର ସାହୁ)

ଗଞ୍ଜାମ ଏନଏସି ଅନ୍ତର୍ଗତ ୩ ନଂ. ୱାର୍ଡରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଯାହାକୁନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ୨ଦିନ ହେଲା ୩ ନଂ. ୱାର୍ଡର ଦୁର୍ଗାଦେବୀ ସାହି, ଆଖଡ଼ାବନ୍ଧ ସାହି, ବଜାର ଗୌଡ଼ ସାହିରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଂଯୋଗ କରାଯାଇଥିବା ଟ୍ୟାପ୍‌ରୁ ପାନୀୟ ଜଳ ଆସୁ ନ ଥିବା ଦେଖିବାକୁ ମିଳିଛି। ଅଭିଯୋଗ ହୋଇଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ, ଜନ ପ୍ରତିନିଧି ନିରବଦ୍ରଷ୍ଟା ସାଜିଛନ୍ତି। ତୁରନ୍ତ ଏଦିଗରେ ଦୃଷ୍ଟି ଦେଇ ବିଭାଗୀୟ କର୍ତ୍ତୃପକ୍ଷ ସ୍ଥାୟୀ ସମାଧାନ ପାଇଁ ପଦକ୍ଷେପ ନେବାକୁ ସ୍ଥାନୀୟ ସାମାଜିକ କର୍ମୀ ମନମୋହନ ମହାପାତ୍ର ଓ ଯୁବ ସ୍ୱେଚ୍ଛାସେବୀ ମନୋଜ ପ୍ରଧାନ ଦାବି କରିଛନ୍ତି।

## ଉଦ୍ଧାର ଯୁବକଙ୍କୁ ପରିବାରକୁ ହସ୍ତାନ୍ତର

ଗଞ୍ଜାମ,୩।୮ (ବିଦ୍ୟାଧର ସାହୁ)

ଗଞ୍ଜାମ ଷ୍ଟେଶନ ଅଞ୍ଚଳରେ ବୁଲୁଥିବା ଜଣେ ଯୁବକଙ୍କୁ ଇକୋ ୱାରିଅର୍ ସଂଗଠନର ସଦସ୍ୟ ମାନେ ଉଦ୍ଧାର କରି ଶନିବାର ସନ୍ଧ୍ୟାରେ ଥାନାରେ ଜିମା ଦେଇଥିଲେ। ସେ ହେଲେ ରଘୁ କରଟିଆ ପୁଅ ସାଲାତାୟ କରଟିଆ ରାୟଗଡ଼ା ଜିଲା କାଢ଼ାଘାଟି ଗ୍ରାମର ବୋଲି ଜଣାପଡିଥିଲା। ରବିବାର ଯୁବକଙ୍କ ବାପା ଥାନାରେ ପହଞ୍ଚିବା ପରେ ଆଇଆଇସି ସୁମିତ୍ରା ପାତ୍ର, ଏଏସଆଇ ସୁପ୍ରଭା ସାହୁ ଏବଂ ଇକୋ ୱାରିଆର ଫାଉଣ୍ଡେସନର ସଭାପତି ସିମାଞ୍ଚଳ ଦାସ, ପ୍ରଭାତ ବିଶ୍ୱାଳ, ପ୍ରଭାତ ସାହୁ, କରୁଣା ନିଧି ରେଡ୍ଡୀ, କିରଟ ରେଡ୍ଡୀ, ବିଭୂତି, ଉମା, ଶ୍ରବଣ, ପ୍ରତୀକଙ୍କ ଉପସ୍ଥିତିରେ ଉଦ୍ଧାର ଯୁବକଙ୍କୁ ହସ୍ତାନ୍ତର କରାଯାଇଥିଲା।

## ମା' ଫୁଲସୁନ୍ଦରୀଙ୍କ ଯାତ୍ରା ପାଇଁ ପ୍ରସ୍ତୁତି, କର୍ମକର୍ତ୍ତା ଚୟନ

ଦିଗପହଣ୍ଡି,୩।୮ (ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ସହର ନୂଆସାହି ସ୍ଥିତ ଆରାଧ୍ୟ ଦେବୀ ମା'ଫୁଲସୁନ୍ଦରୀଙ୍କ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ମା'ଙ୍କ ଯାତ୍ରା ଚଳିତ ମାସ ୩୦ରୁ ଆରମ୍ଭ ହୋଇ ସେପ୍ଟେମ୍ବର ୩ ପର୍ଯ୍ୟନ୍ତ ଚାଲିବ। ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ କିଭଳି ଶାନ୍ତି ଶୃଙ୍ଖଳାରେ ସମାପନ ହୋଇପାରିବ ତାହାକୁ ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ଯାତ୍ରା କମିଟି ସଭାପତି ଭାବେ ପବିତ୍ର ବେହେରା, ଉପସଭାପତି ରାଜା ପଟ୍ଟନାୟକ, ସମ୍ପାଦକ କାହ୍ନୁଚରଣ ପଟ୍ଟନାୟକ, ସହ ସମ୍ପାଦକ ବଳରାମ ସାସମଲ, କୋଷାଧ୍ୟକ୍ଷ ରଞ୍ଜନ ବେହେରା, ଉପଦେଷ୍ଟା ଭାବେ ଗଣପତି ବେହେରା, କୃଷ୍ଣଚନ୍ଦ୍ର ସାହୁ, ପି.ରାଜବାବୁ ଦୋରା, ନରସିଂହ ବେହେରା, ସୁଦାମ ବେହେରା, ଦେବାଶିଷ ସାହୁ, ରାମ ସାହୁ, ଗଣେଶ ସାହୁ, ଶଙ୍କର ପାତ୍ରଙ୍କ ସମେତ ବୁଦ୍ଧିଆ ବେହେରା, ଲବ ପାତ୍ର, ରଞ୍ଜନ ବାଡତ୍ୟା, ରିଙ୍କୁ ସାହୁ ପ୍ରମୁଖଙ୍କୁ ଚୟନ କରାଯାଇଛି। ବୈଠକରେ ନୂଆସାହି ଓ ଫୁଲସୁନ୍ଦରୀ ସାହି ସମେତ ସହରର ବହୁ ସଂଖ୍ୟକ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ବିଇଓଙ୍କ କାର୍ଯ୍ୟାଳୟଠାରେ ଶିକ୍ଷକଙ୍କ ପ୍ରତିବାଦ ସଭା

ଆର.ଉଦୟଗିରି, ୩।୮ (ମନୋଜ ପାଢୀ)


ବିଭିନ୍ନ ସମସ୍ୟା ସମାଧାନ ଦାବିରେ ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ଆହ୍ୱାନରେ ଆର. ଉଦୟଗିରି ବ୍ଲକ ସମ୍ପାଦକ ସୁବାସ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ବ୍ଲକର ଶିକ୍ଷକମାନେ ବିଇଓ ବୀରେନ୍ଦ୍ର କୁମାର ମଣ୍ଡଳଙ୍କ କାର୍ଯ୍ୟାଳୟଠାରେ ପ୍ରତିବାଦ ସଭା କରିଥିଲେ। ପରେ ମଣ୍ଡଳଙ୍କୁ ଭେଟି ୬ ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ଶିକ୍ଷାସଚିବ ଓ ଜିଲା ଶିକ୍ଷାଧିକାରୀଙ୍କ ଉଦେଶ୍ୟରେ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଇସି ସଦସ୍ୟ ଲୋକନାଥ ନାହାକ, ରଂଡିବା ଉଚ୍ଚ ବିଦ୍ୟାଳୟର ପଞ୍ଚାନନ ସ୍ୱାଇ, ଏସ.ରାମାରାଓଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ଉପରେ ବ୍ଲକ ସମ୍ପାଦକ ସମସ୍ତଙ୍କୁ ଅବଗତ କରାଇ ଆଗାମୀ ୮ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ଓ ୧୬ରେ ଭୁବନେଶ୍ୱରରେ ହେବାକୁ ଥିବା ସମାବେଶରେ ବହୁ ସଂଖ୍ୟାରେ ସାମିଲ ହେବାକୁ ପରାମର୍ଶ ଦେଇଥିଲେ ।

# ୧୫ କୋଟି ୩୯ ଲକ୍ଷ ବ୍ୟୟରେ ହେବ ଗାଲେରି ମେଡିକାଲର ବିକାଶ

ଭଞ୍ଜନଗର,୩।୮ (ବାବୁଲା ପ୍ରଧାନ)

ଭଞ୍ଜନଗର ଉପଖଣ୍ଡ ଅଧିନସ୍ଥ ଗାଲେରି ମେଡ଼ିକାଲର ବିକାଶ ପାଇଁ ୧୬ କୋଟି ଖର୍ଚ୍ଚ ହେବ। ରବିବାର ମେଡିକାଲର ନୂତନ କୋଠା ନିର୍ମାଣ ପାଇଁ ଶିଳାନ୍ୟାସ ହୋଇଛି। ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଳାନ୍ୟାସ କରିଥିଲେ।

ଏହି ଅବସରରେ ସେ କହିଥିଲେ, ଡବଲ ଇଞ୍ଜିନ ସରକାର ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟ ଭିତ୍ତିଭୂମି କିଭଳି ସୁଦୃଢ଼ ହୋଇପାରିବ ସେଥିପାଇଁ ପଦକ୍ଷେପ ନେଇଛନ୍ତି। ଉପାନ୍ତ ଅଞ୍ଚଳ ଗାଲେରିର ବିକାଶ ପାଇଁ ବହୁ କୋଟି ଟଙ୍କା ବ୍ୟୟ କରାଯାଉଛି। ମେଡିକାଲ ଉନ୍ନତୀକରଣ ପାଇଁ ୧୫ କୋଟି ୩୯ ଲକ୍ଷ ଟଙ୍କା ବ୍ୟୟ ହେବ। ଏଥିସହ ଅନ୍ୟାନ୍ୟ ଉନ୍ନତି ପାଇଁ ମଧ୍ୟ ଟଙ୍କା ଖର୍ଚ୍ଚ ହେବ। ମେଡିକାଲ କାର୍ଯ୍ୟ ୧୮ ମାସରେ ସରିବ। ଏହାପରେ ଅଞ୍ଚଳବାସୀ ଉନ୍ନତ ସ୍ୱାସ୍ଥ୍ୟସେବା ପାଇପାରିବେ ବୋଲି ବିଧାୟକ ନାୟକ କହିଥିଲେ। ୧୯୮୦ରେ ତତ୍କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀ ସୋମନାଥ ରଥ ଏହି ମେଡିକାଲ ନିର୍ମାଣ କରିଥିଲେ। ଏହାପରେ କୌଣସି ନେତା



ବିଧାୟକ ଶିଳାନ୍ୟାସ ଫଳକ ଉନ୍ମୋଚନ କରୁଛନ୍ତି।

ଏହି ମେଡ଼ିକାଲର ଉନ୍ନତି ପାଇଁ ପଦକ୍ଷେପ ନେଇ ନ ଥିଲେ ବୋଲି ବିଧାୟକ କହିଥିଲେ। ଏଥିସହ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନର ବିକାଶ ପାଇଁ ପଦକ୍ଷେପ ନିଆଯାଇଛି। ଗୁଣ୍ଡିରିବାଡି, ମୁଦୁଲିପଲ୍ଲୀ ପଞ୍ଚାୟତରେ ଆଗାମୀ ଦିନରେ ନୂତନ ହାଇସ୍କୁଲ ନିର୍ମାଣ ହେବ। ସେହିପରି ଯେଉଁମାନଙ୍କ ପକ୍କାଘର ନାହିଁ, ସେମାନଙ୍କୁ ପକ୍କା ଘର ଯୋଗାଇ ଦିଆଯିବ। କାର୍ଯ୍ୟକ୍ରମରେ ପୂର୍ତ୍ତ ବିଭାଗ ଅଧିକ୍ଷଣ ସତ୍ୟ ରଞ୍ଜନ ପରିଡା, ଭଞ୍ଜନଗର ମେଡିକାଲ ଅଧୀକ୍ଷକ

### ଉପାନ୍ତ ଅଞ୍ଚଳବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ମିଳିବ

ସୀତାଂଶୁ ଶେଖର ଶତପଥୀ, ଗାଲେରି ମେଡିକାଲ ଅଫିସର୍ ଭଗବାନ ସାହୁ, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରତାପ ଚନ୍ଦ୍ର ନାୟକ, ଭଞ୍ଜନଗର ଏନଏସି ଏମପି ପ୍ରତିନିଧି ସନ୍ତୋଷ ତିଆଡ଼ି, ଜିଲା ପରିଷଦ ଏମପି ପ୍ରତିନିଧି ଶିବ ଶଙ୍କର ପ୍ରଧାନ, ସରପଞ୍ଚ ସୁମିତ୍ରା ଗୌଡ, ସମିତିସଭ୍ୟା ମାମାଜିନି ଗୌଡ, ରବୀନ୍ଦ୍ର ଶତପଥି ପ୍ରମୁଖ ଉପସ୍ଥିତ ରହି ଉଦବୋଧନ ଦେଇଥିଲେ। ଏହି ଅବସରରେ ମେଡିକାଲ ପରିଚାଳକ ବିଚିତ୍ର ପାଣିଗ୍ରାହୀ, ହାଇକୋର୍ଟ ଆଇନଜୀବୀ ନିରଞ୍ଜନ ସ୍ୱାଇଁ, ସୁବାସ ବରାଡ, ମନୋଜ ପ୍ରଧାନ, ମନୋଜ ପଣ୍ଡା, ଧବଳେଶ୍ୱର ମାଝୀ, ଧୋବା ଗୌଡ, ମାନସ ଜେନା, ଗୁନା ବେହେରା, ସୁବାସ ପ୍ରଧାନ, ସୁନିଲ ନାୟକ, ଶ୍ରୀନିବାସ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏମପି ପ୍ରତିନିଧି ରବିନ୍ଦ୍ର ଗୌଡ ସଭା ସଂଯୋଜନା କରିଥିଲେ।

## ସଂଘବଦ୍ଧ ଆକ୍ରମଣରେ ଯୁବକ ମୃତ

ଖଲ୍ଲିକୋଟ/ରମ୍ଭା,୩।୮
(ପ୍ରଶାନ୍ତ ମିଶ୍ର /ବନବାସୀ ସେଠୀ)

ଗଞ୍ଜାମ ଜିଲା ରମ୍ଭା ଥାନା ଅଞ୍ଚଳ ପୂର୍ବତଟ ରେଳପଥ ଉତ୍ତର କେବିନ ପାର୍ଶ୍ୱ ଗୋଲା ଗଣ୍ଡାପଲ୍ଲୀ ଗେଟ୍ ପାର୍ଶ୍ୱରେ ରେଣ୍ଡୀବାହାଡାପଲ୍ଲୀ ଗ୍ରାମର ଜଣେ ଯୁବକଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ମୁମୂର୍ଷୁ ଅବସ୍ଥାରେ ଫିଙ୍ଗିଦେଇ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ବ୍ରହ୍ମପୁରରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ହୋଇଛି। ସେ ହେଲେ କନକା ପଞ୍ଚାୟତ ଆର. ବାହାଡାପଲ୍ଲୀ ଗ୍ରାମର ବି.ଗୁରୁବାରିଆ ପ୍ରଧାନଙ୍କ ପୁଅ ବି.ମନୁ ପ୍ରଧାନ। ସାବୁଳିଆରୁ ନିଜ ଗ୍ରାମକୁ ବାଇକ୍ ଯୋଗେ ଫେରୁଥିବା ବେଳେ ରମ୍ଭା ରେଳ ଫାଟକ ନିକଟରେ ବି. ମନୁଙ୍କୁ କେତେ ଜଣ ଯୁବକ ଘେରିଯାଇ ଅତର୍କିତ ଆକ୍ରମଣ କରିଥିଲେ। ସେ ତଳେ ପଡିଯିବା ପରେ ମାରଣାସ୍ତ୍ରରେ ତାଙ୍କୁ ନିର୍ମମ ଭାବେ ହାଣି ପକାଇଥିଲେ। ତାଙ୍କ ମୁଣ୍ଡ ସମେତ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଏପରିକି ଖଣ୍ଡା ଚୋଟରେ ତାଙ୍କ ନାକ ସମ୍ପୂର୍ଣ୍ଣ କଟି ଯାଇଥିଲା। ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ପକାଇ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ।

ଖବରପାଇ ରମ୍ଭା ପୋଲିସ ରାତି ୮ଟାରେ ତାଙ୍କୁ ଉଦ୍ଧାର କରି ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ଏମକେସିଜିକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବିଳମ୍ବିତ ରାତିରେ ବି. ମନୁଙ୍କ ମୃତ୍ୟୁ ହୋଇଛି। ରବିବାର ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅପରାହ୍ନରେ ମୃତଦେହ ଗାଁକୁ ଆସିବା ପରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ବି.ମନୁ ଗ୍ରାମରେ ଏକ ତେଜରାତି ଦୋକାନ କରି ଚଳୁଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ତାଙ୍କ ଉପରେ ସଂଗଠିତ ଆକ୍ରମଣ ହୋଇଥିବା ପୋଲିସ ସନ୍ଦେହ କରୁଛି। ୨ ଜଣ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରାଯାଉଛି। ନଂ. ୬୧୯/୨୫ରେ ଏକ ମାମଲା ରୁଜୁ ହୋଇ ଅଧିକ ତଦନ୍ତ ଜାରି ଥିବା ଥାନା ଅଧିକାରୀ କୁମାର ମୁଦୁଲି କହିଛନ୍ତି।

## ପ୍ରଧାନ ସମାଜର ସାଙ୍ଗଠନିକ ବୈଠକ

ପାତ୍ରପୁର,୩।୮ (ଉମା ଚରଣ ନେପାକ)

ପାତ୍ରପୁର ବ୍ଲକ୍ କେଲୁଆ ସ୍ଥିତ ପ୍ରଧାନ ସମାଜ କାର୍ଯ୍ୟାଳୟଠାରେ ସମାଜର କେନ୍ଦ୍ରୀୟ ସାଙ୍ଗଠନିକ ବୈଠକ ରବିବାର ଅନୁଷ୍ଠିତ ହୋଇଛି। ସଭାପତି ମୁରଲୀଧର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଡ.ଅଲେଖ ଚନ୍ଦ୍ର ପ୍ରଧାନ, ଉଦୟ ନାଥ ପ୍ରଧାନ, ନିର୍ବାଚନ ଅଧିକାରୀ ବିଜୟ ପ୍ରଧାନ, ବ୍ରହ୍ମପୁର ତାଲୁକାର ଆବାହକ ଶ୍ରୀବତ୍ସ ପ୍ରଧାନ, ପୂର୍ବତନ ସମ୍ପାଦକ ମଦନ ମୋହନ ପ୍ରଧାନଙ୍କ ସମେତ କୃର୍ତ୍ତିବାସ ପ୍ରଧାନ ପ୍ରମୁଖ ମଞ୍ଚାସିନ ରହି ସମାଜର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟଗତ କାରଣରୁ ସଭାପତି ପଦରୁ ମୁରଲୀଧର ପ୍ରଧାନ ଇସ୍ତଫା ଦେଇଥିବା ବେଳେ ସାମ୍ବିଧାନିକ ବିଧି ବ୍ୟବସ୍ଥା ମଧ୍ୟରେ ନିର୍ବାଚନ ଅଧିକାରୀ ବିଜୟ ପ୍ରଧାନଙ୍କ ଉପସ୍ଥିତରେ ତାଙ୍କ ଇସ୍ତଫା ପତ୍ର ଗୃହୀତ ହେବା ସହିତ ସର୍ବ ସମ୍ମତି କ୍ରମେ ଉପ ସଭାପତି ବିଜୟ ପ୍ରଧାନଙ୍କୁ କେନ୍ଦ୍ରୀୟ ସଭାପତି ଭାବେ ନିଯୁକ୍ତ କରାଯାଇଥିଲା। ସଦସ୍ୟ ଶଶାଙ୍କ ପ୍ରଧାନ ମଞ୍ଚ ପରିଚାଳନା କରିଥିବା ବେଳେ ପୀତବାସ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ଅଙ୍ଗନୱାଡି କର୍ମୀ ସଂଘର ଜିଲାସ୍ତରୀୟ ବୈଠକ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

ଛତ୍ରପୁର,୩।୮ (ଦିଲୀପ ସାମଲ)

ଛତ୍ରପୁରସ୍ଥିତ ଲକ୍ଷ୍ମଣ ଭବନ ପରିସରରେ ଏଆଇଟିୟୁସି ସହବନ୍ଧିତ ନିଖିଳ ଓଡିଶା ଅଙ୍ଗନୱାଡିକର୍ମୀ ସଂଘ ଗଞ୍ଜାମ ଜିଲାସ୍ତରୀୟ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସଭାନେତ୍ରୀ ମମତାଜ ଖୁଣ୍ଟିଆଙ୍କ ସଭାପତିତ୍ୱ କରିଥିଲେ। ଫେସ କ୍ୟାପଚରିଂ ନାଁରେ ଅଙ୍ଗନୱାଡି କର୍ମୀଙ୍କ ଦରମା ବନ୍ଦକୁ ବୈଠକରେ ତୀବ୍ର ନିନ୍ଦା କରାଯାଇଛି। ରାଜ୍ୟ ସରକାରଙ୍କ ତରଫରୁ ୨୦୧୮ରେ ପୁରୁଣା ମଡେଲ ମୋବାଇଲ ଫୋନ୍ ପ୍ରଦାନ କରାଯାଇଥିଲା। ଏପଟେ କିନ୍ତୁ ବିଭିନ୍ନ ସମୟରେ ପୋଷଣ ଟ୍ରାକର ଆପ, ଇକେୱାଇସି ଓ ଫେସ୍ କ୍ୟାପଚରିଂ ଆପରେ କାମ କରିବା ପାଇଁ ବାଧ୍ୟ କରାଯାଉଛି। ଏସବୁ କାର୍ଯ୍ୟ ନେଟୱର୍କ ସମସ୍ୟା ଏବଂ ହିତାଧିକାରୀଙ୍କ ଅନଭିଜ୍ଞତା ଯୋଗୁ ସମ୍ଭବ ନ ହେଲେ ଅଙ୍ଗନୱାଡି କର୍ମୀଙ୍କ ଦରମା ବନ୍ଦ କରି ଦିଆଯାଉଛି। ଯାହାକି ନିୟମ ବିରୋଧୀ। ତୁରନ୍ତ ୫-ଜି ମୋବାଇଲ ଫୋନ୍ ପ୍ରଦାନ କରିବା, ସରକାର ନିର୍ବାଚନ ବେଳେ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ଭତା ବୃଦ୍ଧି ଓ ଅନ୍ୟାନ୍ୟ ଦାବି ପୂରଣ ନ କଲେ ବିଭିନ୍ନ ବ୍ଲକ ଅଫିସ ଘେରାଉ ଓ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ସଂଘର ରାଜ୍ୟ କାର୍ଯ୍ୟକାରୀ ସଭାପତି ତଥା ଏଆଇଟିୟୁସିର ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା ଯୋଗ ଦେଇ ଅଙ୍ଗନୱାଡି କର୍ମୀଙ୍କ ସମସ୍ୟା ସମାଧାନ କରିବାରେ କେନ୍ଦ୍ର ଓ ରାଜ୍ୟ ସରକାର ବିଫଳ ହେଇଛନ୍ତି, ତେଣୁ ଏହା ବିରୋଧରେ ଆନ୍ଦୋଳନ କରିବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଆଇଟିୟୁସି ଜିଲା ନେତା ନୀଳକଣ୍ଠ ଦାଶ, ସଂଘ ର ଜିଲ୍ଲା ନେତ୍ରୀ ନର୍ମଦା ନାହାକ, ମାଣିକେଶ୍ୱରୀ ପଟ୍ଟନାୟକ, ପ୍ରତିମା ଦାଶ, ବାସନ୍ତୀ ସାହୁ, ଗାୟତ୍ରୀ ପଣ୍ଡା , ଲକ୍ଷ୍ମୀପ୍ରିୟା ପ୍ରଧାନ, ଦମୟନ୍ତୀ ଦୋରା, ମିତା ମହାପାତ୍ର, ସକାମ୍ବରୀ ବାରିକି, ମିନାକ୍ଷୀ ଦେବୀ, ମିନତୀ ବରାଡ଼ଙ୍କ ସମେତ ବହୁ ଅଙ୍ଗନୱାଡ଼ି କର୍ମୀ ଯୋଗ ଦେଇଥିଲେ।

## ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଛନ୍ତି ବୁଲା ଗାଈ

ଖଜୁରିପଡ଼ା, ୩।୮ (ବିଦୁର ବେହେରା)

ବୁଲା ଗୋରୁ ଗାଈ ଆକଟ ନ ହେଉଥିବାରୁ ଅନେକ ସମସ୍ୟା ସୃଷ୍ଟି ହେଉଛି। ଖଜୁରିପଡ଼ା, ଦୃତିପଡ଼ା, ଦୃତିମେଣ୍ଡି, ବଲସକୁମ୍ପା, ପିରିକୁଡ଼ି, ଗୁଦାରୀ ଅଞ୍ଚଳରେ ଅନେକ ଗୋରୁ ଗାଈ ରାସ୍ତା ଉପରେ ଛିଡା ହୋଇ ଦୁର୍ଘଟଣା ଘଟାଉଛନ୍ତି। ଏଣେ ତେଣେ ବାଡ଼ି ବଗିଚାରେ ପଶି ଫସଲ ନଷ୍ଟ କରୁଛନ୍ତି ବୋଲି ବିଜୟ ସାହୁ, ରଘୁନାଥ ସାହାଣୀ ଅଭିଯୋଗ କରିଛନ୍ତି। ମାଲିକମାନଙ୍କ ଅବହେଳା ଓ ଖାମଖିଆଲି ମନୋଭାବ ଯୋଗୁ ଗୋରୁ ଗାଈ ରାତି ଦିନ ରାସ୍ତା ଉପରେ ଛିଡ଼ାହୋଇ ରହୁଛନ୍ତି। ଯାହା ଫଳରେ ଅନେକ ଯାନବାହାନ ଦୁର୍ଘଟଣା ଘଟୁଛି। ଏସବୁ ପ୍ରତି ପ୍ରଶାସନ ଦୃଷ୍ଟି ଦେଇ କାଞ୍ଜିଆହୁଦା ଚାଲୁ କଲେ ଭଲ ହୁଅନ୍ତା ବୋଲି କହିଛନ୍ତି। ନଚେତ ଏଥିପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

## ସ୍ତ୍ରୀ ନିଖୋଜ ନେଇ ଥାନାରେ ଅଭିଯୋଗ

ଆର.ଉଦୟଗିରି, ୩।୮ (ମନୋଜ କୁମାର ପାଢୀ)

ଗଜପତି ଜିଲା ଆର. ଉଦୟଗିରି ଥାନା ଟାଣ୍ଡ୍ରାଙ୍ଗ ଗ୍ରାମର ନିକଲାସା ରୋଇତ ତାଙ୍କ ସ୍ତ୍ରୀ ନିଖୋଜ ଥିବା ନେଇ ଶନିବାର ଥାନାରେ ଅଭିଯୋଗ କରିଛନ୍ତି ସ୍ୱାମୀ । ନିକଲାସା ସକାଳେ ଚାଷ କାମ କରିବାକୁ ଜମିକୁ ଯାଇଥିଲେ। ଚାଷ କାମ ସାରି ଘରକୁ ଫେରି ଘରେ ସ୍ତ୍ରୀ ନ ଥିବା ଦେଖିବାକୁ ପାଇଥିଲେ । ସାହି ପଡୋଶୀ ଓ ସମ୍ପର୍କୀୟଙ୍କ ପାଖକୁ ଯାଇ ସେ ଖୋଜା ଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ । ଶେଷରେ ସେ ଥାନାର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଛନ୍ତି ।

## ବୁଢ଼ୀ ଠାକୁରାଣୀଙ୍କ ସିଂହ ଦ୍ୱାର ଭାଙ୍ଗିଲେ ଦୁର୍ବୃତ୍ତ

ଚିକିଟି,୩।୮ (ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ବ୍ଲକ ଚାନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଦେଉଳିଆପଡ଼ା ଗ୍ରାମର ଶେଷ ମୁଣ୍ଡରେ ପୂଜାଉଥିବା ମା' ବୁଢ଼ୀ ଠାକୁରାଣୀଙ୍କ ସିଂହଦ୍ୱାର ଶନିବାର ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ଭାଙ୍ଗି ଦେଇଛନ୍ତି। ସୂଚନାଯୋଗ୍ୟ ଉକ୍ତ ମନ୍ଦିରଟି ବହୁ ପୁରାତନ କାଳରୁ ଅବହେଳିତ ଅବସ୍ଥାରେ ରହିଥିଲା। ଗ୍ରାମବାସୀଙ୍କ ଉଦ୍ୟମରେ ମନ୍ଦିରଟି ନୂତନ ଭାବେ ତିଆରି କରି ସମ୍ମୁଖରେ ୨ଟି ସିଂହ



ସ୍ଥାପନ କରାଯାଇଥିଲା ଏବଂ ଏକ ଘୋଡ଼ା ମଧ୍ୟ ସ୍ଥାପନ କରାଯାଇଥିଲା। କିଛି ଖଳ ପ୍ରକୃତିର ଲୋକ ସିଂହ ଦ୍ୱାରରେ ସ୍ଥାପନ କରାଯାଇଥିବା ୨ ସିଂହ ମୂର୍ତ୍ତି ଏବଂ ଘୋଡା ଟିକୁ ମଧ୍ୟ ଭାଙ୍ଗି ଦେଇଥିବା ଜଣାପଡିଛି। ପୂଜକ ମନ୍ଦିରକୁ ଯିବା ସମୟରେ ଏଭଳି ଘଟଣା ଦେଖି ଗ୍ରାମବାସୀଙ୍କୁ ଜଣାଇବା ପରେ ଗ୍ରାମର ଗ୍ରାମବସୀ ନୂଆପଡା ଫାଣ୍ଡିକୁ ଯାଇ ମୌଖିକ ଭାବେ ଜଣାଇଛନ୍ତି। ଫାଣ୍ଡି ଅଧିକାରୀ ଜଗବନ୍ଧୁ ବାର୍ଲାଙ୍କ ସହ ଯୋଗାଯୋଗ କରିବାରୁ କୌଣସି ସୂଚନା ନ ଥିବା କହିଛନ୍ତି।

## ରୋଟାରୀ କ୍ଲବ୍‌ରେ ଅଧିଷ୍ଠାନ ଉତ୍ସବ

ଫୁଲବାଣୀ,୩।୮ (ରାକେଶ କୁମାର ରାଉତ)

ଫୁଲବାଣୀ ରୋଟାରୀ କ୍ଲବ୍ ଅଧିଷ୍ଠାନ ଉତ୍ସବ ସେନାପତି ରେଶିଡେନ୍‌ସିଠାରେ ଆୟୋଜିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ଆଇଏଏସ୍ ଅଫିସର ରୋଟାରିଆନ ଅନିଲ ସାମଲ ଯୋଗଦେଇ ରୋଟାରୀର ସେବା ଭାବନାର ଉଚ୍ଚ ପ୍ରଶଂସା କରିଥିଲେ। ଏଥିସହିତ ୨୦୨୪-୨୫ ବର୍ଷରେ ରୋଟାରୀ କ୍ଲବ୍ ଫୁଲବାଣୀର ଉଲେଖନୀୟ କାର୍ଯ୍ୟକ୍ରମ ପାଇଁ ଇଣ୍ଡିଆ ବୁକ୍ ରେକର୍ଡ ଏବଂ ଏସିଆ ବୁକ୍ ରେକର୍ଡରେ ସ୍ଥାନ ପାଇଥିବାରୁ ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେଇଥିଲେ। ମାତୃ ପିତୃ ବନ୍ଦନା ଉତ୍ସବରେ ପ୍ରାୟ ୧୫ଶହ ଛାତ୍ରୀଛାତ୍ର ଓ ଅଭିଭାବକ ଯୋଗ ଦେଇଥିଲେ। ସମ୍ପାଦକ ବିଜୟକୃଷ୍ଣ ପଟ୍ଟନାୟକ ଗତ ଏକ ବର୍ଷରେ କ୍ଲବ୍ ତରଫରୁ ସମ୍ପାଦନ କରାଯାଇଥିବା ଶତାଧିକ କାର୍ଯ୍ୟକ୍ରମରେ ସହଯୋଗ କରିଥିବାରୁ ରୋଟାରୀ ଗଭର୍ଣ୍ଣର ଯଜ୍ଞାଶିଷ


ଅତିଥି ଜଣଙ୍କୁ ସମ୍ମାନିତ କରୁଛନ୍ତି।

ମହାପାତ୍ର ଏବଂ ସଭାପତି ବିପ୍ରଚରଣ ପାତ୍ରଙ୍କ ପ୍ରଶଂସା କରିବା ସହ ସମସ୍ତ ରୋଟାରୀଆନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ଅବସରରେ ୨୦୨୫-୨୬ ବର୍ଷ ପାଇଁ ରୋଟାରୀଆନ ପ୍ରକାଶ ପଣ୍ଡା ସଭାପତି ଓ ଆଇନଜୀବୀ ବିରାଜ ପ୍ରସାଦ ନାହାକ ସମ୍ପାଦକ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ। ସଭାପତିଙ୍କ ଦାୟିତ୍ୱ ଗ୍ରହଣ ପରେ ଆଗାମୀ ବର୍ଷରେ ରୋଟାରୀ କେଉଁ କାର୍ଯ୍ୟକ୍ରମ କରାଯିବ ସେ ସମ୍ପର୍କରେ ଅବଗତ କରିଥିଲେ। ଏହି ଅଧିଷ୍ଠାନ ଉତ୍ସବରେ ଜିଲା ବାହାରୁ ଆସିଥିବା ରୋଟାରୀ କ୍ଲବର ପ୍ରତିନିଧି ଯୋଗ ଦେଇଥିଲେ। ରୋଟାରୀଆନ ପ୍ରସନ୍ନ ଡି.ଅରୁଣା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ରୋଟାରୀଆନ ପ୍ରସନ୍ନ ପଣ୍ଡା ହରିଶ୍ଚନ୍ଦ୍ର ମହାରଣା, କେ.ଜ୍ଞାନ ଦୋରା, କୁମାର୍ କୁନ୍ଦନ ସିଂ, ସର୍ବେଶ୍ୱର ମିଶ୍ର, ପ୍ରେସ କ୍ଲବ୍ ସଭାପତି ସୁନୀଲ ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ।

## ଯାତ୍ରା କମିଟି ମହାସଂଘ ଜିଲା ଶାଖାର ବୈଠକ



ବୈଠକରେ ଉପସ୍ଥିତ ଅତିଥି।

ପୁରୁଷୋତ୍ତମପୁର,୩।୮ (ସିମାଞ୍ଚଳ ମିଶ୍ର)

ଗଞ୍ଜାମ ଜିଲାର ପ୍ରସିଦ୍ଧ ଶକ୍ତିପୀଠ ମା'ତାରାତାରିଣୀ ଠାରେ ଓଡ଼ିଶା ଯାତ୍ରା କମିଟି ମହାସଂଘର ଗଞ୍ଜାମ ଜିଲା ଶାଖା ପକ୍ଷରୁ ବୈଠକ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ରାଜ୍ୟ ମହାସଂଘର ସଂଯୋଜକ ମାନସରଞ୍ଜନ ରାୟସାମନ୍ତ ଓ ଉପସଭାପତି ମହେନ୍ଦ୍ର ପଟ୍ଟନାୟକ ଯୋଗଦେଇଥିଲେ। ଏହି ଅବସରରେ ଜିଲାର ନୂତନ କମିଟି ଚୟନ କରାଯାଇଥିଲା। ସଭାପତି ଭାବେ ଯୁଗୋଳ କିଶୋର ପଣ୍ଡା, ଉପ ସଭାପତି ରବିନ୍ଦ୍ର ମହାରଣା, ସମ୍ପାଦକ ଭଗବାନ ଲେଙ୍କା, ସହସମ୍ପାଦକ ହରିହର ବିଶ୍ୱାଳଙ୍କ ସହ ୭ ଜଣିଆ କାର୍ଯ୍ୟକାରି କମିଟି ମନୋନିତ କରାଯାଇଛି। ଏହି ଅବସରରେ ଯାତ୍ରା ପାର୍ଟିର ଅହେତୁକ ମୂଲ୍ୟ ବୃଦ୍ଧିଯୋଗୁ ସାଧାରଣ ଗରିବଶ୍ରେଣୀର ଦର୍ଶକଟି ଯାତ୍ରା ଦେଖିବାର ସୁଯୋଗରୁ ବଞ୍ଚିତ ହେଉଛି। ଏଣୁ ଯାତ୍ରା ମାଲିକ ମାନେ ମୂଲ୍ୟକୁ ହ୍ରାସ କରିବା, ଯାତ୍ରା ମାଲିକମାନେ ଯାତ୍ରା କମିଟିକୁ ଉଚିତ ସମ୍ମାନର ବ୍ୟବହାର ପ୍ରଦର୍ଶନ କରିବା, ଯାତ୍ରା କମିଟି ଓ ଯାତ୍ରା ମାଲିକଙ୍କ ମଧ୍ୟରେ ସୁସମ୍ପର୍କ ବଜାୟ ରଖିବା ଆଦି ବିଷୟରେ ଆଲୋଚନା ହୋଇଥିଲା। ଏଥିରେ ଜିଲାର ୧୫ ଯାତ୍ରା କମିଟିର ସଦସ୍ୟମାନେ ଯୋଗଦେଇଥିଲେ।

# ଗଜପତି ଜିଲାରେ ୪୦ରୁ ଉର୍ଦ୍ଧ୍ୱ ଡେଙ୍ଗୁ ରୋଗୀ

ପାରଳାଖେମୁଣ୍ଡି,୩।୮ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲାରେ ବଢି ଚାଲିଛି ଡେଙ୍ଗୁ ରୋଗୀଙ୍କ ସଂଖ୍ୟା। ମାତ୍ର ସ୍ୱାସ୍ଥ୍ୟ ବିଭାଗ ନିକଟରେ ଜିଲାରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା, ସେମାନଙ୍କ ଚିକିତ୍ସା ସମ୍ପର୍କରେ କିଛି ତଥ୍ୟ ନାହିଁ। ଜିଲାରେ ୪୦ରୁ ଅଧିକ ରୋଗୀ ଡେଙ୍ଗୁ ରୋଗୀ ପଡ଼ୋଶୀ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଳମର ଏକ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଜଣାପଡିଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଡେଙ୍ଗୁ ରୋଗୀ ଗୁରୁତର ହେଲେ ଦେହରେ ପ୍ଲେଟଲେଟ କମିଯିବା ଭଳି ସମସ୍ୟା ଦେଖା ଦେଇଥାଏ। ଏହି ପ୍ଲେଟଲେଟ ବାହାର କରିବାକୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ମେଶିନ ରହିଛି ମାତ୍ର ଏହାକୁ ପରିଚାଳନା କରି ରୋଗୀଙ୍କ ଦେହରୁ ପ୍ଲେଟଲେଟ୍ ବାହାର କରିବା ପାଇଁ ଟେକ୍‌ସିଆନ ନାହାନ୍ତି। ଫଳରେ ଜିଲାର ବିଭିନ୍ନ ଅଞ୍ଚଳର ରୋଗୀ ବହୁ ଅସୁବିଧାର ସମ୍ମୁଖୀନ ହୋଇ ଶେଷରେ ସେମାନେ ଚିକିତ୍ସା ପାଇଁ ଆନ୍ଧ୍ରମୁହାଁ

**ପ୍ଲେଟଲେଟ ବାହାର କରିବାକୁ ମେଶିନ ଅଛି, ଟେକ୍‌ସିଆନ ନାହାନ୍ତି**


ପାଣିରେ ଜମି ରହିଥିବା ଅଳିଆ ଆବର୍ଜନା ।

ହୁଅନ୍ତି। ଯେଉଁ ରୋଗୀ ଆନ୍ଧ୍ରର ବିଭିନ୍ନ ହସ୍‌ପିଟାଲକୁ ଆସୁଛନ୍ତି ଯଦି ସେମାନଙ୍କ ପାଖରେ ଆୟୁଷ୍ମାନ କାର୍ଡ ଅଛି ତେବେ ସେମାନେ ଅଧିକ ଚିକିତ୍ସା ପାଇପାରୁଛନ୍ତି ନଚେତ ଲକ୍ଷାଧିକ ଟଙ୍କା ବିଲ୍ ଦେଇ ଫେରିଯିବାକୁ ବାଧ ହେଉଛନ୍ତି।

ପାରଳାଖେମୁଣ୍ଡିରୁ ଗତ ସପ୍ତାହକ ମଧ୍ୟରେ ୨୫ରୁ ଉର୍ଦ୍ଧ୍ୱ ଡେଙ୍ଗୁ ରୋଗୀ ଓ ଜିଲାର ବିଭିନ୍ନ ବ୍ଲକରୁ ୧୫ଜଣ ରୋଗୀ ଆନ୍ଧ୍ରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଜଣାପଡିଛି। ଅନ୍ୟପକ୍ଷରେ ପାରଳାଖେମୁଣ୍ଡି ସହରରେ ୫୦ରୁ ଉର୍ଦ୍ଧ୍ୱ ପାଥୋଲୋଜି କ୍ଲିନିକ ରହିଛି, ମାତ୍ର କୌଣସି କ୍ଲିନିକ ସ୍ୱାସ୍ଥ୍ୟ ବିଭାଗକୁ ରୋଗୀଙ୍କ ସମ୍ପର୍କରେ ସୂଚନା ଦେଉନାହାନ୍ତି। ଫଳରେ ଡେଙ୍ଗୁ ରୋଗୀ ଚିହ୍ନଟ ମଧ୍ୟ କଷ୍ଟକର ହେଉଛି। ସ୍ୱାସ୍ଥ୍ୟ ବିଭାଗ ବର୍ଷାଦିନ ପୂର୍ବରୁ ପରିମଳ ବ୍ୟବସ୍ଥା ପ୍ରତି ଯେତିକି ଗୁରୁତ୍ୱ ଦେଇ ପଦକ୍ଷେପ ନେବା କଥା ନେଉନାହିଁ, ଯାହା ଦ୍ୱାରା ସହରର ବହୁ ସ୍ଥାନରେ କୁଢ କୁଢ ଅଳିଆ ଆବର୍ଜନା ଜମା ହୋଇ ଡେଙ୍ଗୁ ମଶା ସୃଷ୍ଟିରେ ସହାୟକ ହେଉଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମୁବାରକ ଅଲ୍ଲୀଙ୍କୁ ପଚାରିବାରୁ ସେ କହିଲେ, ଡେଙ୍ଗୁ ରୋଗୀ ଚିହ୍ନଟ ପାଇଁ ଏଲିସା ଟେଷ୍ଟ ଏବଂ ସାଧାରଣ ରୋଗୀଙ୍କୁ ଚିକିତ୍ସା ପାଇଁ ତିନୋଟି ସ୍ୱତନ୍ତ୍ର ବେଡ ଡାକ୍ତରଖାନାରେ ରହିଛି। ଗୁରୁତର ରୋଗୀଙ୍କ ପାଇଁ କୌଣସି ସୁବିଧା ନ ଥିବା ସେ ସ୍ୱୀକାର କରି ଖୁବ୍ ଶୀଘ୍ର ଆବଶ୍ୟକ ସଂଖ୍ୟକ କର୍ମଚାରୀଙ୍କ ନିଯୁକ୍ତି ପାଇଁ ପଦକ୍ଷେପ ନିଆଯାଉଥିବା କହିଛନ୍ତି।

# ଅଟୋ ଚାଳକଙ୍କୁ ଶ୍ରମ ପଞ୍ଜୀକରଣ ଦାବି

ବ୍ରହ୍ମପୁର,୩।୮ (ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ମହାନଗର ଅଟୋ ଚାଳକ ସଂଘ ପକ୍ଷରୁ ରବିବାର ଠାକୁରାଣୀ ମନ୍ଦିର ପରିସରରେ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଟୋ ଚାଳକଙ୍କ ବିଭିନ୍ନ ସମସ୍ୟା ଆଲୋଚନା କରାଯାଇଥିଲା। ଅଟୋଚାଳକଙ୍କୁ ପରିଚୟ ପତ୍ର, ସ୍ୱାସ୍ଥ୍ୟ କାର୍ଡ, ସହରର ବିଭିନ୍ନ ଛକରେ ଅଟୋ ଷ୍ଟାଣ୍ଡ ନିର୍ମାଣ, କମ ସୁଧରେ ବ୍ୟାଙ୍କ ଦ୍ୱାରା ଅଟୋ ଚାଳକଙ୍କୁ ଅଟୋ ଯୋଗାଇବା ଓ ସରକାରଙ୍କ ପକ୍ଷରୁ ଅଟୋ ଚାଳକଙ୍କୁ ଶ୍ରମ ବିଭାଗ ଦ୍ୱାରା ପଞ୍ଜୀକରଣ କରାଇବାକୁ ଦାବି ହୋଇଥିଲା। ଏହି ଅବସରରେ ସଂଘ ପକ୍ଷରୁ ଆସନ୍ତା ବର୍ଷ ପାଇଁ ନୂତନ କର୍ମକର୍ତ୍ତା ମନୋନୀତ କରାଯାଇଥିଲା। ବୈଠକରେ ଶ୍ରମିକ ନେତା ତଥା ଆଇନଜୀବୀ ପାଠକ ପଣ୍ଡାଙ୍କ ସମେତ ଚନ୍ଦ୍ର ଶେଖର ଗୌଡ, ପ୍ରଭାତ କିରଣ ଷଡଙ୍ଗୀ, କୃଷ୍ଣ ଚନ୍ଦ୍ର ପାଲ, ଚିନ୍ମୟ କୁମାର ହୋତା, କୁରେଶୁ ଦାସ ଓ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ବାହୁଦା ମୁହାଣରେ ଲାଗିବ ୫ ହଜାର ତାଳ ଗଛ

ବ୍ରହ୍ମପୁର,୩।୮ (ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲ୍ଲା କୁକୁଡାଖଣ୍ଡି ବ୍ଲକ ଲାଞ୍ଜିଆ ପଞ୍ଚାୟତର ଭଗବାନପୁରରେ ଥିବା ଆଞ୍ଚଳିକ ବିକାଶ ପରିଷଦ ଚଳିତବର୍ଷ ସବୁଜିମା କାର୍ଯ୍ୟକ୍ରମରେ ଆଉ ପାଦେ ଆଗେଇଛି। ତାଳଗଛ ରୋପଣ ଉପରେ ଗୁରୁତ୍ୱ ଦେଇ ପ୍ରାୟ ୬ ହଜାର ତାଳଗଛ ଲଗାଇବା ଯୋଜନା ରହିଛି। ଏହି ପରିପ୍ରେକ୍ଷୀରେ ରବିବାର ପରିଷଦ ତରଫରୁ ସୋନପୁରସ୍ଥିତ ବାହୁଦା ମୁହାଣରେ ୫ ହଜାର ତାଳ ଗୋଟମା ରୋପଣ କରାଯିବ। ସାରା ଜିଲ୍ଲାରେ ୭୮।୮ ହଜାର ତାଳଗୋଟମା ଲଗାଯିବ। ବର୍ତ୍ତମାନ ସୁଦ୍ଧା ବାହୁଦା ନଦୀ ମୁହାଣରେ ୨ ହଜାର ତାଳଗୋଟମା ରୋପଣ ସରିଛି। ବାହୁଦା ନଦୀର ଗୋଟିଏ ପାର୍ଶ୍ୱରେ ଉକ୍ତ ତାଳ ଗୋଟମା ରୋପଣ କରାଯାଇଛି। ତେବେ ତାଳ ଗଛ ବଢ଼ିବାକୁ ଅନେକ ସମୟ ଲାଗିବ। ଏହା ଦ୍ୱାରା ଲୋକଙ୍କୁ କ'ଣ ଉପକାର ମିଳିବ ବୋଲି ପଚାରିବାରୁ ଅନୁଷ୍ଠାନର ସଭାପତି ସାଗର କୁମାର ପାତ୍ର କହିଲେ ଯେ, ତାଳ ଗଛ ପ୍ରାକୃତିକ ବିପର୍ଯ୍ୟୟ ବାତ୍ୟା, ବନ୍ୟାରୁ ଲୋକଙ୍କୁ ସୁରକ୍ଷା ଦେବ। ଏଥି ସହିତ ବଜ୍ରପାତରୁ ମଧ୍ୟ ଧନ ଜୀବନ ସୁରକ୍ଷିତ ରହିବ।

## ଆଞ୍ଚଳିକ ବିକାଶ ପରିଷଦ ସବୁଜିମା ଯୋଜନା



ଆଞ୍ଚଳିକ ବିକାଶ ପରିଷଦର ସଦସ୍ୟମାନେ ତାଳଗୋଟମା ଲଗାଉଛନ୍ତି।

ଜଳବାୟୁକୁ ନେଇ ଉକ୍ତ ଗଛ ବଢ଼ିବ। ବର୍ତ୍ତମାନ ଜଳବାୟୁକୁ ଅନୁକୂଳ ରହିଛି। ଯଦିଓ ଏହି ଗଛ ସବୁଜିମା ଦିଗରେ ସେତେଟା ସହାୟକ ହେଉନଥିଲେ ବି ଉପରୋକ୍ତ ବିପର୍ଯ୍ୟୟରୁ ସୁରକ୍ଷା ମିଳିବାକୁ ଥିବାରୁ ଏହି ଗଛ ଉପରେ ଗୁରୁତ୍ୱ ଦିଆଯାଉଛି। ଅନ୍ୟପକ୍ଷରେ ତାଳ ଗଛ ଅଧିକ ଉଚ୍ଚତା ହେଇଥିବାରୁ ଏହି ଗଛ ବିଜୁଳିକୁ ନିଜ ଆଡକୁ ଆକର୍ଷିତ କରି ମଣିଷ ଓ ବିଭିନ୍ନ ପଶୁଙ୍କ ଜୀବନ ସୁରକ୍ଷା କରିଥାଏ। ତାଳ ଗଛ ପରିବେଶ ସୁରକ୍ଷା ସହ ମୃତ୍ତିକା କ୍ଷୟ ମଧ୍ୟ କମାଇଥାଏ ଏବଂ ଏହା ମରୁଡି ବା କମ ପାଣିରେ ମଧ୍ୟ ବଞ୍ଚି ରହିପାରେ ବୋଲି ଉପଦେଷ୍ଟା ନଳିନୀ କାନ୍ତ ପଟ୍ଟନାୟକ ସୂଚନା ଦେଇଥିଲେ। ପକ୍ଷୀଙ୍କ ଯନ୍ତ୍ରୀ କୁହାଯାଉଥିବା ବାୟା ଚଢ଼େଇଙ୍କ ପସନ୍ଦର ବାସ ମଧ୍ୟ ଏହି ତାଳ ଗଛ, ତାଳ ଗଛ କମିବା ଦ୍ୱାରା ସେମାନଙ୍କ ବଂଶ ହ୍ରାସ ହେବାରେ ଲାଗିଛି। ବନ୍ୟ ଜନ୍ତୁ ହାତୀ, ବାରହା ଓ ମାଙ୍କଡ଼ ମାନଙ୍କ ବର୍ଷା ଦିନିଆ ଖାଦ୍ୟାଭାବ ପୂରଣ କରୁଛି ପାଚିଲା ତାଳ। ସ୍ଥାନୀୟ ଲୋକଙ୍କ ରୋଜଗାରର ମାଧ୍ୟମ ମଧ୍ୟ ପାଲଟିଛି ତାଳ ସଜ। ସବୁଠୁ ବଡ ଗୁରୁତ୍ୱପୂର୍ଣ୍ଣ କଥା ହେଲା କଇଁବକ ଯାହାକୁ ଦେଖି ଧୀବରମାନେ ମାଛର ସନ୍ଧାନ ପାଆନ୍ତି। ସେମାନେ ସବୁବେଳେ ଉଚ୍ଚ ସ୍ଥାନରେ ବସା ବାନ୍ଧନ୍ତି। ୧୯୯୯ ମହାବାତ୍ୟାରେ ବଡ ବଡ ଗଛ ଧରାଶାୟୀ ହୋଇଯାଇଥିଲା। ତେଣୁ ସେମାନେ ଏହି ଉଚ୍ଚ ଗଛରେ ବସା ବାନ୍ଧି ଅଣ୍ଡା ଦେଇପାରିବେ। ଏ ସବୁର ଗୁରୁତ୍ୱ ଦୃଷ୍ଟିରୁ ଚଳିତବର୍ଷ ତାଳଗୋଟମା ଉପରେ ଅଧିକ ପ୍ରାଧାନ୍ୟ ଦିଆଯାଉଛି। ଏଥି ସହିତ ଅନୁଷ୍ଠାନ ପକ୍ଷରୁ ଘର ଚଟିଆ ସଂରକ୍ଷଣ ଅଭିଯାନ ଜାରି ରହିଛି। ବିଭିନ୍ନ ଅଞ୍ଚଳରେ ବି ଅଧିକ ବିଭିନ୍ନ ପ୍ରକାର ଗଛ ଲଗାଯାଇ ସବୁଜିମା ସୃଷ୍ଟି କରାଯାଉଛି ବୋଲି ଅନୁଷ୍ଠାନର ସଭାପତି ପାତ୍ର କହିଥିଲେ। କାର୍ଯ୍ୟକ୍ରମରେ ସମ୍ପାଦକ ବିଜେନ୍ଦ୍ର ମାଝୀ, ବନରକ୍ଷୀ ଗଣେଶ ଗୌଡ଼, ପୁରୁଷୋତ୍ତମ ସ୍ୱାଇଁ, ତନ୍ମୟ ବେହେରା, ଦୀନବନ୍ଧୁ ବେହେରା, ଜିତେନ୍ଦ୍ର ପଣ୍ଡା, ଶ୍ରୀକାନ୍ତ ମହାନ୍ତି, ତୁଷାର ନାୟକ ପ୍ରମୁଖ ସ୍ୱେଚ୍ଛାସେବୀ ଅଂଶ ଗ୍ରହଣ କରିଥିଲେ।

# ଛାତ୍ରୀଛାତ୍ରଙ୍କୁ ମିଳିବ ମୂଲ୍ୟବୋଧଭିତ୍ତିକ ଶିକ୍ଷା

ବ୍ରହ୍ମପୁର,୩।୮ (ସୁବାସ ଚନ୍ଦ୍ର ପାଢ଼ୀ)

ସ୍ଥାନୀୟ ଭି.ଭି. ଗିରି ସରକାରୀ ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟରେ ଚାଲିଥିବା ୫ ଦିନିଆ ଜିଲ୍ଲାସ୍ତରୀୟ ପ୍ରଧାନ ଶିକ୍ଷକ ତାଲିମ କାର୍ଯ୍ୟକ୍ରମ 'ସମ୍ଭବ' ସରିଛି। ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ପକ୍ଷରୁ ଏହା ଅନୁଷ୍ଠିତ ହୋଇଥିଲା। ଉଦଯାପନୀ ଦିବସରେ ଶିକ୍ଷକମାନେ ଶିକ୍ଷାଦାନ ବେଳେ ନୈତିକ ଓ ଭାବାତ୍ମକ ମୂଲ୍ୟବୋଧକୁ ଦୃଷ୍ଟିରେ ରଖି ଛାତ୍ରୀଛାତ୍ରୀଙ୍କ ସର୍ବାଙ୍ଗୀନ ଉନ୍ନତି ପ୍ରତି ଦୃଷ୍ଟି ଦେବାକୁ କୁହାଯାଇଥିଲା। ଆଗାମୀ ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷାରେ ଛାତ୍ରୀଛାତ୍ର କିପରି ଭଲ ରେଜଲ୍ଟ କରିବେ ସେଥିପ୍ରତି ଧ୍ୟାନ ଦେବାକୁ ପ୍ରଧାନ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ତାଲିମ ଦିଆଯାଇଥିଲା। ତାଲିମ କାର୍ଯ୍ୟକ୍ରମରେ ଜାତୀୟ ଶିକ୍ଷା ନୀତି-୨୦୨୦, ଜାତୀୟ ପାଠ୍ୟକ୍ରମ ଆଧାର, ନେତୃତ୍ୱ, ଦକ୍ଷତା, ସମେତ ବିଭିନ୍ନ ବିଷୟକୁ ନେଇ ତାଲିମ ପ୍ରଦାନ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ମୋଟ ୨୫ଜଣ ପ୍ରଧାନ ଶିକ୍ଷୟିତ୍ରୀଶିକ୍ଷକ ଯୋଗ ଦେଇଥିଲେ। ଆଗାମୀ ଦିନରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ବିଦ୍ୟାଳୟ ଗୁଡ଼ିକରେ ମୋଟ ୧୧ଟି ପର୍ଯ୍ୟାୟରେ ଅନ୍ୟ ପ୍ରଧାନଶିକ୍ଷୟିତ୍ରୀଶିକ୍ଷକଙ୍କୁ ତାଲିମ ପ୍ରଦାନ କରାଯିବ। କାର୍ଯ୍ୟକ୍ରମରେ ଏଡିଇଓ ଡ. ପ୍ରଭାତୀ କୁମାରୀ ମହାପାତ୍ର, ପ୍ରଧାନ ଶିକ୍ଷୟିତ୍ରୀ ସୃଜିତ୍ରା ପାଣିଗ୍ରାହୀ, ଅଞ୍ଜଳି ପାତ୍ର ଓ ମଧୁସ୍ମିତା ଦୃଷ୍ଟି ପ୍ରଶିକ୍ଷଣ ଦେଇଥିଲେ। ଜିଲ୍ଲା ବିଜ୍ଞାନ ନିରୀକ୍ଷକ ରାମଚନ୍ଦ୍ର ମହାରଣା କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସଂଯୋଜକ ସନ୍ତୋଷ ପଣ୍ଡା ସହଯୋଗ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଚାନ୍ଦିନୀ ପଣ୍ଡା, କେ. ଶରତ କୁମାର ଓ ସୁଧାଂଶୁ ପୁହୁଲିଙ୍କ ସମେତ ବହୁ କର୍ମଚାରୀ ଉପସ୍ଥିତ ଥିଲେ।

# ସ୍ୱାଧୀନତା ଦିବସ ପାଇଁ ବିଭିନ୍ନ ପ୍ରତିଯୋଗିତା



ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର।

ବ୍ରହ୍ମପୁର,୩।୮ (ସ୍ମୃତି ରଞ୍ଜନ ମହାଲିକ)

ସ୍ୱାଧୀନତା ଦିବସ ପାଇଁ ରବିବାର ବ୍ରହ୍ମପୁର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ୨ ଦିନିଆ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଉପଜିଲାପାଳ ପାର୍ଥ ସାରଥୀ ହାଂସଦାଙ୍କ ନିର୍ଦ୍ଦେଶ କ୍ରମେ ଅନୁଷ୍ଠିତ ପ୍ରତିଯୋଗିତାରେ ରାମ ନାରାୟଣ ଡିଗ୍ରୀ କଲେଜ ଅଧ୍ୟକ୍ଷ ଡ ପିନାକୀ ମହାନ୍ତି, ଅବସରପ୍ରାପ୍ତ ଅଧ୍ୟାପିକା ବାଣୀ ପଟ୍ଟନାୟକ, ଅବସରପ୍ରାପ୍ତ ରିଡର ଚିତ୍ତ ରଞ୍ଜନ ପଟ୍ଟନାୟକ ପ୍ରତିଯୋଗିତାର ବିଚାରକ ଥିଲେ। ପ୍ରବନ୍ଧ ପ୍ରତିଯୋଗିତାରେ ନୀଳକଣ୍ଠ ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ରାମହରି ନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମହାବିଦ୍ୟାଳୟ ସ୍ତରରେ ନୀଳକଣ୍ଠନଗର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ର ସଫଳ ହୋଇଛନ୍ତି। ବକ୍ତୃତାରେ ନୀଳକଣ୍ଠ ନଗର ଏସ୍ଏସ୍ଭିଏମ, ଗୁରୁକୁଳ ଇଣ୍ଟର ନ୍ୟାସନାଲ ସ୍କୁଲ, ଗୋସାଣୀ ନୂଆ ଗାଁ ଏସ୍ଏସ୍ଭିଏମର ଛାତ୍ରୀଛାତ୍ର ସଫଳତା ପାଇଛନ୍ତି। ମହାବିଦ୍ୟାଳୟ ସ୍ତରରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ, ମହାମୟୀ ମହିଳା ମହାବିଦ୍ୟାଳୟ ଓ ନୀଳକଣ୍ଠନଗର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ର କୃତିତ୍ୱ ହାସଲ କରିଛନ୍ତି।

# ଚଞ୍ଚକତା କରି ବ୍ୟବସାୟୀଙ୍କଠୁ ୬ କୋଟି ନେଇଗଲେ

ବ୍ରହ୍ମପୁର,୩।୮ (ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା କୋଦଳା ଅଞ୍ଚଳର ଜଣେ ବ୍ୟକ୍ତି ଚଞ୍ଚକତା କରି ବ୍ରହ୍ମପୁରର ଜଣେ ବ୍ୟବସାୟୀଙ୍କଠାରୁ ୬ କୋଟି ଟଙ୍କା ଠକି ନେଇଛନ୍ତି। ଠକେଇର ଶିକାର ହୋଇଥିବା ଅନୁରାଗ ମିଶ୍ର ଏ ନେଇ ବ୍ରହ୍ମପୁର ସାଇବର ଅପରାଧ ଓ ଅର୍ଥନୈତିକ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି । ବଡବଜାର ଥାନା ଅନ୍ତର୍ଗତ ମୟୂରୀ ବିହାର ୪ର୍ଥ ଲାଇନ ବାସିନ୍ଦା ଅନୁରାଗଙ୍କ ଟ୍ରାନ୍ସପୋର୍ଟ ବ୍ୟବସାୟ ରହିଛି । ୨୦୨୪ ମେ ମାସରେ ତାଙ୍କର ଜଣେ ବନ୍ଧୁଙ୍କ ଜରିଆରେ କୋଦଳାର ଜଣେ ବ୍ୟକ୍ତିଙ୍କ ସହ ତାଙ୍କର ପରିଚୟ ହୋଇଥିଲା। ବ୍ୟକ୍ତି ଜଣଙ୍କ ଅନୁରାଗଙ୍କୁ ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗ ବିଷୟରେ କହିଥିଲେ। ମିଶନ ଶକ୍ତି ଜରିଆରେ ବିଭିନ୍ନ ବ୍ଲକରେ କୋଟି କୋଟି ଟଙ୍କାର କାମ ହେବାକୁ ଯାଉଛି। ବିଭିନ୍ନ ବ୍ଲକ ଓ ମହିଳା ଗୋଷ୍ଠୀଙ୍କୁ ସାମଗ୍ରୀ ଯୋଗାଣ ଭଳି ବିଭିନ୍ନ କାର୍ଯ୍ୟ ହାତକୁ ନେବାକୁ ସଂପୃକ୍ତ ବ୍ୟକ୍ତି ଜଣଙ୍କ ଅନୁରାଗଙ୍କୁ ବୁଝାଇ ସେଥିରେ ଟଙ୍କା ନିବେଶ କରିବାକୁ ପ୍ରବର୍ତ୍ତାଇଥିଲେ। ଏହାଦ୍ୱାରା ସେମାନେ ବହୁଗୁଣା ଅର୍ଥ ରୋଜଗାର କରିପାରିବେ ବୋଲି କହିଥିଲେ। ଯେହେତୁ ରାଜ୍ୟରେ ମହିଳା ଗୋଷ୍ଠୀ ଓ ମିଶନ ଶକ୍ତି ଜରିଆରେ ବିଭିନ୍ନ କାର୍ଯ୍ୟ ଓ ଯୋଜନା ଜାରି ରହିଛି ସେହିକ୍ରମରେ ଅନୁରାଗ ମଧ୍ୟ ସଂପୃକ୍ତ ବ୍ୟକ୍ତିଙ୍କ କଥାରେ ରାଜି ହୋଇଥିଲେ। ପରେ ଅନୁରାଗ ପର୍ଯ୍ୟାୟକ୍ରମେ ଟଙ୍କା ନିବେଶ କରିବା ଆରମ୍ଭ କରିଥିଲେ। ବିଭିନ୍ନ ବ୍ଲକକୁ ସାମଗ୍ରୀ ଯୋଗାଣ ନାଁରେ ସଂପୃକ୍ତ ବ୍ୟକ୍ତି ଜଣକ ଅନୁରାଗଙ୍କୁ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ପଠାଇବାକୁ କହୁଥିଲେ। ଅନୁରାଗ କେତେବେଳେ ୩୦ ଲକ୍ଷ ତ' ଆଉ କେତେବେଳେ ୫୦ ଲକ୍ଷ ଟଙ୍କା ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ ଜମା କରି ଚାଲିଥିଲେ। ତେବେ ଏଥିପାଇଁ ସଂପୃକ୍ତ ବ୍ୟକ୍ତି ଜଣଙ୍କ ପ୍ରାୟ ୧୦୦ଟି ବ୍ୟାଙ୍କ ଆକାଉଣ୍ଟ ବ୍ୟବହାର କରିଥିଲେ। ଏହି ସବୁ ବ୍ୟାଙ୍କ ଆକାଉଣ୍ଟ ବିଭିନ୍ନ ସପ୍ଲାୟର୍ସ ଓ ମହିଳା ଗୋଷ୍ଠୀ ସଭାନେତ୍ରୀଙ୍କର ବୋଲି ଅନୁରାଗଙ୍କୁ ଜଣାଉଥିଲେ। ସଂପୃକ୍ତ ବ୍ୟକ୍ତି ଜଣଙ୍କ ୧ ବର୍ଷ ଭିତରେ ଅନୁରାଗଙ୍କଠାରୁ ପ୍ରାୟ ୯ କୋଟି ଟଙ୍କା ନେଇ ଯାଇଥିଲେ। ହେଲେ ଉକ୍ତ ଯୋଜନାରେ କାମ ସମ୍ପୂର୍ଣ୍ଣ ହୋଇ ବିଲ ହୋଇଥିବା କହି ୩ କୋଟି ୫ ଲକ୍ଷ ଟଙ୍କା ବିଭିନ୍ନ ସମୟରେ ଫେରସ୍ତ କରିଥିଲେ। ହେଲେ ୨୦୨୫ ଏପ୍ରିଲ ପରଠାରୁ ଅନୁରାଗ ନିଜ ଟଙ୍କା ଫେରସ୍ତ ପାଇ ନ ଥିଲେ। ଏ ନେଇ ସେ ସଂପୃକ୍ତ ବ୍ୟକ୍ତିଙ୍କୁ ପଚରାଉଚରା ପରେ ସେ ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ। ଯାଞ୍ଚ ପରେ ତାଙ୍କ ଟଙ୍କା ମିଶନ ଶକ୍ତି ଭଳି କୌଣସି ଯୋଜନା କିମ୍ବା ବ୍ଲକସ୍ତରର ମହିଳା ସଂଗଠନରେ ନିବେଶ ହୋଇ ନ ଥିବା ଅନୁରାଗ ଜାଣିବାକୁ ପାଇଥିଲେ। ସଂପୃକ୍ତ ବ୍ୟକ୍ତିଙ୍କ ଦ୍ୱାରା ଠକେଇର ଶିକାର ହୋଇଥିବା ଜାଣିବା ପରେ ଅନୁରାଗ ସାଇବର ଥାନାକୁ ଯାଇ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରି ବ୍ୟବସାୟୀ ଜଣଙ୍କ ଯେଉଁ ସବୁ ଆକାଉଣ୍ଟକୁ ଟଙ୍କା ପଠାଇଥିଲେ ସେଥିରୁ ଏକାଧିକ ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କରାଯାଇଥିବା ଜାଣିବାକୁ ପାଇଛି।

# ବନ୍ଧୁତା ଦିବସରେ 'ଆସ ବୃକ୍ଷ ସହ କରିବା ମିତ' ସଚେତନତା




କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର ଓ ସଂଘର ସଦସ୍ୟବୃନ୍ଦ।

ବ୍ରହ୍ମପୁର,୩।୮ (ସ୍ମୃତି ରଞ୍ଜନ ମହାଲିକ)

ବନ୍ଧୁତା ଦିବସ ଅବସରରେ ସବୁଜ ବାହିନୀ ପକ୍ଷରୁ ରବିବାର ଆସ ବୃକ୍ଷ ସହ କରିବା ମିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ସୁକୁଣ୍ଡା ହଜଠାରେ ଥିବା ବୃକ୍ଷ ଗୁଡିକରେ ଫୁଲ ଓ ପତ୍ରରେ ତିଆରି ହୋଇଥିବା ଡୋରିକୁ ଛାତ୍ରୀଛାତ୍ର ବାନ୍ଧିଥିଲେ। ଛାତ୍ରୀଛାତ୍ରଙ୍କୁ ସଚେତନ ଓ ଉତ୍ସାହିତ କରିବା ପାଇଁ ଆସ ବୃକ୍ଷ ସହ କରିବା ମିତ ବୋଲି ଶପଥ ନେଇଥିଲେ। ପର୍ବ ପର୍ବାଣୀରେ ଲୋକଙ୍କୁ ପ୍ରକୃତି ସହ ଯୋଡିବା ଓ ପରିବେଶର ସୁରକ୍ଷା କରିବା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ସଂଘ ପକ୍ଷରୁ ପ୍ରତି ବର୍ଷ ଶହ ଶହ ବର୍ଷ ପୁରୁଣା ବଡ ବଟ ଓ ଅଶ୍ୱତ୍ଥ ଗଛର ସୁରକ୍ଷା ପାଇଁ ବିଭିନ୍ନ ବର୍ଗର ଜନସାଧାରଣଙ୍କ ସହ ମିଶି ପରିବେଶ ଅନୁକୂଳ ଫୁଲ ଓ ନଡିଆ ଗଛ ପତ୍ରରେ ତିଆରି ଡୋରି ବନ୍ଧାଯାଇଥାଏ। କାର୍ଯ୍ୟକ୍ରମରେ ସଂଘର ସଭାପତି ଶିବରାମ ପାଣିଗ୍ରାହୀ, ସଂପାଦକ ସାଗର ପାତ୍ର, ଏ. ପ୍ରକାଶ, ପି ବିନୋଦ, ଅନୀଲ ଚୌଧୁରୀ ଓ ଅଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଟିପିଏସଓଡିଏଲ୍‌ର ହ୍ୟାଣ୍ଡସ୍ ଅନ୍ ଟେକ୍ନିକାଲ୍ ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ

ବ୍ରହ୍ମପୁର,୩।୮ (ସ୍ମୃତି ରଞ୍ଜନ ମହାଲିକ): ଟିପିଏସ୍ ଓଡିଏଲ୍ ପକ୍ଷରୁ କନ୍ଧମାଳ ଜିଲା ଫୁଲବାଣୀରେ ଅତ୍ୟାଧୁନିକ ହ୍ୟାଣ୍ଡସ୍ ଅନ୍ ଟେକ୍ନିକାଲ୍ ଟ୍ରେନିଂ ସେଣ୍ଟର ସ୍ଥାପିତ ହୋଇଛି। ଟିପିଏସ୍ଓଡିଏଲ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ ଓ ଟାଟା ପାୱାର ସଞ୍ଚାରଣ ଏବଂ ବିତରଣ ସୁରକ୍ଷା ମୁଖ୍ୟ ସୁରେଶ କୁମାର ଖେତୱାନି ଏହାକୁ ଉଦଘାଟନ କରିଥିଲେ। ଟିପିଏସ୍ଓଡିଏଲ୍ ସେଫ୍ଟି ଆଣ୍ଡ ସ୍କିଲ ଡେଭଲେପମେଣ୍ଟ ଇନଷ୍ଟିଚ୍ୟୁଟ ଅନ୍ତର୍ଗତ ପଦକ୍ଷେପ ସ୍ୱରୂପ ମିଶନ ଜିରୋ ହାର୍ମ ଲକ୍ଷ୍ୟ ପୂରଣ ସହାୟକ ହେବ। କେନ୍ଦ୍ରରେ ଫୁଲବାଣୀ, ଭଞ୍ଜନଗର ଓ ବୌଦ୍ଧ ଅଞ୍ଚଳର କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦିଆଯିବ। କେନ୍ଦ୍ରରେ ପ୍ରାକ୍ଟିସ ୱାର୍ଡରେ ଲୋ ଟେନସନ ଓ ହାଇ ଟେନ୍ସନ୍ ନେଟୱର୍କର ପ୍ରତିକୃତିରେ କର୍ମଚାରୀ ଅଭ୍ୟାସ କରିପାରିବେ। ଏଥିସହ କାର୍ଯ୍ୟକ୍ଷେତ୍ରରେ ବ୍ୟବହୃତ ଉପକରଣକୁ ଉପଯୋଗ କରି ଲାଇନ୍‌ମ୍ୟାନ ଓ ବିଜନେସ୍ ଆସୋସିଏଟ ପ୍ରାକ୍ଟିକାଲ କାମ ଶିଖିବେ। ତତସହିତ ରିଙ୍ଗମେନ ୟୁନିଟ ଅପରେସନ, ଅଟୋ ଏନକ୍ଲୋଜର ପରିଚାଳନା, ସେକ୍ସନାଲାଇଜର୍, ଡିଷ୍ଟ୍ରିବ୍ୟୁସନ ଟ୍ରାନ୍ସଫର୍ମର ପରିଚାଳନାଠାରୁ ଆରମ୍ଭ କରି ଆର୍ଥିଙ୍ଗ, ଇନସୁଲେଶନ ରେଜିଷ୍ଟାନ୍ସ ଟେଷ୍ଟିଂ ଯାଏଁ ବିଭିନ୍ନ ଟେକ୍ନିକାଲ ଦକ୍ଷତା ବିକାଶ ପାଇଁ ସୁବ୍ୟବସ୍ଥିତ ପାଠ୍ୟକ୍ରମ ରହିଛି। ଟିପିଏସଓଡିଏଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କହିଛନ୍ତି ଯେ, କର୍ମଚାରୀଙ୍କୁ ସଶକ୍ତ କରିବା ସହ ସୁରକ୍ଷିତ ଭାବେ କାମ କରିବା କୌଶଳ ପ୍ରଦାନ କରିବା ଦିଗରେ ହ୍ୟାଣ୍ଡସ୍ ଅନ୍ ଟେକ୍ନିକାଲ୍ ପ୍ରଶିକ୍ଷଣ କେନ୍ଦ୍ର ଏକ ପଦକ୍ଷେପ।


GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, CUTTACK
No.O-511
e-mail : serw_ctc@yahoo.com

No. Tender Online RWC-13/2025 — e-Procurement NOTICE — Letter No. 2625 Date : 26.07.2025

1. **Name of the work** : Construction of Road, Bridge & Building works.
2. **Class of contractor**
   c) Estimated cost more than Rs.6.00 Crore & upto Rs.50.00 Crore : Special Class (of Odisha PWD) & relevant class of other licensing authorities.
   d) Estimated cost more than Rs.1.00 Crore & upto Rs.20.00 Crore : A Class (of Odisha PWD) & relevant class of other licensing authorities.
   c) Estimated cost more than Rs.20.00 Lakh & upto Rs.3.00 Crore : B Class (of Odisha PWD) & relevant class of other licensing authorities.
3. **Time for Completion** : As specified in the **Column-7 of the Annexure**.
4. **Detail Projects** : **As per Annexure attached**
5. **Other Details** :

| Procurement Officer | Bid Identification No. | Availability of Tender on-line for bidding: From | Availability of Tender on-line for bidding: To | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| 1 | 2 | 3 | 4 | 5 | 1 | 2 |
| Chief Construction Engineer, Rural Works Circle, Cuttack | Tender Online RWC-13/25 | 04.08.2025 at 11.30 A.M. | 25.08.2025 up to 05.00 P.M. | 25.08.2025 up to 02.00 P.M. | 26.08.2025 at 11.30 A.M. | Will be intimated later |

Further details can be seen from the website **www.tendersodisha.gov.in**

Sd./- Chief Construction Engineer
Rural Works Circle, Cuttack
OIPR-25097/11/0025/2526



Government of Odisha "e" procurement Notice
OFFICE OF THE SUPERINTENDING ENGINEER,
KORAPUT (R&B) DIVISION, KORAPUT
Bid Identification No. S.E (R&B)KPT - 09/2025-26
No.B-347

1. Name of the work : **Building works**
2. Total No. of works : 05 Nos.
3. Estimated cost : **Rs.5.04 to 48.35** Lakhs
4. Period of completion : 01 (One) Month to 04 (Four) Months
5. Date & Time of availability of bid document in the portal : From **05.08.2025** at 11.00 hours to **16.08.2025** upto 17.00 hours
6. Last date / Time for receipt of bids in the portal : **16.08.2025** upto 17.00 hours
7. Date of opening of Tender : **18.08.2025** at 12.00 hours
8. Name and address of the Officer Inviting Bid : Superintending Engineer, Koraput (R&B) Division

**Further details can be seen from the e-procurement portal https://tendersorissa.gov.in**

Sd./- Superintending Engineer
Koraput (R&B) Division
OIPR-34096/11/0027/2526



OFFICE OF THE DEAN & PRINCIPAL,
VSS INSTITUTE OF MEDICAL SCIENCES & RESEARCH,
BURLA, (SAMBALPUR)
No.5442/VIMSAR/DEAN/INDENT Dated, Burla, the 1st, August, 2025
TENDER CALL NOTICE

**No.E-285** : Sealed Tenders are invited from the interested firms for purchase of Chemicals, Glass wares, Plastic wares and consumables during the financial year 2025-26. The detail terms and conditions & make is available in this college website i.e. www.vimsar.ac.in and district website i.e. www.sambalpur.odisha.gov.in. which can be downloaded for necessary participation. The last date of receipt of tenders will be on **01.09.2025** latest **by 5.30 PM** which will be **opened on 02.09.2025 at 11.30 AM** in the Conference Hall of Dean & Principal, VIMSAR Burla.

Sd./- Dean & Principal
VSS Institution of Medical Sciences & Research, Burla
OIPR-10187/11/0041/2526



OFFICE OF THE PRINCIPAL
GOPABANDHU AYURVEDA MAHAVIDYALAYA
V.I.P. ROAD, PURI (ODISHA)-752002
Tel : 06752-222072 (O) / E mail : principalgampuri@gmail.com
No.3111/GAM Dated : 02.08.2025
Walk-in-Interview

**No.E-283** : Walk in Interview for temporary and co-terminus post of One AYUSH Doctor (Ayurveda) and One MPHW for one year at Gopabandhu Ayurveda Mahavidyalaya, Puri for Central Sector Scheme for implementation of National programme on Osteoarthritis and other musculoskeletal disorders in Brahmagiri Block of Puri district and public health programme on AYUSH Geriatric Health Care Services - Vayomitra will be held in the office of the Principal of this institution on 11.08.2025 (Monday) at 11.00 A.M.
Details are available on website i.e. www.gampuri.nic.in

Sd./- Principal
Gopabandhu Ayurveda Mahavidyalaya, Puri
OIPR-10044/11/0006/2526



OFFICE OF THE SUPERINTENDENT
MAHARAJA KRISHNA CHANDRA
GAJAPATI MEDICAL COLLEGE HOSPITAL
BERHAMPUR-760004, GANJAM, ODISHA
Tel.0680-2292624, FAX. : 0680-2292752//
E.mail : supdtmkcg@gmail.com, supdtmkcg-bam@gov.in
No. 16442 MCH/CS/XIX/2025 Date : 02.08.2025
TENDER CALL NOTICE

**No.E-281** : The Superintendent, MKCG Medical College Hospital Berhampur- 760004, Dist. Ganjam, Odisha Invites sealed tenders in the prescribed Proforma from the for **"Supply of Medicine & Surgical items" through Empanelled Store for M.K.C.G Medical College Hospital, Berhampur**. The tenderer should submit the tender in two Bids (i) Technical Bid and (ii) Price Bid. The Technical bid shall contain (1) Tender Cost (2) valid PAN CARD, (3) Valid GSTN Certificate as per the Govt. rule, (4) Valid Drug License issued by the Competitive Authority, (5) Valid ISI, ISO,GMP Certificate & (6) E-mail ID & Contact No. The Price bid should be submitted as per Proforma enclosed. The intending tenderers should submit their tenders separately in two sealed covers duly superscribed as Technical Bid for **"Supply of Medicine & Surgical items" through Empanelled Store with address & Price Bid for "Supply of Medicine & Surgical items"** through Empanelled Store with address putting in a single sealed cover.

The bidders may download the tender papers from websites: www.ganjam.odisha.gov.in. & www.mkcg.nic.in. The last date of receipt of tenders through Regd. Post / Speed post/ Courier is on or before **20.08.2025 at 05.00 PM** and will be opened on **22.08.2025 at 12:30 PM.** The date of opening may be differed/postponed in case of unavoidable circumstances.

The Superintendent, M.K.C.G Medical College Hospital, Berhampur reserves right to accept /reject/ cancel any or all the tenders in full or part without assigning any reason thereof.

Sd./- Superintendent
MKCG Medical College Hospital, Berhampur
OIPR-10028/11/0049/2526



GOVERNMENT OF ODISHA
OFFICE OF THE SUPERINTENDING ENGINEER
MINOR IRRIGATION DIVISION, MAYURBHANJ
Tel. No. (06792)260788, e-Mail ID : mi.mayurbhanj@yahoo.co.in
"e" Procurement Notice
No.2859 Dated 01.08.2025
Identification No. - S.E.M.I.D. MBJ. No. - 05/MID, MBJ/2025-26

**No.A-457** : The Superintending Engineer, M.I. Division, Mayurbhanj on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.

| | | |
|---|---|---|
| 1 | Name of works | Civil Construction works as mentioned in the website |
| 2 | Total No. of work | 7 Nos |
| 3 | Tender amount | 12.71 lakh to 33.89 lakh (Detail of work Annexed) |
| 4 | Class of Contractor | As Mentioned against Work |
| 5 | Period of Completion | As Mentioned against Work |
| 6 | Date & time of Availability of Bid Document in the Portal | 11.08.2025 at 10.00 A.M. to 22.08.2025 up to 5.00 P.M. |
| 7 | Last Date / Time for receipt of Bids in the Portal | 22.08.2025 up to 5.00 P.M. |
| 8 | Date/Time of Opening of Technical Bid | 25.08.2025 at 11.00 A.M. |
| 9 | Name and Address of the Officer Inviting the Bid | Superintending Engineer, M.I.Division, Mayurbhanj |
| 10 | Mode of Payment of Bid Cost | Online |
| 11 | Further details can be seen from the "e" Procurement Portal "https://tendersorissa.gov.in" | |

Sd./- Superintending Engineer
Minor Irrigation Division, Mayurbhanj
OIPR-32041/11/0012/2526



ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର
Housing & Urban Development Department, Govt. of Odisha
ଜଟଣୀ ପୌରପରିଷଦ, ଜଟଣୀ
OFFICE OF THE MUNICIPAL COUNCIL : JATANI
ସ୍ଥାନ – ଜଟଣୀ, ଜିଲ୍ଲା – ଖୋର୍ଦ୍ଧା, ୭୫୨୦୫୦
At/PS - Jatani, Dist. - Khordha (Odisha), Pin - 752050
E-mail : municipalityjatni@gmail.com, Phone No. 0674-2490826
No.4443 / Jatni, Date - 01.08.2025
QUOTATION CALL NOTICE

**No.C-802** : Sealed quotations are invited from registered Contractors/ Reputed Firms/ manufactures/ Suppliers having valid Income Tax and GST Registration Certificates for **Supplying & Spreading of Quarry Rubbish (Crusher Stone Dust) in various places for convenient to public in the eve of Ganesh Puja under Jatni Municipality** in two cover bid. The cover - 1 will contains technical bids and the cover 2 will contains the price bid. After evaluation of technical bid the financial bid of qualified bidders will be opened. The rate should be inclusive of all taxes, conveyance etc. complete in all respect. The tender paper will be available in Jatni Municipality Office on payment of Rs.2000/- (Rupees Two Thousand) and EMD of Rs.5,000/- (Rupees Five Thousand) in shape of Bank Draft/ Cheque in favour of Executive Officer, Jatni Municipality. The Quotation will be received on or before **dt. 11.08.2025 at 1:00 pm** and the bid will be opened on same date at 3:30 pm in the presence of the bidders or their authorized representative. The detailed Quotation Call Notice is also available in **www.khordha.nic.in (District Portal)** and **www.jatnimunicipality.in (Office Portal)**. The undersigned reserves all rights to accept / reject any or all quotations without assigning any reason thereof.

Sd./- Executive Officer
Jatni Municipality
OIPR-13041/11/0040/2526



[GOVERNMENT OF ODISHA] No.i-259
OFFICE OF THE
BLOCK DEVELOPMENT OFFICER, MUNIGUDA
E-mail : ori-muniguda@nic.in
INVITATIONS FOR BIDS (I.F.B.)
e-Procurement Notice
IDENTIFICATION NO.IFB-RC (BDO) MUNIGUDA 02/2025-26, DT.02.08.2025
No.2527/2025 Dated - 02/08/2025

1. The Panchayat Samiti, Muniguda invites Percentage Rate bid in Single Cover System in **ONLINE MODE** for the construction of Building works (Civil + El) as detailed in the Detailed Tender Call Notice **(D.T.C.N)** from the eligible class of contractors.
2. No. of works : **06 (Six) Nos.**
3. Cost of Tender Paper : **Rs.6,000/- (Rupees Six thousand) only**
4. Class of contractor : **"C" & "D" Class**
5. Date & Time of available in website & receipt online : **11:00 Hrs. of 06.08.2025 to 17:00 Hrs. of 20.08.2025.**
6. The Bidders have to participate in ONLINE bidding only. Further details can be seen from the State Govt. Portal website : https://tendersodisha.gov.in
7. Any corrigendum / Addendum will be displayed in the website https://tendersodisha.gov.in only

Sd./- Block Development Officer, Muniguda
OIPR-19042/11/0005/2526



GOVERNMENT OF ODISHA No.O-531
OFFICE OF THE SUPERINTENDING ENGINEER, RURAL WORKS DIVISION, CUTTACK
E-mail I.D. : rw_cuttack@yahoo.co.in, Ph. No. 0671-2440662
2nd Corrigendum to Tender Call Notice No. Tender-Online-RWD Ctc-02/2025-26 dt.02.07.2025
Due to unavoidable circumstances the dates are changing as follow :-

| Procurement Officer | Bid Identification No. | Availability of tender On-line for bidding: From | | Availability of tender On-line for bidding: To | | Last date & Time of seeking Tender Clarification | | Opening of Technical Bid | | Opening of Financial Bid | |
|---|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 |
| | | Previously fixed on | Presently changed to | Previously fixed on | Presently changed to | Previously fixed on | Presently changed to | Previously fixed on | Presently changed to | Previously fixed on | Presently changed to |
| Superintending Engineer, Rural Works Divison, Cuttack | RWD Ctc-02/2025-26 | 21.07.2025 At 11.00 am | 11.08.2025 At 11.00 am | 02.08.2025 up to 5.00 pm | 20.08.2025 up to 5.00 pm | 01.08.2025 up to 5.00 pm | 19.08.2025 up to 5.00 pm | 04.08.2025 up to 11.00 am | 21.08.2025 up to 11.00 am | Will be Intimated later | Will be intimated later |

All other terms & conditions remain unchanged.

Sd./- Superintending Engineer
Rural Works Division, Cuttack
OIPR-25053/11/0035/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..................................



ଅମିତ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କଟନ ଫାବ୍‌ରେ କାରବାର ଉତ୍ସାହଜନକ

ଭୁବନେଶ୍ୱର,୩।୮ (ଅଭୟ ଦାଶ)



ଭୁବନେଶ୍ୱରର ୟୁନିଟ-୩ ପ୍ରଦର୍ଶନୀ ପଡ଼ିଆଠାରେ ଜାରି ରହିଥିବା ରାଜସ୍ଥାନ କଟନ ଫାବ୍‌ରେ ଗ୍ରାହକ ଭିଡ ଦିନକୁ ଦିନ ବୃଦ୍ଧି ପାଉଛି। ଫଳରେ ବ୍ୟବସାୟ/କାରବାର ଉତ୍ସାହଜନକ ରହିଛି। ଏପରି କି ମେଳା ପରିସରରେ ପଡ଼ିଥିବା ହ୍ୟାଣ୍ଡଲୁମ, ହାଣ୍ଡିକ୍ରାଫ୍ଟ ଓ କଟନ ଉତ୍ପାଦର ଚାହିଦା ସବୁବର୍ଗର ଗ୍ରାହକଙ୍କୁ ବେଶ୍ ଆକୃଷ୍ଟ କରୁଥିଲାବେଳେ ଆକର୍ଷଣୀୟ ରିହାତି ଅଫର କାରବାରକୁ ଦ୍ୱିଗୁଣିତ କରି ଦେଉଛି ବୋଲି ମେଳାର ଆୟୋଜକଙ୍କ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

ସେହିଭଳି ଆସନ୍ତା ରାଖୀ ପୂର୍ଣ୍ଣିମା ପାଇଁ ଆୟୋଜକଙ୍କ ପକ୍ଷରୁ ବିଶେଷ ରିହାତି ଓ ସ୍ୱତନ୍ତ୍ର ରାଖୀ ଅଫର ଆରମ୍ଭ କରାଯାଇଛି। ଏହି ମେଳାରେ ନୂତନ ଉତ୍ପାଦ ଓ ସମ୍ଭାର ଉପଲବ୍ଧ ସାଙ୍ଗକୁ ଗ୍ରାହକଙ୍କ ଚାହିଦା ଓ ଆବଶ୍ୟକତା ପୂରଣ ପାଇଁ ଆୟୋଜକଙ୍କ ପକ୍ଷରୁ ସବୁ ପ୍ରକାରର ପ୍ରୟାସ କରାଯାଉଛି ବୋଲି ବ୍ୟବସାୟୀମାନେ ମତପ୍ରକାଶ କରିଛନ୍ତି। ଏହି ଅଫର ୨୦୨୫ ଅଗଷ୍ଟ ୨୮ ପର୍ଯ୍ୟନ୍ତ ଉପଲବ୍ଧ ରହିଛି। ଏହି ଅବଧି ମଧ୍ୟରେ କାରବାର ହେଉଥିବା ପ୍ରତି କ୍ରୟ ଉପରେ ଆକର୍ଷଣୀୟ ୨୦% ସ୍ୱତନ୍ତ୍ର ରିହାତି ଯୋଗାଇ ଦିଆଯାଉଛି। ଏହି ପ୍ରଦର୍ଶନୀ ଅଗଷ୍ଟ ୩୧ ପର୍ଯ୍ୟନ୍ତ ପ୍ରାରମ୍ଭିକ ଭାବେ ଜାରି ରହିବ ବୋଲି ମେଳାର ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଏହି ମେଳାରେ ସର୍ବଭାରତୀୟସ୍ତରର ଗାମେର୍ଣ୍ଟସ/କପଡ଼ା ଓ ପୋଷାକ ବ୍ୟବସାୟୀମାନେ ଅଂଶ ଗ୍ରହଣ ସହ ସେମାନଙ୍କର ଉତ୍ପାଦ ପ୍ରଦର୍ଶନ ଏବଂ ବିକ୍ରୟ କରିଥାନ୍ତି। ଏହି ମେଳାରେ ଦେଶର ସମସ୍ତ ଭାଗର ଲୋକପ୍ରିୟ ସାମଗ୍ରୀ ପଡ଼ିଥିଲାବେଳେ ରିହାତି ମୂଲ୍ୟରେ ଗ୍ରାହକଙ୍କୁ ସେମାନଙ୍କର ପସନ୍ଦର ସାମଗ୍ରୀ ଯୋଗାଇ ଦିଆଯାଇଥାଏ। ଏପରିକି ପ୍ରତି କ୍ରୟ ଉପରେ ୨୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି। କାରବାର ସମୟରେ ସମସ୍ତ ବ୍ୟାଙ୍କର ଡେବିଟ ଓ କ୍ରେଡିଟ କାର୍ଡର ବ୍ୟବହାର ସହ ଗ୍ରହଣ କରାଯାଉଛି।

### ସ୍ୱତନ୍ତ୍ର ରାଖୀ ଅଫର

ସେହିପରି ଏହି ମେଳାରେ ୨୦ଟି ରାଜ୍ୟର ପ୍ରମୁଖ ଉତ୍ପାଦ ସମ୍ବଲପୁରୀଠାରୁ ଇକତ ଏବଂ ଜାମଦାନୀଠାରୁ ଆରମ୍ଭ କରି ବନାରସୀ ପର୍ଯ୍ୟନ୍ତ ପ୍ରିମିୟମ ବର୍ଗର ପୋଷାକ ଉଭୟ ବିକ୍ରୟ ଓ ପ୍ରଦର୍ଶନୀ ପାଇଁ ଉପଲବ୍ଧ ରହିଛି। ଏହି ମେଳାରେ ଓଡ଼ିଶା ସମେତ ପଞ୍ଜାବ, ହରିୟାଣା, ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ, ରାଜସ୍ଥାନ, ଗୁଜରାଟ, ମଧ୍ୟପ୍ରଦେଶ, ବିହାର, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କର୍ନାଟକ, ତେଲଙ୍ଗାନା, ଆସାମ ଓ ପୁଡୁଚେରୀ ଭଳି ବଜାରର ପ୍ରିମିୟମ ପୋଷାକ ଓ ପ୍ରମୁଖ ବ୍ୟବସାୟୀମାନେ ସାମିଲ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ରାଜସ୍ଥାନ କଟନ ଫାବ୍‌ରେ ମୋଟ ୨୦୦ଟି ଷ୍ଟଲ ପଡିଥିଲାବେଳେ ହସ୍ତତନ୍ତ, ହସ୍ତଶିଳ୍ପ ଓ ଖାଦ୍ୟ ସାମଗ୍ରୀ ପାଇଁ ସ୍ୱତନ୍ତ୍ର ଷ୍ଟଲ କରାଯାଇଛି। ଏହି ମେଳା ଦିବା ୧୧ ଘଟିକାରୁ ରାତି ୯ ଘଟିକା ପର୍ଯ୍ୟନ୍ତ ଖୋଲା ରହିଥିଲାବେଳେ ମେଳା ପରିସରରେ ମାଗଣା ପାର୍କିଂର ସୁବିଧା ମଧ୍ୟ ରହିଛି।

# ଉମଙ୍ଗ ଆପ୍ ଜରିଆରେ ନମ୍ବର ଆବଣ୍ଟନ

ଭୁବନେଶ୍ୱର,୩।୮

କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଙ୍ଗଠନ (ଇପିଏଫ୍‌ଓ) ପକ୍ଷରୁ ୟୁନିଭର୍ସାଲ ଆକାଉଣ୍ଟ ନମ୍ବର (ୟୁଏଏନ୍) ଆବଣ୍ଟନ ନେଇ ନିକଟରେ ଏକ ନୂଆ ନିର୍ଦ୍ଦେଶନାମା ଜାରି ହୋଇଛି। ଏହି ନୂଆ ନିୟମ ଅନୁସାରେ ନିଯୁକ୍ତିଦାତାଙ୍କ ପାଇଁ ଉମଙ୍ଗ ଆପ୍ ଜରିଆରେ ନମ୍ବର ଆବଣ୍ଟନ ବାଧ୍ୟତାମୂଳକ ହେବ। ସେହିପରି ଆଧାର ଫେସ୍ ଅଥେଣ୍ଟିକେଶନ ଟେକ୍ନୋଲୋଜି ବ୍ୟବହାର କରିବାକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଏପରି କି ଇପିଏଫ୍‌ଓ ସଦସ୍ୟଙ୍କୁ ଗୁଗଲ ପ୍ଲେ ଷ୍ଟୋରରୁ ଉମଙ୍ଗ ଆପ୍ ଡାଉନଲୋଡ୍ କରିବାକୁ ହେବ। ଫଳରେ ସେମାନେ ନିଯୁକ୍ତିଦାତା କିମ୍ବା ଇପିଏଫ୍‌ଓ ଅଧିକାରୀଙ୍କ ବିନା ସ୍ମାର୍ଟଫୋନ ଜରିଆରେ ହିଁ ୟୁଏଏନ୍ ନମ୍ବର ପାଇପାରିବେ ଏବଂ ତାହାକୁ ସକ୍ରିୟ ମଧ୍ୟ କରିପାରିବେ। ସେହିପରି ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନାରେ ସାମିଲ କର୍ମଚାରୀମାନେ ବର୍ତ୍ତମାନ କେବଳ ମୁହଁ ଚିହ୍ନଟ କରାଇ ୟୁଏସ୍ଏନ୍ ଏବଂ ତତ୍ ସମ୍ପର୍କିତ ସେବା ପାଇପାରିବେ ବୋଲି ଇପିଏଫ୍‌ଓ ପକ୍ଷରୁ କୁହାଯାଇଛି।

# ଜୁଲାଇରେ ୪.୫ ଲକ୍ଷ ୟୁନିଟ୍ ଡେଲିଭରି

ଭୁବନେଶ୍ୱର,୩।୮

### ହିରୋ ମୋଟୋକର୍ପର ବାର୍ଷିକ ବିକ୍ରି ଅଭିବୃଦ୍ଧି ୨୧%

ହିରୋ ମୋଟୋକର୍ପର ଯାନ ବିକ୍ରି ଫଳାଫଳ ରବିବାର ପ୍ରକାଶ ପାଇଛି। ଏହି ଫଳାଫଳ ଅନୁଯାୟୀ ୨୦୨୫ ଜୁଲାଇରେ କମ୍ପାନୀ ମୋଟ ୪,୪୯,୭୫୫ ୟୁନିଟ୍ ଯାନ ଡେଲିଭରି କରିଛି। ଯାହାକି ୨୦୨୪ ଜୁଲାଇ ୨୦୨୪ରେ ରେକର୍ଡ଼ ହୋଇଥିବା ୩,୭୦,୨୭୪ ୟୁନିଟଠାରୁ ୨୧% ଅଧିକ ବିକ୍ରି ହୋଇଥିବା ବୋଲି କୁହାଯାଉଛି। ସେହିଭଳି ଏହା ଉଭୟ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳର ବଜାର ସ୍ଥିତିର ରୂପରେଖାକୁ ପରିପ୍ରକାଶ କରିଛି। ଖୁଚୁରା ବ୍ୟବସାୟର ଏହି କାର୍ଯ୍ୟକଳାପ ସହ ଆସନ୍ତା ପାର୍ବଣ ଋତୁକୁ ଦୃଷ୍ଟିରେ ରଖି କମ୍ପାନୀ ନୂତନ ମଡେଲ ଓ ଅନେକ ସୁବିଧା ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି। ନିକଟରେ ହିରୋ ମୋଟୋକର୍ପ ଏଚଏଫ ଡିଲକ୍ସ ପୋର୍ଟଫୋଲିଓକୁ ଅଧିକ ବ୍ୟାପକ କରିବା ସହିତ ଏଚଏଫ ଡିଲକ୍ସ ପ୍ରୋର ଶୁଭାରମ୍ଭ କରିଛି। ସେହିପରି ହିରୋ ମୋଟୋକର୍ପ ୨୦୨୫ ଜୁଲାଇରେ ଏକ ପ୍ରମୁଖ ସଫଳତା ହାସଲ କରିଛି। ଏହାର ମାସିକିଆ ଯାନ ବିକ୍ରିରେ ଉଲ୍ଲେଖନୀୟ ସଫଳତା ସହ ନୂତନ ପଞ୍ଜୀକରଣ ହାସଲ କରିଛି। ଇଭି ବାହନ କ୍ଷେତ୍ରରେ କମ୍ପାନୀର ସ୍ଥିତିକୁ ଦ୍ୱିଗୁଣିତ କରିବା ସହିତ ମାର୍କେଟ ଶେୟାରବାର୍ଷିକ ଭିତ୍ତିରେ ୧୦.୨% ସଂଯୋଗ କରିବା ସହିତ ହିରୋ ମୋଟୋକର୍ପର ସମୁଦାୟ ବୈଦ୍ୟୁତିକ ମୋବିଲିଟି ପୋର୍ଟଫୋଲିଓକୁ ଗ୍ରାହକମାନଙ୍କର ଦ୍ରୁତ ଆବଶ୍ୟକତାକୁ ନେଇ ସଫଳତାର ଶୀର୍ଷରେ ପହଞ୍ଚିପାରିଛି।




"On this special day, we, your family and loved ones, come together in spirit and joy to celebrate you, Samikshya. Your presence fills our lives with love, grace, and quiet strength. You are not only the pride of our home but the light that brightens every heart you touch.
May this year unfold with blessings as beautiful as your soul, success that matches your dreams, and love that never fades. Stay the wonderful, wise, and warm-hearted Nicky we all cherish. Happy Birthday!"

With endless love and blessings,
— Your Family & Relatives

ଧ-୧୫୪୩


# ପୋଦ୍ଦାର ଟାୟାର୍ସ ଓ ସର୍ଭିସେସ୍‌ର ପ୍ରଥମ ଫ୍ରାଞ୍ଚାଇଜ୍ ଆଉଟ୍‌ଲେଟ୍



ଭୁବନେଶ୍ୱର,୩।୮ (ଅନୁରାଧା ମହାରଣା)

### ୩ ମିନିଟରେ ରୋବୋଟିକ୍ କାର୍ ୱାଶ୍

ପୋଦ୍ଦାର ଟାୟାର୍ସ ଓ ସର୍ଭିସେସ୍‌ର ଏକ ଫ୍ରାଞ୍ଚାଇଜ ଆଉଟଲେଟ୍ ଭୁବନେଶ୍ୱରର ରଘୁନାଥପୁରରେ ରବିବାର ଉଦଘାଟିତ ହୋଇଯାଇଛି। ଏହି ଆଉଟଲେଟ୍ ପୋଦ୍ଦାର ଟାୟାର୍ସ ଓ ସର୍ଭିସେସର ୯ମ ଫ୍ରାଞ୍ଚାଇଜ ଆଉଟଲେଟ ହୋଇଥିବାବେଳେ ଓଡ଼ିଶାରେ ଏହା ପ୍ରଥମ ଫ୍ରାଞ୍ଚାଇଜ ଷ୍ଟୋର। ଏଠାରେ ହ୍ୱିଲ୍ ଏଲାଇନମେଣ୍ଟ, ବାଲାନ୍ସିଂ, ନାଇଟ୍ରୋଜେନ୍ ଫିଲିଂ, ଟାୟାର ଫିଟମେଣ୍ଟ, ରୋଟେଶନ୍ ଭଳି ସେବା ମିଳୁଥିବାବେଳେ ମଲ୍ଟି ବ୍ରାଣ୍ଡ ଟାୟାର ଉପଲବ୍ଧ ହେଉଛି। ତେବେ ଏହି ଷ୍ଟୋରରେ ନୂତନ ଟେକ୍ନୋଲୋଜି ଆଧାରିତ ସେବା ଗ୍ରାହକଙ୍କୁ ଆକୃଷ୍ଟ କରୁଛି। ଗାଡ଼ିମାଲିକ ମାତ୍ର ୩ ମିନିଟ୍ ସମୟରେ ଏଠାରେ ରୋବୋଟିକ୍ କାର୍ ୱାଶ୍ ସୁବିଧା ପାଇପାରୁଛନ୍ତି। ଉଦଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ମ୍ୟାନେଜିଂ ପାର୍ଟନର ଆନନ୍ଦ ପୋଦ୍ଦାର କହିଛନ୍ତି, ଗାଡ଼ିର ସୁରକ୍ଷା ଅର୍ଥାତ୍ ଜୀବନର ସୁରକ୍ଷା। ଓଡ଼ିଶାର ସହରାଞ୍ଚଳ ଓ ଉପସହରାଞ୍ଚଳରେ ଗାଡ଼ିର ଆବଶ୍ୟକତା ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଏହାକୁ ଦୃଷ୍ଟିରେ ରଖି ଗାଡ଼ି ଚାଳକ ତଥା ମାଲିକଙ୍କୁ ଭରସାଯୋଗ୍ୟ ଏବଂ ତୁରନ୍ତ ସେବା ପ୍ରଦାନ ଲକ୍ଷ୍ୟ ରଖିଥିବା ଆନନ୍ଦ କହିଛନ୍ତି। ଆଗାମୀ ଦିନରେ ଓଡ଼ିଶାରେ ପୋଦ୍ଦାର ଟାୟାର୍ସ ଓ ସର୍ଭିସେସର ଅଧିକ ଷ୍ଟୋର ଖୋଲାଯିବାର ଯୋଜନା ରହିଛି। ଏହି ନବ ଉଦଘାଟିତ ଷ୍ଟୋର ଏଥିରେ ସହାୟକ ହେବ ବୋଲି ଆଶା କରାଯାଉଛି। ସେହିପରି ସ୍ଥାନୀୟ ଉଦ୍ୟୋଗୀଙ୍କୁ ମଧ୍ୟ ଅନୁଷ୍ଠାନ ସହ ଯୋଡ଼ିହେବା ନେଇ ପ୍ରସ୍ତୁତି କରାଯାଉଛି। ସୂଚନା ଥାଉକି, ପୋଦ୍ଦାର ଟାୟାର୍ସ ଓ ସର୍ଭିସେସ୍ ୧୯୫୯ ମସିହାରେ ସ୍ଥାପିତ ହୋଇଥିବାବେଳେ ସର୍ବଭାରତୀୟ ସ୍ତରରେ ୮ରୁ ଅଧିକ ଷ୍ଟୋର ରହିଛି।


# ଓଡ଼ିଶା ପୂର୍ବ ଭାରତର ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟ କେନ୍ଦ୍ର

ଭୁବନେଶ୍ୱର,୩।୮

ବିଶ୍ୱ ବାଣିଜ୍ୟ କେନ୍ଦ୍ର ବା ଡବ୍ଲ୍ୟୁଟିସି ଭୁବନେଶ୍ୱର ପକ୍ଷରୁ ଆୟୋଜିତ ୮ମ ବିଶ୍ୱ ବାଣିଜ୍ୟ ଦିବସ ଏବଂ ବାର୍ଷିକ ସଦସ୍ୟ ସମ୍ମିଳନୀ-୨୦୨୫ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ସେ ଓଡ଼ିଶା ପୂର୍ବ ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟ କେନ୍ଦ୍ର ଭାବେ ଉଭା ହେଉଥିବା ବିଷୟରେ ଜୋର୍ ଦେଇଥିଲେ। ଦୁବାଇ ଏବଂ ଆବୁଧାବି ସହିତ ସିଧାସଳଖ ବିମାନ ସଂଯୋଗ ରାଜ୍ୟର ଲଜିଷ୍ଟିକ୍ସ ସମ୍ଭାବନାକୁ ବୃଦ୍ଧି କରିଛି ବୋଲି ସେ କହିଥିଲେ। ସେହିଭଳି ଡବ୍ଲ୍ୟୁଟିସି ଭୁବନେଶ୍ୱରର ଚେୟାରମ୍ୟାନ୍ ଏବଂ ଡବ୍ଲ୍ୟୁଟିସି ମୁମ୍ବାଇର ଉପାଧ୍ୟକ୍ଷ କ୍ୟାପଟେନ୍ ସୋମେଶ ବାତ୍ରା ଏହି କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇ ଓଡ଼ିଶାର ରପ୍ତାନି ପରିବେଶ ଏବଂ ଏମ୍ଏସ୍ଏମଇ ବିକାଶକୁ ସମର୍ଥନ କରିବାରେ ଡବ୍ଲ୍ୟୁଟିସିର ବୃଦ୍ଧି ପାଉଥିବା ଭୂମିକା ଉପରେ ଆଲୋକପାତ କରିଥିଲେ। ଡବ୍ଲ୍ୟୁଟିସି ଭୁବନେଶ୍ୱରର ଆନ୍ତର୍ଜାତିକ ବାଣିଜ୍ୟ ପ୍ରଚାର ଥିଙ୍କ ଟ୍ୟାଙ୍କର କନଭେନର୍ ରାଜେନ ପାଢ଼ୀ ବିଭିନ୍ନ କ୍ଷେତ୍ରରେ ସକ୍ରିୟ ଭାବରେ ଜଡ଼ିତ ହୋଇ ଆନ୍ତର୍ଜାତିକ ବାଣିଜ୍ୟକୁ ସୁଗମ କରିବା ପାଇଁ ଡବ୍ଲ୍ୟୁଟିସିର ପ୍ରୟାସ ବିଷୟରେ କହିଥିଲେ। ଡବ୍ଲ୍ୟୁଟିସି ମୁମ୍ବାଇର ଚେୟାରମ୍ୟାନ୍ ଏବଂ ଡବ୍ଲ୍ୟୁଟିସି ଭୁବନେଶ୍ୱରର ନିର୍ଦ୍ଦେଶକ ଡ. ବିଜୟ କଳନ୍ତ୍ରି ଏମଭିଆଇଆରଡିସି ମୁମ୍ବାଇ ଏବଂ ଡବ୍ଲ୍ୟୁଟିସି ଭୁବନେଶ୍ୱର ଦ୍ୱାରା ବିଶ୍ୱ ବାଣିଜ୍ୟ କେନ୍ଦ୍ର ସଂଗଠନ ( ଡବ୍ଲ୍ୟୁଟିସିଏ) ନେଟୱର୍କ ମାଧ୍ୟମରେ ଭାରତୀୟ ବ୍ୟବସାୟଗୁଡ଼ିକୁ ବିଶ୍ୱ ବଜାର ସହିତ ସଂଯୋଗ କରିବା ପାଇଁ କରାଯାଉଥିବା ସହଯୋଗୀ ପ୍ରୟାସ ବିଷୟରେ ବିସ୍ତୃତ ଭାବରେ ବ୍ୟାଖ୍ୟା କରିଥିଲେ। ସେହିପରି 'ପୂର୍ବ ଭାରତର ଅର୍ଥନୈତିକ ଇନ୍:' ଓଡ଼ିଶାର ବିଶ୍ୱ ବାଣିଜ୍ୟ ଦୃଷ୍ଟି' ବିଷୟବସ୍ତୁ ଉପରେ ଆଧାରିତ ୨୦୨୫ କାର୍ଯ୍ୟକ୍ରମରେ ଦୁବାଇ ଚାମ୍ବର୍ସ ଅଫ୍ କମର୍ସକୁ କାଉଣ୍ଟି କନେକ୍ଟ ପାର୍ଟନର୍ ଭାବରେ ଗ୍ରହଣ କରାଯାଇଥିଲା, ଯାହା ଓଡ଼ିଶା ଏବଂ ଦୁବାଇ ମଧ୍ୟରେ ବାଣିଜ୍ୟ ସମ୍ପର୍କ ଦୃଢ଼ କରିବା ଉପରେ ଧ୍ୟାନ ଦେଇଥିଲା। ଦୁବଇ ଚାମ୍ବର୍ସର ମୁଖ୍ୟ ପ୍ରତିନିଧି (ଏସିଆ ଅଞ୍ଚଳ) ଭାରତ, ଅଭିଜିତସିଂହ ଜାଦେଜା ମୁଖ୍ୟ ଭାଷଣରେ ଦୁବାଇର ଏକ ବିଶ୍ୱସ୍ତରୀୟ ବାଣିଜ୍ୟ ଏବଂ ଲଜିଷ୍ଟିକ୍ସ ଗେଟୱେ ଭାବରେ ଏହାର କୌଶଳଗତ ଅବସ୍ଥାନ ଉପରେ ଗୁରୁତ୍ୱ ଦେଇ ଓଡ଼ିଶାଭିତ୍ତିକ ବ୍ୟବସାୟଗୁଡ଼ିକୁ ଦୁବାଇ ମାଧ୍ୟମରେ ଆନ୍ତର୍ଜାତିକ ସୁଯୋଗ ଅନୁସନ୍ଧାନ କରିବାକୁ ଆମନ୍ତ୍ରଣ ଦେଇଥିଲେ ଏବଂ ରାଜ୍ୟ ସହିତ ବାଣିଜ୍ୟ ସହଯୋଗ ଗଭୀର କରିବାକୁ ଦୁବାଇ ଚାମ୍ବର୍ସର ପ୍ରତିବଦ୍ଧତା ପୁନରାବୃତ୍ତି କରିଥିଲେ। ସନ୍ଧ୍ୟାରେ ବିଭିନ୍ନ ଶିଳ୍ପ କ୍ଷେତ୍ରରେ ବାଣିଜ୍ୟ ବିକାଶ ପ୍ରୟାସକୁ ନେଇଥିବା ସେକ୍ଟୋରାଲ୍ ଥିଙ୍କ ଟ୍ୟାଙ୍କ କନଭେନର୍ ଏବଂ ସହ-କନଭେନରମାନଙ୍କ ନାମ ଘୋଷଣା କରାଯାଇଥିଲା।

# ଓଡ଼ିଶାରେ ୯୭ ହଜାରରୁ ଅଧିକ ନୂତନ ମୋବାଇଲ୍ ଗ୍ରାହକ

ଭୁବନେଶ୍ୱର,୩।୮




ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ) ଦ୍ୱାରା ପ୍ରକାଶିତ ସଦ୍ୟତମ ଟେଲିକମ୍ ଗ୍ରାହକ ତଥ୍ୟ ଅନୁଯାୟୀ ୨୦୨୫ ଜୁନ୍‌ରେ ରିଲାଏନ୍ସ ଜିଓ ୱାୟାରଲେସ୍, ୱାୟାରଲାଇନ୍ ଏବଂ ୫ଜି ଏଫ୍‌ଡବ୍ଲ୍ୟୁଏ କ୍ଷେତ୍ରରେ ୧.୧୮ ଲକ୍ଷରୁ ଅଧିକ ନୂତନ ଗ୍ରାହକ ଯୋଡ଼ିଛି। ଏହି ତଥ୍ୟ ଅନୁଯାୟୀ ଓଡ଼ିଶାରେ ଜିଓ ୯୭ ଲକ୍ଷରୁ ଅଧିକ ନୂତନ ମୋବାଇଲ୍ ଗ୍ରାହକ ଏବଂ ୨୧ହଜାରରୁ ଅଧିକ ନୂତନ ଜିଓଫାଇବର ଓ ଜିଓଏୟାରଫାଇବର ଗ୍ରାହକ ଯୋଡିଛି। ଏଥିସହିତ ଓଡ଼ିଶାରେ ଜୁନ୍ ଶେଷ ସୁଦ୍ଧା ଜିଓ ନେଟ୍‌ୱର୍କରେ ୧.୬୩ କୋଟିରୁ ଅଧିକ ମୋବାଇଲ ଗ୍ରାହକ, ୩.୪ ଲକ୍ଷରୁ ଅଧିକ ଜିଓଫାଇବର ଗ୍ରାହକ ଏବଂ ୧.୯୪ ଲକ୍ଷରୁ ଅଧିକ ଜିଓଏୟାରଫାଇବର ଗ୍ରାହକ ରହିଛନ୍ତି।

ଟ୍ରାଇ ପ୍ରକାଶିତ ତଥ୍ୟ ଅନୁଯାୟୀ ଜୁନ୍‌ରେ ଓଡ଼ିଶାର ମୋଟ ମୋବାଇଲ୍ ଉପଭୋକ୍ତା ସଂଖ୍ୟା ୭୩ ହଜାର ବୃଦ୍ଧି ପାଇ ୩.୫୩ କୋଟି ଅତିକ୍ରମ କରିଛି। ଜୁନ୍‌ରେ ଜିଓ ସର୍ବାଧିକ ୯୭ ହଜାର ନୂତନ ମୋବାଇଲ୍ ଗ୍ରାହକ ଯୋଡିଥିବା ବେଳେ ଏହା ପଛକୁ ଭୋଡାଫୋନ ଆଇଡିଆ ମାତ୍ର ୪୫୭୬ ନୂତନ ମୋବାଇଲ୍ ଗ୍ରାହକ ଯୋଡିଛି। ଅପରପକ୍ଷରେ ଉଭୟ ଏୟାରଟେଲ ଓ ବିଏସ୍ଏନ୍ଏଲ ଏହି ମାସରେ ରାଜ୍ୟରେ ହଜାର ହଜାର ଗ୍ରାହକ ହରାଇଥିବା ଟ୍ରାଇ ତଥ୍ୟରୁ ଜଣାପଡିଛି। ଜୁନରେ ଏୟାରଟେଲ ଓଡ଼ିଶାରେ ୧୨ ହଜାରରୁ ଅଧିକ ମୋବାଇଲ ଗ୍ରାହକ ହରାଇଥିବା ବେଳେ ବିଏସ୍ଏନ୍ଏଲ ୧୬ ହଜାରରୁ ଅଧିକ ଗ୍ରାହକ ହରାଇଛି।


# Classified Everyday

0674-2580101, 9692975378



REAL ESTATE

SALE

କଟକ ମହାନଦୀବିହାରରେ 2/3 BHK flat ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ 3BHK duplex readymade ଅଛି। 8327785834. D-76286

ଭୁବନେଶ୍ୱର-ପିପିଲି ଟୋଲ୍‌ଗେଟ୍, ଉତ୍ତରାଛକ, ସୁନ୍ଦରପଦା, ଫୁଲନଖରାରେ ଘରବାଡ଼ି ପ୍ଲଟ୍ 2/3BHK flat, duplex ବିକ୍ରିହେବ। Diptimayee Pati- 8763740343. D-76296




Newly open health benefits SPA special Offer @ 799 Bapujinagar. 7327058897. D-76931

Positively health benifits SPA expert female therapist homely atmosphere. 9114559830. D-1516

Full body massage by odia therapist in homely atmosphere. 9556498382. D-75395

AFFIDAVIT

By virtue of an affidavit sworn before Executive Magistrate, Nayagarh, dated- 31.07.2025. I, Nrusingha Charan Mohanty, Address At- Kolathia, P.O.- Khandagiri, P.S.- Khandagiri, Dist.- Khordha, PIN- 751030, Odisha declare that I have change my name from Nrusingh Charan Mohanty to Nrusingha Charan Mohanty. Henceforth, I shall be known as Nrusingha Charan Mohanty for all purposes.
Sd/- Nrusingha Charan Mohanty.
D-1542

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

LEGAL NOTICE

BEFORE THE DISTRICT CONSUMER DISPUTES REDRESSAL COMMISSION, KHORDHA,
AT- BHUBANESWAR.
IA/Misc Case No.- 80/2023
(Arising out of C.C No.- 328/2018)
Sri Manoj Kumar Sundaray ..... Complainant
Vrs
M/s Sharp Agencies and others ....Opp. Parties.
NOTICE
TO,
1). M/s Sharp Agencies, represented through its proprietor Near Arunodaya Market, Link Road, Cuttack- 753012,
2), M/s Samson Agri Power Equipment(P) Ltd. Represented through its Manager, At Plot No.- 1042, Meherpalli, Near Kesura Chhak, Puri Bypass Road, Bhubaneswar- 751006, Dist.- Khordha.

The Complaint has filed the above restoration application before this forum and inspite of repeated notice issued against you are avoiding to receive summons/Notice to appear before this forum on the above noted case. This is to give notice that you are to appear in the forum on the **6th day of Sep 2025, at 11 O'clock** and to file show cause why the restorations petition filed by the complainant shall not be heard in your absence, failing which the exparte order shall be passed against you and next course of action shall be taken.

Given under my hand and seal of the forum on this 2nd day of August 2025

**Sd/- President**
**District Consumer Dispute Redressal Commission, Khordha, Bhubaneswar**
D- 1526

# ମନେ ପଡ଼ନ୍ତି

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ




୰ସନ୍ଧ୍ୟା ମହାପାତ୍ର
ଏନ୍-୧/୭୩, ଆଇ.ଆର୍.ସି. ଭିଲେଜ, ଭୁବନେଶ୍ୱର-୭୫୧୦୧୫

| ଆବିର୍ଭାବ | ତିରୋଧାନ |
|---|---|
| ୧୦.୦୭.୧୯୫୧ | ୨୬.୦୮.୨୦୨୩ |

ଆପଣଙ୍କର ନୀତି, ଆଦର୍ଶ, ସ୍ନେହ, ଶ୍ରଦ୍ଧା, ତ୍ୟାଗ, ସରଳ ଓ ଶୃଙ୍ଖଳିତ ଜୀବନ ଦର୍ଶନ ଆମ ଜୀବନର ପାଥେୟ ହେଉ, ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମା କନକଦୁର୍ଗା ଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ ପରିବାରବର୍ଗ
ହତଭାଗ୍ୟ କନ୍ୟା: ସରିତା (ପିଙ୍କି), ଜ୍ୱାଇଁ: ଶ୍ରୀନିବାସ (ସିନୁ), ନାତି: କୁମାର କାର୍ତ୍ତିକ (ବାବୁ) ଓ ଉତ୍କଳ ଲକ୍ଷ୍ମୀ ଇଞ୍ଜିନିୟର୍ସ ପ୍ରାଇଭେଟ ଲିମିଟେଡ୍‌ର ସମସ୍ତ କର୍ମଚାରୀ ବୃନ୍ଦ।
ଧ-୭୬୮୪୨

ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ବାନାମ୍ବର ସାମଲ
(ଅବସରପ୍ରାପ୍ତ ଶିକ୍ଷକ)
ଚାଳଗଡ଼, ଅନୁଗୁଳ
ଆବିର୍ଭାବ: ୧୫।୧୦।୧୯୪୩
ତିରୋଧାନ: ୨୬।୦୭।୨୦୨୫
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ହତଭାଗା
ସାମଲ ପରିବାରବର୍ଗ
ଧ-୧୫୪୬

ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ୍, Cuttack Road, BBSR
9861146916
8917362388
VSS Nagar, BBSR
9861917646

# ବିମାନ ଦୁର୍ଘଟଣାର ରହସ୍ୟ ଓ ବ୍ଲାକ ବକ୍ସ



ନିକୁଞ୍ଜ ବିହାରୀ ସାହୁ

''ବ୍ଲାକ ବକ୍ସର ରଙ୍ଗ କଦାପି କଳା ନୁହେଁ, ବରଂ ଏହା ଉଜ୍ଜ୍ୱଳ କମଳା ରଙ୍ଗର ହୋଇଥାଏ। ଏହି ଆକର୍ଷକ ରଙ୍ଗ ଦୁର୍ଘଟଣାସ୍ଥଳରେ ଏହାକୁ ସହଜରେ ଖୋଜିବାକୁ ସହାୟକ ହୋଇଥାଏ। ଏହି ଯନ୍ତ୍ରଟି ସାଧାରଣତଃ ବିମାନର ପଛଭାଗରେ ଖଞ୍ଜାଯାଇଥାଏ, କାରଣ ଦୁର୍ଘଟଣା ସମୟରେ ବିମାନର ପଛ ଅଂଶ ସାଧାରଣତଃ ଅପେକ୍ଷାକୃତ ସୁରକ୍ଷିତ ରହିଥାଏ। ଏହାକୁ ଦୁର୍ଘଟଣାଜନିତ ପ୍ରଚଣ୍ଡ ଆଘାତ, ଉଚ୍ଚ ତାପମାତ୍ରା ଓ ଜଳଭାଗ ଭଳି ପ୍ରତିକୂଳ ପରିସ୍ଥିତି ସହନ କରି ଯଥେଷ୍ଟ ସମୟ ପର୍ଯ୍ୟନ୍ତ ସୁରକ୍ଷିତ ରଖିବା ଉଦ୍ଦେଶ୍ୟରେ ମଜଭୁତ କରି ନର୍ମାଣ କରାଯାଇଥାଏ। ଏହି ଯନ୍ତ୍ରଟି ଉଡ଼ାଣ ସମ୍ବନ୍ଧୀୟ ତଥ୍ୟଗୁଡ଼ିକୁ ଧ୍ୱନି ଓ ସଙ୍କେତ ରୂପରେ ସଞ୍ଚିତ ରଖିଥାଏ। ଯେତେବେଳେ ବିମାନ ଦୁର୍ଘଟଣା ଘଟେ, ଦୁର୍ଘଟଣାର କାରଣ ଜାଣିବା ପାଇଁ ବ୍ଲାକ ବକ୍ସକୁ ଖୋଜାଯାଏ ଏବଂ ସେଥିରେ ସଞ୍ଚିତ ତଥ୍ୟକୁ ଅନୁଧ୍ୟାନ ଓ ବିଶ୍ଳେଷଣ କରାଯାଏ।''

ଚଳିତ ବର୍ଷ ଜୁନ୍ ୧୨ ତାରିଖରେ ଭାରତର ଏକ ବୋଇଂ ଡ୍ରିମଲାଇନର୍ ୭୮୭-୮ ବିମାନ ଅହମଦାବାଦଠାରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଆରୋହୀ ୨୪୧ ଜଣ ଯାତ୍ରୀ ମୃତ୍ୟୁବରଣ କରିଥିଲେ। ବିମାନର ବ୍ଲାକ ବକ୍ସରୁ ବିମାନ ଦୁର୍ଘଟଣାର କାରଣ ଖୋଜାଯାଇଥାଏ। ତେବେ ପ୍ରଶ୍ନ ଉଠେ : ଏହି ବ୍ଲାକ ବକ୍ସ କ'ଣ? ଏହା କାର୍ଯ୍ୟ କରେ କିପରି? ବିମାନ ଦୁର୍ଘଟାଣାର ଅନୁସନ୍ଧାନରେ ଏହା ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ କିପରି?



### ବ୍ଲାକ ବକ୍ସ କ'ଣ

ଯେତେବେଳେ କୌଣସି ବିମାନ ଦୁର୍ଘଟଣା ଘଟେ, ତା'ର କାରଣ ଜାଣିବା ପାଇଁ ବିଶ୍ୱର ସମସ୍ତ ବିମାନ ଅନୁସନ୍ଧାନକାରୀ ସଂସ୍ଥାଗୁଡ଼ିକର ମୁଖ୍ୟ ଧ୍ୟାନ ଥାଏ ବିମାନର ବ୍ଲାକ ବକ୍ସ ଉପରେ। ଅନ୍ତର୍ଜାତୀୟ ବେସାମରିକ ବିମାନ ଚଳାଚଳ ସଂଗଠନର ନିୟମ ଅନୁସାରେ କୌଣସି ବିମାନରେ ବ୍ଲାକ ବକ୍ସ ସ୍ଥାନିତ ହେବା ନିହାତି ଜରୁରୀ। ଏହା ଅତ୍ୟାଧୁନିକ ବିମାନ ଉଡ଼ାଣ ବିଜ୍ଞାନର ଏକ ଅବିଭାଜ୍ୟ ଉପକରଣ। ଏହା ଦୁର୍ଘଟଣା ସଂକ୍ରାନ୍ତୀୟ ବହୁ ମହତ୍ତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିବା ସଙ୍ଗେ ସଙ୍ଗେ ଅଗ୍ରାଧିକାରଭିତ୍ତିରେ ବିମାନ ଚାଳନା ନିୟମ ଓ ସୁରକ୍ଷା ମାନଦଣ୍ଡ ପ୍ରସ୍ତୁତିରେ ସାହାଯ୍ୟ କରିଥାଏ। ଏହା ମଧ୍ୟ ମାନବଜନିତ ତ୍ରୁଟି ସମ୍ପର୍କରେ ଠିକ୍ ସୂଚନା ଦେଇଥାଏ ଯାହା ଭବିଷ୍ୟତରେ ଏଭଳି ଦୁର୍ଘଟଣା ରୋକିବା ଦିଗରେ ସହାୟକ ହୋଇଥାଏ।

ବ୍ଲାକ ବକ୍ସ ଦୃଢ଼ ଭାବରେ ତିଆରି ଏକ ଅତ୍ୟାଧୁନିକ ଯନ୍ତ୍ର, ଯାହା ବିମାନ ଉଡ଼ାଣ ସମୟର ସମସ୍ତ ତଥ୍ୟ ଓ କକ୍‌ପିଟରେ ହେଉଥିବା ପାଇଲଟଙ୍କ କଥାବାର୍ତ୍ତାକୁ ରେକର୍ଡ କରେ। ଏହି ତଥ୍ୟ ବିମାନ ଚାଳନା, ତ୍ରୁଟି ଓ ଅନ୍ୟାନ୍ୟ ଯାନ୍ତ୍ରିକ ଅନୁସନ୍ଧାନ କ୍ଷେତ୍ରରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ବ୍ଲାକ ବକ୍ସର ମୁଖ୍ୟତଃ ଦୁଇଟି ଅଂଶ ଥାଏ, ଯାହା ନିମ୍ନରେ ସୂଚନା ଦିଆଗଲା :

### ୧. ଫ୍ଲାଇଟ ଡାଟା ରେକର୍ଡର

ଫ୍ଲାଇଟ ଡାଟା ରେକର୍ଡର ଏକ ଇଲେକ୍ଟ୍ରୋନିକ୍ ଉପକରଣ ଯାହା ବିମାନର ଯେକୌଣସି ବିଭାଗକୁ ପ୍ରେରିତ ଇଲେକ୍ଟ୍ରୋନିକ ସଙ୍କେତକୁ ନିରବଚ୍ଛିନ୍ନ ଭାବେ ରେକର୍ଡ କରି ରଖିଥାଏ। ଏହାଦ୍ୱାରା ଉଡ଼ାଣର ପ୍ରତିଟି ମୁହୂର୍ତ୍ତରେ ବିମାନର ଉଚ୍ଚତା, ବେଗ, ଚାଳନା ଦିଗ, ଗତିପଥ, ବ୍ରେକିଂ ସିଷ୍ଟମ, ଇଞ୍ଜିନ ଭଳି ଅଂଶରୁ ଏକାଧିକ ଯାନ୍ତ୍ରିକ ତଥ୍ୟ ପ୍ରତି ମିନିଟ ଅନୁସାରେ ଜଣାପଡ଼େ। ଏଥିରେ ତଥ୍ୟ କ୍ରମାଗତ ଭାବେ ୧୭ରୁ ୨୫ ଘଣ୍ଟା ସମୟ ପର୍ଯ୍ୟନ୍ତ ରେକର୍ଡିଙ୍ଗ ହୋଇ ରହିପାରେ।


### ୨. କକ୍‌ପିଟ ଭଏସ୍ ରେକର୍ଡର

କକ୍‌ପିଟ ଭଏସ୍ ରେକର୍ଡର (ସିଭିଆର୍) ଯନ୍ତ୍ର ବିମାନର କକ୍‌ପିଟ ମଧ୍ୟରେ ହେଉଥିବା କଥାବାର୍ତ୍ତା, ନିର୍ଗତ ଧ୍ୱନି, ବିପଦ ସଙ୍କେତ ଏବଂ ପାଇଲଟ ଓ ସହପାଇଲଟଙ୍କ ଆଲୋଚନାକୁ ରେକର୍ଡ କରିଥାଏ। ଏଥିରେ ତଥ୍ୟ କ୍ରମାଗତ ଭାବେ ୨ ଘଣ୍ଟା ସମୟ ପର୍ଯ୍ୟନ୍ତ ରେକର୍ଡିଂ ହୋଇ ରହିପାରେ। ବ୍ଲାକ ବକ୍ସରେ ଏ ଦୁଇଟି ଯାକ ଯନ୍ତ୍ରାଂଶକୁ କେବଳ ଗୋଟିଏ ଉପକରଣରେ ମଜଭୁତ ଭାବେ ଖଞ୍ଜା ଯାଇଥାଏ।

### ଇତିହାସ

ଜଣେ ଅଷ୍ଟ୍ରେଲୀୟ ବୈଜ୍ଞାନିକ ଡ. ଡେଭିଡ ୱାରେନ (୧୯୨୫-୨୦୧୦) ବିଶ୍ୱର ପ୍ରଥମ ଫ୍ଲାଇଟ ରେକର୍ଡର ଯନ୍ତ୍ର ବିକଶିତ କରିଥିଲେ। ସେ ୧୯୫୩ରେ ମେଲବୋର୍ଣ୍ଣରେ 'ପ୍ରତିରକ୍ଷା ବିଜ୍ଞାନ ଏବଂ ପ୍ରଯୁକ୍ତି ସଂଗଠନ'ର ଏରୋନଟିକାଲ ଗବେଷଣା ପ୍ରୟୋଗଶାଳା (ଏଆର୍‌ଏଲ୍)ରେ କାର୍ଯ୍ୟ କରୁଥିବା ସମୟରେ ଏକ ଉପକରଣ ପରିକଳ୍ପନା କରିଥିଲେ ଯାହା ବିମାନ ଉଡ଼ାଣ ସମୟର ତଥ୍ୟ କେବଳ ଯାନ୍ତ୍ରିକ ପାଠ୍ୟାଙ୍କରେ ପ୍ରଦାନ କରିବ ନାହିଁ; ବରଂ କକ୍‌ପିଟରେ ଶୁଣା ଯାଉଥିବା ଧ୍ୱନିଗୁଡ଼ିକୁ ମଧ୍ୟ ରେକର୍ଡ କରି ରଖି ପାରିବ। ସୂଚନାଯୋଗ୍ୟ ଯେ, ତାଙ୍କର ପିତା ଅତୀତରେ ଏକ ବିମାନ ଦୁର୍ଘଟଣାରେ ପ୍ରାଣ ହରେଇଥିଲେ; ତେଣୁ ସେ ବିମାନର ସୁରକ୍ଷା ବ୍ୟବସ୍ଥା ବିକଶିତ କରିବା ନିମନ୍ତେ ଆଗ୍ରହ ପ୍ରକାଶ କରିଥିଲେ। ସେ ପରବର୍ତ୍ତୀ ବର୍ଷ 'ବିମାନ ଦୁର୍ଘଟଣାର ତଦନ୍ତରେ ସହାୟକ ଉପକରଣ' ଶୀର୍ଷକ ଏକ ସନ୍ଦର୍ଭ ପ୍ରକାଶ କରିଥିଲେ।

ୱାରେନ ୧୯୫୬ ମସିହାରେ 'ଦି ଏଆର୍‌ଏଲ୍ ଫ୍ଲାଇଟ ମେମୋରି ୟୁନିଟ' ନାମକ ଏକ ଫ୍ଲାଇଟ ଡାଟା ରେକର୍ଡର (ଏଫ୍‌ଡିଆର୍) ଉପକରଣର ପ୍ରତିକୃତି ନିର୍ମାଣ କରିଥିଲେ ଏବଂ ୧୯୫୮ ମସିହାରେ ସେ ପ୍ରଥମ ଏକକବଦ୍ଧ ଏଫ୍‌ଡିଆର୍/ସିଭିଆର୍ ଏକକ ନିର୍ମାଣ କରିଥିଲେ। ଏହି ଉପକରଣକୁ ନାଗରିକ ବିମାନର ଉଡ଼ାଣକୁ ଧ୍ୟାନରେ ରଖି ଦୁର୍ଘଟଣା ପରବର୍ତ୍ତୀ ପରୀକ୍ଷା ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଯାଇଥିଲା। ବିଶ୍ୱର ଅନେକ ପ୍ରମୁଖ ବିମାନ କର୍ତ୍ତୃପକ୍ଷ ପ୍ରଥମେ ଏହି ଉପକରଣରେ ଆଗ୍ରହୀ ନ ଥିଲେ। କିନ୍ତୁ ୧୯୫୮ ମସିହାରେ ବ୍ରିଟିଶ ଏୟାର ପଞ୍ଜୀକରଣ ବୋର୍ଡର ସଚିବ ସାର୍ ରବର୍ଟ ହାର୍ଡିଂହାମ 'ଏଆରଏଲ୍' ପରିଦର୍ଶନ କରିଥିଲେ ଏବଂ ଡେଭିଡ ୱାରେନଙ୍କ ସହ ପରିଚିତ ହୋଇଥିଲେ। ସେ ୱାରେନଙ୍କ ଏହି ଉଦ୍ଭାବନର ଗୁରୁତ୍ୱକୁ ଅନୁଭବ କରି ସେଥିରେ ପ୍ରଭାବିତ ହୋଇଥିଲେ ଏବଂ ୱାରେନଙ୍କୁ ବ୍ରିଟେନରେ ଏହି ପ୍ରତିକୃତି ପ୍ରଦର୍ଶନ କରିବା ପାଇଁ ଆମନ୍ତ୍ରଣ କରିଥିଲେ।




ୱାରେନଙ୍କୁ ବାୟୁବାହିତ ପର୍ଯ୍ୟାୟରେ ଏକ ପ୍ରତିକୃତି ବିକଶିତ କରିବାରେ ସାହାଯ୍ୟ କରିବା ପାଇଁ ଏଆରଏଲ ଏକ ଇଞ୍ଜିନିୟରିଂ ଦଳକୁ ନିଯୁକ୍ତ କରିଥିଲା। ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟର ଲେନ ସିଅର, ୱାଲି ବୋସୱେଲ ଏବଂ କେନ ଫ୍ରେଜରଙ୍କୁ ନେଇ ଗଠିତ ଏହି ଦଳ ଏକ କାର୍ଯ୍ୟକ୍ଷମ ଡିଜାଇନ ବିକଶିତ କରିଥିଲା। ଏଥିରେ ଏକ ଅଗ୍ନି-ପ୍ରତିରୋଧୀ ଏବଂ ଆଘାତ-ପ୍ରତିରୋଧୀ ବାକ୍ସ, ଗୋଟିଏ ଯନ୍ତ୍ରରେ ହିଁ ବିମାନ ଉଡ଼ାଣର ପାଠ୍ୟାଙ୍କ ଏବଂ ଧ୍ୱନିକୁ ଏନକୋଡିଂ ଏବଂ ରେକର୍ଡ କରିବା ପାଇଁ ଏକ ନିର୍ଭରଯୋଗ୍ୟ ବ୍ୟବସ୍ଥା ଏବଂ ଏକ ଭୂମି-ଆଧାରିତ ଡିକୋଡିଂ ଉପକରଣ ଅନ୍ତର୍ଭୁକ୍ତ ଥିଲା। ଏପରି ଏଆର୍‌ଏଲ୍ ସିଷ୍ଟମକୁ ମିଡିଲସେକ୍ସର ଏକ ବ୍ରିଟିଶ କମ୍ପାନୀ ଏସ୍.ଆଇ. ଡାଭାଲ ଆଣ୍ଡ୍ ସନ୍ସ ଲିମିଟେଡ ନିର୍ମାଣ କରିଥିଲା। ଏହାକୁ ନିଜର ଆକାର ଏବଂ ଉଜ୍ଜ୍ୱଳ ଲାଲ ରଙ୍ଗ ଯୋଗୁ 'ରେଡ୍ ଏଗ୍' ନାମ ଦିଆଯାଇଥିଲା। ପରବର୍ତ୍ତୀ ୧୯୬୫ ମସିହାରେ ଏଥିରେ ଥିବା ଏକକଗୁଡ଼ିକୁ ପୁନଃ ଡିଜାଇନ କରାଯାଇଥିଲା ଏବଂ ଦୁର୍ଘଟଣା ପରେ ତଥ୍ୟର ସଫଳ ପୁନରୁଦ୍ଧାରର ସମ୍ଭାବନା ବୃଦ୍ଧି କରିବା ପାଇଁ ଏହାକୁ ବିମାନର ପଛଭାଗକୁ ସ୍ଥାନାନ୍ତରିତ କରାଯାଇଥିଲା।

### ବ୍ଲାକ ବକ୍ସ କ'ଣ ପ୍ରକୃତରେ କଳା ରଙ୍ଗର?


ଏୟାରବସ୍ ୱେବ୍‌ସାଇଟ ଅନୁଯାୟୀ, ଡେଭିଡ ୱାରେନଙ୍କ ଉଦ୍ଭାବନର ବହୁ ପୂର୍ବରୁ, ଜଣେ ଫରାସୀ ଇଞ୍ଜିନିୟର ଫ୍ରାଙ୍କୋଇସ ହୁସେନଟ ୧୯୩୦ ଦଶକରେ ଏକ ଡାଟା ରେକର୍ଡିଂ ସିଷ୍ଟମ ବିକଶିତ କରିଥିଲେ। ତାଙ୍କ ଡିଭାଇସ କିଛି ସେନ୍ସର ବ୍ୟବହାର କରି ଉଡ଼ାଣ ସମ୍ପର୍କୀୟ ପ୍ରାୟ ଦଶଟି ବିବରଣୀ ଏକ ଫଟୋଗ୍ରାଫି ଫିଲ୍ମର ପଟି ଉପରେ ପ୍ରକ୍ଷେପଣ କରି ଲିପିବଦ୍ଧ କରିଥିଲା। ଏହି ଫିଲ୍ମକୁ ଏକ ଆଲୋକ ନିରୋଧୀ ପାତ୍ର ମଧ୍ୟରେ ସଂରକ୍ଷିତ କରି ରଖାଯାଇଥିଲା। ଏହାର ଆଲୋକ-ନିରୋଧୀ ନିର୍ମାଣଶୈଳୀ ହେତୁ ପାତ୍ରଟିକୁ ସେତେବେଳେ 'କଳା ବାକ୍ସ' ବା 'ବ୍ଲାକ ବକ୍ସ' ବୋଲି କୁହାଯାଉଥିଲା।

ବ୍ଲାକ ବକ୍ସର ରଙ୍ଗ କଦାପି କଳା ନୁହେଁ; ବରଂ ଏହା ଉଜ୍ଜ୍ୱଳ କମଳା ରଙ୍ଗର ହୋଇଥାଏ। ଏହି ଆକର୍ଷକ ରଙ୍ଗ ଦୁର୍ଘଟଣାସ୍ଥଳରେ ଏହାକୁ ସହଜରେ ଖୋଜିବାକୁ ସହାୟକ ହୋଇଥାଏ। ଏହି ଯନ୍ତ୍ରଟି ସାଧାରଣତଃ ବିମାନର ପଶ୍ଚାତଭାଗରେ ଖଞ୍ଜା ଯାଇଥାଏ; କାରଣ ଦୁର୍ଘଟଣା ସମୟରେ ବିମାନର ପଛ ଅଂଶ ସାଧାରଣତଃ ଅପେକ୍ଷାକୃତ ସୁରକ୍ଷିତ ରହିଥାଏ। ଏହାକୁ ଦୁର୍ଘଟଣା ଜନିତ ପ୍ରଚଣ୍ଡ ଆଘାତ, ଉଚ୍ଚ ତାପମାତ୍ରା ଓ ଜଳଭାଗ ଭଳି ପ୍ରତିକୂଳ ପରିସ୍ଥିତି ସହନ କରି ଯଥେଷ୍ଟ ସମୟ ପର୍ଯ୍ୟନ୍ତ ସୁରକ୍ଷିତ ରଖିବା ଉଦ୍ଦେଶ୍ୟରେ ମଜଭୁତ କରି ନିର୍ମାଣ କରାଯାଇଥାଏ। ଏହି ଯନ୍ତ୍ରଟି ଉଡ଼ାଣ ସମ୍ବନ୍ଧୀୟ ତଥ୍ୟଗୁଡ଼ିକୁ ଧ୍ୱନି ଓ ସଙ୍କେତ ରୂପରେ ସଞ୍ଚିତ ରଖିଥାଏ। ଯେତେବେଳେ ବିମାନ ଦୁର୍ଘଟଣା ଘଟେ, ଦୁର୍ଘଟଣାର କାରଣ ଜାଣିବା ପାଇଁ ବ୍ଲାକ ବକ୍ସକୁ ଖୋଜାଯାଏ ଏବଂ ସେଥିରେ ସଞ୍ଚିତ ତଥ୍ୟକୁ ଅନୁଧ୍ୟାନ ଓ ବିଶ୍ଳେଷଣ କରାଯାଏ।

ବ୍ଲାକ ବକ୍ସ ଏକ ଛୋଟ ଉପକରଣ ହେଲେ ମଧ୍ୟ ବାସ୍ତବିକ କ୍ଷେତ୍ରରେ ଏହାର ଭୂମିକା ଅପାର। ବିମାନ ଦୁର୍ଘଟଣା ପରେ ଏହାର କାରଣକୁ ଖୋଜିବା ପାଇଁ ବ୍ଲାକ ବକ୍ସ ଏକ ମୂକସାକ୍ଷୀ ରୂପେ କାର୍ଯ୍ୟ କରିଥାଏ। ଏହା ବିମାନ ଚାଳନା ସୁରକ୍ଷା ବ୍ୟବସ୍ଥାର ଏକ ମହତ୍ତ୍ୱପୂର୍ଣ୍ଣ ଅଙ୍ଗ। ତେବେ ସାଂପ୍ରତିକ ପରିସ୍ଥିତିରେ ବ୍ଲାକ ବକ୍ସର ଉଦ୍ଧାର ଦ୍ୱାରା ଦୁର୍ଘଟଣାଗ୍ରସ୍ତ ବୋଇଂ ଡ୍ରିମଲାଇନର୍ ୭୮୭-୮ ବିମାନ ଦୁର୍ଘଟଣାର ରହସ୍ୟ ଉଦ୍‌ଘାଟନ ହୋଇପାରିବ ବୋଲି ଆଶା କରାଯାଏ।

-ଏଜୁକେସନ ଅଫିସର,
ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର,
ଆଚାର୍ଯ୍ୟ ବିହାର, ଭୁବନେଶ୍ୱର
ମୋ : ୮୯୧୭୬୩୭୯୭୪

## ଅସନ୍ତୁଳିତ ଜୀବନଶୈଳୀ ବଢ଼ାଏ ଷ୍ଟ୍ରୋକ୍ ଆଶଙ୍କା




ଆଜିକାଲିର ବ୍ୟସ୍ତମୟ ଜୀବନରେ ନିଜ ଜୀବନଶୈଳୀକୁ ସନ୍ତୁଳିତ ରଖିବା ହୁଏତ ଏତେଟା ସହଜ ହୋଇ ନ ପାରେ, ହେଲେ ଏଥିପ୍ରତି ଆମକୁ ଦୃଷ୍ଟି ଦେବାକୁ ପଡିବ। କାରଣ ଏହା ଯଦି ଅସନ୍ତୁଳିତ ରହିଲା, ତେବେ ତାହା ଷ୍ଟ୍ରୋକ୍ ଭଳି ଗୁରୁତର ସମସ୍ୟାର କାରଣ ସାଜିପାରେ। ଏ ନେଇ ନିକଟରେ ଲଣ୍ଡନ ୟୁନିଭର୍ସିଟିର ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି। ଅଧିକାଂଶ ସମୟ ଅସନ୍ତୁଳିତ ଜୀବନ କଟାଉଥିବା କେତେଜଣ ବ୍ୟକ୍ତିଙ୍କୁ ସେମାନେ ଏହି ସର୍ଭେ ପରିସରଭୁକ୍ତ କରିଥିଲେ। ଏହି ସମୟରେ ସେମାନେ ଏହାଦ୍ୱାରା କେଉଁ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଉଛି ତାହାକୁ ତର୍ଜମା କରିଥିଲେ। ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୩୦ ପ୍ରତିଶତ ବ୍ୟକ୍ତିଙ୍କ ଠାରେ ଷ୍ଟ୍ରୋକ୍‌ର ପ୍ରାରମ୍ଭିକ ଲକ୍ଷଣ ଦେଖିବାକୁ ମିଳିଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେଣୁ ଏହାଠାରୁ ଦୂରେଇ ରହିବା ଲାଗି ନିଜର ଜୀବନଶୈଳୀକୁ ପ୍ରଥମେ ସନ୍ତୁଳିତ ରଖିବାକୁ ସେମାନେ ପରାମର୍ଶ ଦେଇଛନ୍ତି।

## ସ୍ମରଣଶକ୍ତି ବଢ଼ାଏ ମହୁ




ମହୁ ଖାଇଲେ ତାହାର ଅନେକ ସୁପ୍ରଭାବ ଶରୀର ଉପରେ ପଡ଼ିଥାଏ। ଏକ ସଦ୍ୟତମ ଅଧ୍ୟୟନରୁ ଜଣାପଡ଼ିଛି ଯେ ନିୟମିତ ମହୁ ଖାଇଲେ ତାହା ସ୍ମରଣଶକ୍ତିକୁ ଆହୁରି ଦୃଢ଼ କରିଥାଏ। ସ୍ମରଣଶକ୍ତିଜନିତ ସମସ୍ୟା ସହ ଜଡ଼ିତ କେତେକ ବ୍ୟକ୍ତି କପରି ଏଥିରୁ ରକ୍ଷା ପାଇବେ ସେ ନେଇ ସେମାନଙ୍କୁ ପ୍ରତିଦିନ କିଛିକିଛି ମହୁ ଖାଇବାକୁ ୟୁନିଭର୍ସିଟି ଅଫ ଟୋକିଓର ବିଶେଷଜ୍ଞମାନେ ପରାମର୍ଶ ଦେଇଥିଲେ। ଅନ୍ୟପକ୍ଷରେ ନିୟମିତ ସମୟ ବ୍ୟବଧାନରେ ଏହାଦ୍ୱାରା ସେମାନଙ୍କର ସ୍ମରଣଶକ୍ତିରେ କେଉଁ ପ୍ରକାର ପରିବର୍ତ୍ତନ ହେଉଛି ତାହାକୁ ଲକ୍ଷ୍ୟ କରାଯାଉଥିଲା। ନିୟମିତ ମହୁ ଖାଇବା ଦ୍ୱାରା ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପାଖାପାଖି ୪୦ ପ୍ରତିଶତ ବ୍ୟକ୍ତିଙ୍କର ସ୍ମରଣଶକ୍ତି ବୃଦ୍ଧି ପାଉଥିବାର ଜଣାପଡ଼ିଥିଲା। କେବଳ ସେତିକି ନୁହେଁ, ଏହାଦ୍ୱାରା ଓଜନ କେତେକାଂଶରେ ସନ୍ତୁଳିତ ରହିଥାଏ। ଏହାର ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ରହିଛି। ଉଚ୍ଚ ରକ୍ତଚାପକୁ ଏହା କେତେକାଂଶରେ ସନ୍ତୁଳିତ ରଖେ। ରକ୍ତହୀନତା ସମସ୍ୟା ଭୋଗୁଥିବା ରୋଗୀମାନଙ୍କ ପାଇଁ ମହୁ ବେଶ୍ ହିତକର।

## ସକ୍ରିୟ ରହିବ ପାଚନ କ୍ରିୟା




ଆମର ପାଚନ କ୍ରିୟା ସବୁବେଳେ ସକ୍ରିୟ ରହିବା ନିହାତି ଦରକାର। ନ ହେଲେ ତାହା କେତେକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ। ପାଚନକ୍ରିୟା ଏପଟସେପଟ ହେଲେ ବଦହଜମି ବା ଇନଡାଇଜେଶନ ବ୍ୟତୀତ ପେଟ ରୋଗର ସମ୍ମୁଖୀନ ହେବାକୁ ପଡିଥାଏ। ଏହାକୁ ସନ୍ତୁଳିତ ରଖିବା ପାଇଁ କେତୋଟି ବିଷୟ ପ୍ରତି ଧ୍ୟାନ ଦେବା ନିହାତି ଆବଶ୍ୟକ। ସବୁବେଳେ ପୋଷକତତ୍ତ୍ୱଯୁକ୍ତ ଖାଦ୍ୟ ଖାଆନ୍ତୁ। ଏବେ ତ ବର୍ଷାଦିନ। ଏହି ସମୟରେ ଅଧିକ ସାଲାଡ୍ ଖାଆନ୍ତୁ ନାହିଁ। କାରଣ ଏହା ପାଚନକ୍ରିୟାକୁ ପ୍ରଭାବିତ କରିବାର ଆଶଙ୍କା ରହିଛି। ବାହାର ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ। କାରଣ ଏଗୁଡ଼ିକର ଖରାପ ପ୍ରଭାବ ପାଚନ କ୍ରିୟା ଉପରେ ପଡ଼ିଥାଏ। ପାଚନ କ୍ରିୟାକୁ ସକ୍ରିୟ ରଖିବା ଲାଗି ପ୍ରଚୁର ପାଣି ପିଅନ୍ତୁ। ଅଧିକ ମସଲା ଏବଂ ମାଛ ମାଂସ ଖାଇଲେ ତାହାର ପ୍ରଭାବ ପାଚନ କ୍ରିୟା ଉପରେ ପଡିଥାଏ। ତେଣୁ ଏହାକୁ ସୀମିତ ରଖିବାକୁ ଚେଷ୍ଟା କରନ୍ତୁ।

## କିପରି ନେବେ ଆଖିର ଯତ୍ନ



ଆଖିର ଯତ୍ନ ନେବାକୁ ହେଲେ କେତୋଟି ପ୍ରମୁଖ ବିଷୟ ପ୍ରତି ଦୃଷ୍ଟି ଦେବାକୁ ପଡିଥାଏ। ଆଖିକୁ ସୁସ୍ଥ ରଖିବା ପାଇଁ ନିଜ ଜୀବନଶୈଳୀର ପରିବର୍ତ୍ତନ ଆଣିବା ସହ ଭିଟାମିନ୍ ଏ, ବି ଓ ସି'ଯୁକ୍ତ ଖାଦ୍ୟ ଖାଇବା ଦରକାର। ଗାଜର, ସବୁଜ ପନିପରିବା ଓ ଟଟକା ଫଳ ମୂଳରେ ଏସବୁ ଭରି ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନିଶାଦ୍ରବ୍ୟ ସେବନ ଠାରୁ ନିଜକୁ ଦୂରେଇ ରଖନ୍ତୁ। ଏଭଳି ଅଭ୍ୟାସ ତୁରନ୍ତ ବର୍ଜନ କରନ୍ତୁ। ଡାଇବେଟିସ୍ ବା ମଧୁମେହ ଓ ଉଚ୍ଚରକ୍ତଚାପ ଥିଲେ ଉପଯୁକ୍ତ ଔଷଧ ସେବନ କରିବା ସହ ନିୟମିତ ସମୟ ବ୍ୟବଧାନରେ ଆଖି ଚେକ୍‌ଅପ୍ କରିବା ଜରୁରୀ। ଆଖି ଉପରେ ଯେପରି ଅଧିକ ଚାପ ନ ପଡେ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ। ଯଦି ସବୁବେଳେ କମ୍ପ୍ୟୁଟରରେ କାମ କରୁଛନ୍ତି ତେବେ ନିୟମିତ ସମୟ ଅନ୍ତରାଳରେ ମୁହଁ ଭଲ ଭାବରେ ଧୁଅନ୍ତୁ। ଯଦି ପୂର୍ବରୁ ଚଷମା ପିନ୍ଧୁଛନ୍ତି, ତେବେ ଦୃଷ୍ଟିଶକ୍ତି ଚେକ୍‌ଅପ୍ କରାଇ ନିଅନ୍ତୁ। ଯଦି କିଛି ଚକ୍ଷୁଜନିତ ସମସ୍ୟା ଦେଖାଦେଲା, ତେବେ ତାହାକୁ ଅବହେଳା ନ କରି ତୁରନ୍ତ ଅଭିଜ୍ଞ ଚକ୍ଷୁ ବିଶେଷଜ୍ଞଙ୍କ ନିକଟରେ ଆଖି ପରୀକ୍ଷା କରାଇ ନିଅନ୍ତୁ।

## ବୟସ୍କ ବ୍ୟକ୍ତି ଅଧିକାଂଶ ସମୟ ଏକୁଟିଆ ରହୁଥିଲେ...



ବୟସ ବଢ଼ିବା ସହ ଜଣେ ବ୍ୟକ୍ତିଙ୍କୁ ନିଜର ଖାଦ୍ୟପେୟ ଏବଂ ଜୀବନଶୈଳୀ ପ୍ରତି ସତର୍କ ରହିବାକୁ ପଡିଥାଏ। କାରଣ ଏହି ସମୟରେ ଅଧିକ ସ୍ୱାସ୍ଥ୍ୟଜନିତ ସମସ୍ୟା ଦେଖାଯିବାର ଆଶଙ୍କା ରହିଛି। କେତେଜଣ ବୟସ୍କ ବ୍ୟକ୍ତି ଏକୁଟିଆ ରହିଥାଆନ୍ତି। ଏହାର ପ୍ରଭାବ ସେମାନଙ୍କର ମାନସିକତା ଉପରେ ପଡିଥାଏ। ସବୁବେଳେ ଏକୁଟିଆ ରହିଲେ ଏଣ୍ଡୁଡେଣ୍ଡୁ ଭାବନା ମନକୁ ଆସେ, ଯାହାଦ୍ୱାରା ମନରୁ ଶାନ୍ତି ଧୀରେ ଧୀରେ ଅପସରି ଯାଏ। ଜଣେ ବୟସ୍କ ବ୍ୟକ୍ତି ସବୁବେଳେ ଏକୁଟିଆ ରହିଲେ ତାହା ମଧ୍ୟ କେତେକ ସ୍ୱାସ୍ଥ୍ୟ ସମସ୍ୟାକୁ ଡାକିଆଣିଥାଏ। ଏଭଳି ବିଷୟବସ୍ତୁକୁ ନେଇ ନିକଟରେ ୱାଶିଂଟନ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ଅଧିକାଂଶ ସମୟ ଏକୁଟିଆ ରହୁଥିବା ବୟସ୍କ ବ୍ୟକ୍ତିଙ୍କ ଜୀବନଶୈଳୀକୁ ତନ ତନ କରି ତର୍ଜମା କରାଯାଇଥିଲା। ଏଥିରୁ ଜଣାପଡିଥିଲା ଯେ, ଜଣେ ବୟସ୍କ ବ୍ୟକ୍ତି ଅଧିକାଂଶ ସମୟ ଏକୁଟିଆ ରହିଲେ ତାଙ୍କର ସ୍ମରଣ ଶକ୍ତି ପ୍ରଭାବିତ ହେବାର ଆଶଙ୍କା ରହିଛି। ତେଣୁ ଏକାକୀପଣ ଦୂର କରିବା ଲାଗି ସେମାନେ ମନ ପସନ୍ଦର ବହି ପଢ଼ିପାରନ୍ତି। ନିଜ ବୟସର ସାଙ୍ଗମାନଙ୍କ ସହ ସମୟ କାଟିଲେ ମନ ଖୁସି ରହେ।

## ସ୍ୱାସ୍ଥ୍ୟ ସୂଚନା

➢ସବୁବେଳେ ଏକ ରୁଟିନ୍ ଲାଇଫ ଅନୁସରଣ କରନ୍ତୁ। ଏହାଦ୍ୱାରା ଆମେ ନିଜକୁ କେତେକାଂଶରେ ସୁସ୍ଥ ରଖିପାରିବା।


➢ରାତ୍ରିଭୋଜନରେ ଯେତେ ହାଲୁକା ଖାଦ୍ୟ ଖାଇବେ ତାହା ସେତେ ଭଲ। କାରଣ ଏଭଳି ଖାଦ୍ୟ ଖାଇଲେ ତାହା ସହଜରେ ହଜମ ହୁଏ ଏବଂ ରାତିରେ ଭଲ ନିଦ ହୁଏ।

➢ମଧୁମେହ ବା ଡାଇବେଟିସ୍ ସମସ୍ୟା ସହ ଜଡିତ ଥିଲେ ନିୟମିତ ଔଷଧ ଖାଇବା ସହ ପ୍ରତିଦିନ ସକାଳେ ଅତିକମ୍‌ରେ ଅଧ ଘଣ୍ଟାଏ ଚାଲନ୍ତୁ। ତା' ସହ ନିଜର ଖାଦ୍ୟପେୟ ଏବଂ ଜୀବନଶୈଳୀ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଅନ୍ତୁ।

➢ଏପରି ଖାଦ୍ୟ ଖାଆନ୍ତୁ ନାହିଁ, ଯାହା ପରବର୍ତ୍ତୀ ସମୟରେ ମେଦ ବୃଦ୍ଧିର କାରଣ ହେବ। ଏଭଳି ସମସ୍ୟା ଯଦି ଦେଖାଦେଲା, ତେବେ ତାହା ପରୋକ୍ଷରେ ଆଉ କେତେକ ରୋଗକୁ ଆମନ୍ତ୍ରଣ କରିଥାଏ। ତେଣୁ ସବୁବେଳେ ନିଜ ଓଜନ ନିୟନ୍ତ୍ରଣରେ ରଖନ୍ତୁ।

➢ପ୍ରତିଦିନ ସକାଳୁ କିଛି ସମୟ ଷ୍ଟ୍ରେଚିଙ୍ଗ ଏକ୍ସରସାଇଜ କରନ୍ତୁ। ଏହାଦ୍ୱାରା ପାଚନ କ୍ରିୟା ଆହୁରି ସକ୍ରିୟ ହୋଇଥାଏ।

➢ନିଜକୁ ଚିନ୍ତାରୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ। କାରଣ ଏହା ଆପଣଙ୍କ ଜୀବନଶୈଳୀକୁ ପ୍ରଭାବିତ କରିଥାଏ।



## ସହଜରେ ଦୂର ହେବ ଅବସାଦ



କୁହାଯାଏ ଶରୀରକୁ ସୁସ୍ଥ ଓ ମଜଭୁତ ରଖିବାରେ ଉତ୍ତମ ଖାଦ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆମେ କେତେ ସୁସ୍ଥ ରହିବା ତାହା ଅନେକାଂଶରେ ନିଜର ଜୀବନଶୈଳୀ ଏବଂ ଖାଦ୍ୟପେୟ ଉପରେ ନିର୍ଭର କରିଥାଏ। ଯଦି ଜଣେ ବ୍ୟକ୍ତି ସବୁବେଳେ ସୁଷମ ଖାଦ୍ୟ ଖାଆନ୍ତି ତେବେ ସେ ନିଜକୁ ଅବସାଦଠାରୁ କେତେକାଂଶରେ ଦୂରେଇ ରଖିପାରିବେ ବୋଲି ଦୃଢ଼ୋକ୍ତି ବ୍ୟକ୍ତ କରିଛନ୍ତି ବର୍ଲିନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ। ଏଭଳି ସିଦ୍ଧାନ୍ତରେ ପହଞ୍ଚିବା ପୂର୍ବରୁ ସେମାନେ ଅବସାଦ ସହ ଜଡିତ କେତେ ଜଣ ବ୍ୟକ୍ତିଙ୍କୁ ସର୍ଭେ ପରିସରଭୁକ୍ତ କରିଥିଲେ। ଏହି ସମୟରେ ସେମାନଙ୍କର ଖାଦ୍ୟପେୟ ଏବଂ ଦୈନନ୍ଦିନ ଜୀବନଶୈଳୀକୁ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ତନ ତନ କରି ତର୍ଜମା କରିଥିଲେ। କେବଳ ସେତିକି ନୁହେଁ, ଏହି ସର୍ଭେ ସମୟରେ ଏମାନଙ୍କୁ ଏକ ସନ୍ତୁଳିତ ଜୀବନଶୈଳୀ ଅନୁସରଣ କରିବାକୁ ପରାମର୍ଶ ଦିଆଯାଇଥିଲା। ତା'ସହ ନିଜର ଖାଦ୍ୟପେୟ ପ୍ରତି ସତର୍କ ହେବାକୁ କୁହାଯାଇଥିଲା। ଅନ୍ୟପକ୍ଷରେ ନିୟମିତ ସମୟ ବ୍ୟବଧାନରେ ଏହାର କି ପ୍ରକାର ପ୍ରଭାବ ସେମାନଙ୍କ ଉପରେ ପଡୁଛି ତାହାକୁ ଲକ୍ଷ୍ୟ କରାଯାଉଥିଲା। ଏଥିଯୋଗୁଁ ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୫୦ ପ୍ରତିଶତ ନିଜକୁ ଅବସାଦଠାରୁ କେତେକାଂଶରେ ଦୂରେଇ ରଖିବାରେ ସକ୍ଷମ ହୋଇଥିଲେ ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ସବୁଜ ପନିପରିବା ଏବଂ ଫଳମୂଳ ଆଦି ସାମିଲ କରିବାକୁ ସେମାନେ ପରାମର୍ଶ ଦେଉଛନ୍ତି।

# ନିରାଶ କଲେ ଭାରତୀୟ ବୋଲର


ବ୍ରୁକ୍‌ଙ୍କ କ୍ୟାଚ ନେବାବେଳେ ବାଉଣ୍ଡରୀ ଲାଇନକୁ ମାଡ଼ିଯାଇଛନ୍ତି ସିରାଜ୍।



ଶତକ ହାସଲ ପରେ ହାରି ବ୍ରୁକ୍।

## ବ୍ରୁକ୍, ରୁଟ୍‌ଙ୍କ ଶତକ

ଲଣ୍ଡନ,୩।୮

ଇଂଲଣ୍ଡ ବିପକ୍ଷରେ ଚାଲିଥିବା ପଞ୍ଚମ ତଥା ଅନ୍ତିମ ଟେଷ୍ଟର ଦ୍ୱିତୀୟ ଇନିଂସରେ ଭାରତୀୟ ବୋଲରମାନେ ନିରାଶ କରିଛନ୍ତି। ପ୍ରଥମ ଇନିଂସରେ ଭାରତ ୨୨୪ ରନ କରିଥିବା ବେଳେ ଇଂଲଣ୍ଡ ୨୪୭ ରନ କରିଥିଲା। ପ୍ରଥମ ଇନିଂସ ଭିତ୍ତିରେ ୨୩ ରନ ପଛରେ ରହିଥିବା ଭାରତୀୟ ଦଳ ଦ୍ୱିତୀୟ ଇନିଂସରେ ୩୯୬ ରନରେ ଅଲଆଉଟ୍ ହୋଇଥିଲା। ଫଳରେ ୩୭୪ ରନ୍‌ର ବିଜୟ ନେଇ ଓହ୍ଲାଇଥିବା ଇଂଲଣ୍ଡ ଚତୁର୍ଥ ଦିନରେ ବର୍ଷା ବାଧକ ସାଜିଲା ବେଳକୁ ୭୬.୨ ଓଭରରେ ୬ ଉଇକେଟ ହରାଇ ୩୩୯ ରନ କରିଛି। ମ୍ୟାଚ୍ ବାଧାପ୍ରାପ୍ତ ହେଲା ବେଳକୁ ଜେମି ସ୍ମିଥ ୨ ଓ ଜେମି ଓଭରଟନ ବିନା ରନରେ ବ୍ୟାଟିଂ କରୁଛନ୍ତି। ଇଂଲଣ୍ଡକୁ ଜିତିବା ପାଇଁ ୩୫ ରନ୍ ଦରକାର ଥିବା ବେଳେ ହାତରେ ୪ ଉଇକେଟ ସୁରକ୍ଷିତ ରହିଛି।

ରବିବାର ତଥା ମ୍ୟାଚ୍‌ର ଚତୁର୍ଥ ଦିନ ଇଂଲଣ୍ଡ ତା'ର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୫୦/୧ରୁ ବ୍ୟାଟିଂ ଆରମ୍ଭ କରିଥିଲା। ପୂର୍ବଦିନ ଅପରାଜିତ ଥିବା ବ୍ୟାଟର ବେନ ଡକେଟ (୫୪) ଅର୍ଦ୍ଧଶତକ ପୂରଣ କରିବା ପରେ ପ୍ରସିଦ୍ଧ କ୍ରିଷ୍ଣାଙ୍କ ବଲରେ ସ୍ଲିପରେ ଲୋକେଶ ରାହୁଲଙ୍କ ହାତରେ କ୍ୟାଚ୍ ଆଉଟ୍ ହୋଇଥିଲେ। ସେହିଭଳି ଅଧିନାୟକ ଓଲି ପୋପ୍ (୨୭)ଙ୍କୁ ଏଲବିଡବ୍ଲ୍ୟୁ କରି ମହମ୍ମଦ ସିରାଜ ପାଭିଲିଅନ ବାଟ ଦେଖାଇଥିଲେ। ଏହାପରେ ରୁଟ୍ ଓ ହ୍ୟାରୀ ବ୍ରୁକ ଦଳୀୟ ସ୍କୋରକୁ ଆଗେଇ ନେଇଥିଲେ। ବ୍ରୁକ ୧୬ ରନରେ ବ୍ୟାଟିଂ କରୁଥିବା ବେଳେ ପ୍ରସିଦ୍ଧ କ୍ରିଷ୍ଣାଙ୍କ ଏକ ଶଟ ପିଚ୍ ବଲକୁ ଛକା ମାରିବାକୁ ଉଦ୍ୟମ କରିଥିଲେ। ମହମ୍ମଦ ସିରାଜ ବାଉଣ୍ଡ୍ରୀ ଲାଇନ୍‌ରେ ବଲକୁ କ୍ୟାଚ୍ କରିଥିଲେ। ହେଲେ କ୍ୟାଚ୍ ନେବା ପ୍ରକ୍ରିୟାରେ ସେ ବାଉଣ୍ଡ୍ରୀ ଲାଇନ୍‌କୁ ଟଚ କରି ଦେଇଥିଲେ, ଯାହାକି ମ୍ୟାଚ୍ ଲାଗି ଟର୍ଣ୍ଣିଂ ପଏଣ୍ଟ ସାବ୍ୟସ୍ତ ହୋଇଥିଲା। ରୁଟ୍ ଓ ବ୍ରୁକ ଚତୁର୍ଥ ଉଇକେଟ ପାଇଁ ୧୯୫ ରନ ଯୋଡ଼ି ଭାରତୀୟ ଦଳ ହାତରୁ ମ୍ୟାଚ୍ ଛଡ଼ାଇ ନେଇଥିଲେ। ବ୍ରୁକ (୧୧୧ ରନ୍, ୧୪ ଚୌକା ଓ ୨ ଛକା) ଶତକ ପୂରଣ କରିବା ପରେ ଆକାଶ ଦୀପଙ୍କ ବଲରେ ସିରାଜଙ୍କ ଦ୍ୱାରା କ୍ୟାଚ୍ ଆଉଟ୍ ହୋଇଥିଲେ। ଏହା ୨୬ ବର୍ଷୀୟ ବ୍ରୁକଙ୍କ ଲାଗି ଦଶମ ଟେଷ୍ଟ ଶତକ ଥିଲା। ସେହିଭଳି ରୁଟ୍ (୧୦୫ ରନ୍, ୧୨ ଚୌକା) ଶତକ ପୂରଣ କରିବା ପରେ ଆଉଟ୍ ହୋଇଥିଲା। ଏହା ତାଙ୍କ କ୍ୟାରିୟରର ୩୯ତମ ଟେଷ୍ଟ ଶତକ। ଜେକବ ବେଥେଲ ୫ ରନ କରି ପ୍ରସିଦ୍ଧଙ୍କ ବଲରେ ଆଉଟ୍ ହୋଇଥିଲେ। ଭାରତ ପକ୍ଷରୁ ପ୍ରସିଦ୍ଧ ୩ଟି, ସିରାଜ ୨ଟି ଓ ଆକାଶ ଗୋଟିଏ ଉଇକେଟ ହାତେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୨୨୪/ଅଲଆଉଟ୍। ଇଂଲଣ୍ଡ ପ୍ରଥମ ଇନିଂସ: ୨୪୭/ଅଲଆଉଟ୍। ଭାରତ ଦ୍ୱିତୀୟ ଇନିଂସ: ୩୯୬/ଅଲଆଉଟ୍। ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୭୬.୨ ଓଭରରେ ୩୩୯/୬ (ହ୍ୟାରୀ ବ୍ରୁକ–୧୧୧, ଜୋ ରୁଟ୍–୧୦୫, ବେନ ଡକେଟ–୫୪, ମହମ୍ମଦ ସିରାଜ–୨/୯୫, ଆକାଶ ଦୀପ–୧/୮୫, ପ୍ରସିଦ୍ଧ କ୍ରିଷ୍ଣା–୩/୧୦୯)।

# ସାହାଣୀ କପ୍ ଫୁଟ୍‌ବଲ: କଟକ ଚାମ୍ପିୟନ



ରନରଅପ୍ ସମ୍ବଲପୁର ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

କେନ୍ଦୁଝର, ୩।୮
(ନରେଶ ଚନ୍ଦ୍ର ପଟ୍ଟନାୟକ)

କଟକ ୬୪ତମ ସିନିୟର ପୁରୁଷ ଆନ୍ତଃଜିଲା ଫୁଟ୍‌ବଲ ଚାମ୍ପିୟନଶିପ୍ ଚାମ୍ପିୟନ ହୋଇଛି। ରବିବାର କେନ୍ଦୁଝର ଜିଲ୍ଲା ଷ୍ଟାଡିୟମରେ ପ୍ରତିଯୋଗିତାର ଦ୍ୱିତୀୟ ଫାଇନାଲ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ ୧–୧ଗୋଲ୍‌ରେ ଡ୍ର ରହିଥିଲା। କଟକ ତରଫରୁ ଲଖାଇ ମୁର୍ମୁ ଖେଳର ୪୦ତମ ମିନିଟ୍‌ରେ ଗୋଲ୍ ସ୍କୋର କରିଥିବା ବେଳେ ସମ୍ବଲପୁର ଦଳର ପ୍ରଶାନ୍ତ ମୁର୍ମୁ ୯୦ତମ ମିନିଟ୍‌ରେ ଏକ ଗୋଲ ସ୍କୋର କରି ମ୍ୟାଚକୁ ୧–୧ରେ ଅମିମାଂସିତ ରଖିଥିଲେ। ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ କଟକ ୨–୧ରେ ବିଜୟ ଲାଭ କରିଥିବାରୁ କଟକ ଏଗ୍ରିଗେଟ୍‌ରେ ୩–୨ ଗୋଲ୍‌ରେ ବିଜୟୀ ହୋଇଥିଲା।

ମୁଖ୍ୟଅତିଥି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଫୁଟବଲ ମାରି ମ୍ୟାଚ୍‌ର ଆରମ୍ଭ କରିଥିଲେ। କଟକ ଚାମ୍ପିୟନ ଦଳ ଭାବେ ଟ୍ରଫି ସହ ୧ଲକ୍ଷ ଟଙ୍କା ଏବଂ ସମ୍ବଲପୁର ରନର ଅପ୍ ଦଳ ଭାବେ ଟ୍ରଫି ସହ ୫୦,୦୦୦ ଟଙ୍କା ପୁରସ୍କାର ମୁଖ୍ୟମନ୍ତ୍ରୀଙ୍କଠାରୁ ଗ୍ରହଣ କରିଥିଲେ। ଏଥିସହିତ ସେ ଶହୀଦ ରାଜକିଶୋର ମୁଣ୍ଡାଙ୍କ ପତ୍ନୀ ସୁନିତା ମୁଣ୍ଡାଙ୍କୁ ସହାୟତା ରାଶି ପ୍ରଦାନ କରିଥିଲେ। ଏତଦ୍‌ବ୍ୟତୀତ ଗୌରୀଶଙ୍କର ସାହାଣୀ ଟ୍ରଷ୍ଟ ତରଫରୁ ସୁନିଲ ସାହୁ ସ୍ୱତନ୍ତ୍ର ଭାବେ ଚାମ୍ପିୟନ ଦଳକୁ ୨୫ ହଜାର ଏବଂ ରନରଅପ୍ ଦଳକୁ ୧୫ ହଜାର ଟଙ୍କା ପ୍ରଦାନ କରିଥିଲେ। ପ୍ରତିଯୋଗିତାର ଶ୍ରେଷ୍ଠ ଗୋଲ କିପର ଭାବେ କଟକର ସଞ୍ଜୟ ହେମ୍ବ୍ରମ, ଶ୍ରେଷ୍ଠ ରକ୍ଷଣ ଭାଗ ଖେଳାଳି ଭାବେ କଟକର ପ୍ରେମ ପିୟୁଷ ବାଗ, ଶ୍ରେଷ୍ଠ ମିଡ଼ ଫିଲଡର ଭାବେ ସମ୍ବଲପୁରର ବିନୟ କିଷାନ, ଶ୍ରେଷ୍ଠ ପୁରୋଭାଗ ଖେଳାଳି ଭାବେ କଟକର ପରାଗ ଟୁଡୁ ଏବଂ ମ୍ୟାନ ଅଫ୍ ଦି ଫାଇନାଲ ଭାବେ କଟକର ଲାଖାଇ ମୁର୍ମୁ ପୁରସ୍କୃତ ହୋଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଥିଲେ ତୃଣମୂଳ ସ୍ତରରେ କ୍ରୀଡାର ବିକାଶ ନିମନ୍ତେ ୩୧୪ଟି ବ୍ଲକସ୍ତରୀୟ ଷ୍ଟାଡିୟମ ନିର୍ମାଣ ପାଇଁ ୪ ହଜାର ୧୨୪ କୋଟି ଟଙ୍କା ବ୍ୟୟବରାଦ ହୋଇଛି ଏବଂ ବ୍ଲକସ୍ତରୀୟ ଷ୍ଟାଡିୟମ ସମୂହର ଭିତ୍ତିପ୍ରସ୍ତର ସ୍ଥାପନ ମଧ୍ୟ ହୋଇଛି। ସେ କହିଥିଲେ, କେନ୍ଦୁଝର, ସମ୍ବଲପୁର, ବ୍ରହ୍ମପୁର ଓ କୋରାପୁଟକୁ ସ୍ପୋର୍ଟ୍ସ ହବ ଭାବେ ବିକଶିତ କରାଯିବା ସହ ସାରା ରାଜ୍ୟରେ ବିଶ୍ୱସ୍ତରୀୟ ସୁବିଧା ଉପଲବ୍ଧ କରାଯାଉଛି। ରାଜ୍ୟ ସରକାର ରାଜ୍ୟରେ କ୍ରୀଡ଼ାର ଉନ୍ନତି ପାଇଁ ଅନେକ ପଦକ୍ଷେପ ଗ୍ରହଣ କରୁଛନ୍ତି। କ୍ରୀଡ଼ାକୁ ଯୁବସମାଜର ଜୀବନଶୈଳୀର ଅବିଚ୍ଛେଦ୍ୟ ଅଙ୍ଗରେ ପରିଣତ କରିବା ପାଇଁ ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରାଯାଉଛି। ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇଥିବା ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଓଡ଼ିଶା ସରକାରଙ୍କ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସଭାପତି ତଥା ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, କେନ୍ଦୁଝର ପାଟନା ବିଧାୟକ ଅଖିଳ ଚନ୍ଦ୍ର ନାୟକ, ଜିଲାପାଳ ବିଶାଲ ସିଂ, କେନ୍ଦୁଝର ପୋଲିସ ଏସ୍‌ପି ନିତୀନ କୁଶାଲ କର ଫାଓ ଉପସଭାପତି ସହଦେବ ରାଉତ, ଭଦ୍ରକ ଜିଲା ଆଥ୍‌ଲେଟିକ୍ ଆସୋସିଏଶନ ସମ୍ପାଦକ ଧୀରେନ ପଲାଇ ପ୍ରମୁଖ ଅନ୍ୟତମ।

SPOT ADMISSION NOTICE
RCEM
Since 1993
Established as a premier B-School providing only Management Education in the heart of the city Bhubaneswar
Admission opens for
MBA & MBA(I)
2 Years Full Time Intake 240 | 2 Years Full Time Intake 60
Apprvoed by AICTE,Govt.of India,Affiliated to BPUT,Rourkela and Accredited by NAAC B++
Excellent Training & Placements facilities
Contact : 09861152922, 09338087530
Plot No. - 18, Sec.-A, Zone-B, Mancheswar IE., Bhubaneswar

## ବିପର୍ଯ୍ୟୟ ଘଟାଇଲେ ଏମ୍‌ବୋକୋ

ମଣ୍ଟ୍ରିଲ, ୩।୮ (ଏପି)

କାନାଡାର ସ୍ୱଳ୍ପ ବୟସ୍କାର ଭିକ୍ଟୋରିଆ ଏମ୍‌ବୋକୋ ଏଠାରେ ଚାଲିଥିବା ନ୍ୟାଶନାଲ ବ୍ୟାଙ୍କ୍ ଓପନ ଟେନିସ ଟୁର୍ନାମେଣ୍ଟରେ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ସେ ଟପ୍ ସିଡ୍ କୋକୋ ଗଫ୍‌ଙ୍କୁ ୬–୧, ୬–୪ ସେଟ୍‌ରେ ହରାଇ ମହିଳା ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ୧୮ ବର୍ଷୀୟା ଏମ୍‌ବୋକୋ ହେଉଛନ୍ତି ବିଶ୍ୱର ୮୫ ର୍‍ୟାଙ୍କିଂପ୍ରାପ୍ତ ଖେଳାଳି। ୧ ଘଣ୍ଟା ୨୨ ମିନିଟ ଧରି ଅନୁଷ୍ଠିତ ଏହି ମ୍ୟାଚରେ ୨୧ ବର୍ଷୀୟା ଗଫ୍‌ଙ୍କର ୨୪ ଅନିୟନ୍ତ୍ରିତ ତ୍ରୁଟି ଥିଲା। କ୍ୱାର୍ଟରଫାଇନାଲରେ ସେ ଚାଇନାର ଲିନ୍ ଝୁଙ୍କ ସହ ମୁକାବିଲା କରିବେ। ଲିନ୍ ଝୁ ସ୍ପେନର ବୋଜାସ୍ ମାନିରୋଙ୍କୁ ୬–୪, ୭–୬ (୭/୩)ରେ ପରାଜିତ କରିଥିଲେ। ସୂଚନାଯୋଗ୍ୟ, ଗଫ୍ ଏହା ପୂର୍ବରୁ ମେ ମାସରେ ରୋମରେ ଏମ୍‌ବୋକୋଙ୍କୁ ୩–୬, ୬–୨, ୬–୧ରେ ହରାଇ ଦେଇଥିଲେ। ପୂର୍ବରୁ ୨୪ତମ ସିଡ୍ ୟୁକ୍ରେନର ମାର୍ଟା କୋଷ୍ଟ୍ୟୁକ୍ ଓ ୯ମ ସିଡ୍ କାଜାଖସ୍ତାନର ଏଲିନା ରିବାକିନା ସେମାନଙ୍କ ମ୍ୟାଚ ଜିତିବା ପରେ ପରସ୍ପରକୁ କ୍ୱାର୍ଟରଫାଇନାଲରେ ଭେଟିବାକୁ ଯାଉଛନ୍ତି। କୋଷ୍ଟ୍ୟୁକ୍ ଆମେରିକାର ମ୍ୟାକ୍‌କାର୍ଟିନୀ କେଲସରଙ୍କୁ ୫–୭, ୬–୩, ୬–୩ରେ ପରାସ୍ତ କରିଥିବା ବେଳେ ରିବାକିନା ୟୁକ୍ରେନ୍‌ର ଡାୟାନା ୟଷ୍ଟରେମ୍‌ସ୍କାଙ୍କୁ ୫–୭, ୬–୨, ୭–୫ରେ ପରାଜିତ କରିଥିଲେ।

## ଭୂମିକା ମହିଳା ଓ ସୁମିତ୍ ପୁରୁଷ ଅଧିନାୟକ

**୨୦ ବର୍ଷରୁ କମ୍ ଏସିଆ ରଗ୍‌ବୀ ମିଟ୍**

ନୂଆଦିଲ୍ଲୀ, ୩।୮ (ପି.ଟି.)

୨୦ବର୍ଷରୁ କମ୍ ଏସିଆ ରଗ୍‌ବୀ ଏମିରେଟ୍ସ ୭ଏସ୍ ଚାମ୍ପିୟନଶିପ୍ ୨୦୨୫ ଅଗଷ୍ଟ ୯ ଓ ୧୦ରେ ବିହାରର ରାଜଗିରିଠାରେ ଅନୁଷ୍ଠିତ ହେବ। ଏଥିପାଇଁ ରାଜସ୍ଥାନର ଭୂମିକା ଶୁକ୍ଲାଙ୍କୁ ମହିଳା ଏବଂ ବେଙ୍ଗଲର ସୁମିତ୍ କୁମାର ରୟଙ୍କୁ ପୁରୁଷ ଦଳର ଅଧିନାୟକ ଭାବେ ମନୋନୀତ କରାଯାଇଛି। କୋଲକାତାସ୍ଥିତ ସାଇ ସେଣ୍ଟରରେ ଜୁଲାଇ ୩ରୁ ଏକ ଜାତୀୟ କ୍ୟାମ୍ପ ପରେ ଦଳ ମନୋନୟନ କରାଯାଇଥିଲା। ପୁରୁଷ କାଟେଗୋରିରେ ଭାରତ, ଚାଇନା, ୟୁଏଇ, ହଂକଂ, ଉଜ୍‌ବେକିସ୍ତାନ, ଶ୍ରୀଲଙ୍କା ଓ ମାଲେସିଆ ସ୍ଥାନ ପାଇଛନ୍ତି। ମହିଳା କାଟେଗୋରିରେ ମାଲେସିଆ ବଦଳରେ ନେପାଳକୁ ସାମିଲ କରାଯାଇଛି। ୨୦ ବର୍ଷରୁ କମ୍ ୭ଏସ୍ ଏସିଆ ରଗ୍‌ବୀ ଚାମ୍ପିୟନଶିପ୍ ହେଉଛି ଏକ ଟୁର୍ନାମେଣ୍ଟ, ଯେଉଁଥିରେ ଜଣେ ଖେଳାଳିର ଅନ୍ତର୍ଜାତୀୟ ଭବିଷ୍ୟତ ଆକାର ନେବା ଆରମ୍ଭ କରିଥାଏ। ଉଭୟ ପୁରୁଷ ଓ ମହିଳା ଦଳ ଘରୋଇ ମାଟିରେ ଅଂଶଗ୍ରହଣ କରୁଥିବାରୁ ସେମାନଙ୍କଠାରୁ ଭଲ ପ୍ରଦର୍ଶନ ଆଶା କରାଯାଉଛି ବୋଲି ଭାରତୀୟ ରଗ୍‌ବୀ ଫୁଟ୍‌ବଲ ୟୁନିୟନର ସଭାପତି ରାହୁଲ ବୋଷ ପ୍ରକାଶ କରିଛନ୍ତି। କରନ ରାଜଭରଙ୍କୁ ଜୁନିୟର ପୁରୁଷ ଦଳର ଉପ–ଅଧିନାୟକ କରାଯାଇଥିବା ବେଳେ ରାଜସ୍ଥାନର ରଞ୍ଜନ ରାଓ୍ୱତ ପ୍ରଥମ ଥର ଜାତୀୟ ଦଳରେ ସ୍ଥାନ ପାଇଛନ୍ତି। ମହାରାଷ୍ଟ୍ରର ତନୁଶ୍ରୀ ଭୋସ୍‌ଲେଙ୍କୁ ୨୦ ବର୍ଷରୁ କମ୍ ମହିଳା ଦଳର ଉପଅଧିନାୟିକା କରାଯାଇଛି। ୨୦୨୨ ପରେ ଭାରତର ଉଭୟ ୨୦ ବର୍ଷରୁ କମ୍ ପୁରୁଷ ଓ ମହିଳା ଦଳ ଏକ ସଙ୍ଗରେ ଏହି ମହାଦେଶୀୟ ଇଭେଣ୍ଟରେ ଭାଗ ନେବାକୁ ଯାଉଛନ୍ତି। ଭାରତୀୟ ୨୦ ବର୍ଷରୁ କମ୍ ପୁରୁଷ ଦଳ ଫ୍ରାନ୍‌ସିକୋ 'ପାକୋ' ହର୍ନାଣ୍ଡେଜଙ୍କଠାରୁ କୋଚିଂ ନେଉଛନ୍ତି। ଟରେନ୍ସ ଜୋଶେଫ ସହକାରୀ କୋଚ୍ ଭାବେ କାର୍ଯ୍ୟ କରୁଛନ୍ତି। ସେହିପରି ଭାରତୀୟ ୨୦ ବର୍ଷରୁ କମ୍ ମହିଳା ଦଳକୁ କିଆନୋ ଫୋରି କୋଚିଂ ଦେଉଥିବା ବେଳେ ତିରକ ରାଜ ତାଙ୍କୁ ସହାୟତା କରୁଛନ୍ତି।

**ଭାରତୀୟ ୨୦ ବର୍ଷରୁ କମ୍ ପୁରୁଷ ଦଳ:** ସୁମିତ କୁମାର ରୟ (ଅଧିନାୟକ), କରଣ ରାଜଭର (ଉପଅଧିନାୟକ), ଅଜିତ ନାଗ୍, ଭରତ କିଷାନ, ଚରଣ ହେମ୍ବ୍ରମ୍, ଡେଭିଡ ମୁଣ୍ଡା, ଦେଶରାଜ ସିଂ, ଗୋଲ୍‌ଡାନ କୁମାର, ରଞ୍ଜୀର ରାଓ୍ୱତ, ରୋହିତ ଶ', ସାଗର ପ୍ରକାଶ ଓ ଶିବମ୍।

**୨୦ବର୍ଷରୁ କମ୍ ମହିଳା ଦଳ:** ଭୂମିକା ଶୁକ୍ଲା (ଅଧିନାୟିକା), ତନୁଶ୍ରୀ ଭୋସ୍‌ଲେ (ଉପଅଧିନାୟିକା), ଆରତି କୁମାରୀ, ଅକ୍ଷୟ ଏନ୍.ଏସ୍, ଅଞ୍ଜନା କୁମାରୀ, ଅଂଶୁ କୁମାରୀ, ଗୁରିୟା କୁମାରୀ, କାଇରା ଭିନ୍‌ସେଣ୍ଟ, ମହକ୍, ମାମାଲି ସିଂ, ମୁସ୍କାନ ପିପ୍‌ଲୋଡା ଓ ରୀତୁ ମାଝି।




## ଜୟନ୍ତ ମହାପାତ୍ର ସ୍ମାରକୀ ଆନ୍ତଃ ବିଦ୍ୟାଳୟ ଫୁଟ୍‌ବଲ ୮ରୁ

ଭୁବନେଶ୍ୱର,୩।୮ (ଅନାଦି କର)

ଆସନ୍ତା ୮ରୁ ୨୯ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ୟୁନିଟ୍–୧ସ୍ଥିତ ଫୁଟ୍‌ବଲ ଏକାଡେମୀ ପଡ଼ିଆରେ ୟୁନିଟ୍–୬ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ୩୪ତମ ଜୟନ୍ତ ମହାପାତ୍ର ସ୍ମାରକୀ ଆନ୍ତଃ ବିଦ୍ୟାଳୟ ଫୁଟ୍‌ବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଲିଗ୍ କମ୍ ନକ୍‌ଆଉଟ୍ ଭିତ୍ତିରେ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାରେ ଚଳିତ ବର୍ଷ ୧୬ଟି ସରକାରୀ ଓ ବେସରକାରୀ ବିଦ୍ୟାଳୟ ଭାଗ ନେବେ। ତୃଣମୂଳ ସ୍ତରରୁ ଫୁଟ୍‌ବଲ ଖେଳାଳିଙ୍କୁ ପ୍ରୋତ୍ସାହନ ଉଦ୍ଦେଶ୍ୟରେ ପ୍ରତ୍ୟେକ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳିଙ୍କୁ ଆର୍ଥିକ ପୁରସ୍କାର ଦିଆଯିବ। ଏ ନେଇ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଆସୋସିଏଶନର ସଭାପତି ତପନ କୁମାର ମହାନ୍ତି ଓ ସମ୍ପାଦକ ଦିଲୀପ କୁମାର ଦାସ କହିଛନ୍ତି। ଏହି ଅବସରରେ ଆସୋସିଏଶନର ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ରାଜ୍ୟ ସ୍କୁଲ ଓପନ ଚେସ୍ ଚାମ୍ପିୟନଶିପ୍ ଦିବ୍ୟାଂଶୁ ଚାମ୍ପିୟନ


ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

ଭୁବନେଶ୍ୱର,୩।୮ (ଅନାଦି କର)

କଳିଙ୍ଗ ନଗରସ୍ଥିତ ଡିଏଭି ପବ୍ଲିକ ସ୍କୁଲ ପକ୍ଷରୁ ୨୫ତମ ରାଜ୍ୟ ସ୍କୁଲ ଓପନ ଚେସ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ୫ ପଏଣ୍ଟ ବିଶିଷ୍ଟ ଏହି ପ୍ରତିଯୋଗିତାରେ ପଟିଆସ୍ଥିତ ନାରାୟଣ ଟେକ୍‌ନୋ ସ୍କୁଲର ଦିବ୍ୟାଂଶୁ କୁମାର ପଶାୟତ ଚାମ୍ପିୟନ ଓ କଳିଙ୍ଗ ନଗରସ୍ଥିତ ଡିଏଭି ପବ୍ଲିକ ସ୍କୁଲର ଆଦିତ୍ୟ ଜେନା ରନରଅପ୍ ହୋଇଛନ୍ତି। ଲୋୟଲା ସ୍କୁଲ ଶୁଭମ୍ ପ୍ରତୀକ ମିଶ୍ର ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପ୍ରତିଯୋଗିତାକୁ କଳିଙ୍ଗ ନଗରସ୍ଥିତ ଡିଏଭି ପବ୍ଲିକ ସ୍କୁଲର ଅଧ୍ୟକ୍ଷ ବଳରାମ ମହାପାତ୍ର ଉଦ୍‌ଘାଟନ କରିଥିବା ବେଳେ ପୁରସ୍କାର ବିତରଣ ଉତ୍ସବରେ ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ (ଓଏସ୍‌ସିଏ) ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ରମା ଦେବୀ ମହିଳା ବିଶ୍ୱବିଦ୍ୟାଳୟର ବାୟୋ ଟେକ୍‌ନୋଲୋଜି ବିଭାଗର ମୁଖ୍ୟ ଡ. ରାଜ କୁମାର ଯୋଶୀ, ରିସର୍ଚ୍ଚ ସ୍କଲାର ଡ. ରାଜଶ୍ରୀ ପ୍ରିୟଦର୍ଶନୀ, ସିନିୟର କ୍ରୀଡ଼ା ଶିକ୍ଷକ ଏ. ରବିଶଙ୍କର ଯୋଗଦେଇଥିଲେ।

## ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ କିଟ୍‌ର ପଦକଧାରୀ ଆଥ୍‌ଲେଟଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୩।୮ (ଅନାଦି କର)

ଜର୍ମାନୀର ରାଇନ–ରୁହରଠାରେ ଅନୁଷ୍ଠିତ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ (ଡବ୍ଲ୍ୟୁୟୁଜି)ର ବିଭିନ୍ନ ସ୍ପୋର୍ଟିଂ ଇଭେଣ୍ଟରେ ଭାରତକୁ ପ୍ରତିନିଧିତ୍ୱ କରି ପଦକ ଜିତିଥିବା କିଟ୍ ଓ କିସ୍‌ର ୧୧ ଆଥ୍‌ଲେଟଙ୍କୁ ରବିବାର ସମ୍ବର୍ଦ୍ଧିତ କରାଯାଇଛି। କିଟ୍ ଓ କିସ ପକ୍ଷରୁ ପ୍ରତିଯୋଗିତାରେ ରୌପ୍ୟ ପଦକ ଜିତିଥିବା ପ୍ରତ୍ୟେକ ଆଥ୍‌ଲେଟଙ୍କୁ ୩ ଲକ୍ଷ ଓ ବ୍ରୋଞ୍ଜ ପଦକ ଜିତିଥିବା ଆଥଲେଟ୍‌ଙ୍କୁ ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ଦିଆଯାଇଛି। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ସହ ଅଲିମ୍ପିଆନ୍‌ଙ୍କ ସମେତ ଅନେକ କ୍ରୀଡ଼ାବିତ୍ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ଭାରତୀୟ ଆଥ୍‌ଲେଟମାନେ ମୋଟ ୧୨ ପଦକ ଜିତିଥିଲେ। ସେଥି ମଧ୍ୟରୁ କିଟ୍ ଆଥ୍‌ଲେଟମାନେ ୬ ପଦକ ଜିତିଥିଲେ। ଗତ ୬୫ ବର୍ଷରେ ଡବ୍ଲ୍ୟୁୟୁଜିରେ ଭାରତ ପାଇଁ କିଟ୍ ସର୍ବାଧିକ ପଦକ ଜିତିଛି।

୩୦୦୦ ମିଟର ଷ୍ଟିପଲଚେଜରେ ଅଙ୍କିତା, ଟ୍ରିପଲ ଜମ୍ପରେ ପ୍ରବୀଣ ଚିତ୍ରାଭେଲ ଓ ୫୦୦୦ ମିଟରରେ ସୀମା ରୌପ୍ୟ ପଦକ ଜିତିଥିଲେ। ସେହିଭଳି ମଣିକାନ୍ତ ହୋବଲିଧର, ଅନିମେଶ କୁଜୁର, ଲାଲୁ ପ୍ରସାଦ ଭୋଇ ଓ ମୃତ୍ୟମ ଜୟରାମ ଦଣ୍ଡପତିଙ୍କୁ ନେଇ ଗଠିତ ପୁରୁଷ ୪X୧୦୦ ମି. ରିଲେ ଦଳ, ମୁନିତାପ ରାଜପତି, ମାନସୀ ନେଗି ଓ ସେଜଲ ଅନିଲ ସିଂହଙ୍କୁ ନେଇ ଗଠିତ ମହିଳା ୨୦ କିମି ରେସ ୱାକ ଦଳ ଓ ବ୍ୟାଡ୍‌ମିଣ୍ଟନରେ ଅବିନାଶ ମହାନ୍ତି ବ୍ରୋଞ୍ଜ ପଦକ ଅକ୍ତିଆର କରିଥିଲେ। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି, କିଟ୍ କ୍ରୀଡ଼ା ମହାନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ, ଅଲିମ୍ପିଆନ ଦୂତୀ ଚାନ୍ଦ, ଶ୍ରାବଣୀ ନନ୍ଦ, ଅମିୟ ମଲ୍ଲିକ, ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ଭବାନୀ ଦେବୀ ପ୍ରମୁଖ ଉପସ୍ଥିତ ଥିଲେ।



କିଟ୍‌ର ପଦକଧାରୀ ଆଥ୍‌ଲେଟଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ୱେଷ୍ଟଇଣ୍ଡିଜକୁ ଅନ୍ତିମ ବଲରେ ଜିତାଇଲେ ହୋଲ୍ଡର

**ଦ୍ୱିତୀୟ ଟି୨୦**

ଲୌଡରହିଲ(ଫ୍ଲୋରିଡା),୩।୮

ଏଠାରେ ପାକିସ୍ତାନ ବିପକ୍ଷରେ ଖେଳାଯାଇଥିବା ଦ୍ୱିତୀୟ ଟି୨୦ ମ୍ୟାଚ୍‌ରେ ୪ ଉଇକେଟ ନେବା ସହ ଅନ୍ତିମ ବଲରେ ଚୌକା ଲଗାଇ ଜାସନ ହୋଲ୍ଡର ୱେଷ୍ଟଇଣ୍ଡିଜ୍‌କୁ ଜିତାଇଛନ୍ତି। ପାକିସ୍ତାନ ଦ୍ୱାରା ପ୍ରଦତ୍ତ ୧୩୪ ରନର ଟାର୍ଗେଟକୁ ୱେଷ୍ଟଇଣ୍ଡିଜ ୮ ଉଇକେଟ ହରାଇ ଅନ୍ତିମ ବଲରେ ହାସଲ କରି ନେଇଥିଲା। ଟି୨୦ ଫର୍ମାଟରେ ଲଗାତର ୬ ପରାଜୟ ପରେ ଏହା ୱେଷ୍ଟଇଣ୍ଡିଜ୍ ଲାଗି ପ୍ରଥମ ବିଜୟ। ଏହି ବିଜୟ ଯୋଗୁ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ଏବେ ୧–୧ରେ ବରାବର ରହିଛି। ଅଲରାଉଣ୍ଡ ପ୍ରଦର୍ଶନ ଲାଗି ହୋଲ୍ଡରଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ସିରିଜ୍‌ର ତୃତୀୟ ତଥା ନିର୍ଣ୍ଣାୟକ ମ୍ୟାଚ ସୋମବାର ସମାନ ଭେନ୍ୟୁରେ ଖେଳାଯିବ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ୨୦ ଓଭରରେ ୯ ଉଇକେଟରେ ୧୩୩ ରନ କରିଥିଲା। ଦଳ ପାଇଁ ହାସନ ନୱାଜ ୪୦ (୧ ଚୌକା ଓ ୪ ଛକା), ଅଧିନାୟକ ସଲମାନ ଆଘା ୩୮ (୩ ଚୌକା ଓ ୧ ଛକା) ଓ ଫଖର ଜାମନ ୨୦ (୨ ଚୌକା) ରନ କରିଥିଲେ। ୱେଷ୍ଟଇଣ୍ଡିଜ ପକ୍ଷରୁ ହୋଲ୍ଡର ୪ ଓ ଗୁଦାକେଶ ମୋତି ୨ ଉଇକେଟ ନେଇଥିଲେ। ଜବାବରେ ୱେଷ୍ଟଇଣ୍ଡିଜ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୯ ଓଭର ଶେଷ ସୁଦ୍ଧା ୭ ଉଇକେଟ ହରାଇ ୧୨୬ ରନ କରିଥିଲା। ଅନ୍ତିମ ଓଭର ପାକିସ୍ତାନ ପାଇଁ ବୋଲିଂ କରିଥିବା ସାହିନ ଶାହା ଆଫ୍ରିଦୀ ପ୍ରଥମ ୫ ବଲରେ ରୋମାରିଓ ଶେଫର୍ଡଙ୍କ ଉଇକେଟ ନେବା ସହ ୫ ରନ ଦେଇଥିଲେ। ଫଳରେ ୱେଷ୍ଟଇଣ୍ଡିଜ୍ ଜିତିବା ପାଇଁ ଅନ୍ତିମ ବଲରେ ୩ ରନ ଦରକାର କରୁଥିବା ବେଳେ ହୋଲ୍ଡର ଫାଇନ ଲେଗ୍ ଅଞ୍ଚଳରେ ଚୌକା ମାରିଥିଲେ। ଦଳ ଲାଗି ହୋଲ୍ଡର ୧୦ ବଲରେ ୧୬ (୧ ଚୌକା ଓ ୧ ଛକା) ରନ କରି ଅପରାଜିତ ରହିଥିବା ବେଳେ ମୋତି ୨୮ (୧ ଚୌକା ଓ ୨ ଛକା) ଓ ଅଧିନାୟକ ଶାଇ ହୋପ୍ ୨୧ (୨ ଚୌକା) ରନ କରି ଆଉଟ୍ ହୋଇଥିଲେ। ପାକିସ୍ତାନ ପାଇଁ ନୱାଜ ୩ ଓ ଶ୍ୟାମ ଆୟୁବ ୨ ଉଇକେଟ ନେଇଥିଲେ।



ମ୍ୟାଚ୍ ଜିତାଇବା ପରେ ଉଲ୍ଲସିତ ହୋଲ୍ଡର।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ: ୨୦ ଓଭରରେ ୧୩୩/୯ (ହାସନ ନୱାଜ–୪୦, ସଲମାନ ଆଘା–୩୮, ଫଖର ଜାମନ–୨୦, ଜାସନ ହୋଲ୍ଡର–୪/୧୯, ଗୁଦାକେଶ ମୋତି–୨/୩୯)। ୱେଷ୍ଟଇଣ୍ଡିଜ୍: ୨୦ ଓଭରରେ ୧୩୫/୮ (ଗୁଦାକୋ ମୋତି–୨୮, ଶାଇ ହୋପ–୨୧, ଜାସନ ହୋଲ୍ଡର–୧୬*, ମହମ୍ମଦ ନୱାଜ–୩/୧୪, ଶ୍ୟାମ ଆୟୁବ–୨/୨୦)।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ